


ପ୍ରବାଦ ପୁରୁଷଙ୍କ ସ୍ମରଣେ

ଭିତର ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ♦ISSUE-250 ♦BHUBANESWAR ♦TUESDAY ♦5 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୦ ♦ଭୁବନେଶ୍ୱର ♦ମଙ୍ଗଳବାର ♦୫ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



DSPL-782

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା





# ୫ ମାର୍ଚ୍ଚ ୨୦୨୪

## ପଞ୍ଚାୟତିରାଜ ତଥା ଲୋକସେବା ଦିବସ

**ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମବାର୍ଷିକୀ**

## ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ



## ସୁଦୃଢ଼ ଓଡ଼ିଶା ନିର୍ମାଣ

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବାଲସଭା ଓ ମହିଳାସଭା ସମ୍ପର୍କିତ ମାର୍ଗଦର୍ଶିକା ଉନ୍ମୋଚନ ।
- ପଞ୍ଚାୟତ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥାର (Panchayat Project Management System) ସୁବନ୍ଦୋବସ୍ତ ପାଇଁ ଏକ ସଫ୍ଟୱେର (Software) ପ୍ରଥମ ଥର ପାଇଁ ଭୁବନେଶ୍ୱର ବ୍ଲକ୍‌ରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବ ।
- ପଞ୍ଚାୟତିରାଜ ଦିବସରେ ୧୨ ଗୋଟି ଗ୍ରାମ ପଞ୍ଚାୟତକୁ ISO ପ୍ରମାଣପତ୍ର ଆବଣ୍ଟନ କରିବା ପାଇଁ LMS & Universal Certification Agency ସମ୍ମତି ଜଣାଇଛନ୍ତି ।
- ଇ-ପଞ୍ଚାୟତ ସଭା ମୋବାଇଲ୍ ଆପ୍ ଲୋକାର୍ପଣ । ଏହା ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତର ମାସିକ ପଞ୍ଚାୟତ ସଭା ଓ ସମ୍ପର୍କିତ ବିବରଣୀ ହିତାଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବ ।
- ତାଲିମ ପରିଚାଳନା ପୋର୍ଟାଲ ଲୋକାର୍ପଣ । ଏହି ପୋର୍ଟାଲ ଦ୍ୱାରା ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ପାଇଁ ସମସ୍ତ ତଥ୍ୟ ଅତି ସଂକ୍ଷେପରେ ଉପଲବ୍ଧ ହେବ ।
- ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସରରେ ଆବାସିକ ଛାତ୍ରାବାସ ଓ ଭୋଜନ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ ।
- ପ୍ରଶାସନିକ ଗୃହ, ଓରମାସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ (ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସର ମଧ୍ୟରେ) ।
- ମାଲକାନଗିରି, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପରିଷଦକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ମାଲକାନଗିରି ଜିଲ୍ଲାର ପଡିଆ, ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଓ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ପଞ୍ଚାୟତ ସମିତିକୁ ସାମଗ୍ରିକ ପ୍ରଦର୍ଶନ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ସମ୍ମାନିତ କରାଯିବ ।
- ସାମଗ୍ରିକ ପ୍ରଦର୍ଶନ ପାଇଁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ମାଥିଲି ପଞ୍ଚାୟତକୁ ପ୍ରଥମ, ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ୍‌ର ମହୁପଦର ପଞ୍ଚାୟତକୁ ଦ୍ୱିତୀୟ ଓ ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ୍‌ର ମାଣିତ୍ରୀ ପଞ୍ଚାୟତକୁ ତୃତୀୟ ଭାବେ ସମ୍ମାନିତ କରାଯିବ ।

OIPR - 19001/13/0093/2324




ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ବରିଷ୍ଠ ଅଧିକାରୀ ପ୍ରଶଂସିତ କରିବେ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ପରିବାରରେ ସୁଖ ଶାନ୍ତି ବଜାୟ ରହିବ।

**ବୃଷ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ଅଛି। ମନ ପ୍ରସନ୍ନ ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ବନ୍ଧୁଙ୍କ ସହିତ ଲାଗିରହିଥିବା ସମସ୍ୟାର ସମାଧାନ ହେବ। ରାଜନୀତିରେ ସଫଳତା ମିଳିବ। ଆୟ ଅନୁସାରେ ବ୍ୟୟ ହେବ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉପଯୁକ୍ତ ସମୟ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ନୂତନ ଯାନବାହନ କିଣିପାରନ୍ତି। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। ମହିଳାଙ୍କୁ ନୂତନ ଦାୟିତ୍ୱ ମିଳିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ।

**ବିଛା:** ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଆୟ ଅନୁସାରେ ବ୍ୟୟ ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଅତିଥି ସତ୍କାରରେ ଦିନ ବିତିବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ସମସ୍ତ କାର୍ଯ୍ୟରେ ଗୁରୁଜନଙ୍କ ପରାମର୍ଶ ନେବା ଭଲ। କୋର୍ଟ କଚେରୀ ମାମଲାରେ ଛନ୍ଦି ହୋଇପାରନ୍ତି। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ। ଅଚାନକ ଅର୍ଥ ମିଳିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ହେବ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି। କଳି ଝଗଡ଼ା ଠାରୁ ଦୂରେଇ ରହିବା ଭଲ। ସକାରାତ୍ମକ ଚିନ୍ତାଧାରା ରଖନ୍ତୁ।

## ଆଜିର ଇତିହାସ

- ୧୭୮୩- ଜିଓଲଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ସ୍ଥାପନା।
- ୧୭୯୩-ଅଷ୍ଟ୍ରିଆର ସୈନିକମାନେ ଫ୍ରାନ୍ସ ଉପରେ କବ୍‌ଜା କଲେ।
- ୧୮୨୪- ପ୍ରଥମ ଆଙ୍ଗ୍‌ଲୋ-ବର୍ମା ଯୁଦ୍ଧ ଆରମ୍ଭ ହେଲା।
- ୧୯୩୧-ମହାତ୍ମା ଗାନ୍ଧୀ ଆଇନ ଅମାନ୍ୟ ଆନ୍ଦୋଳନ ଶେଷ କଲେ।
- ୧୯୬୬- ଜାପାନର ମାଉଣ୍ଟ ଫୁଜିରେ ବୋଇଂ ୭୦୭ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୨୪ ଲୋକଙ୍କ ମୃତ୍ୟୁ।
- ୨୦୦୨-ରାଷ୍ଟ୍ରମଣ୍ଡଳ ଶିଖର ସମ୍ମିଳନୀ ଶେଷ।



## 'ସୈତାନ୍' ପାଇଁ ଅଜୟଙ୍କୁ ୨୫ କୋଟି

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ 'ଭୋଲା' ପରେ ପୁଣି ଏକ ଦମ୍‌ଦାର ଫିଲ୍ମ ନେଇ ପରଦାକୁ ଫେରୁଛନ୍ତି। ଏବେ ସେ 'ସୈତାନ୍' ଫିଲ୍ମରେ ଦେଖାଯିବେ। ଏହା ଏକ ହରର୍ ଥ୍ରିଲର୍ ଫିଲ୍ମ। ଏଥିରେ ଅଜୟ ତାଙ୍କ ଝିଅକୁ ସୈତାନ୍ କବଳରୁ ରକ୍ଷା କରୁଥିବାର ଦେଖିବାକୁ ମିଳିବ। ଇତିମଧ୍ୟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଅଜୟ ଦେବଗନ୍, ଆର୍ ମାଧବନ୍ ଓ ଜ୍ୟୋତିକାଙ୍କ ଅଭିନୀତ ଏହି ଫିଲ୍ମ ମାର୍ଚ୍ଚ ୮ ରେ ପରଦାକୁ ଆସିବ। ବିକାଶ ବହଲ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଅଜୟ ଏହି ଫିଲ୍ମ ପାଇଁ ୨୫ କୋଟି ନେଇଥିବା କୁହାଯାଉଛି। ସେହିଭଳି ଏଥିରେ ସୈତାନ୍ ଭାବେ ଅଭିନୟ କରିଥିବା ମାଧବନ୍ ଫିଲ୍ମ ପାଇଁ ୧୦ କୋଟି ନେଇଛନ୍ତି। ଏଥିରେ ଜ୍ୟୋତିକା ଅଜୟଙ୍କ ପତ୍ନୀ ଭୂମିକାରେ ଦେଖାଯିବେ। ତେବେ ଜ୍ୟୋତିକା ପାରିଶ୍ରମିକ ବାବଦରେ ୫କୋଟି ନେଇଛନ୍ତି।



## କ୍ଷତିକାରକ ଥାର୍ଡହ୍ୟାଣ୍ଡ ସ୍ମୋକିଂ

ଧୂମପାନ ଶରୀର ପାଇଁ କ୍ଷତିକାରକ। ସେହିପରି ସମସ୍ତେ ଫାଷ୍ଟହ୍ୟାଣ୍ଡ ତଥା ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଂ ସହ ପରିଚିତ। ଅର୍ଥାତ୍ ଧୂମପାନ କରୁଥିବା ସମୟରେ ଯେଉଁ ଧୂଆଁ ଶରୀରକୁ ପ୍ରବେଶ କରେ ତାହାକୁ ଫାଷ୍ଟହ୍ୟାଣ୍ଡ ସ୍ମୋକିଂ କୁହାଯାଏ। ତେବେ ସେହି ସମୟରେ ସେହି ସ୍ଥାନରେ ଉପସ୍ଥିତ ଅନ୍ୟ କେହି ସେହି ଧୂଆଁ ସଂସ୍ପର୍ଶରେ ଆସିଲେ, ତାହାକୁ ସେକେଣ୍ଡ ହ୍ୟାଣ୍ଡ ସ୍ମୋକିଂ ବୋଲି କୁହାଯାଏ। ତେବେ ସିଗାରେଟ୍‌ରୁ ନିର୍ଗତ ଧୂଆଁ ଏବଂ ଅନ୍ୟ ହାନିକାରକ ରସାୟନ ସଂସ୍ପର୍ଶରେ ଏହି ଦୁଇଶ୍ରେଣୀର ଲୋକେ ଆସିଥାନ୍ତି।

ଧୂମପାନ କରୁଥିବା ବ୍ୟକ୍ତିଙ୍କ ହାତ ତଥା ପୋଷାକ ମାଧ୍ୟମରେ ହାନିକାରକ ତଥା ବିଷାକ୍ତ ତତ୍ତ୍ୱଗୁଡ଼ିକ ଧୂମପାନ କରୁ ନ ଥିବା ଅନ୍ୟ ଜଣକ ସଂସ୍ପର୍ଶରେ ଆସିବାକୁ ଥାର୍ଡହାଣ୍ଡ ସ୍ମୋକିଂ କୁହାଯାଏ। ତେବେ ଏହି ଥାର୍ଡ ହ୍ୟାଣ୍ଡ ସ୍ମୋକିଂ ଛୋଟ ପିଲା, ମହିଳା ଏବଂ ବୟସ୍କ ପାଇଁ ଅଧିକ ବିପଦ ସୃଷ୍ଟି କରେ। ଏହା ଯୋଗୁଁ ପିଲାଙ୍କଠାରେ କାଶ, ଶ୍ୱସନକ୍ରିୟାରେ ସମସ୍ୟା, ଫୁସ୍‌ଫୁସ୍‌ରେ ସଂକ୍ରମଣ, ଆଜ୍‌ମା, କାନ ସଂକ୍ରମଣ ହେବା ଆଶଙ୍କା ଅଧିକ ଥାଏ। ସେହିପରି ନବଜାତ ଶିଶୁ ଏହାର ସଂସ୍ପର୍ଶରେ ଆସିଲେ ଶ୍ୱାସକ୍ରିୟା ସମସ୍ୟା ଦେଖାଦିଏ। ଅନ୍ୟପଟେ ମହିଳା ଓ ବୟସ୍କଙ୍କଠାରେ ଥାର୍ଡ ହ୍ୟାଣ୍ଡ ସ୍ମୋକିଂ ଯୋଗୁଁ କିଡ୍‌ନୀ, ଗଳା ଆଦିରେ ସମସ୍ୟା ଦେଖାଯିବା ସହ କର୍କଟ ଆଶଙ୍କା ବୃଦ୍ଧି ପାଏ। ଏପରିକି ଏହା ଗର୍ଭବତୀ ମହିଳା ଓ ଗର୍ଭସ୍ଥ ଶିଶୁ ପାଇଁ ବି କ୍ଷତିକାରକ ହୋଇଥାଏ। ଏହାବାଦ୍ ଥାର୍ଡହ୍ୟାଣ୍ଡ ସ୍ମୋକିଂ କେବଳ ମଣିଷଙ୍କ ପାଇଁ ନୁହେଁ, ପ୍ରାଣୀଙ୍କ ପାଇଁ ବି ହାନିକାରକ।

## କୋଟିପତିଙ୍କ ଗାଁ

ଭାରତରେ ଏମିତି ଗୋଟିଏ ଗାଁ ରହିଛି, ଯାହାକୁ କୋଟିପତିଙ୍କ ଗାଁ କୁହାଯାଇଥାଏ। ଏହି ଗ୍ରାମର ଜନସଂଖ୍ୟା ୧୨୫୦ ଅଟେ। ଗାଁରେ ୩୦୫ଟି ପରିବାର ରୁହନ୍ତି। ତନ୍ମଧ୍ୟରୁ ୮୦ ଟି ପରିବାର କୋଟିପତି ହୋଇଥିବାବେଳେ ୫୦ଟି ପରିବାରର ବାର୍ଷିକ ଆୟ ପ୍ରାୟ ୧୦ ଲକ୍ଷ ଟଙ୍କା ରହିଛି। ମହାରାଷ୍ଟ୍ରର ଅହମଦନଗରରେ ରହିଛି ଏହି କୋଟିପତି ଗାଁ। ଯାହାର ନାମ ହେଉଛି ହିୱେରେ ବାଜାର। ଏହା ଭାରତର ସବୁଠୁ ଧନୀ ଗାଁ ଭାବେ ପରିଚୟ ସୃଷ୍ଟି କରିଛି। ତେବେ ଏହି ଗାଁର ବାସ କରୁଥିବା ଲୋକଙ୍କର ପୂର୍ବପୁରୁଷମାନେ ସମ୍ଭ୍ରାନ୍ତ ଶ୍ରେଣୀର ହୋଇଥିବେ କିମ୍ବା ଏଠାକାର ଲୋକେ ବଡ଼ ବଡ଼ ବ୍ୟବସାୟୀ ହୋଇଥିବେ ଅନେକଙ୍କ ମନରେ ଧାରଣା ଆସୁଥିବ, ମାତ୍ର ତାହା ନୁହେଁ। ଏହି ଗ୍ରାମର ଅଧିକାଂଶ ଲୋକ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ। ଏହି ଗ୍ରାମର ଲୋକେ ମିଳିମିଶି ଚାଷକାମ କରନ୍ତି। ଏଥିଯୋଗୁଁ ଗାଁର ମୁଣ୍ଡପିଛା ଆୟ ବୃଦ୍ଧି ପାଇଛି। ହିୱେରେ ବାଜାର ଗୋଟିଏ ସମୟରେ ଏମିତି ଥିଲା ଗ୍ରାମର ଅଧିକାଂଶ ଲୋକ ଓଳିଏ ଖାଇବା ପାଇଁ ସଂଘର୍ଷ କରୁଥିଲେ। ଲୋକେ ଜୀବନଜିବିକା ପାଇଁ ସହରମୁହାଁ ମଧ୍ୟ ହେଉଥିଲେ। ୧୯୯୦ ମସିହାରେ ଗାଁର ୯୦ ପ୍ରତିଶତ ପରିବାର ଗରିବୀରେ ଦିନ କାଟୁଥିଲେ। ଅଶୀ ଓ ନବେ ଦଶକରେ ଗାଁରେ ଭୟଙ୍କର ମରୁଡ଼ି ପରିସ୍ଥିତି ଉପୁଜିଥିଲା। ସ୍ଥିତି ଏତେ ଖରାପ ଥିଲା ଯେ, ଗାଁରେ ପିଇବା ପାଣିର ବି ଅଭାବ ଲାଗି ରହିଥିଲା। ଏହାପରେ ଗ୍ରାମବାସୀ ଗାଁର ସ୍ଥିତି ବଦଳାଇବା ଦାୟିତ୍ୱ ନିଜେ ନେଇଥିଲେ। ଅନେକ ଯୋଜନାର ସଫଳ ରୂପାୟନ, ଗାଁ ଲୋକଙ୍କ କଠିନ ପରିଶ୍ରମ ଓ ଏକତା ବଳରେ ଆଜି ଏହି ଗାଁରେ ରହିଛି ୩୦୦ରୁ ଊର୍ଦ୍ଧ୍ୱ କୂଅ। ପରିବା ଚାଷ କରି ଗ୍ରାମବାସୀମାନେ ଏବେ ବେଶ୍ ଭଲ ଆୟ କରିପାରୁଛନ୍ତି।



## ଆଜିର ବ୍ୟକ୍ତିତ୍ୱ

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ



ବିଜୟାନନ୍ଦ ପଟ୍ଟନାୟକ ଓରଫ୍ ବିଜୁ ପଟ୍ଟନାୟକ ଗୋଟିଏ ଜାତି ଓ ଗୋଟିଏ ରାଜ୍ୟର ପରିଚୟ। ସେ ଏଭଳି ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ; ଯିଏ ଓଡ଼ିଶା ରାଜନୀତିକୁ ପ୍ରାୟ ଅର୍ଦ୍ଧ-ଶତାବ୍ଦୀ ଧରି ପ୍ରଭାବିତ କରି ରଖିଥିଲେ। ୧୯୧୬ମାର୍ଚ୍ଚ ୫ରୁ ୧୯୯୭ ଏପ୍ରିଲ୍ ୧୭ ତାରିଖ- ୮୧ ବର୍ଷର ଜୀବନ। ତାଙ୍କର ସମଗ୍ର ଥିଲା କର୍ମମୟ। ଦୁର୍ଦ୍ଧର୍ଷ ପାଇଲଟ୍, ଦକ୍ଷ ଶିଳ୍ପପତି, ଓଡ଼ିଶା ରାଜନୀତିର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ବିଜୁ ବାବୁ। ପ୍ରବାଦପୁରୁଷ, ଭୂମିପୁତ୍ର, କଳିଙ୍ଗବୀର, ଦ୍ୱିତୀୟ ଖାରବେଳ ଆଦି ଉପାଧିରେ ଭୂଷିତ ବିଜୁବାବୁ ଗଞ୍ଜାମ ଜିଲ୍ଲାର ଜି-ନୂଆ ଗାଁରେ ସ୍କୁଲ ଶିକ୍ଷା ସାରି ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ପାଇଲଟ୍ ହେବାର ଇଚ୍ଛା ଥିବାରୁ ସେ କଲେଜ ପଢ଼ା ଛାଡ଼ି ବିମାନ ଚାଳନାରେ ତାଲିମ୍ ନେଲେ। ପ୍ରତ୍ୟେକ ଆହ୍ୱାନକୁ ସାମ୍ନା କରିବାର ଅଦମ୍ୟ ସାହସ ତାଙ୍କଠାରେ ଥିଲା। ସେ ଛୋଟ ଛୋଟ ଘଟଣାରେ ମଧ୍ୟ ଦୁଃସାହସିକ ପଦକ୍ଷେପ ନେଉଥିଲେ। ୧୯୪୬ରେ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁଙ୍କ ପରାମର୍ଶକ୍ରମେ ଇଣ୍ଡୋନେସିଆର ନେତା ସାହାରିର୍ ଓ ହାଟାଙ୍କୁ ଡଚ୍ କବଳିତ ଜାକର୍ତ୍ତାରୁ ଉଦ୍ଧାର କରିବାର ହେଉ ଅଥବା କାଶ୍ମୀର ସୁରକ୍ଷା ପାଇଁ ନେହେରୁଙ୍କ ନିର୍ଦ୍ଦେଶରେ ବିମାନ ଯୋଗେ ସେଠାକୁ ଭାରତୀୟ ସୈନ୍ୟଙ୍କୁ ପହଞ୍ଚାଇବା କାମ ହେଉ, ଏଥିରେ ବିଜୁବାବୁଙ୍କ ଦୁଃସାହସିକତା ଓ ରାଷ୍ଟ୍ରପ୍ରେମର ପରିଚୟ ମିଳେ। ୧୯୬୨ ଭାରତ-ଚୀନ୍ ଯୁଦ୍ଧବେଳେ ସେ ଥିଲେ ପ୍ରଧାନମନ୍ତ୍ରୀ ନେହରୁଙ୍କର ଅଘୋଷିତ ସାମରିକ ପରାମର୍ଶଦାତା। ସେ ମଧ୍ୟ ମହିଳା ସଶକ୍ତୀକରଣ ଓ ପଞ୍ଚାୟତିରାଜ ବ୍ୟବସ୍ଥାର ଉଦ୍ୟୋକ୍ତା ଥିଲେ। ୧୯୬୧ରେ ମଧ୍ୟବର୍ତ୍ତୀକାଳୀନ ବିଧାନସଭା ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ ୧୪୦ ସିଟ୍‌ରୁ ୮୨ଟିରେ ବିଜୟ ହାସଲ କରିଥିଲା। ଏହି ସମୟରେ ବିଜୁବାକୁ ମାତ୍ର ୨ବର୍ଷ ୩ ମାସ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ସ୍ୱଳ୍ପ ସମୟରେ ବି ସେ ରାଜ୍ୟର ଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ପାରାଦୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ, ମିଗ୍ ବିମାନ କାରଖାନା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସୈନିକ ସ୍କୁଲ ଆଦି ଅନେକ କୀର୍ତ୍ତି ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ଅମଳରେ ଆରମ୍ଭ ହୋଇଥିଲା। ସତୁରି ଦଶକରେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଇସ୍ପାତ, ଖଣି ଓ କୋଇଲା ବିଭାଗର ମନ୍ତ୍ରୀ ହୋଇଥିଲେ। ୧୯୯୦ରେ ତାଙ୍କ ନେତୃତ୍ୱରେ ଗଠିତ ଜନତାଦଳ ବିଧାନସଭାରେ ରେକର୍ଡ ସଂଖ୍ୟକ ୧୨୩ଟି ଆସନ ଦଖଲ କରିଥିଲା ଓ ସେ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟ ଥର ଶାସନ କାଳରେ ସେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ଥିଲା ଜିଲ୍ଲାମାନଙ୍କର ପୁନର୍ଗଠନ, ନାରୀ ସଶକ୍ତୀକରଣ ପାଇଁ ବିଭିନ୍ନ ପଦକ୍ଷେପ ଏବଂ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ କରିବା। ଓଡ଼ିଶାର ସମୂହ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ମଧ୍ୟ ସେ ନେଇଥିଲେ। ୧୯୯୭ ମସିହା ଏପ୍ରିଲ୍ ୧୭ ତାରିଖରେ ଏହି ମହାନ ଜନନେତାଙ୍କର ପରଲୋକ ଘଟିଥିଲା। ତାଙ୍କ ଜନ୍ମଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ 'ପଞ୍ଚାୟତରାଜ ଦିବସ' ଭାବେ ପାଳନ କରାଯାଉଛି।

## ଗୃହିଣୀରୁ ଛତୁଚାଷୀ

## ମହିଳାଙ୍କୁ ଦେଉଛନ୍ତି ଆତ୍ମନିର୍ଭରଶୀଳ ମନ୍ତ୍ର



**ଜଞ୍ଜାଳ ଭିତରେ ବାନ୍ଧି ନ ରହି ମହିଳାମାନେ ଏବେ ବିଭିନ୍ନ ପ୍ରକାର ଚାଷ କାର୍ଯ୍ୟ କରି ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି। ସେମିତି ଜଣେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ଗ୍ରାମର ନିରୋଜ ନଳିନୀ ସାମଲ। ଛତୁଚାଷରୁ ନିଜେ ସ୍ୱାବଲମ୍ବୀ ହୋଇ ସେ ଅନ୍ୟ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳତାର ମନ୍ତ୍ର ଦେଉଛନ୍ତି।**



ଉଚ୍ଚ ଶିକ୍ଷିତା ନିରୋଜଙ୍କ ସ୍ୱାମୀ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ନିଜ ଗୋଡ଼ରେ ଛିଡ଼ା ହେବା ଲକ୍ଷ୍ୟରେ ନିରୋଜ ଏକ ସ୍ୱୟଂସହାୟକ ଗୋଷ୍ଠୀ ଗଢ଼ିଥିଲେ। ପୌଷ୍ଟିକତା ଓ ସ୍ୱାଦିଷ୍ଟ ଗୁଣ ଯୋଗୁ ଛତୁର ଚାହିଦା ବୃଦ୍ଧି ଦେଖି ନିରୋଜ ଘରବାଡ଼ିରେ ଛତୁଚାଷ ଆରମ୍ଭ କରିଥିଲେ। ଆରମ୍ଭରୁ ଛତୁ ବିକ୍ରି ପାଇଁ ତାଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା। ଏଥିରେ ହାର ନ ମାନି ସେ ସେ ଏକଜାଗାକୁ ଭଡ଼ାରେ ନେଇ ବଡ଼ ଆକାରରେ ଛତୁ ଫାର୍ମ ଆରମ୍ଭ କଲେ। ଏବେ ତାଙ୍କ ପାଖେ ଚାରିଜଣ ମହିଳା ବର୍ଷ ତମାତ ଛତୁ ଉତ୍ପାଦନ କାମରେ ନିୟୋଜିତ ରହିଛନ୍ତି। ଶଯ୍ୟା ଓ ଉନ୍ନତ ପଦ୍ଧତିରେ ଚାଷ କରନ୍ତି ନିରୋଜ। ବିଶେଷ ଧ୍ୟାନ ରଖି ଛତୁ ଚାଷ କଲେ ଅଧିକ ଅମଳ ହୁଏ ବୋଲି ସେ କୁହନ୍ତି। ତେବେ ଉତ୍ପାଦିତ ଛତୁକୁ କେନ୍ଦ୍ରାପଡ଼ା ଓ ସାଲେପୁର ବେପାରୀମାନେ ଦୈନିକ କିଣି ନେଉଛନ୍ତି। ଚାନ୍ଦୋଳରେ ଥିବା ନିଜ ଫାର୍ମ ନିକଟରୁ ମଧ୍ୟ ସ୍ଥାନୀୟ ଲୋକେ ଛତୁ କିଣି ନେଇଥାନ୍ତି। ବର୍ତ୍ତମାନ ଦିନକୁ ୨୫ କିଗ୍ରାରୁ ଅଧିକ ଛତୁ ଅମଳ ହେଉଛି। ଏହି ଚାଷରୁ ମାସକୁ ୩୫ ହଜାରରୁ ୪୦ ହଜାର ଲାଭ କରୁଥିବା ନିରୋଜ କହିଛନ୍ତି।

କେବଳ ଛତୁ ଚାଷ ନୁହେଁ, ତାଙ୍କ ଘର ନିକଟରେ ମିଲେଟ କାଫେ କରି ମାଣ୍ଡିଆ ପିଠା, ସୁପ୍ ତଥା ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ କରି ସେ ବିକ୍ରି କରୁଛନ୍ତି। ଏହି ଉଦ୍ୟୋଗ ପାଇଁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଅନ୍ୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ଆତ୍ମସନ୍ତୋଷ ପାଇଥିବା ପନିରୋଜ କୁହନ୍ତି।

- ପ୍ରମୋଦ କୁମାର ପ୍ରଧାନ, ଡେରାବିଶ



## ସୁବର୍ଣ୍ଣ

## ଖରାଟିଆ ତୈଳବୀଜ ଚାଷ

**ତୈଳବୀଜ ଫସଲ ମଧ୍ୟରେ ରାଶି ଅନ୍ୟତମ। ରାଶିକୁ ୭୮% ତୈଳ ଉତ୍ପାଦନ ଓ ୨.୫% ବିହନ ପାଇଁ ବ୍ୟବହାର କରାଯାଏ। ରାଶି ତେଲ ଖାଦ୍ୟୋପଯୋଗୀ। ଏହାକୁ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଉଛି। ଏବେ ଆଳୁ ଖୋଳା ଯାଇଥିବା ଜମିରେ ଖରାଟିଆ ରାଶି ଚାଷକରି ଅଧିକ ଲାଭାନ୍ୱିତ ହୋଇପାରିବେ। ରାଶି ସହ ଅନ୍ୟାନ୍ୟ ତୈଳବୀଜ ଫସଲର କେମିତି ଯତ୍ନ ନେବେ, ସେ ସମ୍ପର୍କରେ ଜାଣି ରଖନ୍ତୁ...**





ବର୍ତ୍ତମାନ ରାଶି ବୁଣାବୁଣି କରିବାର ଉପଯୁକ୍ତ ସମୟ। ନିଗିଡ଼ା, ବାଲିଆ, ଦୋରସା, ଓ ହାଲୁକା ମାଟିରେ ରାଶି ଚାଷ ଭଲ ହୋଇଥାଏ। ରାଶିର ଉନ୍ନତ କିସମ ହେଉଛି ଜିଟି-୧୦, ଜିଟି-୨, ଉମା, ସ୍ମାରକ, ପ୍ରାଚୀନ, ଉଷା, ଅମ୍ରିତ ଇତ୍ୟାଦି।

**ଜମି ପ୍ରସ୍ତୁତି ଓ ବିହନ ବୁଣା:** ମାଟିକୁ ଗୁଣ୍ଡ ଚାଷକରି ରାଶି ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେମି ଓ ବିହନକୁ ବିହନ ୧୦ ସେମି ବ୍ୟବଧାନରେ ୧ ସେମି ଗଭୀରରେ ବିହନ ବୁଣାଯାଏ।

**ଖତ ଓ ସାର:** ବିହନ ବୁଣା ବେଳେ ଏକରପ୍ରତି ୨ ଟନ୍ ଶଢ଼ା ଗୋବର ଖତ, ଯବକ୍ଷାରଜାନ, ଫସ୍‌ଫରସ ଓ ପଟାସ୍ ସାର ସିଆରରେ ପ୍ରୟୋଗ କରିବା ଭଲ। ସିଙ୍ଗଲ୍ ସୁପର ଫସ୍‌ଫେଟ୍ ବ୍ୟବହାର ଯୋଗ୍ୟ।

**ଚିନାବାଦାମ:** ଏହି ଫସଲରେ କୋଡ଼ାଖୋସା କରି ଜମିର ବତର ଦେଖି ଜଳସେଚନ କରନ୍ତୁ। ଫୁଲ ଓ ଫଳ ଆସିବା ସମୟରେ ଜଳ ସିଞ୍ଚନ ଆବଶ୍ୟକ ପଡ଼େ। ନିୟମିତ ଫସଲର ସର୍ବେକ୍ଷଣ କରି ରୋଗପୋକ ନିୟନ୍ତ୍ରଣ ପାଇଁ ନିମ୍ବଜାତୀୟ ଔଷଧ ପକାଇପାରିବେ। ଚିନାବାଦାମରେ ଅଗ୍ରମୁକୁଳ ପୋଡ଼ା ଭୂତାଣୁ ରୋଗ ଓ ଉକୁଣିଆ ପୋକ ବ୍ୟାପୁଥିବାରୁ ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି କୀଟନାଶକ ୧୫୦୦ ପିପିଏମ୍‌କୁ ୨୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ।

**ସୂର୍ଯ୍ୟମୁଖୀ ଫସଲରେ କୋଡ଼ାଖୋସା:** ମଞ୍ଜି ବୁଣିବାର ୨୦ରୁ ୨୫ ଦିନ ପରେ ଜମିରେ କୋଡ଼ାଖୋସା କରି ଘାସ ବାଛି ଜଳ ସେଚନ କରନ୍ତୁ। ଏହି ଚାଷ ପାଇଁ କମ୍ ଜଳର ଆବଶ୍ୟକ ହୁଏ। ତେଣୁ ୧୫ ଦିନ ବ୍ୟବଧାନରେ ଜଳସିଞ୍ଚନ କରିପାରିବେ।

**ଅମଳ ପର୍ଯ୍ୟାୟରେ ସୋରିଷ:** ବର୍ତ୍ତମାନ ସୋରିଷ ଅମଳ କରିବାର ଉପଯୁକ୍ତ ସମୟ। ଛୁଇଁଗୁଡ଼ିକ ହଳଦିଆ ବାଦାମୀ ରଙ୍ଗର ହୋଇ ପତ୍ର ଝଡ଼ିବାବସ୍ଥାରେ ସକାଳ ସମୟରେ ଗଛ କାଟନ୍ତୁ। ଡେରିରେ ଅମଳ କଲେ ମଞ୍ଜି ଝଡ଼ିବାର ସମ୍ଭାବନା ରହିଥାଏ। ଗଛକାଟି ବିଡାବାନ୍ଧି ୫ରୁ ୬ ଦିନ ଟାଣ ଖରାରେ ଶୁଖାଇ ଅମଳ କରନ୍ତୁ। ଅମଳ ମଞ୍ଜିକୁ ସାଇତିବା ପାଇଁ ଏହାକୁ ଖରାରେ ଶୁଖାଇ ରଖନ୍ତୁ। ଜଉ ପୋକ ଲାଗିଲେ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୮ ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ।

ଅଳସି ଫସଲରେ ଫଳମାଛିଆ ରୋଗ ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ ୧୭.୮ ଏସଏଲ ୧୦୦ ମିଲି ପ୍ରତି ହେକ୍ଟର ସିଞ୍ଚନ କରିପାରିବେ।

## ମସୁରରେ ରୋଗ ନିୟନ୍ତ୍ରଣ

**ମସୁର ଫସଲରେ ମୂଳଶଢ଼ା ରୋଗ ଯୋଗୁଁ ବୁଣିବାର ୨୦ରୁ ୨୫ ଦିନ ପରେ ଗଛ ଶୁଖିବାକୁ ଲାଗିଥାଏ। ଗଛକୁ ଛିଣ୍ଡାଇ ଦେଖିବା ଦ୍ୱାରା ଚେର ମୂଳରେ ଧଳା ଫିମ୍ପି ଲାଗିବା ପରି ଦେଖାଯାଏ। ସେହିପରି ଝାଉଁଳା ରୋଗ ହେବା ଦ୍ୱାରା ଗଛ ଧୀରେ ଧୀରେ ଶୁଖିବା ଆରମ୍ଭ କରି ମରିଯାଇଥାଏ। ଏହାର ପ୍ରକୋପ ଗଛର ଯେ କୌଣସି ଅଂଶରେ ହୋଇଥାଏ। ତେବେ ମୂଳ ଶଢ଼ା ଏବଂ ଝାଉଁଳା ରୋଗର ନିୟନ୍ତ୍ରଣ ପାଇଁ କ'ଣ କରିବା ଦରକାର ଜାଣି ରଖନ୍ତୁ...**



- ଯେଉଁ ଜମିରେ ମସୁରରେ ଲଗାତାର ରୋଗ ଲାଗୁଛି, ସେହି ଜମିରେ ୩ରୁ ୪ବର୍ଷ ମସୁର ଫସଲ ନ କରିବା ଉଚିତ।
- ଝାଉଁଳା ନିୟନ୍ତ୍ରଣ ପାଇଁ ନରେନ୍ଦ୍ର ମସୁର-୧, ପନ୍ତ ମସୁର-୪, ମସୁର-୫, ପ୍ରିୟା,ବୈଭବ, ଆଦି ପ୍ରତିପ୍ରତିରୋଧ କିସମ ପ୍ରଜାତି ବ୍ୟବହାର କରିପାରିବେ।
- ବୀଜଜନିତ ରୋଗ ନିୟନ୍ତ୍ରଣ ହେତୁ ଥିରାମ ୭୫ ପ୍ରତିଶତ + କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ (୨:୧) ୩.୦ ଗ୍ରାମ କିମ୍ବା ଟ୍ରାଇକୋଡର୍ମା ୪.୦ ଗ୍ରାମ୍ ପ୍ରତି କିଗ୍ରା ବିହନ ପ୍ରତି ବିଶୋଧନ କରି ବୁଣିବା ଦରକାର। ମୃତ୍ତିକା ଏବଂ ବୀଜଜନିତ ରୋଗ ନିୟନ୍ତ୍ରଣ ପାଇଁ ଜୈବ କବକନାଶୀ ଟ୍ରାଇକୋଡର୍ମା ଭିରଡି ୧ ପ୍ରତିଶତ ଡବ୍ଲ୍ୟୁ ପି କିମ୍ବା ଟ୍ରାଇକୋଡର୍ମା ହାରିଜଏନଏମ୍ ୨ ପ୍ରତିଶତ ଡବ୍ଲ୍ୟୁପିକୁ ୨.୫ କିଗ୍ରା ପ୍ରତି ହେକ୍ଟର ୬୦ରୁ ୭୫ କିଗ୍ରା ଶଢ଼ା ହୋଇଥିବା ଗୋବରକୁ ଖତରେ ମିଶାଇ ହାଲୁକା ସିଞ୍ଚନ କରି ୮ରୁ ୧୦ ଦିନ ଛାଇ ସ୍ଥାନରେ ରଖିପାରିବେ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ...**

- ଖରାଟିଆ ପନିପରିବା ଝୁଡଙ୍ଗ, ଗୁଆଁର, କଖାରୁ ଏବଂ ତରଭୁଜ, ଲାଉ, ଜହ୍ନି ଆଦି ଲଗାଇପାରିବେ।
- ବାଇଗଣର ଛୋଟ ପତ୍ର ରୋଗର ପରିଚାଳନା ପାଇଁ ରୋଗାକ୍ରାନ୍ତ ଗଛଗୁଡ଼ିକୁ ଉପାଡ଼ି ଦୂରରେ ପୋତିଦିଅନ୍ତୁ।
- ଆଳୁ ଫସଲରେ କଟା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ ଏବଂ ସାଇବରମେଥ୍ରିନ୍ ମିଳିତ କୀଟନାକଶ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପୌଷ୍ଟିକ ମଟର ଦାନା

ରାଜ୍ୟର କିଛି ଲୋକ କୁକୁଡ଼ା ଚାଷ ଉପରେ ନିର୍ଭରଶୀଳ। କମ୍ ଖର୍ଚ୍ଚରେ କୁକୁଡ଼ା ଚାଷ ଲାଭଜନକ। ତେବେ କୁକୁଡ଼ା ଦାନା ପାଇଁ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାରୁ, ଘରେ ମଟର, ସୋୟା, ମକା ଆଦି ମଞ୍ଜିକୁ ଗୁଣ୍ଡ କରି ପୌଷ୍ଟିକ ଦାନାକୁ ନିର୍ଦ୍ଦିଷ୍ଟ ଅନୁପାତରେ ଦେଇପାରିବେ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ। ମଟରରେ ଲାଇସିନ୍, ଟ୍ରିପ୍ଟୋଫେନ୍ ଅଧିକ ମାତ୍ରାର ମିଳେ। ମଟର ଗୁଣ୍ଡ, ନରମ ଗହମ, ଜଅ, ବାଦାମ, ମସୁର, ସୂର୍ଯ୍ୟମୁଖୀ ମଞ୍ଜି ଆଦିକୁ ଭଲ ଭାବେ ମିଶାଇ ଦାନା ପ୍ରସ୍ତୁତ କରିପାରିବେ। ପୌଷ୍ଟିକ ମଟର ଦାନା ଦ୍ୱାରା କୁକୁଡ଼ା ମାଂସ ଭଲ ମିଳିଥାଏ। ଚାଉଳ ଖୁଦ, କୁଣ୍ଡା, ଚୂନିରେ ସ୍ନେହସାର ଓ ଭିଟାମିନ୍ ମିଳୁଥିବାରୁ ଏହି ମିଶ୍ରଣ ଖାଦ୍ୟ ଦ୍ୱାରା କୁକୁଡ଼ାଙ୍କ ଓଜନ ବୃଦ୍ଧି ହୁଏ।



# ମେଡିକାଲ କଲେଜ ପାଇଁ ୯ କୋଟିର ଗବେଷଣା ପାଣ୍ଠି

**ଭୁବନେଶ୍ୱର, ୪।୩(ସମିସ):** ଜନସାଧାରଣଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସୁଦୃଢ଼ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଯେତିକି ଆବଶ୍ୟକତା ରହିଛି, ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଡାକ୍ତରମାନଙ୍କର ଦକ୍ଷତା ବିକାଶ ପାଇଁ ଉଚ୍ଚତର ଗବେଷଣା ମଧ୍ୟ ସେତିକି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡାକ୍ତରୀ ଗବେଷଣା ନିମନ୍ତେ ଏକ ଗବେଷଣା ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ରାଜ୍ୟର ମେଡିକାଲ କଲେଜଗୁଡ଼ିକରେ ଏହି ଗବେଷଣା ପାଇଁ ରାଜ୍ୟ ସରକାର ବର୍ଷକୁ ୯ କୋଟି ଟଙ୍କା ଖର୍ଚ୍ଚ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନା ଅନୁସାରେ, କଟକ ଏସ୍‌ସିବି ମେଡିକାଲ କଲେଜ, ବ୍ରହ୍ମପୁରର ଏମ୍‌କେସିଜି, ବୁର୍ଲାର ଭିମ୍‌ସାର ମେଡିକାଲ କଲେଜ ପାଇଁ ବାର୍ଷିକ ୧ କୋଟି ଟଙ୍କା ଲେଖାଏଁ ମିଳିବ। ସେହିପରି ନୂଆକରି ପ୍ରତିଷ୍ଠା ହୋଇଥିବା ମେଡିକାଲ କଲେଜ, ଏସ୍‌ସିବି ଡେଣ୍ଟାଲ କଲେଜକୁ ବର୍ଷକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ। ସେହିପରି ମେଡିକାଲ ପିଜି ଅନୁଷ୍ଠାନଗୁଡ଼ିକୁ ଗବେଷଣା ପାଇଁ ବାର୍ଷିକ ୨୫ ଲକ୍ଷ ଟଙ୍କା ଲେଖାଏଁ ମିଳିବ। ଏହାଦ୍ୱାରା ଦେଶ ମଧ୍ୟରେ ସମ୍ମିଳନୀ, ଆଲୋଚନାଚକ୍ର, ଗବେଷଣା ପ୍ରକାଶନ ଇତ୍ୟାଦି ପାଇଁ ସମ୍ପୃକ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସୁଯୋଗ ମିଳିବ। ଏହାଦ୍ୱାରା ମେଡିକାଲ ଶିକ୍ଷା ଓ ଚିକିତ୍ସା କ୍ଷେତ୍ରରେ ଗବେଷଣାଲବ୍ଧ ଫଳାଫଳକୁ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**ଗୁଣାତ୍ମକ ହେବ ଡାକ୍ତରୀ ଶିକ୍ଷା ଓ ରୋଗୀ ସେବା**


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-250 ♦BHUBANESWAR ♦TUESDAY ♦5 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୦ ♦ଭୁବନେଶ୍ୱର ♦ମଙ୍ଗଳବାର ♦୫ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


## ଆଜି ପଞ୍ଚାୟତିରାଜ ଦିବସ; ସାକାର ହେଉଛି ବିଜୁଙ୍କ ସ୍ୱପ୍ନ

# ପଞ୍ଚାୟତ ରୂପାନ୍ତରଣର 'ନବୀନ' ଗ୍ୟାରେଣ୍ଟି

**ଭୁବନେଶ୍ୱର, ୪।୩(ସମିସ):** ଗାଁକୁ ସଶକ୍ତ, ଆତ୍ମନିର୍ଭର ଭାବେ ଗଢ଼ିପାରିଲେ ହିଁ ରାଜ୍ୟ ଓ ଦେଶର ପ୍ରକୃତ ବିକାଶ ସମ୍ଭବ ହୋଇପାରିବ। ଯାହାକୁ ମର୍ମେ ମର୍ମେ ଅନୁଭବ କରିପାରିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ଗ୍ରାମାଞ୍ଚଳ ଏବଂ ଗ୍ରାମ ପଞ୍ଚାୟତର ସଶକ୍ତିକରଣ ପାଇଁ ନିଜ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବିଜୁ ବାବୁ ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମ ପଞ୍ଚାୟତର ବିକାଶକୁ ଏକ ନୂଆ ଉଚ୍ଚତାରେ ପହଞ୍ଚାଇଛନ୍ତି। ପଞ୍ଚାୟତରେ ଏବେ ଡିଜିଟାଲ ଭିତ୍ତିଭୂମିର ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଗାଁ ଗାଁରେ ଏବେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହେଉଛି। ଏପରିକି ପ୍ରତି ଗ୍ରାମରେ ଏବେ ଦକ୍ଷତା ବିକାଶ କେନ୍ଦ୍ରଠାରୁ ଆରମ୍ଭ କରି ବିଜ୍ଞାନ ପାର୍କ ଖୋଲିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାଜ୍ୟବ୍ୟାପୀ ଗ୍ରାମପଞ୍ଚାୟତ ବିକାଶ ଏବଂ ରୂପାନ୍ତରଣ ଆରମ୍ଭ ହୋଇଛି ଏବଂ ନୂଆ ଓଡ଼ିଶା ଗଠନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏକଦା ସର୍ବନିମ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଗ୍ରାମାଞ୍ଚଳର ଲୋକେ ଯେପରି ବିକାଶର ଗ୍ୟାରେଣ୍ଟି ପାଇବେ ତାହା ହିଁ ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହୋଇଛି।

ଏକଦା ପଞ୍ଚାୟତସ୍ତରରେ ସାଧାରଣ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ। ଗ୍ରାମାଞ୍ଚଳର ଆୟର ପ୍ରମୁଖ ଉତ୍ସ କେବଳ ଗୋରୁହାଟ, କାଞ୍ଜିଆହୁଦା, ଗ୍ରାମାଞ୍ଚଳର ପୋଖରୀ ନିଲାମ ଆଦିରେ ସୀମିତ ଥିଲା। ପଞ୍ଚାୟତସ୍ତରରେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଞ୍ଚାୟତ ସମ୍ପାଦକଙ୍କୁ ଛାଡ଼ିଦେଲେ ଆଉ କୌଣସି ପଦବୀ ନ ଥିଲା। ଇଣ୍ଟରନେଟର ଅଭାବ, ବ୍ୟାଙ୍କିଙ୍ଗ ସେବାର ଅନୁପସ୍ଥିତି, ଯୋଗାଯୋଗ ବ୍ୟବସ୍ଥାରେ ଦୁରବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟ ମୌଳିକ ସେବା ସଠିକ୍ ଭାବେ ମିଳୁନଥିବାରୁ ଗାଁ ଏବଂ ସହର ମଧ୍ୟରେ ଦୂରତା ଏବଂ ଫରକ ବେଶ୍ ବାରି ହୋଇପଡୁଥିଲା। ତେବେ ୨୦୦୦ ମସିହାରେ ଶାସନକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତଗୁଡ଼ିକୁ ସଶକ୍ତ ଏବଂ ଆତ୍ମନିର୍ଭର ଭାବେ ଗଢ଼ିତୋଳିବା ପାଇଁ ପଣ କରିଛନ୍ତି। ସେବେଠାରୁ ପଞ୍ଚାୟତର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏବେ ଏହା ଏକ ବିଶାଳ ଦ୍ରୁମରେ ପରିଣତ ହୋଇଛି। ପଞ୍ଚାୟତସ୍ତରରେ ସରକାରୀ ଯୋଜନାର ସଠିକ୍ ଏବଂ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାର ବ୍ୟାପକ ନିଯୁକ୍ତି ପ୍ରଦାନ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଠାରୁ ଆରମ୍ଭ କରି ଜିଆର୍‌ଏସ୍, ଯୋଗାଣ ସହାୟକ, ପିଅନ, ପଞ୍ଚାୟତ ଏକାଉଣ୍ଟ ଅଫିସର, ଡାଟା ଏଣ୍ଟ୍ରି ଅପରେଟର, ବ୍ଲକରେ ନିଯୁକ୍ତି ପାଇଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ▶ପୃଷ୍ଠା-୧୨




- ଗାଁରୁ ସହରକୁ ସମ୍ପର୍କ ଯୋଡ଼ିଛି ବିଜୁ ସେତୁ, ଲକ୍ଷ୍ମୀ ବସ୍
- ଗାଁ ଗାଁରେ ଖୋଲିଛି 'ଆମ ବ୍ୟାଙ୍କ', ଦୁଆରେ ମିଳୁଛି ଭତ୍ତା
- ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରିଛି 'ଆମ ଓଡ଼ିଶା, ନବୀନ ଓଡ଼ିଶା'
- ହାତପାଆନ୍ତାରେ ମିଳିଛି ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ବ୍ୟବସ୍ଥା
- ମିଶନ ଶକ୍ତି ମା'ଙ୍କୁ କରିଛି ସ୍ୱାବଲମ୍ବୀ, ଆର୍ଥିକ ସ୍ୱଚ୍ଛଳ

## ୧୯୯୮ ମସିହା ରାୟକୁ ବଦଳାଇଲେ ସୁପ୍ରିମକୋର୍ଟ

# ଲାଞ୍ଚ ନେଲେ ସାଂସଦ, ବିଧାୟକଙ୍କୁ ତ୍ରାହି ନାହିଁ

**ନୂଆଦିଲ୍ଲୀ, ୪।୩ (ଏଜେନ୍ସି) :** ସଂସଦ କିମ୍ବା ବିଧାନସଭାରେ କୌଣସି ବିଧେୟକ ପାଇଁ ଭୋଟ ଦେବା କିମ୍ବା ଏ ସମ୍ପର୍କିତ ବକ୍ତବ୍ୟ ପାଇଁ ଲାଞ୍ଚ କାରବାର ହେଲେ ବିଧାୟକ ଓ ସାଂସଦମାନଙ୍କୁ ତ୍ରାହି ମିଳିବନି। ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୋମବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ପ୍ରସଙ୍ଗ ସହ ଜଡ଼ିତ ନିଜର ପୂର୍ବ ନିଷ୍ପତ୍ତିକୁ ରଦ୍ଦ କରିବା ସହିତ ସୁପ୍ରିମକୋର୍ଟ ଏଭଳି କହିଛନ୍ତି। ପ୍ରାୟ ୨୬ ବର୍ଷ ତଳେ ଭୋଟ୍ ଦେବା ପାଇଁ ଲାଞ୍ଚ ନେବା ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିବା ସହିତ ଲାଞ୍ଚ ନେଉଥିବା ବିଧାୟକ କିମ୍ବା ସାଂସଦ ଆଇନ ଦୃଷ୍ଟିରୁ ନିଜକୁ ସୁରକ୍ଷିତ ରଖିପାରିବେ ନାହିଁ ବୋଲି କହିଛନ୍ତି। ଏହିକ୍ରମରେ ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଏକ ୭ ଜଣିଆ ଖଣ୍ଡପୀଠ ୧୯୯୮ ମସିହାରେ ପିଭି ନରସିଂହ ରାଓ ମାମଲାର ନିଷ୍ପତ୍ତିକୁ ତର୍ଜମା କରି ଏହି ମାମଲାରେ ଦିଆଯାଇଥିବା ରାୟକୁ ଖାରଜ କରିଦେଇଛନ୍ତି। ଯଦି କୌଣସି ସାଂସଦ କିମ୍ବା ବିଧାୟକ ଯେ କୌଣସି ବିଧେୟକ ଉପରେ ଭୋଟ୍ ଦେବାକୁ ଲାଞ୍ଚ ନିଅନ୍ତି, ତେବେ ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୭ଜଣିଆ ସାମ୍ବିଧାନିକ ପୀଠ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତ୍ରୀ 'ସୀତା ସୋରେନ୍ ବନାମ ଭାରତ ସରକାର' ମାମଲାର ଶୁଣାଣି ଅବସରରେ ଏହି ରାୟ ଶୁଣାଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୁଡ଼, ଜଷ୍ଟିସ୍ ଏସ୍‌ବୋପାନ୍ନା, ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ, ଜଷ୍ଟିସ୍ ପିଏସ୍ ନରସିଂହା, ଜଷ୍ଟିସ୍ ଜେ.ବି ପାରଦୀୱାଲା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ସମ୍ବିଧାନର ଧାରା ୧୦୫ (୨) ଏବଂ ୧୯୪ (୨) ଅନୁଯାୟୀ ସାଂସଦ ଏବଂ ବିଧାୟକମାନେ ଉପଭୋଗ କରୁଥିବା ବିଶେଷାଧିକାରକୁ ନେଇ ବ୍ୟାଖ୍ୟା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଲାଞ୍ଚ ନେଇ ସଂସଦ କିମ୍ବା ବିଧାନସଭାରେ ଭାଷଣ ଦେବା, ଗୃହରେ ଭୋଟ୍ ଦେବା ମାମଲାରେ ଜନ ପ୍ରତିନିଧିମାନେ ଆଇନଗତ ପ୍ରକ୍ରିୟାରୁ ସୁରକ୍ଷା ଦାବି କରିପାରିବେ କି ବୋଲି ପ୍ରଶ୍ନ ଉଠିବା ପରେ ସର୍ବୋଚ୍ଚ ଅଦାଲତଙ୍କୁ ୧୯୯୮ର ନିଜସ୍ୱ ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ପଡ଼ିଥିଲା। ଏହାର ବିଭିନ୍ନ ଦିଗକୁ ▶ପୃଷ୍ଠା-୧୨



# ଉର୍ଦ୍ଦୁ ଶିକ୍ଷକଙ୍କ ପାରିଶ୍ରମିକ ୧୫ ହଜାର ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର, ୪।୩ (ସମିସ):** ରାଜ୍ୟର ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟଗୁଡ଼ିକରେ ନିୟୋଜିତ ଉର୍ଦ୍ଦୁ ଶିକ୍ଷକ ଏବଂ ସରକାରୀ ପୂର୍ଣ୍ଣ ଅନୁଦାନ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଉର୍ଦ୍ଦୁ ସମ୍ବଳ ଶିକ୍ଷକମାନଙ୍କ ପାରିଶ୍ରମିକକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏହା ୭, ୪୦୦ ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ସମୁଦାୟ ୮୪ଜଣ ଶିକ୍ଷକ ଉପକୃତ ହେବେ। ତନ୍ମଧ୍ୟରେ ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟଗୁଡ଼ିକରେ ନିୟୋଜିତ ୪୪ଜଣ ଉର୍ଦ୍ଦୁ ଶିକ୍ଷକ ଥିବା ବେଳେ ସରକାରୀ ପୂର୍ଣ୍ଣ ଅନୁଦାନ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୪୦ଜଣ ଉର୍ଦ୍ଦୁ ସମ୍ବଳ ଶିକ୍ଷକ ରହିଛନ୍ତି। ରାଜ୍ୟର ବିଭିନ୍ନ ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ ଉର୍ଦ୍ଦୁ ବିଷୟକୁ ପ୍ରାଥମିକ ଭାଷା ଭାବେ ଗ୍ରହଣ କରି ଶିକ୍ଷାଲାଭ କରୁଥିବା ଏବଂ ୧୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ଉର୍ଦ୍ଦୁ ଶିକ୍ଷକ ଓ ଉର୍ଦ୍ଦୁ ସମ୍ବଳ ଶିକ୍ଷକ ନିଯୁକ୍ତ କରିଛନ୍ତି।

ସୂଚନାଯୋଗ୍ୟ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା ଉର୍ଦ୍ଦୁ ଶିକ୍ଷକମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଖୁବ୍‌ଶୀଘ୍ର ଆଉ ୧୦ ହଜାର କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି

**ଭୁବନେଶ୍ୱର, ୪।୩ (ସମିସ):** ରାଜ୍ୟରେ ଆହୁରି ସୁଦୃଢ଼ ହେବ ଶିକ୍ଷା ବ୍ୟବସ୍ଥା। ଉନ୍ନତ ହେବ ଶୈକ୍ଷିକ ବାତାବରଣ। ବୃଦ୍ଧିମନ୍ତ ହେବ ଶିକ୍ଷାର ମାନ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଦାନ କରିବା ପାଇଁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ଗୁରୁତ୍ୱାରୋପ କରୁଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ଆଉ ୧୦ ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦରେ ନିଯୁକ୍ତି ଦେବାପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ନିୟୋଜନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ସମ୍ପ୍ରତି ୨୦୨୩ ମସିହାରେ ପ୍ରକାଶ ପାଇଥିବା ୨୦ହଜାର କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହେବା ପରେ ଯଥାଶୀଘ୍ର ଏହି ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ। ଏହି ନୂତନ ନିଯୁକ୍ତି ଫଳରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ▶ପୃଷ୍ଠା-୧୨

# ୪୦୭୬ କୋଟିରେ ୨୨ ଶିଳ୍ପ

**ଭୁବନେଶ୍ୱର, ୪।୩ (ସମିସ):** ସୋମବାର ଦିନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ ଅନୁମୋଦନ ବୈଠକରେ ମୋଟ ୪୦୭୬ କୋଟି ୭୧ ଲକ୍ଷ ଟଙ୍କାର ୨୨ଟି ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏଥିରେ ସବୁଜ ଶକ୍ତି ଉପକରଣ, କେମିକାଲ, ବୟନ, ପ୍ରସାଧନ, ଇସ୍ପାତ, ଲୌହ, ଫେରୋ ଆଲଏଜ୍, ଆଲୁମିନା, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ଶକ୍ତି ଏବଂ ଅକ୍ଷୟଶକ୍ତି ପ୍ରକଳ୍ପ ରହିଛି। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟର ୨୫, ୫୨୫ ଜଣଙ୍କୁ କର୍ମନିଯୁକ୍ତି ମିଳିବ।

ମିଳିଥିବା ସୂଚନା ଅନୁସାରେ ୱାରୀ କ୍ଲିନ୍ ଏନର୍ଜୀ ସଲ୍ୟୁସନ୍ସ ପ୍ରା.ଲି ଖୋର୍ଦ୍ଧାରେ ୪୩୫ କୋଟି ଟଙ୍କା ବିନିଯୋଗ କରି ଇଲେକ୍ଟ୍ରୋଲିଜର୍ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବା ସହ ୩୦୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ବାଲେଶ୍ୱର ଜିଲ୍ଲାରେ ଶାଲିମାର ପେଣ୍ଟସ୍ ୧୩୫ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏଠାରେ ୨୦୦ ଲୋକଙ୍କୁ ନିଯୁକ୍ତ କରିବ। ରିଲାଏନ୍ସ ବାୟୋ ଏନର୍ଜୀ ଲିମିଟେଡ୍ କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ୍ ଉତ୍ପାଦନ କାରଖାନା ପାଇଁ ଢେଙ୍କାନାଳ ଏବଂ କଟକରେ ସମୁଦାୟ ୨୪୨.୪୨ କୋଟି ଟଙ୍କା ନିବେଶ କରିବ। ଉଭୟ ସ୍ଥାନରେ ୧୩୮ ଜଣଙ୍କୁ ନିଯୁକ୍ତି ଦିଆଯିବ। ଏଥିସହ ଏସ୍‌ଏସ୍‌ଆଇଏଲ୍ ଇଣ୍ଡଷ୍ଟ୍ରିଜ୍ ରଙ୍ଗ କାରଖାନା ପାଇଁ ଖୋର୍ଦ୍ଧାରେ ୨୦୦ କୋଟି ଟଙ୍କା ବିନିଯୋଗ କରିବା ସହ ୨୦୦ ଲୋକଙ୍କୁ ନିଯୁକ୍ତି ଦେବ।




- ୨୫, ୫୨୫ ଜଣଙ୍କ ପାଇଁ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ
- ଓଏଫ୍‌ବି ପୋଷାକ କାରଖାନାରେ ୧୫୦୦୦ ନିଯୁକ୍ତି ସମ୍ଭାବନା
- ଶିଳ୍ପ ପ୍ରସ୍ତାବକୁ ଉଚ୍ଚସ୍ତରୀୟ ଏକକ ବାତାୟନ କମିଟିର ଅନୁମୋଦନ

ଅପରପକ୍ଷେ ବୟନ ଓ ପ୍ରସାଧନ କ୍ଷେତ୍ରରେ ଓଏଫ୍‌ବି ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ପୋଷାକ କାରଖାନା ପ୍ରତିଷ୍ଠା କରିବ। ଏଥିପାଇଁ ୮୫୭ କୋଟି ଟଙ୍କା ନିବେଶ କରିବ ଏବଂ ଏଠାରେ ୧୫୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏନରିଚ୍ କ୍ଲଥ୍ କଟକରେ ପୋଷାକ ଉତ୍ପାଦନ ନିମନ୍ତେ ୫୨.୫୦ କୋଟି ଟଙ୍କା ବିନିଯୋଗ କରି ୧୦୨୦ ଲୋକଙ୍କୁ ନିଯୁକ୍ତ କରିବ। ଶାଲିମାର ୱେରସ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଖୋର୍ଦ୍ଧାରେ ୭୬ କୋଟି ଟଙ୍କା, ବିଏମ୍‌ଡବ୍ଲୁ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଯାଜପୁରରେ ୭୧୩ କୋଟି ଟଙ୍କା, ସେଗମା ପ୍ରୋଫାଇଲ୍ସ ପ୍ରା.ଲି ସମ୍ବଲପୁରରେ ୫୪.୨୬ କୋଟି ଟଙ୍କା ନିବେଶ କରିବେ। ଶ୍ୟାମ ଷ୍ଟିଲ୍ ଖୋର୍ଦ୍ଧାରେ କାରଖାନା ପ୍ରତିଷ୍ଠା କରି ୧୧୦୦ ଲୋକଙ୍କୁ ନିଯୁକ୍ତ କରିବ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବଜରଙ୍ଗବଲି ମିମେଟ୍ ସୁନ୍ଦରଗଡ଼ରେ ୫୨.୧୦ କୋଟି, ଏଫ୍‌ଓବି ଟେକ୍ ନବରଙ୍ଗପୁରରେ ୧୫୦ କୋଟି ଟଙ୍କା ବିନିଯୋଗ କରିବେ।

ଶକ୍ତି ଓ ଅକ୍ଷୟଶକ୍ତି କ୍ଷେତ୍ରରେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ କୋରାପୁଟରେ ୨୦୦ କୋଟି, ଟାଟା ଷ୍ଟିଲ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୧୨୫.୬୯ କୋଟି, ଆଦାନି ଟୋଟାଲ ଏନର୍ଜୀସ୍ ବାୟୋମାସ୍ ଲିମିଟେଡ୍ ସମ୍ବଲପୁରରେ ୧୩୬.୫୦ କୋଟି ଟଙ୍କା ନିବେଶ କରିବ। ସେହିପରି ଆଇଟି କ୍ଷେତ୍ରରେ ପାଇନ୍ ସ୍କ୍ୱାୟାର୍ ଏଲ୍‌ଏଲ୍‌ପି ଏବଂ ଏକେ ଦାସ ଆସୋସିଏଟ୍ସ ଲିମିଟେଡ୍ ଖୋର୍ଦ୍ଧାରେ ଆଇଟି ପାର୍କ ପ୍ରତିଷ୍ଠା ନିମନ୍ତେ ଯଥାକ୍ରମେ ୧୧୦ କୋଟି ଏବଂ ୫୧.୬୨ କୋଟି ଟଙ୍କା ନିବେଶ କରିବେ।

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୪।୩(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ୧୯୬୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହିବେ। ଏହାପରେ ସେ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧନ କରିବେ।

**ଚଣ୍ଡିଖୋଲରେ ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ; ଯୋଗଦେବେ ମୁଖ୍ୟମନ୍ତ୍ରୀ**



ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଦିନ ୨ଟା ୪୦ ମିନିଟରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ ପରେ ହେଲିକେପ୍ଟର ଯୋଗେ ଚଣ୍ଡିଖୋଲ ଅଭିମୁଖେ ଯାତ୍ରା କରିବେ। ଅପରାହ୍ନ ୩ଟା ୩୦ ମିନିଟରୁ ୪ଟା ମଧ୍ୟରେ ପ୍ରଧାନମନ୍ତ୍ରୀ ସେଠାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଏହାପରେ ୪ଟା ୧୫ରୁ ୫ଟା ଯାଏଁ ଦଳ ପକ୍ଷରୁ ଆୟୋଜିତ ଏକ ସମାବେଶରେ ଯୋଗ ଦେବେ। ସନ୍ଧ୍ୟା ୫ଟା ୫୦ ମିନିଟରେ ପ୍ରଧାନମନ୍ତ୍ରୀ କୋଲକାତା ଅଭିମୁଖେ ଯାତ୍ରା କରିବେ। ଉଦ୍‌ଘାଟନ ଏବଂ ଶିଳାନ୍ୟାସ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ତୈଳ ଏବଂ ଗ୍ୟାସ, ରେଳବାଇ, ସଡକ, ପରିବହନ ଓ ରାଜଅ ଏବଂ ପରମାଣୁ ଶକ୍ତି କ୍ଷେତ୍ର ସହିତ ଜଡ଼ିତ ରହିଛି। ପ୍ରଧାନମନ୍ତ୍ରୀ ପାରାଦୀପ ରିଫାଇନାରୀରେ ଭାରତୀୟ ତୈଳ ନିଗମ ଲିମିଟେଡ୍ ମୋନୋ ଏଥାଇଲନ୍ ଗ୍ଲାଇକଲ୍ ▶ପୃଷ୍ଠା-୧୨

## ଲୋକକଥା



ମଦୁଆ ଡ୍ରାଇଭର ଧୁଲେଇ ହୋଇଲେ<br>
ଦୁର୍ଘଟଣା ହେବ ହ୍ରାସ,<br>
ଏତେ ଦିନ ସତେ ପୁଲିସି ବାବୁଏ<br>
କରିଲେ ଖାସା ପ୍ରୟାସ।<br>
ପକେଇ କାନୁନ ଫାସ,<br>
ଏମାନଙ୍କୁ ଟାଣି ଓଟାରି ନେଲେହେଁ,<br>
ଲୋକଙ୍କୁ ହେବ ଉଶ୍ୱାସ !!

# ମୋକିମଙ୍କ ନିର୍ବାଚନ ଅସିଦ୍ଧ

**କଟକ, ୪।୩ (ସମିସ):** ଦୀର୍ଘ ୫ବର୍ଷ ଧରି ଚାଲିଆସିଥିବା ୨୦୧୯ ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଏହି ମାମଲାରେ ପୂର୍ବରୁ ଶୁଣାଣି ଶେଷ କରି ଅଦାଲତ ରାୟ ସଂରକ୍ଷିତ ରଖିଥିଲେ। ଆଜି ଏହି ରାୟ ପ୍ରକାଶ ପାଇଛି। ହାଇକୋର୍ଟଙ୍କ ରାୟ ଆସିବା ପରେ ବାରବାଟୀ -କଟକର ବିଧାୟକ ଥିବା ଙ୍ଗ ମହମ୍ମଦ ମୋକିମଙ୍କୁ ଏକ ଶକ୍ତ ଝଟ୍‌କା ଲାଗିଛି। ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି ହାଇକୋର୍ଟ। ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଦାୟର ନିର୍ବାଚନୀ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଏପରି ରାୟ ଶୁଣାଇଛନ୍ତି।



**ଯାଞ୍ଚ ବେଳେ ନାମାଙ୍କନପତ୍ର ଖାରଜ କରିବା ଉଚିତ ଥିଲା: ହାଇକୋର୍ଟ**

ଗତ ୨୦୧୯ ମସିହା ବାରବାଟୀ-କଟକ ବିଧାନସଭା ନିର୍ବାଚନ ପାଇଁ ମୋକିମଙ୍କ ନାମାଙ୍କନପତ୍ରକୁ ସେହି ସମୟର ନିର୍ବାଚନ ଅଧିକାରୀ ବେଆଇନ ଭାବେ ଗ୍ରହଣ କରିଥିଲେ। ନିର୍ବାଚନ ଅଧିକାରୀ ▶ପୃଷ୍ଠା-୧୨

## ପ୍ରବାଦପୁରୁଷଙ୍କ ୧୦୮ ତମ ଜୟନ୍ତୀରେ କର୍ମୀ-କର୍ମକର୍ତ୍ତାଙ୍କ ସଂକଳ୍ପ

# ସମର୍ପିତ ସେବା; ସମୃଦ୍ଧ 'ନବୀନ ଓଡ଼ିଶା'

**ଭୁବନେଶ୍ୱର, ୪।୩ (ସମିସ):** ମହାନ୍ ଜନନାୟକ, ରାଷ୍ଟ୍ରବାଦୀ ନେତା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମ ଦିବସକୁ ଆସନ୍ତାକାଲି ରାଜ୍ୟବ୍ୟାପୀ ପାଳନ କରିବ ବିଜେଡି। ଦଳ ପକ୍ଷରୁ ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ, ବ୍ଲକ ଓ ସହରାଞ୍ଚଳରେ ମହାସମାରୋହରେ ପାଳନ କରାଯିବ। ଏହି ଅବସରରେ ଉପସ୍ଥିତ ଦଳର ସମସ୍ତ ସଦସ୍ୟ ଏକ 'ସମୃଦ୍ଧ, ସଶକ୍ତ, ନବୀନ ଓଡ଼ିଶା' ଗଠନ ଓ ସମର୍ପିତ ସେବା ନିମନ୍ତେ ସଂକଳ୍ପ ନେବେ।

କ୍ଷମତା ଓ ରାଜନୀତିକୁ ସାଧାରଣ ଲୋକଙ୍କ ସେବା ନିମନ୍ତେ ଏକ ସୁଯୋଗ ବୋଲି ବିଭିନ୍ନ ସମୟରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଗତ ୨୫ ବର୍ଷ ଧରି ବିଜୁ ଜନତା ଦଳ ରାଜ୍ୟବାସୀଙ୍କ ପ୍ରତି ଯେଉଁ ସମର୍ପିତ ସେବା ପ୍ରଦାନ କରି ଆସିଛି ତାହାକୁ ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ସର୍ବଦା ଆହ୍ୱାନ ଦେଇ ଆସିଛନ୍ତି। ରାଜ୍ୟର ପ୍ରତ୍ୟେକ ଲୋକଙ୍କ କଲ୍ୟାଣ ଓ ସମାଜର ଶେଷତମ ସ୍ଥାନରେ ଥିବା ଲୋକଟିଙ୍କୁ ବିକାଶ ସ୍ରୋତରେ ସାମିଲ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ ଦଳ ନିରନ୍ତର କାର୍ଯ୍ୟକାରୀ କରି ଆସୁଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଏହି 'ସେବା ମନ୍ତ୍ର'କୁ ଗ୍ରହଣ କରି ଦଳର ତୃଣମୂଳରୁ ଶୀର୍ଷସ୍ତର ପର୍ଯ୍ୟନ୍ତ ବିଜୁ ଜୟନ୍ତୀରେ ସେବା ଓ ଗଠନମୂଳକ କାର୍ଯ୍ୟ କରିବ।

ମାର୍ଚ୍ଚ ୫ ତାରିଖ ସକାଳେ ସମସ୍ତ ସ୍ଥାନରେ ବିଜୁ ବାବୁଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହିତ ଏହି ଦିବସ ପାଳନର ଶୁଭାରମ୍ଭ କରାଯିବ। ସ୍ଥାନୀୟ ଅଞ୍ଚଳର ଡାକ୍ତରଖାନା, ବୃଦ୍ଧାଶ୍ରମ, ଅନାଥାଶ୍ରମ ଏବଂ ବାଳାଶ୍ରମରେ ଫଳ ବଣ୍ଟନ ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବ। ଭୁବନେଶ୍ୱରର ବିଜେଡି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନ ପରିସରରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯିବ। ଫରେଷ୍ଟ ପାର୍କ ଏବଂ ବିମାନବନ୍ଦର ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ପୁଷ୍ପମାଲ୍ୟ ଅର୍ପଣ ସହିତ କ୍ୟାପିଟାଲ ହସ୍ପିଟାଲରେ ଫଳ ବଣ୍ଟନ କରାଯିବ। ସେହିପରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ସାଇକେଲ ଶୋଭାଯାତ୍ରା ଓ ଗଣଦୌଡ଼ ଆୟୋଜନ କରାଯିବ। ଅପରାହ୍ନରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ନିଃସ୍ୱାର୍ଥପର ଜନ ସେବାର ପ୍ରତୀକ, ପ୍ରବାଦ ▶ପୃଷ୍ଠା-୧୨

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-250 •BHUBANESWAR •TUESDAY •5 MARCH 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୦ •ଭୁବନେଶ୍ୱର •ମଙ୍ଗଳବାର •୫ ମାର୍ଚ୍ଚ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦


## ପୁରୀ ବିମାନବନ୍ଦର ପରିବେଶ ମଞ୍ଜୁରୀ ନିମନ୍ତେ ଜନଶୁଣାଣି

**ପୁରୀ, ୪।୩ (ସମିସ):** ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସୁରୁବୁଲି ଗ୍ରାମରେ 'ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର' ପାଇଁ ପରିବେଶ ମଞ୍ଜୁରୀ ନିମନ୍ତେ ସୋମବାର ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଶାମୁକା ଗ୍ରୀଡ ଷ୍ଟେସନ ନିକଟ ପଡ଼ିଆରେ ଅନୁଷ୍ଠିତ ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରିଚାଳିତ କରିଥିଲା। ଅତିରିକ୍ତ ଜିଲ୍ଲାପାଳ ତଥା ଜନଶୁଣାଣି କାର୍ଯ୍ୟକ୍ରମର ଅଧ୍ୟକ୍ଷ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ପରିବେଶ ସଂକ୍ରାନ୍ତୀୟ ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ ଆହ୍ୱାନ କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ସୋହନ ଗିରି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିବେଶ ପ୍ରଭାବ ଆକଳନ ଅଧ୍ୟୟନ କରିଥିବା ସଂସ୍ଥା (ଇଞ୍ଜିନିୟର ଇଣ୍ଡିଆ ଲିମିଟେଡ)ର ବୈଜ୍ଞାନିକ ଡ. ଚିରଞ୍ଜୀବୀ ପଟ୍ଟନାୟକ ପରିବେଶ ପ୍ରଭାବ ଆକଳନ ରିପୋର୍ଟ ଉପସ୍ଥାପନ କରିଥିଲେ। ୨୮ ଜଣ ବ୍ୟକ୍ତି ନିଜର ମତବ୍ୟକ୍ତ କରିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଲିଖିତ ମତ ଦେଇଥିଲେ। ବାଣିଜ୍ୟ ଏବଂ ପରିବହନ (ପରିବହନ) ବିଭାଗ ଅତିରିକ୍ତ ସଚିବ ଦେବଦତ୍ତ ସୁରଞ୍ଜିତା ଜେନା ପ୍ରକଳ୍ପ ବିଷୟରେ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ସାଧାରଣ ପରିଚାଳକ (ପରିବେଶ) ଅଶୋକ କୁମାର ମିଶ୍ର, ଇଡକୋ ଓ ଅନ୍ୟାନ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରଭାବିତ ବ୍ୟକ୍ତିମାନେ ପରିବେଶ ନଷ୍ଟକୁ ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷପ ନେବା ପାଇଁ ଅନୁରୋଧ କରିଥିଲେ। ଜମି ହରାଇଥିବା ବ୍ୟକ୍ତି ବିଶେଷମାନେ ଉଚିତ କ୍ଷତିପୂରଣ ପାଇଁ ଦାବି କରିଥିଲେ। ଏହି ଜନଶୁଣାଣିରେ ୫ଶହରୁ ଉର୍ଦ୍ଧ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ।


Government of India

ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ଅର୍ଥାତ୍ ଗରିବଙ୍କ ହିତ ସୁନିଶ୍ଚିତ

ଆମ ସଂକଳ୍ପ ବିକଶିତ ଭାରତ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

୪ କୋଟିରୁ ଅଧିକ ଘର ନିର୍ମାଣ



cbc 22201/13/0327/2324


# ରାଜ୍ୟର ପ୍ରଗତି ସୁନିଶ୍ଚିତ କରିଛି ଉନ୍ନତ ଭିତ୍ତିଭୂମି

**ଭୁବନେଶ୍ୱର, ୪।୩(ସମିସ):** ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ଲକ୍ଷ୍ୟ ନେଇ କାମ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ନିଜ ପ୍ରତିବଦ୍ଧତାକୁ ଶାଣିତ କରିଛନ୍ତି। ରାଜ୍ୟବାସୀଙ୍କୁ ଉତ୍ତମ ସୁବିଧା ସୁଯୋଗ ଯୋଗାଇ ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ସହ ଦେଶ ବିଦେଶରୁ ପୁଞ୍ଜିନିବେଶ ଆଣିବା ଦିଗରେ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି।

- ୧୦ ବର୍ଷରେ ନିର୍ମାଣ ହୋଇଛି ୧୪୧୫ ସେତୁ
- କୃଷି, କ୍ରୀଡ଼ା, ଯୋଗାଯୋଗ, ପାନୀୟ ଜଳରେ ଉଲ୍ଲେଖନୀୟ ଅଗ୍ରଗତି




ଭିଜନ୍-୨୦୩୬କୁ ଦୃଷ୍ଟିରେ ରଖି କାମ କରୁଥିବା ରାଜ୍ୟ ସରକାର କେବଳ ଅତ୍ୟାଧୁନିକ ଭିତ୍ତିଭୂମି ସୃଷ୍ଟି କରିନାହାନ୍ତି; ଆଗାମୀ ଭବିଷ୍ୟତ ପାଇଁ ଏହା କିପରି ଆହୁରି ସୁଦୃଢ଼ ହେବ ତାହା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡ଼. ସସ୍ମିତ ମିଶ୍ର।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼. ମିଶ୍ର କହିଛନ୍ତି ଯେ ବିକାଶ ପାଇଁ ଭିତ୍ତିଭୂମି ଏକାନ୍ତ ଅପରିହାର୍ଯ୍ୟ। ଗମନାଗମନ, ଯୋଗାଯୋଗ, ଜଳସେଚନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବ୍ୟାପକ ରୂପାନ୍ତରଣ ଦେଖିଛି। ତେବେ ଏହା ଆରମ୍ଭମାତ୍ର। ଆଗକୁ ଏହି ଭିତ୍ତିଭୂମି ନିର୍ମାଣ ପର୍ବ ଆହୁରି ତ୍ୱରାନ୍ୱିତ ହେବ। ରାଜ୍ୟରେ ୪୧୨୪ କିମି ରାଜ୍ୟ ରାଜପଥ, ୨୬୩୧ କିମି ଜିଲ୍ଲା ମୁଖ୍ୟ ରାସ୍ତା ଓ ୧୮, ୮୦୯ କିମି ଅନ୍ୟ ଜିଲ୍ଲା ରାସ୍ତା ନିର୍ମାଣ କରାଯାଇଛି। ସେହିପରି ବିଜୁ ଏକ୍ସପ୍ରେସ-ୱେ ଉତ୍ତର-ଦକ୍ଷିଣ କରିଡରର ନିର୍ଦ୍ଧାରିତ ୬୩୮ କିମି ରାସ୍ତା ମଧ୍ୟରୁ ୬୩୫ କିମି ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ସେହିପରି ବିଗତ ଚାରି/ପାଞ୍ଚ ବର୍ଷରେ ରାଜ୍ୟ ସରକାର ୨୦୪ ସେତୁ, ୧୩ ରୋଡ଼ ଓଭରବ୍ରିଜ, ୧୨ ଚେକ ଡ୍ୟାମ ଓ ୮୨୦୭ କିମି ରାସ୍ତାର ଉନ୍ନତି କରଣ ହୋଇଛି। ଗତ ଏକ ଦଶନ୍ଧିରେ ବିଜୁ ସେତୁ ଯୋଜନାରେ ୧୪୧୫ ଟି ବ୍ରିଜ ନିର୍ମାଣ କରାଯାଇଛି। ମାଓ ପ୍ରଭାବିତ ଅଞ୍ଚଳରେ ସରକାର ୬୦୨ କିମି ରାସ୍ତା ନିର୍ମାଣ କରିଛନ୍ତି।

ସେ ପୁଣି କହିଛନ୍ତି ଯେ ବିକାଶ ହାସଲ ପାଇଁ ଉତ୍ତମ ଗମନାଗମନ ବ୍ୟବସ୍ଥା ଏକାନ୍ତ ଜରୁରୀ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରମୁଖ ବସ୍ ଟର୍ମିନାଲର ବିକାଶ ସହିତ ଜିଲ୍ଲାସ୍ତରରେ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରୁଛନ୍ତି। ଏହି କ୍ରମରେ ନେତାଜୀ ସୁବାଷ ବୋଷ ଓ ବାବା ସାହେବ ଆମ୍ବେଦକରଙ୍କ ନାମରେ ଯଥାକ୍ରମେ କଟକ ଓ ଭୁବନେଶ୍ୱରରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡରେ ବିମାନବନ୍ଦର ଭଳି ସୁବିଧା ସୁଯୋଗ ଉପଲବ୍ଧ ହୋଇଛି। ରାଜ୍ୟର ପ୍ରମୁଖ ସହରରେ ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟ ଭଳି ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ସେହିପରି ବିମାନ ବନ୍ଦର ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ସରକାରଙ୍କ ପଦକ୍ଷେପ ଉଲ୍ଲେଖନୀୟ ରହିଛି। ଦିନ ଥିଲା ରାଜ୍ୟରେ ମାତ୍ର ଗୋଟିଏ ବିମାନବନ୍ଦର ଥିଲା; କିନ୍ତୁ ଏବେ ଭୁବନେଶ୍ୱରରୁ ବିଦେଶକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହୋଇଥିଲା ବେଳେ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାମ ଚାଲିଛି। ଏଥିସହ ମାଲକାନଗିରି, ରଙ୍ଗେଇଲୁଣ୍ଡା, ଜୟପୁର, ଝାରସୁଗୁଡ଼ାରେ ବିମାନବନ୍ଦର ନିର୍ମାଣ ହୋଇଛି। ସେହିପରି ୧୪, ୨୭୭ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି। ରାଜ୍ୟର ପାଞ୍ଚଟି ମହାନଗର ସମେତ ୧୦୯ଟି ସହରରେ ଶତ ପ୍ରତିଶତ ପାଇପ୍ ପାଣି ଯୋଗାଣ ସୁନିଶ୍ଚିତ କରାଯାଇଛି।

ଡ଼. ମିଶ୍ର କହିଛନ୍ତି ଯେ କୃଷି ଓ କୃଷକଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। କୃଷି ଭିତ୍ତିଭୂମି କ୍ଷେତ୍ରରେ ବଲାଙ୍ଗୀରରେ ଲୋୟର ଶୁକତେଲ, ବରଗଡ଼ରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ, ସମ୍ବଲପୁରରେ ହଳଦିଆ ଡ୍ୟାମ ଇତ୍ୟାଦି ନିର୍ମାଣ କରାଯାଇଛି। କ୍ରୀଡା ଭିତ୍ତିଭୂମି କ୍ଷେତ୍ରରେ ସର୍ବ ବୃହତ କ୍ରୀଡା ବିଜ୍ଞାନ କେନ୍ଦ୍ର ଓ ଏସିଆର ସର୍ବ ବୃହତ ଇଣ୍ଡୋର ଆଥଲେଟିକ କେନ୍ଦ୍ର ନିର୍ମାଣ କରାଯାଇଛି। ହକି ଖେଳକୁ ପ୍ରୋତ୍ସାହନ ସ୍ୱରୂପ ରାଜ୍ୟରେ ୨୦ ହକି ପ୍ରଶିକ୍ଷଣ କେନ୍ଦ୍ର ନିର୍ମିତ ହୋଇଛି ବୋଲି ଡ଼ ମିଶ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଅନ୍ୟତମ ରାଷ୍ଟ୍ରୀୟ ପ୍ରବକ୍ତା ଡକ୍ଟର ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

# ଶ୍ରୀଲୋକନାଥଙ୍କ ପୀଠରେ ଜଳିବ ଜଗତ ମଙ୍ଗଳ ଜାଗର ଦୀପ

## ୨.୩ କୁଇଣ୍ଟାଲ ଅଷ୍ଟାଧାତୁରେ ହୋଇଛି ତିଆରି

**ପୁରୀ,୪।୩(ସମିସ):** ପବିତ୍ର ପଙ୍କୋଦ୍ଧାର ଏକାଦଶୀଠାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରୀଲୋକନାଥଙ୍କ ପୀଠରେ ଜଳିବ ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ। ପ୍ରତିବର୍ଷ ମାଟିରେ ଏହି ବୃହତ୍‌କାୟ ଦୀପ ତିଆରି କରାଯାଇ ଜଳାଯାଉଥିଲା। ହେଲେ ଚଳିତ ବର୍ଷଠାରୁ ଅଷ୍ଟଧାତୁରେ ଏହି ବୃହତ୍ ଜଗତ ମଙ୍ଗଳ ଦୀପ ଜଳିବ। ଆସନ୍ତା ବୁଧବାର ପଙ୍କୋଦ୍ଧାର ଏକାଦଶୀ। ଏହି ଅବସରରେ ଶ୍ରୀଲୋକନାଥଙ୍କ ପୀଠରେ ଦ୍ୱାଦଶ ବାର୍ଷିକ ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ କରାଯିବ। ପ୍ରାୟ ୩କୁଇଣ୍ଟାଲ ଗୁଆଘିଅରେ ଏହି ଦୀପ ତିନିଦିନ ଧରି ବିଶ୍ୱ କଲ୍ୟାଣ ନିମନ୍ତେ ପ୍ରଜ୍ୱଳନ କରାଯିବ। ୬ ତାରିଖ ସନ୍ଧ୍ୟା ୭ଟାରେ ଏହି ଦୀପ ପ୍ରଜ୍ୱଳନର ଶୁଭାରମ୍ଭ ହେବ।



ଏହି ବୃହତ୍ ଦୀପକୁ ସ୍ୱତନ୍ତ୍ର ଭାବେ ଅଷ୍ଟାଧାତୁରେ ତିଆରି କରାଯାଇଛି। ବାଳକାଟୀର ପ୍ରସିଦ୍ଧ କାରିଗର ଭାଗୀରଥି ମହାରଣା ଏହି ଦୀପ ତିଆରି କରିଛନ୍ତି। ଏହାର ଲମ୍ବ ୬ ଫୁଟ, ଓସାର ୪ ଫୁଟ ଏବଂ ଗଭୀର ୨ ଫୁଟ ରହିଥିବା ବେଳେ ଏଥିରେ ଏକକାଳୀନ ୩ କୁଇଣ୍ଟାଲ ଘିଅ ଜଳିପାରିବ। ପ୍ରଥମେ ପୁରୀରେ ଫାଇବର୍‌ରେ ଏହାର ମଡେଲ ତିଆରି କରାଯାଇଥିଲା। ଏହାକୁ ଭାଗୀରଥିଙ୍କୁ ପ୍ରଦାନ କରାଯିବା ପରେ ସେ ଏହି ଦୀପ ତିଆରି କରିଛନ୍ତି। ପାଖାପାଖି ମାସେ ଧରି ଭାଗୀରଥି ଏବଂ ତାଙ୍କର ୪ ଜଣ ସହଯୋଗୀ ଏହାକୁ ତିଆରି କରିଥିଲେ। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ହୋଇଯାଇଛି। ମଙ୍ଗଳବାର ଏହାକୁ ଏକ ଗାଡ଼ିରେ ପୁରୀ ଅଣାଯିବ ବୋଲି ସୂଚନା ଦେଇଛନ୍ତି ଏହି ମହାର୍ଘ କାର୍ଯ୍ୟକ୍ରମର ଉଦ୍ୟୋକ୍ତା ରାମକୃଷ୍ଣ ହୋତା। ତେବେ କାହିଁକି ମାଟିଦୀପ ବଦଳରେ ଅଷ୍ଟାଧାତୁ ଦୀପ କଲେ ବୋଲି ପଚାରିବାରୁ ଶ୍ରୀ ହୋତା କହିଛନ୍ତି, ପ୍ରାୟ ୮ ଫୁଟ୍ ଲମ୍ବ, ୬ ଫୁଟ୍ ଓସାର ଓ ୨ ଫୁଟ ଗଭୀର ଏହି ବୃହତ୍ ଦୀପ ଜଳାଯାଇଥାଏ। ଏଥିରେ ପ୍ରାୟ ୩ରୁ ୪କୁଇଣ୍ଟାଲ ଘିଅ ଜଳିଥାଏ। ଯଦି ମାଟି ଦୀପଟି ଗହଳି ଭିତରେ ମିଳାଇ ଯାଏ ତେବେ ଅଘଟଣ ଘଟିବା ଆଶଙ୍କା ରହିଛି। ତେଣୁ ଏହାକୁ ନଜରରେ ରଖି ଅଷ୍ଟଧାତୁ ଦୀପ ତିଆରି କରାଯାଇଛି ବୋଲି କହିଛନ୍ତି ଶ୍ରୀ ହୋତା।

# ସରିଲା ମାଟ୍ରିକ୍ ପରୀକ୍ଷା; ୧୫ରୁ ଖାତାଦେଖା

**କଟକ, ୪।୩ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ଅନ୍ତିମ ଦିବସରେ ସାମାଜିକ ବିଜ୍ଞାନ ପରୀକ୍ଷା ରହିଥିଲା। ରାଜ୍ୟର ସମସ୍ତ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଛି ବୋଲି ବୋର୍ଡ କର୍ତ୍ତୃପକ୍ଷ ଜଣାଇଛନ୍ତି। ଅନ୍ୟପକ୍ଷରେ ନୋଡାଲ ସେଣ୍ଟରଗୁଡ଼ିକୁ ସମସ୍ତ ଉତ୍ତରଖାତା ପଠାଯାଇଛି। ଏହା ସୁରକ୍ଷିତ ଭାବେ ରଖାଯାଇଛି। ଆସନ୍ତା ୧୫ରୁ ଖାତାଦେଖା ଆରମ୍ଭ ହେବ। ନିର୍ଦ୍ଧାରିତ ମୂଲ୍ୟାୟନ କେନ୍ଦ୍ରରେ ଶିକ୍ଷକମାନେ ୧୪ ତାରିଖରେ ପହଞ୍ଚିବେ। ୧୨ଦିନ ଭିତରେ ମୂଲ୍ୟାୟନ ପ୍ରକ୍ରିୟା ଶେଷ ହେବ ବୋଲି ବୋର୍ଡ କର୍ତ୍ତୃପକ୍ଷ ଜଣାଇଛନ୍ତି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୧୨୦ରୁ ଅଧିକ ପରୀକ୍ଷାର୍ଥୀ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି। ତେବେ କେତେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି, ତାହାର ତଥ୍ୟ ସ୍ପଷ୍ଟ ହୋଇନାହିଁ ବୋଲି ବୋର୍ଡ ଉପସଭାପତି ଡଃ ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଗତ ୨୦ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ୩ ହଜାର ୪୭ପରୀକ୍ଷା କେନ୍ଦ୍ରରେ ଚଳିତଥର ୫ ଲକ୍ଷ ୫୧ ହଜାର ୬୧୧ଜଣ ଛାତ୍ରଛାତ୍ରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଥିଲେ। ପରୀକ୍ଷାର ସୁପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶ୍ନପତ୍ର ରଖିବାକୁ ୩୧୩ଟି ନୋଡାଲ ସେଣ୍ଟର ବ୍ୟବସ୍ଥା ହୋଇଥିବା ବେଳେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କପି ରୋକିବାକୁ ବୋର୍ଡ ପକ୍ଷରୁ ୪୨ଟି ସ୍ପେସିଆଲ ସ୍କ୍ୱାଡ୍, ୭୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନସ୍ତରରେ ମଧ୍ୟ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ ରହିଥିଲେ। ବୋର୍ଡ ପକ୍ଷରୁ ପ୍ରଥମଥର ପାଇଁ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ସିସି କ୍ୟାମେରାକୁ ୬୦୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲଗାଯାଇଥିଲା। ଲାଇଭ ଷ୍ଟ୍ରିମିଙ୍ଗକୁ ମନିଟରିଂ କରିବା ପାଇଁ ବୋର୍ଡ କାର୍ଯ୍ୟାଳୟରେ ଏକ କମାଣ୍ଡ କଣ୍ଟ୍ରୋଲ ରୁମ ସ୍ଥାପନ ହୋଇଥିଲା। ଆଇଟି ବିଶେଷଜ୍ଞମାନଙ୍କ ସହ ବୋର୍ଡର ଅଧିକାରୀମାନେ ଏହାର ତଦାରଖ କରୁଥିଲେ।

# ବିଜେଡିରେ ମିଶିଲେ ବଣାଇଁ କିଶାନ ସମାଜ ସଭାପତି ଓ ସମ୍ପାଦକ

**ଭୁବନେଶ୍ୱର, ୪।୩ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ କିଶାନ ସମାଜର ସଭାପତି ଓ ସମ୍ପାଦକଙ୍କ ସମେତ ୨ହଜାରରୁ ଉର୍ଦ୍ଧ୍ୱ କର୍ମୀ ଆଜି ଶଙ୍ଖ ଭବନଠାରେ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼ାଇ, ସୁନ୍ଦରଗଡ଼ ଜିଲ୍ଲାର ସହପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ ଓ ବଣାଇଁ

**ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରା ସମସ୍ତଙ୍କୁ ଅନୁପ୍ରାଣିତ କରିଛି**

ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଷ୍ଟାଲିନ ପରିଜାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ କିଶାନ ସମାଜ କର୍ମୀଙ୍କୁ ଶ୍ରୀ ଘଡ଼ାଇ, ଶ୍ରୀ ମଲ୍ଲିକ ଓ ଶ୍ରୀ ପରିଜା ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। କିଶାନ ସମାଜର ଯୋଗଦାନ ଫଳରେ ସୁନ୍ଦରଗଡ଼ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଉପସ୍ଥିତ ନେତୃବୃନ୍ଦ ବିଶ୍ୱାସବ୍ୟକ୍ତ କରିଥିଲେ।



ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ବଣାଇଁ କିଶାନ ସମାଜ ସଭାପତି ରତ୍ନାକର କିଶାନ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶ ସମସ୍ତଙ୍କୁ କିମିଆ କରିଛି। ରାଜ୍ୟର ରୂପାନ୍ତରଣ ବାର୍ତ୍ତା ବିଶ୍ୱ ଦରବାରରେ ପହଞ୍ଚିଛି। ସେଥିପାଇଁ ସାଢ଼େ ଚାରି କୋଟି ଓଡ଼ିଶାବାସୀ ନିଜ ହୃଦୟରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାରେ ପ୍ରଭାବିତ ହୋଇ ଆଜି ଆମେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ। ଦଳ ଆଗକୁ ଯାହା ଦାୟିତ୍ୱ ଦେବ, ତାକୁ ସୂଚାରୁରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଥିଲେ।

ଏହି ମିଶ୍ରଣ ପର୍ବରେ ବଣାଇଁ କିଶାନ ସମାଜ ସମ୍ପାଦକ ଉତ୍ତମ କିଶାନଙ୍କ ସମେତ ଗୋଲବଦନ କିଶାନ, ହରିହର କିଶାନ, ମିଶ୍ର କିଶାନ, ବନେଶ୍ୱର କିଶାନ, ଚରଣ ପ୍ରଧାନ, ପ୍ରାଣକୃଷ୍ଣ କିଶାନ, ମୁନା କିଶାନ, ବାସୁଦେବ କିଶାନ, ରାଧା କିଶାନ, ରଣଜିତ କିଶାନ, ଲକ୍ଷ୍ମୀ କିଶାନ, ମଞ୍ଜୁଲତା କିଶାନ, ଚମ୍ପାବତୀ କିଶାନ, ମାଳତୀ କିଶାନ, ନିରୁପମା କିଶାନଙ୍କ ସହ ଦୁଇ ହଜାରରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ୍ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାନ୍ତିଶୃଙ୍ଖଳାରେ ଓଡ଼ିଶାରେ ସରିବ ନିର୍ବାଚନ

# ଓଡ଼ିଶାରେ ମୁତୟନ ହେବ ୩୫ କମ୍ପାନୀ ବିଏସ୍‌ଏଫ୍ ଯବାନ

**ଭୁବନେଶ୍ୱର, ୪।୩ (ସମିସ):** ଓଡ଼ିଶାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ନିର୍ବାଚନ। ମାଓ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ସୁରକ୍ଷାକୁ ସୁନିଶ୍ଚିତ କରିବେ କେନ୍ଦ୍ରୀୟ ସୁରକ୍ଷାବଳ। ଏହାକୁ ଆହୁରି ଗତିଶୀଳ କରିବା ସହ ମୁକ୍ତ ଓ ଅବାଧ ନିର୍ବାଚନ ଲାଗି ଅଣ୍ଟା ଭିଡ଼ିଛି ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ମାଓ କାର୍ଯ୍ୟକଳାପରେ ଅଙ୍କୁଶ ଲାଗିବ। ମାଓବାଦୀ ସକ୍ରିୟ ରହିଥିବା ଜିଲ୍ଲାଗୁଡ଼ିକରେ ଶାନ୍ତିଶୃଙ୍ଖଳାରେ ସହ ନିର୍ବାଚନ ସାରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ବିଏସ୍‌ଏଫ୍।

**ସ୍ୱାଭିମାନ ଅଞ୍ଚଳକୁ ଜଗିବେ ସ୍ପେଶାଲ ଫୋର୍ସ**

ନିର୍ବାଚନକୁ ଦୃଷ୍ଟିରେ ରଖି ମାଓ ଇଲାକାରେ ସୁରକ୍ଷା ବ୍ୟବସ୍ଥାକୁ ବିଏସ୍‌ଏଫ୍ ପକ୍ଷରୁ କଡାକଡି କରାଯାଇଛି। ସମ୍ବେଦନଶୀଳ ବୁଥ ଓ ନକ୍ସଲ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ଦାୟିତ୍ୱରେ ରହିବ ବିଏସ୍‌ଏଫ୍। ଏହି ସବୁ ଅଞ୍ଚଳରେ ସୁରକ୍ଷିତ ମତଦାନ କରିବା ଲାଗି ବିଏସ୍‌ଏଫ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ବିଏସ୍‌ଏଫ୍ ଡିଆଇଜି ଧୀରେନ୍ଦ୍ର କୁମାର କହିଛନ୍ତି।

ନିର୍ବାଚନ ଲାଗି ଓଡ଼ିଶାରେ ୩୫କମ୍ପାନୀ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯିବ। ଓଡ଼ିଶାର ମାଲକାନଗିରି ଓ କୋରାପୁଟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ ସ୍ପେଶାଲ ଫୋର୍ସ ମୁତୟନ କରାଯିବ। କେକେବିଏନ୍ ବା କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ ମାଓ ସଂଗଠନ ଉପରେ ନଜର ରଖାଯାଇଛି। ମୁକ୍ତ ଓ ଅବାଧ ନିର୍ବାଚନ ହେବ କରିବାକୁ ଲକ୍ଷ୍ୟ ରଖିଛି ବିଏସ୍‌ଏଫ୍। ମାଓ ଅଞ୍ଚଳରେ ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍ ପକ୍ଷରୁ ମିଳିତ ଭାବେ ସୁରକ୍ଷାର ବନ୍ଦୋବସ୍ତ କରାଯାଇଛି। ନିର୍ବାଚନ ସମୟରେ କୌଣସି ପ୍ରକାର ଅପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ନିର୍ବାଚନ କମିସନରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ବିଏସ୍‌ଏଫ୍ ଯବାନମାନେ ବୁଥ୍‌କୁ ଯିବେ। ରାଜ୍ୟ ସରକାରଙ୍କ ସହଯୋଗରେ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ କରାଯିବ ବୋଲି ବିଏସ୍‌ଏଫ୍ ଡିଆଇଜି ଧୀରେନ୍ଦ୍ର କୁମାର ସୂଚନା ଦେଇଛନ୍ତି।

# ଦୁଇ ବର୍ଷରେ ମାଓମୁକ୍ତ ହେବ ଓଡ଼ିଶା

**ଭୁବନେଶ୍ୱର, ୪।୩(ସମିସ):** ଓଡ଼ିଶାରେ ମାଓବାଦୀଙ୍କ ସ୍ଥିତି ଦୁର୍ବଳ। ଆଗାମୀ ୨ବର୍ଷ ମଧ୍ୟରେ ପୂରା ଓଡ଼ିଶା ମାଓମୁକ୍ତ ହେବ। ମାଓ ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁରକ୍ଷା ହେବ ସୁନିଶ୍ଚିତ। ଓଡ଼ିଶାରେ ନକ୍ସଲଙ୍କୁ ମୁକାବିଲା କରିବା ଲାଗି ରାଜ୍ୟ ପୁଲିସ ସହ ମିଶି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)। ସୁରକ୍ଷାକୁ ଆହୁରି ବଢ଼ାଇବା ଲାଗି କନ୍ଧମାଳର ବଡ଼ପାଙ୍ଗୁରେ ବିଏସ୍‌ଏଫ୍‌ର ଏକ ନୂଆ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଏହି ନୂଆ କ୍ୟାମ୍ପ ପ୍ରତିଷ୍ଠା ହେବା ପରେ ମାଓବାଦୀଙ୍କ ଉପରେ ତୀକ୍ଷ୍ଣ ନଜର ରହିବା ସହ ମାଓବାଦୀଙ୍କ ଗତିବିଧି ହ୍ରାସ ହେବ। ଏହି କ୍ୟାମ୍ପ ଛତିଶଗଡ଼ ଓ ଆନ୍ଧ୍ର ସୀମା ପର୍ଯ୍ୟନ୍ତ ସ୍ଥାପନ ହୋଇଛି।



ଓଡ଼ିଶାରେ କେକେବିଏନ୍ ବା କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ କ୍ୟାଡର ଏବେ ସକ୍ରିୟ ରହିଛି। ମାଲକାନଗିରି ଓ କୋରାପୁଟକୁ ମାଓ ମୁକ୍ତ ଆଡ଼କୁ ଗତି କରୁଥିବା ବେଳେ କନ୍ଧମାଳ ଓ ବୌଦ୍ଧରେ ମାଓବାଦୀ ସକ୍ରିୟ ଅଛନ୍ତି। ଏହାକୁ ମୁକାବିଲା ଲାଗି କନ୍ଧମାଳରେ ଦୁଇ ବାଟାଲିୟନ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଓଡ଼ିଶାରେ ସକ୍ରିୟ ରହିଥିବା କେକେବିଏନ୍ ମାଓବାଦୀଙ୍କୁ ଟାର୍ଗେଟ୍ କରିଛନ୍ତି ବିଏସ୍‌ଏଫ୍ ଯବାନ। ଓଡ଼ିଶା ପୁଲିସ ସହାୟତାରେ ଚାଲିଥିବା ଏହି ଅଭିଯାନ ଯୋଗୁଁ ଆଗାମୀ ୨ ବର୍ଷରେ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହେବ ବୋଲି ବିଏସ୍‌ଏଫ୍ ଡିଆଇଜି ଧୀରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂଆ ଯୋଜନାଗୁଡ଼ିକୁ ନକ୍ସଲଗଡ଼ରେ ଲୋକଙ୍କ ପାଖରେ ପହଞ୍ଚାଇବାର ଦାୟିତ୍ୱ ନେଇଛି ବିଏସ୍‌ଏଫ୍। ସରକାରଙ୍କ ବିକାଶ ଓ ଜନକଲ୍ୟାଣକାରୀ ଯୋଜନା ଅଧୀନରେ ମାଓବାଦୀମାନେ ମୁଖ୍ୟସ୍ରୋତକୁ ଫେରୁଥିବା ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ସେହିପରି ମାଓ ଅଞ୍ଚଳରେ ରହୁଥିବା ଲୋକଙ୍କୁ ବୁଝାସୁଝା କରାଯିବା ସହ କାଉନସେଲିଂ କରାଯାଉଛି। ନିଯୁକ୍ତିମେଳା କରି ମାଓ ଅଞ୍ଚଳର ଲୋକଙ୍କୁ ଚାକିରି ଦେବା କ୍ଷେତ୍ରରେ ବିଏସ୍‌ଏଫ୍ ପକ୍ଷରୁ କାର୍ଯ୍ୟ ଜାରି ରହିଛି।

ବଡ଼ପାଙ୍ଗୁ ପ୍ରତିଷ୍ଠା ହୋଇଥିବା ଅପରେଟିଂ ବେସ୍ କ୍ୟାମ୍ପ ଜଙ୍ଗଲ ମୁଖ୍ୟାଳୟଠାରୁ ୪୫

**ବଡ଼ପାଙ୍ଗୁରେ ବିଏସ୍‌ଏଫର ନୂଆ କ୍ୟାମ୍ପ**

କିଲୋମିଟର ଅବସ୍ଥିତ ହୋଇଛି। ଏହି ନୂଆ କ୍ୟାମ୍ପ ପ୍ରତିଷ୍ଠା ଅବସରରେ ସେଠାରେ ଜାତୀୟ ପତାକା ଉଡ଼ିଛି। ଏହି ପ୍ରତିଷ୍ଠା ସମାରୋହରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ବଡ଼ପାଙ୍ଗୁ, ସେଲିନି, ଜାଲାପଦର, ନେଦିପଦର, ବେକେପଙ୍ଗା ଏବଂ ସାଲୁଗୁଡାର ୨୩୫ଜଣ ଆଦିବାସୀ ଲୋକେ ଉପସ୍ଥିତ ରହିଥିଲେ। ସେମାନଙ୍କୁ କମ୍ବଳ, ପୋଷାକ, କ୍ରୀଡା ଉପକରଣ, ଔଷଧ ଆଦି ବଣ୍ଟନ କରାଯାଇଥିଲା।

# ୧୨ ପରେ ୪୦ ଡିଗ୍ରୀ ଛୁଇଁବ ତାତି

■ **ଭୁବନେଶ୍ୱର, ୪।୩ (ସମିସ):** ରାଜ୍ୟରେ ତାପମାତ୍ରା ବୃଦ୍ଧି ଜାରି ରହିଛି। ଗତ ଦୁଇ ଦିନ ମଧ୍ୟରେ ତାପମାତ୍ରା ପୁଣିଥରେ ଉପରମୁହାଁ ହୋଇଛି। ସୋମବାର ରାଜ୍ୟର ୮ ସହରରେ ତାପମାତ୍ରା ୩୬ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୩୭ ଡିଗ୍ରୀ ସହ ନୟାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ଏହି ସ୍ଥିତି ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡ଼ିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଭବାନୀପାଟଣାରେ ୩୬.୨, ବଲାଙ୍ଗିର ୩୬, ଟିଟଲାଗଡ଼ ୩୬.୫, ମାଲକାନଗିରି ୩୬.୬, ସୋନପୁର ୩୬.୩, ପାରଳାଖେମୁଣ୍ଡି ଓ ଢେଙ୍କାନାଳରେ ତାପମାତ୍ରା ୩୬ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି।

ଅନ୍ୟପଟେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାକୁ ଥିବା ବେଳେ ୧୨ତାରିଖ ପରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇବ। ସମ୍ଭବତଃ ଏହା ପରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ। ବର୍ତ୍ତମାନ ରାଜ୍ୟ ଉପରେ ପଶ୍ଚିମା ଝଡ଼ର ପ୍ରଭାବ ରହୁଛି। ଫଳରେ ଦିନେ ଦୁଇଦିନ ଅନ୍ତରରେ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଭଳି ସ୍ଥିତି ଯୋଗୁଁ ତାପମାତ୍ରା ବିଶେଷ ଭାବେ ବୃଦ୍ଧି ହୋଇପାରୁନାହିଁ। କିନ୍ତୁ ୧୨ତାରିଖ ପରେ ପଶ୍ଚିମାଝଡ଼ର ପ୍ରଭାବ ହ୍ରାସ ହେବା ସହ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଗରମ ଓ ଶୁଷ୍କବାୟୁ ପ୍ରବାହିତ ହେବ। ଏହା ସହ ନିର୍ମଳ ଆକାଶ ଯୋଗୁଁ ଟାଣ ଖରା ଅନୁଭୂତ ହୋଇ ତାପମାତ୍ରା ବୃଦ୍ଧି କରିବା ପାଇଁ ପାଗ ଅନୁକୂଳ କରାଇବ।


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-250 ♦BHUBANESWAR ♦TUESDAY ♦5 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୦ ♦ଭୁବନେଶ୍ୱର ♦ମଙ୍ଗଳବାର ♦୫ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



ସତ୍ୟମେବ ଜୟତେ
ଭାରତ ସରକାର

## ବିକଶିତ ଭାରତ, ବିକଶିତ ଓଡ଼ିଶା

## ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



### ଓଡ଼ିଶା ପାଇଁ ୨୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିବିଧ ବିକାଶୋନ୍ମୁଖୀ ପ୍ରକଳ୍ପର ଉପହାର

**ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ**

- ବାଂଶପାଣି-ଦୈତାରୀ-ଟମ୍‌କା-ଯଖପୁରା ରେଳ ଲାଇନ୍ (୧୬୨ କିମି)
- ୧୦୪.୧୭୬ କିମି ପାଇଁ ୪୯ନଂ ଜାତୀୟ ରାଜପଥର ସିଙ୍ଗଡ଼ା-ବିଞ୍ଝାବାହାଲ ସେକ୍ସନ ୪ ଲେନ୍
- ୬୮.୩୧୮ କିମି ପାଇଁ ୪୯ନଂ ଜାତୀୟ ରାଜପଥର ବିଞ୍ଝାବାହାଲ-ତିଲେଇବଣୀ ସେକ୍ସନ ଯାଏ ୪ ଲେନ୍
- ୫୬.୭୮୮ କିମି ପାଇଁ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ଯାଏ ୬ ଲେନ୍
- ୮୧.୨୬ କିମି ପାଇଁ ୧୮ନଂ ଜାତୀୟ ରାଜପଥର ବାଲେଶ୍ୱର-ଝାରପୋଖରିଆ ସେକ୍ସନ ଯାଏ ୪ ଲେନ୍
- ଖୋର୍ଦ୍ଧା ରୋଡ୍-ବାରଙ୍ଗର ତୃତୀୟ ରେଳ ଲାଇନ୍ (୩୨.୩୪କିମି)
- ଗଞ୍ଜାମରେ ଦିନକୁ ୫୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ସମୁଦ୍ର ଜଳରୁ ଲବଣ ଅପସାରଣ ପ୍ଲାଣ୍ଟ

**ଶିଳାନ୍ୟାସ**

- ୭୭ କିମି ପାଇଁ ୫୩ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ପାରାଦୀପ ସେକ୍ସନ ଯାଏ ୮ ଲେନ୍
- ୨୦ନଂ ଜାତୀୟ ରାଜପଥର ୦ରୁ ୩୫.୮୦୦ କିମି ୪ଏଲ୍+ପିଏସ୍ /୨ଏଲ୍+ ପିଏସ୍ (କୁଆଖିଆ- ମଙ୍ଗଳପୁର ସେକ୍ସନ)
- ନର୍ଲାଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡିକାଲ ଓଭରହୋଲିଙ୍ଗ ୱାର୍କସପ୍
- କଣ୍ଟାବାଞ୍ଜିରେ ୱାଗନ୍ ପିରିଓଡିକାଲ୍ ଓଭରହୋଲିଙ୍ଗ ୱାର୍କସପ୍
- ବାଘୁଆପାଳରେ ୱାଗନ ରକ୍ଷଣାବେକ୍ଷଣ ସୁବିଧାକେନ୍ଦ୍ର

**ଉଦ୍‌ଘାଟନ**

- ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ପାରାଦୀପ ବିଶୋଧନାଗାରରେ ମୋନୋ ଇଥିଲିନ୍ ଗ୍ଲାଇକୋଲ୍(ଏମ୍‌ଇଜି) ପ୍ରକଳ୍ପ
- ଇଣ୍ଡିଆନ୍ ଅଏଲ୍‌ର ପାରାଦୀପ-ସୋମନାଥପୁର-ଦଳଦିଆ ପ୍ରକଳ୍ପ ପାଇପ୍‌ଲାଇନ୍
- ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ଏଲପିଜି ଆମାଦାନୀ ଟର୍ମିନାଲ୍
- କଳିଙ୍ଗ ନଗର ଅଞ୍ଚଳରେ କୋନ୍‌କୋର୍ କଣ୍ଟେନର୍ ଡିପୋଟ୍

**ଶୁଭାରମ୍ଭ**

- କେନ୍ଦୁଝରଗଡ଼ ଷ୍ଟେସନରୁ ପୁରୀ-ଆନନ୍ଦବିହାର ଟର୍ମିନାଲ୍ ମଧ୍ୟରେ ନୂଆ ଟ୍ରେନ୍
- ପାରାଦୀପ ଷ୍ଟେସନରୁ ପାରାଦୀପ-କେନ୍ଦୁଝରଗଡ଼ ମଧ୍ୟରେ ନୂଆ ଟ୍ରେନ୍
- ଏମ୍‌ଏମ୍‌ଏଲ୍‌ପି ଯାଜପୁର, ଓଡ଼ିଶାରୁ ଆଇସିଡି ଦାଦରୀ, ଉତ୍ତରପ୍ରଦେଶରୁ କଣ୍ଟେନର୍ ଟ୍ରେନ୍

**ପ୍ରକଳ୍ପର ଲାଭ**

- ଆତ୍ମନିର୍ଭରତା ଏବଂ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନ ଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ
- ୬୦ ଲକ୍ଷ ଶ୍ରମଦିବସର ନିଯୁକ୍ତି ସୃଷ୍ଟି
- ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ମଧ୍ୟରେ ଉନ୍ନତ ଯୋଗାଯୋଗ
- କ୍ଷେତ୍ରୀୟ ବ୍ୟବସାୟ ଏବଂ ଔଦ୍ୟୋଗିକ ଅଭିବୃଦ୍ଧି ନିମନ୍ତେ ଉତ୍ତମ ରେଳ ଯୋଗାଯୋଗ
- ପାରାଦୀପ ବନ୍ଦରକୁ ଉନ୍ନତ ଯୋଗାଯୋଗ

## ଶ୍ରୀ ନରେନ୍ଦ୍ର ମୋଦୀ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କରକମଳରେ

**ଗରିମାମୟ ଉପସ୍ଥିତି**

**ଶ୍ରୀଯୁକ୍ତ ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ଶ୍ରୀଯୁକ୍ତ ବିଶ୍ୱେଶ୍ୱର ଟୁଡୁ**
ଜନଜାତୀୟ କାର୍ଯ୍ୟ ଏବଂ ଜଳଶକ୍ତି ରାଜ୍ୟ ମନ୍ତ୍ରୀ

**ଚଣ୍ଡୀଖୋଲ, ଓଡ଼ିଶା, ମଙ୍ଗଳବାର, ୫ ମାର୍ଚ୍ଚ, ୨୦୨୪, ଅପରାହ୍ନ ୦୩:୧୫ ଘଟିକା**






DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ




## ବିଦ୍ୟୁତ୍ ଆଘାତରେ ହେଲ୍‌ପର୍ ଗୁରୁତର

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ

ଦଶରଥପୁର, ୪।୩(ସମିସ)

ଟିପିଏନ୍‌ଓଡିଏଲ୍‌ରେ ହେଲ୍‌ପର ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକ ବିଦ୍ୟୁତ ମରାମତି ପାଇଁ ବିଦ୍ୟୁତ ଖୁଣ୍ଟରେ ଚଢ଼ିଥିବାବେଳେ ବିଦ୍ୟୁତ୍ ଆଘାତରେ ଗୁରୁତର ଭାବେ ଆହତ ହୋଇଥିବା ଜଣାଯାଇଛି। କ୍ଷତିପୂରଣ ଦାବିରେ

**● ପ୍ରତିଶ୍ରୁତି ପରେ ଅବରୋଧ ପ୍ରତ୍ୟାହାର**

ଗ୍ରାମବାସୀ ରାସ୍ତାରୋକ କରିଥିଲେ। ତେବେ ପ୍ରତିଶ୍ରୁତି ପରେ ଅବରୋଧ ପ୍ରତ୍ୟାହାର ହୋଇଥିବା ଜଣାଯାଇଛି।

ସୂଚନା ମୁତାବକ, ଦଶରଥପୁର ବ୍ଲକ ଗୋପାଳପୁର ଗ୍ରାମର ମିର ଭାନୁଙ୍କ ପୁଅ ମିର ରୋସନ୍ (୩୬) ଦଶରଥପୁର ବିଦ୍ୟୁତ ଉପଖଣ୍ଡ ଅଧୀନ ଅହିୟାସ୍ ସେକ୍‌ସନ୍‌ରେ ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। ସୋମବାର ଜିଲ୍ଲାରେ କାର୍ଯ୍ୟରତ ଲାଇନ୍‌ମ୍ୟାନ ଜାତୀୟ ଲାଇନ୍‌ମ୍ୟାନ ଦିବସ ପାଳନ ଉପଲକ୍ଷେ କାର୍ଯ୍ୟକ୍ଷେତ୍ରରୁ ବିରତ ଥିବାବେଳେ ହେଲ୍‌ପର ମିର ରୋସନ ଜୟନ୍ତରା ଗ୍ରାମରେ ଅଚଳ ହୋଇପଡ଼ିଥିବା





ବିଦ୍ୟୁତ ଟ୍ରାନ୍ସଫର୍ମର ମରାମତି କରିବାକୁ ଟ୍ରାନ୍ସଫର୍ମ ବସିଥିବା ଖୁଣ୍ଟ ଉପରକୁ ଚଢ଼ିଥିଲେ। ଟ୍ରାନ୍ସଫର୍ମରରେ ସଂଯୋଗ ହୋଇଥିବା ବିଦ୍ୟୁତ ତାରକୁ ଛୁଇଁବା କ୍ଷଣି ଆଘାତ ଲାଗି ରୋସନଙ୍କ ଦୁଇ ହାତ, ପାଦ ଜଳିଯିବା ସହିତ ସେ ଖୁଣ୍ଟରୁ ତଳେ ପଡ଼ିଯାଇଥିଲେ। ତାଙ୍କୁ ଜୟନ୍ତରା ଗ୍ରାମବାସୀ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ କଟକ ମେଡିକାଲକୁ ପଠାଯାଇଥିଲା। ରୋସନ ଗୁରୁତର ଥିବା ଜାଣି ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଦିନ ୨ଟାଠାରୁ ୨୦ନଂ. ଜାତୀୟ ରାଜପଥର କାଟିଆ ଛକରେ ରାସ୍ତା ଅବରୋଧ କରିବା ସହିତ ଟିପିଏନ୍‌ଓଡିଏଲ୍ କର୍ତ୍ତୃପକ୍ଷ ରୋସନଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁଁ ସନ୍ଧ୍ୟା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଖବର ପାଇ ଦଶରଥପୁର ତହସିଲଦାର ବିକ୍ରମ କିଶୋର ପରିଡ଼ା ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ଅଡ଼ି ବସିଥିଲେ। ଶେଷରେ ରୋଶନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ ସହିତ ଘଟଣାର ବିଭାଗୀୟ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରେଧ ହଟିଥିଲା। ଏ ସମ୍ପର୍କରେ ଦଶରଥପୁର ବିଦ୍ୟୁତ ଉପଖଣ୍ଡ ଅଧିକାରୀ ମନୋଜ ସ୍ୱାଇଁଙ୍କୁ ପଚାରିବାରୁ ସେ ରୋସନଙ୍କ ଆଘାତକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ରୋସନ ଦୁଇବର୍ଷ ହେବ ହେଲ୍‌ପର ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କର ଭଲ ଅଭିଜ୍ଞତା ଥିଲା। ସେ କେଉଁ ପରିସ୍ଥିତିରେ ଖୁଣ୍ଟ ଉପରକୁ ଚଢ଼ିଥିଲେ ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

**● ମାଟ୍ରିକ୍ ପରୀକ୍ଷା ଶେଷ ଦିବସରେ ବିଭ୍ରାଟ**

# କପି ଧରି ହଟହଟା ହେଲେ ଶିକ୍ଷୟିତ୍ରୀ

**ଚଢ଼େଇଧରା, ୪।୩ (ସମିସ):** ଧର୍ମଶାଳା ଶିକ୍ଷା ମଣ୍ଡଳ ଅଧୀନ ପଞ୍ଚାୟତ ହାଇସ୍କୁଲ ଅଣ୍ଟିଆ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଥିଲା। ତେବେ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାରତୀ ସାହୁ ସରକାରଙ୍କ ନିୟମକୁ ମାନି ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ଯେଉଁ କକ୍ଷରେ ଆଜି ପରୀକ୍ଷା ପରିଚାଳନା କରୁଥିଲେ, ସେହି କକ୍ଷରେ ପିଲାଙ୍କୁ ସୁବିଧା ଦେବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିବା ଶିକ୍ଷୟିତ୍ରୀ ଭାରତୀ ଅଭିଯୋଗ କରିଛନ୍ତି। ସେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, କେନ୍ଦ୍ର ନିୟନ୍ତ୍ରକ କୌଣସି ପ୍ରକୋଷ୍ଠରେ ଉତ୍ତର ନ ଡାକି ଦେବାକୁ ନିର୍ଦ୍ଦେଶ ଦେଇଥିବାବେଳେ ୪ନଂ କକ୍ଷରେ ଖେଳ ଶିକ୍ଷକ ପ୍ରବେଶ କରି ପିଲାଙ୍କୁ କିଛି ପ୍ରଶ୍ନର ଉତ୍ତର ଡାକି ଦେଇଥିଲେ। ଯାହାକୁ ସେ ପ୍ରତିବାଦ କରିଥିଲେ। ଏପରିକି କପି ହେଉଥିବା ସେ ପରୀକ୍ଷା କେନ୍ଦ୍ର ପରିଚାଳକ (ସୁପରିଟେଣ୍ଡେଣ୍ଟ)ଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଯଦି ସେ କାର୍ଯ୍ୟାନୁଷ୍ଠାନ କରିଥାନ୍ତେ ତେବେ ଏକାଧିକ ପିଲା ମାଲ୍ ପ୍ରାକ୍ଟିସର ଶିକାର ହୋଇଥାନ୍ତେ। ପରୀକ୍ଷା ସରିବା ପରେ କିଛି ଛାତ୍ରଛାତ୍ରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁଙ୍କ ବିରୁଦ୍ଧରେ ଅଶାଳୀନ ବ୍ୟବହାର କରି ହୋ-ହାଲ୍ଲା କରିଥିଲେ। ଖବର ପାଇ ଜେନାପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପିଲା ଓ ଅଭିଭାବକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ଭାରତୀ ସେଭଳି କିଛି କହି ନ ଥିବା ଓ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରି ଅସୁବିଧାରେ ପକାଇବାକୁ ଚେଷ୍ଟା କରାଯାଉଥିବା କହିବା ସହିତ ଆପୋଷ ବୁଝାମଣାରେ ଭୁଲ ସ୍ୱିକାର କରିଥିବା ଅଭିଭାବକ କହିଥିଲେ। ତହସିଲଦାର ମଧ୍ୟ ଉକ୍ତ ଶିକ୍ଷୟିତ୍ରୀଙ୍କ ସହିତ ଆଲେଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲା ଶିକ୍ଷାଧିକାରୀ କେନ୍ଦ୍ରରେ ଲାଗିଥିବା ସିସି ଟିଭି ଆଧାରରେ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ବାସ୍ତବ ସତ୍ୟ ପଦାକୁ ଆସିପାରିବ।

# ପାନ ଦୋକାନକୁ ଧକ୍କା ଦେଲା କାର୍, ଜଣେ ଆହତ



**ଯାଜପୁର, ୪।୩ (ସମିସ):** ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର କୁଆଖିଆ-ବରୁଆଁ ରାସ୍ତା ମଧ୍ୟରେ ମହେଶ୍ୱରପୁର ମଟନ ଛକ ନିକଟରେ ଏକ କାର୍ ପାନ ଦୋକାନର ସମ୍ମୁଖ ଭାଗରେ ଧକ୍କାଦେବା ଫଳରେ ଜଗଦୀଶପୁର ଗ୍ରାମର ଲକ୍ଷ୍ମଣ ବେହେରା (୬୫) ଗୁରୁତର ଆହତ ହୋଇଛନ୍ତି। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଲକ୍ଷ୍ମଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଆଜି ଅପରାହ୍ଣରେ କୁଆଖିଆ ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ମଟନ ଛକ ମୋଡ଼ାଣିରେ ଗାଡ଼ି ବୁଲାଇ ନ ପାରିବାରୁ ସେଠାରେ ଥିବା ପ୍ରଭାତ ପାନ ଦୋକାନରେ ଧକ୍କା ହୋଇଥିଲା। କାର୍‌ଟି ଧକ୍କା ହେବା ପରେ ଚାଳକ ଉକ୍ତ ସ୍ଥାନରୁ ଫେରାର ହୋଇଥିବା ଜଣାପଡ଼ିଛି। ଖବର ପାଇ ସଦର ଥାନା ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି କାର୍‌କୁ ଜବତ କରି ଥାନାରେ ଅଟକ ରଖିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

**■ ନୀଳାଚଳ ବିସ୍ଥାପିତଙ୍କ ଆନ୍ଦୋଳନ**

# ସାମିଲ ହେଲା ବିସ୍ଥାପନ ବିରୋଧୀ ଜନମଞ୍ଚ



**ଦାନଗଦି, ୪।୩(ସମିସ):** ନୀଳାଚଳ ବାସଚ୍ୟୁତ ପରିବାର ପକ୍ଷରୁ କାରଖାନା ସମ୍ମୁଖରେ ଚାଲିଥିବା ଧାରଣାରେ ସୋମବାରଠାରୁ ସୁକିନ୍ଦା ବିସ୍ଥାପନ ବିରୋଧୀ ଜନମଞ୍ଚ ସାମିଲ ହୋଇଛି। ଅପରାହ୍ଣରେ ସୁକିନ୍ଦାର ଏକାଧିକ ସଂଗଠନ ସହିତ ଜନମଞ୍ଚ ସଦସ୍ୟ ଆନ୍ଦୋଳନ ସ୍ଥଳରେ ପହଞ୍ଚି ସେଠାରେ ବସିବା ସହିତ ସବୁ ପ୍ରକାର ସମର୍ଥନ ଦେବାକୁ ଘୋଷଣା କରିଛି। ଏ ଅବସରରେ କାରଖାନା ସମ୍ମୁଖ ରାସ୍ତାରେ ବୈଠକରେ ସୁକିନ୍ଦା ଭୂମି ମୁକ୍ତି ସଂଗଠନର ଉପଦେଷ୍ଟା ଆବାହକ କ୍ଷୀରୋଦ ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜନମଞ୍ଚ ସଭାପତି ରବୀନ୍ଦ୍ର ଜାରିକା, ଉପସଭାପତି ସନିଆ ତିରିଆ, ବରିଷ୍ଠ ସଭ୍ୟ ନଟି ଆଙ୍ଗରାଇ, ମହୀରାମ ପୂର୍ତ୍ତି, ହିନ୍ଦୁରାମ ଜାମୁଦା, ସିନି ସଏ, ସ୍ୱର୍ଣ୍ଣଲତା ବାନରା, ୨୯ ମୌଜା ଭୂମି ମୁକ୍ତି ସଂଗଠନର ଆବାହକ ବିଶ୍ୱରଞ୍ଜନ ସ୍ୱାଇଁ, ଆଦିବାସୀ ନେତା ଚକ୍ରଧର ଆଲଡା, ହରିଶ ହାଇବ୍ରୁ, କଳିଙ୍ଗନଗର ଠିକା ଶ୍ରମିକ ସାମ୍ମୁଖ୍ୟ ସଭାପତି ସୁଧାଂଶୁ ସାହୁ ପ୍ରମୁଖ ସାମିଲ ରହି ବାସଚ୍ୟୁତଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀଙ୍କୁ କାରଖାନାରେ ନିଯୁକ୍ତି ନ ଦେଲେ କାରଖାନାକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ।

ଅନ୍ୟପକ୍ଷରେ ଟାଟା କାରଖାନାଠାରୁ ସଂସାଇଲୋ ପର୍ଯ୍ୟନ୍ତ ଭୂତଳ ରେଳ ପ୍ରକଳ୍ପକୁ ବନ୍ଦ କରିବା ଓ ନୀଳାଚଳ ବାସଚ୍ୟୁତଙ୍କ ଦାବି ଅବିଳମ୍ବେ ପୂରଣ କରିବା ପ୍ରଭୃତି ଦାବି ପୂରଣ ନ ହେଲେ ଯେଉଁ ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରେ ସାମିଲ ଆଦିବାସୀ ନେତା ଚେତାବନୀ ଦେଇଥିଲେ। ବିସ୍ଥାପିତ ପରିବାର ଲୋକେ ମୃତ୍ୟୁବରଣ କଲେ ସେମାନଙ୍କ ଉତ୍ତରାଧିକାରୀଙ୍କୁ କାରଖାନାରେ ସ୍ଥାୟୀ ନିଯୁକ୍ତି ମିଳୁନି। ଯାହାକି ବିସ୍ଥାପିତ ପରିବାର ଲୋକେ ଏସବୁ ଦାବିକୁ ନେଇ କାରଖାନାର ଫାଟକ ସମ୍ମୁଖରେ ଦୀର୍ଘ ୨୫ ଦିନ ହେଲା ଧାରଣାରେ ବସିରହିଛନ୍ତି। ତେବେ କାରଖାନା କର୍ତ୍ତୃପକ୍ଷ ଏଯାଏ କର୍ଣ୍ଣପାତ କରୁନାହାନ୍ତି।

DADLS-99



ଓଡ଼ିଶା ସରକାର
ମହାନ ଜନନାୟକ
ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ଏବଂ
ପଞ୍ଚାୟତିରାଜ ଓ ଲୋକସେବା ଦିବସ
ତା.୦୫.୦୩.୨୦୨୪
ଜୟଦେବ ଭବନ, ଭୁବନେଶ୍ୱର

ପୂର୍ବାହ୍ନ ୧୧ ଘଟିକା : ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତଙ୍କ ଦ୍ୱାରା ଉଦ୍‌ଘାଟନ ।

ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଭାପତି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ସମ୍ମାନନୀୟ ଅତିଥି ବୃନ୍ଦ – ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ସୁଲୋଚନା ଦାସ, ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ସୁଶୀଳ କୁମାର ଲୋହାନୀ, ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂହ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ

ସାଂସ୍କୃତିକ କାର୍ଯ୍ୟକ୍ରମ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ବିଭିନ୍ନ ପୁରସ୍କାର ପ୍ରଦାନ ଏବଂ ୱେବ୍ ଆପ୍‌ର ଲୋକାର୍ପଣ
ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଓ ସାଥୀ 'ମୋକ୍ଷ ରିଦମ୍ ଏଣ୍ଡ ର୍ୟାମ୍' ନୃତ୍ୟ ଦଳ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିବେଦକ
ନିର୍ଦ୍ଦେଶକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR - 15001/13/0643/2324

সকাল
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

# ଡିଲ୍ ବେଳେ ଶିକାରୀକୁ ମାଡ଼ି ବସିଲା ଏସ୍‌ଟିଏଫ

**କଳାରାପତରିଆ ବାଘଛାଲ ଜବତ**

**ଭୁବନେଶ୍ୱର/ଫୁଲବାଣୀ, ୪।୩(ସମିସ):** ବାଘଛାଲ ଡିଲ୍ ବେଳେ ଜଣେ ଶିକାରୀକୁ ମାଡ଼ି ବସିଛି ଏସ୍‌ଟିଏଫ୍। କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ମଣିପଦର ଅଞ୍ଚଳରେ ଗତ ରବିବାର ରାତିରେ ଚଢ଼ଉ କରି ଜଣେ ବନ୍ୟଜନ୍ତୁ ତସ୍କରକୁ ଗିରଫ କରିଛି। ତା' ନିକଟରୁ ଗୋଟିଏ ବାଘଛାଲ ଓ ୫ ହଜାର ୫୦୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲା ଫିରିଙ୍ଗିଆ ଥାନା ଅଧୀନ କୁର୍କଣାପାଲୀର ବେଲାରସେନ କହଁର। ଅଭିଯୁକ୍ତକୁ ଏସ୍‌ଟିଏଫ୍ ସୋମବାର ଫୁଲବାଣୀ ଅଦାଲତରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ, ଅଭିଯୁକ୍ତ ଏକ ବାଘଛାଲ ଚାଲାଣ କରିବାକୁ ଜଣେ ବ୍ୟକ୍ତଙ୍କ ସହ ଡିଲ୍ କରୁଥିଲେ। ଏସ୍‌ଟିଏଫ ବିଶେଷ ସୂତ୍ରରୁ ଖବର ପାଇ ଫିରିଙ୍ଗିଆ ଥାନା ଅଞ୍ଚଳରେ ପହଞ୍ଚି ଥିଲା। ସ୍ଥାନୀୟ ପୁଲିସ ସହାୟତାରେ ଅଭିଯୁକ୍ତକୁ ଧରିବା ପାଇଁ ଯୋଜନା କରିଥିଲା। ବିଳମ୍ବିତ ରାତିରେ ସେ ବାଘଛାଲ ଧରି ଚାଲାଣ କରିବା ଲାଗି ଯାଉଥିବା ବେଳେ ଏସ୍‌ଟିଏଫ ତାକୁ କାବୁ କରିଥିଲା। ଯାଞ୍ଚ କରିବା ପରେ ତା' ନିକଟରୁ ବାଘଛାଲ ମିଳିଥିଲା। ପରେ ତାକୁ ନିଜ ହେପାଜତକୁ ନେଇ ତଦନ୍ତକାରୀ ଦଳ ପଚରାଉଚରା କରିଥିଲା। ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବାକୁ ତନାଘନା କରୁଛି।

◆VOLUME- 41 ◆ISSUE-250 ◆BHUBANESWAR ◆TUESDAY ◆5 MARCH 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୫୦ ◆ଭୁବନେଶ୍ୱର ◆ମଙ୍ଗଳବାର ◆୫ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦



ମୁଁ ଯେମିତି ଓଡ଼ିଶାକୁ ଭଲପାଏ, ମୋତେ ସେମିତି ଅତି ନିବିଡ଼ ଭାବରେ ଭଲପାଏ ଓଡ଼ିଶା।
-ବିଜୁ ପଟ୍ଟନାୟକ



ସକାଳ
THE SAKALA

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ବିଧାୟକ ଓ ସାଂସଦଙ୍କ ସ୍ୱାଧୀନତା ନିୟନ୍ତ୍ରିତ

ବିଧାୟକ ଓ ସାଂସଦଙ୍କ ଭଳି ଲୋକପ୍ରତିନିଧିମାନଙ୍କ ବୈଧାନିକ ସୁରକ୍ଷା ସମ୍ପର୍କରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୋମବାର ଏକ ଐତିହାସିକ ରାୟ ଦେଇଛନ୍ତି। ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ସାତଜଣିଆ ସମ୍ବିଧାନ ପୀଠ ଦେଇଥିବା ଏହି ରାୟରେ କୁହାଯାଇଛି ଯେ ବିଧାୟକ ଓ ସାଂସଦମାନେ ଲାଞ୍ଚ ଗ୍ରହଣ କରି ସଦନରେ କାହା ସପକ୍ଷରେ କହିଲେ ବା ଭୋଟ୍ ଦେଲେ ସେ କ୍ଷେତ୍ରରେ ସେମାନଙ୍କୁ ଆଇନଗତ ସୁରକ୍ଷା ବା 'ଇମ୍ୟୁନିଟି' ମିଳିବ ନାହିଁ। ସେମାନେ ଏମିତି କାର୍ଯ୍ୟରେ ଲିପ୍ତ ହେଲେ ସେମାନଙ୍କ ବିରୋଧରେ ଲାଞ୍ଚ ଗ୍ରହଣ ଅଭିଯୋଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ।

ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ସାତଜଣିଆ ସମ୍ବିଧାନ ପୀଠ ୨୦୨୩ ଅକ୍ଟୋବର ୫ରେ ଶେଷ କରି ରାୟ ପ୍ରକାଶକୁ ସ୍ଥଗିତ ରଖିଥିଲେ ଏବଂ ସୋମବାର ଏହା ପ୍ରକାଶ କରାଯାଇଛି। ଏହି ରାୟର ଗୁରୁତ୍ୱ ଯଥେଷ୍ଟ ପ୍ରଭାବଶାଳୀ ଏବଂ ଆମ ଲୋକପ୍ରତିନିଧିଙ୍କ ଆଚରଣ ଏବଂ ଆଇନଗତ ସୁରକ୍ଷାକୁ ଏଣିକି ପ୍ରଭାବିତ କରିବ। ଏ କ୍ଷେତ୍ରରେ ସେମାନଙ୍କର ନିରଙ୍କୁଶତା ଓ ଆଇନଗତ ସୁରକ୍ଷା ଢାଲର ଅବସାନ ଘଟିଛି।

ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦ ଓ ବିଧାନସଭାର କାର୍ଯ୍ୟ ସହିତ ସମ୍ପର୍କ ନଥିବା କୌଣସି ପ୍ରସଙ୍ଗରେ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କୁ ବିଶେଷାଧିକାର ବା ସୁରକ୍ଷା (ପ୍ରିଭିଲେଜ) ଦିଆଗଲେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି ହେବ। ଏହା ଫଳରେ ଦେଶର ଆଇନକାନୁନ ସେମାନଙ୍କ ପ୍ରତି ଲାଗୁ ହେବ ନାହିଁ ଏବଂ ସେମାନେ ଆଇନକାନୁନର ପ୍ରୟୋଗ କ୍ଷେତ୍ରରେ ନିରଙ୍କୁଶ ରିହାତି ବା ଛାଡ଼ ପାଇବେ। ଏହାର ଅର୍ଥ ଦେଶର ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ କେହି ଆଇନ ବହିର୍ଭୂତ କାର୍ଯ୍ୟ କଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ବାଧ୍ୟ।

ସୁପ୍ରିମକୋର୍ଟ ଆହୁରି ସ୍ପଷ୍ଟ କରି ଦେଇଛନ୍ତି ଯେ ରାଜ୍ୟସଭା, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଦିରେ ଯେଉଁ ସଂସଦୀୟ ବିଶେଷାଧିକାର ବା ପାର୍ଲାମେଣ୍ଟାରୀ ପ୍ରିଭିଲେଜ୍ ରହିଛି, ତାହା ଏଣିକି ସାଂବିଧାନିକ ବ୍ୟବସ୍ଥାର ଅଧୀନକୁ ଆସିବ।

ଏହି ମାମଲାରେ ସଂସଦୀୟ ବିଶେଷାଧିକାରର ସୁରକ୍ଷା ପାଇଁ ଦେଶର ବହୁ ନାମୀ ଦାମୀ ଆଇନଜ୍ଞ ସୁପ୍ରିମକୋର୍ଟରେ ଦୁଇଦିନ ଧରି ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ସମ୍ବିଧାନ ପୀଠ ଏସବୁ ଯୁକ୍ତି ଶୁଣିବା ପରେ ନିଜର ରାୟକୁ ସ୍ଥଗିତ ରଖିଥିଲେ ଏବଂ ଶେଷରେ ତାହା ସାର୍ବଜନୀନ ହୋଇଛି। ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପୃଷ୍ଠଭୂମି ରହିଛି। ୧୯୯୮ରେ ପି ଭି ନରସିଂହ ରାଓ ବନାମ ସିବିଆଇ ମାମଲାରେ ସୁପ୍ରିମକୋର୍ଟର ପାଞ୍ଚଜଣିଆ ସମ୍ବିଧାନ ପୀଠ ସଂଖ୍ୟାଗରିଷ୍ଠ ରାୟରେ କହିଥିଲେ ଯେ ସାଂସଦ ଓ ବିଧାୟକମାନେ ସଂସଦରେ ନିଜର ଭାଷଣ, ଭୋଟଦାନ ଭଳି ପ୍ରସଙ୍ଗରେ ସୁରକ୍ଷାର ବିଶେଷାଧିକାର ପାଇବାକୁ ହକ୍‌ଦାର। ସମ୍ବିଧାନର ଧାରା ୧୦୫ (୨) ଓ ୧୯୪ (୨)ରେ ସେମାନଙ୍କୁ ଏହି ଅଧିକାର ଓ ସୁରକ୍ଷା ପ୍ରଦାନ କରାଯାଇଛି। ତେଣୁ ସେମାନେ ସଦନରେ କ'ଣ କହିଲେ, କାହାକୁ ଭୋଟ ଦେଲେ ସେ ପ୍ରସଙ୍ଗକୁ ନେଇ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ନାହିଁ। ସେତେବେଳେ ଏହି ପ୍ରସଙ୍ଗର ଅବସାନ ଘଟିଥିଲେ ମଧ୍ୟ ଅନୁରୂପ ଏକ ମାମଲା ୨୦୧୯ ରେ ସୁପ୍ରିମକୋର୍ଟଙ୍କ ବିଚାର ପାଇଁ ଆସିଥିଲା। ତତ୍କାଳୀନ ପ୍ରଧାନ ବିଚାରପତି ରଞ୍ଜନ ଗୋଗେଇଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠ ଜେଏମ୍‌ଏମ୍ ଲାଞ୍ଚ ମାମଲାରେ ଛନ୍ଦି ହୋଇଥିବା ଦଳର ନେତା ଶିବୁ ସୋରେନଙ୍କ ବୋହୂ ସୀତା ସୋରେନଙ୍କ ପକ୍ଷରୁ ଦାଏର ହୋଇଥିବା ଏକ ମୋକଦ୍ଦମାର ଅନୁଧ୍ୟାନ କରିଥିଲେ। ଜଷ୍ଟିସ୍ ଗୋଗେଇଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସମ୍ବିଧାନ ପୀଠ ଏହି ମାମଲାଟିକୁ ଗଭୀର ଭାବେ ଅନୁଧ୍ୟାନ କରି କହିଥିଲେ ଯେ ଏହା ସାଧାରଣ ମାମଲା ନୁହେଁ। ଏହାର ସର୍ବସାଧାରଣ ଗୁରୁତ୍ୱ ଏବଂ ବୃହତ୍ତର ପ୍ରଭାବ ରହିଛି। ତେଣୁ ମାମଲାଟି ସମ୍ବିଧାନର ତର୍ଜମାର ନୂଆ ଅଧ୍ୟାୟ ଆରମ୍ଭ କରିଥିଲା।

୨୦୧୨ ରାଜ୍ୟସଭା ନିର୍ବାଚନରେ ଜେଏମ୍‌ଏମ୍‌ର ବିଧାୟିକା ସୀତା ସୋରେନ୍ ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ଏହା ଏକ ପ୍ରସଙ୍ଗ ହେବାରୁ ସେ ସଫେଇ ଦେଇଥିଲେ ଯେ ସାଂସଦ ଓ ବିଧାୟକଙ୍କ ବିରୋଧରେ ସେମାନଙ୍କ ସଂସଦୀୟ କାର୍ଯ୍ୟ ପାଇଁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାର ସାଂବିଧାନିକ ସୁରକ୍ଷା ବ୍ୟବସ୍ଥା ରହିଛି। ତେଣୁ ତାଙ୍କ ବିରୋଧରେ ଏହି ଭୋଟ୍ ଦାନ ମାମଲାରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ। ଏଭଳି ଏକ ମାମଲାର ରାୟ ଭିତ୍ତିରେ ତାଙ୍କ ଶ୍ୱଶୁର ଶିବୁ ସୋରେନ୍ ଜେଏମ୍‌ଏମ୍ ଲାଞ୍ଚ ମାମଲାରୁ ମୁକ୍ତ ହୋଇଥିବାରୁ ତାଙ୍କ (ସୀତା) ବିରୋଧରେ ମଧ୍ୟ ସମାନ ନିୟମ ଲାଗୁ ହେଉ। ଝାଡ଼ଖଣ୍ଡ ହାଇକୋର୍ଟଙ୍କ ରାୟ ବିରୋଧରେ ସୀତା ସୋରେନ୍ ୨୦୧୪ ଫେବ୍ରୁଆରୀ ୧୭ରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ କିନ୍ତୁ ହାଇକୋର୍ଟଙ୍କ ରାୟକୁ କାଏମ ରଖି ସୀତାଙ୍କୁ ଅପରାଧିକ ମାମଲାରୁ ମୁକ୍ତ କରିବାକୁ ଅନୁମତି ଦେଇ ନଥିଲେ।

ଏହା ପରେ ସୁପ୍ରିମକୋର୍ଟର ଏକ ତିନିଜଣିଆ ପୀଠ ବହୁଚର୍ଚ୍ଚିତ ଜେଏମ୍‌ଏମ୍ ଲାଞ୍ଚ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ପୂର୍ବ ରାୟର ସମୀକ୍ଷା କରିବାକୁ କହିଥିଲେ। ଏହା ଫଳରେ ଶିବୁ ସୋରେନ ଓ ତାଙ୍କ ଦଳର ଅନ୍ୟ ଚାରିଜଣ ସାଂସଦ ୧୯୯୩ରେ ଲାଞ୍ଚ ନେଇ ନରସିଂହ ରାଓ ସରକାରଙ୍କୁ ଭୋଟ ଦେଇ ଅନାସ୍ଥା ପ୍ରସ୍ତାବରେ ଜିତାଇବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ।

ଏଠି ପ୍ରଶ୍ନ ହେଉଛି ସମ୍ବିଧାନରେ ବାସ୍ତବରେ ସାଂସଦ ଓ ବିଧାୟକଙ୍କୁ କି ପ୍ରକାର ଆଇନଗତ ସୁରକ୍ଷା ଦିଆଯାଇଛି ଓ ତାହାର ବାସ୍ତବ ସ୍ୱରୂପ କ'ଣ ତାହାର ତର୍ଜମା। ସେହି ସର୍ବୋଚ୍ଚ ଅଦାଲତ ଗୋଟିଏ ପ୍ରସଙ୍ଗରେ ସଂସଦୀୟ ବିଶେଷାଧିକାରକୁ ସମ୍ବିଧାନ ସମ୍ମତ କହିବା ବେଳେ ଆଉ ଏକ ଘଟଣାରେ ପୂର୍ବ ରାୟର ସମୀକ୍ଷା କରିବାକୁ କହିଥିଲା। ଏବେ ଏକ ବୃହତ୍ତର ସମ୍ବିଧାନ ପୀଠ ସମ୍ପୂର୍ଣ୍ଣ ଭାବେ ନୂଆ ରାୟ ଦେଇ କହିଛନ୍ତି ଯେ ଲାଞ୍ଚନେଇ ସଂସଦରେ ଭାଷଣ ଦେବା ଏବଂ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟସଭା ନିର୍ବାଚନ ଭଳି ପ୍ରସଙ୍ଗରେ ଭୋଟ୍ ଦେବା ଆଇନ ବିରୋଧୀ। ଏହାର ବୃହତ୍ତର ପ୍ରଭାବ ଜନସାଧାରଣ ଓ ଦେଶର ଆଇନ ବ୍ୟବସ୍ଥା ଉପରେ ରହିଥିବାରୁ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କ ବିରୋଧରେ ଅପରାଧିକ ମାମଲା ଗ୍ରହଣ କରାଯାଇପାରିବ।

ଦେଶର ସମ୍ବିଧାନ ଓ ଏହାର ବ୍ୟବସ୍ଥା ଅଧିକ ତର୍ଜମାଯୁକ୍ତ ଏବଂ ଦେଶରେ ଆଇନର ଶାସନ ପ୍ରତିଷ୍ଠା ପାଇଁ ଲୋକପ୍ରତିନିଧିଙ୍କୁ ନିରଙ୍କୁଶ ବିଶେଷାଧିକାର ଦେବା ଅନୁଚିତ। ଆମ ବିଚାରରେ ସର୍ବୋଚ୍ଚ ଅଦାଲତର ସାତଜଣିଆ ସାଂବିଧାନିକ ପୀଠ ଯେଉଁ ରାୟ ଦେଇଛନ୍ତି, ତାହା ଯଥାର୍ଥ ଓ ସ୍ୱାଗତଯୋଗ୍ୟ। ଏହା କେବଳ ଆଇନର ଶାସନକୁ ସୁଦୃଢ଼ କରିବ ନାହିଁ, ଆମ ଗଣତନ୍ତ୍ରକୁ ସୁଦୃଢ଼ କରି ଏହାର ଗରିମାକୁ ଜାହିର କରିବାରେ ସହାୟକ ହେବ। ଆଇନ ପ୍ରସ୍ତୁତକାରୀ ଓ ଲୋକପ୍ରତିନିଧି ଯଦି ସ୍ୱାଧିକାର ଓ ବିଶେଷାଧିକାର ବଳରେ ଦୁର୍ନୀତି, ଲାଞ୍ଚ ଓ ତଞ୍ଚକତାରେ ଲିପ୍ତ ରହିବେ, ଗଣତନ୍ତ୍ରର ଭବିଷ୍ୟତ କ'ଣ ହେବ। ସୁତରାଂ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଐତିହାସିକ ଓ ସ୍ୱାଗତଯୋଗ୍ୟ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଲେଖା ଓ ଲୋକମତ ପାଇଁ: sakalaeditorial@gmail.com**

## ଐତିହାସିକ ମାର୍ଚ୍ଚ ୫

# ସ୍ୱପ୍ନଦ୍ରଷ୍ଟା ଯୁଗସ୍ରଷ୍ଟା ବିଜୁ ପଟ୍ଟନାୟକ



ପ୍ରହଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ଓଡ଼ିଶା ତଥା ଦେଶର ରାଜନୈତିକ ଇତିହାସରେ ଏକ ଅବିସ୍ମରଣୀୟ ଦିନ ହେଉଛି ମାର୍ଚ୍ଚ ୫ ତାରିଖ। ଓଡ଼ିଶା ସରକାର ଏହି ଦିନକୁ 'ପଞ୍ଚାୟତିରାଜ ଦିବସ' ଭାବେ ପାଳନ କରୁଥିବା ବେଳେ ରାଜନୈତିକ ଦୃଷ୍ଟିରୁ କିନ୍ତୁ ଏହି ଦିବସର ଗୁରୁତ୍ୱ ଅଧିକ ରହିଛି। ୧୯୧୬ ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜନ୍ମ। ୧୯୯୦ର ଏହି ଦିବସରେ ବି ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ବାର ଶପଥ ନେଇଥିଲେ। ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ୨୦୦୦ ମସିହାର ମାର୍ଚ୍ଚ ୫ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ଲଗାତର ୫ଥରରେ ୨୪ବର୍ଷ ଧରି ଏହି ଦାୟିତ୍ୱ ସମ୍ପାଦନ କରି ଆସୁଥିବା ବେଳେ ଏବେ ତାଙ୍କ ମୁଖ୍ୟମନ୍ତ୍ରିତ୍ୱର ୨୫ବର୍ଷ ଚାଲୁଛି।

୧୯୧୬ ମାର୍ଚ୍ଚ ୫ ତାରିଖରେ ଜନ୍ମିତ ବିଜୁ ପଟ୍ଟନାୟକ ଥିଲେ ଅତ୍ୟନ୍ତ ଦରଦୀ ଓ ଦୁଃସାହସୀ। ରେଭେନ୍ସା କଲେଜରେ ପାଠ ପଢୁଥିବା ବେଳେ ୨ଜଣ ବନ୍ଧୁଙ୍କୁ ସାଙ୍ଗରେ ଧରି ସେ ଯେଉଁଭଳି କଟକରୁ ପେଶୱାର ପର୍ଯ୍ୟନ୍ତ ସାଇକଲ ଯାତ୍ରା କରିଥିଲେ ଏବଂ ପ୍ରାକ୍ ସ୍ୱାଧୀନତା କାଳରେ ଇଣ୍ଡୋନେସିଆ ଅଭିଯାନ କରିଥିଲେ ତାହା ଏବେ ବି ଏକ ରୋମାଞ୍ଚକର ଅଧ୍ୟାୟ ହୋଇ ରହିଛି। ପିଲାଦିନୁ ପାଇଲଟ୍ ହେବା ପାଇଁ ସଂକଳ୍ପ ନେଇଥିବା ବିଜୁବାବୁ ପରବର୍ତ୍ତୀ ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାରଙ୍କ ରୟାଲ୍ ଇଣ୍ଡିଆନ୍ ଏୟାରଫୋର୍ସରେ ଜଣେ ଅଗ୍ରଣୀ ପାଇଲଟ୍ ଭାବେ ତାଙ୍କ ଦକ୍ଷତାର ପ୍ରତିପାଦନ କରିଥିଲେ। ଜାତିପ୍ରାଣ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ସୁପୁତ୍ର ବିଜୁବାବୁ ପାଇଲଟ୍ ଥିବା ସମୟରେ ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ଅରୁଣା ଆସଫ୍ ଅଲ୍ଲୀ ଆଦି ସଂଗ୍ରାମୀମାନଙ୍କ ସହ ମିଶି 'ଭାରତ ଛାଡ଼ ଆନ୍ଦୋଳନ' ସମୟରେ କରିଥିବା ଦୁଃସାହସିକ କାର୍ଯ୍ୟ ପାଇଁ ଜେଲ୍ ଗଲେ। କଟକ ଜେଲ୍‌ରୁ କାରାମୁକ୍ତ ହେବା ପରେ ୧୯୪୬ ମସିହାରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜୁବାବୁ କେନ୍ଦ୍ର କଟକ ସଦର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେବେଠାରୁ ୧୯୯୭ ମସିହା ଅପ୍ରେଲ ୧୭ ତାରିଖରେ ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ ନିର୍ବାଚନୀ ରାଜନୀତିରେ ଦୀର୍ଘ ୫୧ବର୍ଷ ଧରି ସେ ସକ୍ରିୟ ଥିଲେ। କେତେବେଳେ ବିଧାନସଭା ତ କେତେବେଳେ ରାଜ୍ୟସଭା ଏବଂ ଆଉ କେତେବେଳେ ସେ ଲୋକସଭାକୁ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେଉଥିଲେ। କେତେବେଳେ ଏକାଧିକ ଆସନରୁ ହାରିଥିଲେ ତ ଆଉ କେତେବେଳେ ଏକାଧିକ କ୍ଷେତ୍ରରୁ ବି ନିର୍ବାଚିତ ହେଉଥିଲେ। ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦେଶର କେନ୍ଦ୍ରମନ୍ତ୍ରୀ ହିସାବରେ ତାଙ୍କର ଯେମିତି ଦକ୍ଷତା ଥିଲା, ତାହାଠାରୁ ଅଧିକ ଲୋକପ୍ରିୟତା ଥିଲା ବିରୋଧୀ ଦଳ ନେତା ହିସାବରେ। ଶାସନ କ୍ଷମତାରେ ଥାଆନ୍ତୁ କି ନ ଥାଆନ୍ତୁ ବିଜୁ ବାବୁ କିନ୍ତୁ ରହିଥିଲେ କୋଟି କୋଟି ଓଡ଼ିଆଙ୍କ ମନ ଓ ପ୍ରାଣରେ।

ଅସମ୍ଭବକୁ ସମ୍ଭବ କରିବା ସଂକଳ୍ପ ନେଇ ଅନିଶ୍ଚିତତା ମଧ୍ୟରେ ନିଶ୍ଚିତତାକୁ ଖୋଜି ପାଇବା, ଅସୀମ ନୀଳ ଆକାଶରେ ସଫଳତାର ସ୍ୱପ୍ନ ଦେଖିବା, ଇତିହାସର ରୋମନ୍ଥନ କରି ଗୋଟାଏ ପୁରାତନ ଐତିହ୍ୟସମ୍ପନ୍ନ ଜାତିର ଦୀର୍ଘ ସୁଷୁପ୍ତିର ତନ୍ଦ୍ରା ତୁଟାଇବା ଏବଂ ସର୍ବୋପରି ଜୟ-ପରାଜୟକୁ ଖାତିର୍ ନ କରି କର୍ମଭୂମିରୁ ଯୁଦ୍ଧ ଭୂମି ପର୍ଯ୍ୟନ୍ତ ଯେ ସଂଗ୍ରାମ ଜାରି ରଖିଥିଲେ ସେ ହେଉଛନ୍ତି ଝଡ଼ର ଇଗଲ୍, ଧରଣୀର କୃଷ୍ଣସାର ଓ ମାଟିର ମୂର୍ତ୍ତିକାର ବିଜୁ ପଟ୍ଟନାୟକ। କିଏ ତାଙ୍କୁ ଅପବାଦରେ ପୋତି ପକାଇଲା କି ଆଉ କିଏ ତାଙ୍କୁ ପ୍ରବାଦ ପୁରୁଷ କହି ପ୍ରଶଂସା ଅଜାଡ଼ିଲା ସେଥିରେ ତାଙ୍କର କିଛି ଯାଏଆସ ନ ଥିଲା।

ପ୍ରଚଣ୍ଡ ସ୍ୱାଭିମାନୀ ବିଜୁ ପଟ୍ଟନାୟକଙ୍କ କୃତି ଓ କୀର୍ତ୍ତି କେବଳ ଚୌଦ୍ୱାରର ଓଟିଏମ୍, କଳିଙ୍ଗ ଟ୍ୟୁବ୍ସ, କଳିଙ୍ଗ ରେଫ୍ରିଜରେସନ୍, କଳିଙ୍ଗ ଏୟାରୱେଜ୍, କଳିଙ୍ଗ ରିଫ୍ରାକ୍ଟରିଜ୍, ବଡ଼ବିଲ କଳିଙ୍ଗ ଆଇରନ୍ ୱାର୍କସ, କଳିଙ୍ଗ ସମ୍ବାଦପତ୍ର, ପାରାଦୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ, ଓଡ଼ିଶା ବିମାନ ପ୍ରଶିକ୍ଷଣ କେନ୍ଦ୍ର, ରିଜିଓନାଲ କଲେଜ୍ ଅଫ୍ ଏଜୁକେସନ୍, କଳିଙ୍ଗ ପୁରସ୍କାର, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ସୁନାବେଡ଼ାର ମିଗ୍ ବିମାନ କାରଖାନା, ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ, ତାଳଚେରର ତାପଜ ବିଦ୍ୟୁତ୍ କେନ୍ଦ୍ର, ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର, ରାଉରକେଲା ଇଞ୍ଜିନିୟରିଂ କଲେଜ, ବୁର୍ଲାର ମେଡିକାଲ ଓ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱରର ସୈନିକ ସ୍କୁଲ ଓ ଆଞ୍ଚଳିକ ଗବେଷଣା କେନ୍ଦ୍ର, ଜିଲ୍ଲା ସଂଖ୍ୟା ୧୩ରୁ ୩୦କୁ ବଢ଼ାଇବା ଆଦିରେ ସୀମିତ ନୁହେଁ। ଇଣ୍ଡୋନେସିଆରୁ ସୋଭିଏତ୍ ରୁଷ, କାଶ୍ମୀରରୁ କାଶୀପୁର, ପେଶୱାରରୁ ସ୍ୱର୍ଗଦ୍ୱାର ଆଦି ବିଭିନ୍ନ ସ୍ଥାନରେ ସେ ଛାଡ଼ି ଯାଇଛନ୍ତି ତାଙ୍କର ଅଲିଭା ସ୍ମାରକୀ।

୧୯୬୧ ଜୁନ୍ ୨୩ ତାରିଖରେ ବିଜୁବାବୁ ଜବାହାରଲାଲ ନେହେରୁଙ୍କ ଆଗ୍ରହକ୍ରମେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ୧୯୬୩ ଅକ୍ଟୋବର ୨ ପର୍ଯ୍ୟନ୍ତ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ। ପୁଣି ୧୯୯୦ରେ ତାଙ୍କ ନେତୃତ୍ୱରେ ଜନତା ଦଳ ଓଡ଼ିଶାରେ ରେକର୍ଡ ସଂଖ୍ୟକ ୧୨୩ ଆସନ ହାସଲ କରିବା ପରେ ସେ ସେହିବର୍ଷ ମାର୍ଚ୍ଚ ୫ ତାରିଖରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ସଫଳତାର ସହ କଟାଇଥିଲେ। ୧୯୭୫ର ଜରୁରୀ ପରିସ୍ଥିତି ସମୟରେ ଅନ୍ୟ ନେତାମାନଙ୍କ ସହ ବିଜୁବାବୁ କାରାରୁଦ୍ଧ ହୋଇଥିଲେ। ପରବର୍ତ୍ତୀ ସମୟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସଂଯୋଜନାରେ ଜନତା ପାର୍ଟି ଗଠନ କରାଯିବାରେ ବିଜୁ ବାବୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୧୯୭୭ରେ କେନ୍ଦ୍ରରେ ଜନତା ପାର୍ଟି ସରକାର ଗଠନ କରାଯିବା ବେଳେ ବିଜୁବାବୁ ଥିଲେ କେନ୍ଦ୍ର ଖଣି ଓ ଇସ୍ପାତ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ। ୧୯୯୭ରେ ତାଙ୍କର ଦେହାନ୍ତ ହେବା ବେଳକୁ ସେ ଥିଲେ ଆସ୍କାରୁ ନିର୍ବାଚିତ ଜନତା ଦଳ ସାଂସଦ।

୧୯୯୩ ମାର୍ଚ୍ଚ ୫ ତାରିଖରେ ଦେଇଥିବା ଭାଷଣରେ ସେ ଚୀନ୍ ଦାର୍ଶନିକ ତାଇଚୁନ୍‌ଙ୍କ ବାଣୀ ଉଦ୍ଧାର କରି କହିଥିଲେ, "ଯଦି ଆମେ କୌଣସି କାର୍ଯ୍ୟକୁ ତ୍ରୁଟିଶୂନ୍ୟ ଭାବେ କରିବାକୁ ବସିବା, ଆମକୁ ଅନନ୍ତ କାଳ ପାଇଁ ଅପେକ୍ଷା କରିବାକୁ ହେବ।' ଆମ ହାତରେ ସମୟ ନାହିଁ। ବିଗତ ବର୍ଷମାନଙ୍କରେ ଅନେକ କିଛି ସୁଯୋଗ ଆମର ହାତଛଡ଼ା ହୋଇଛି। ତେଣୁ ଆମକୁ ସଂକଳ୍ପ ନେବାକୁ ହେବ- ବିଜ୍ଞତା, ଦୂରଦୃଷ୍ଟି, କରୁଣା ଓ ଉତ୍ତମ ବୁଝାମଣାକୁ ପୁଞ୍ଜିକରି ଆମେ ଆମ ନିଜ ସମସ୍ୟା ସମାଧାନର ରାସ୍ତା ବାହାର କରିବା। ଆଉଠାଏ ସେ କହିଥିଲେ, 'ଆମେ ମହାନ୍ ପରମ୍ପରାର ଦାୟଦ। ମନୋଜ୍ଞ ଗିରିପୁଞ୍ଜ, ସୁନ୍ଦର ନଦୀଧାରା, ସୁଦୀର୍ଘ ବେଳାଭୂମି, ସମୃଦ୍ଧ ଅରଣ୍ୟ ସମ୍ପଦ ଓଡ଼ିଶାବାସୀଙ୍କ ପାଇଁ ଈଶ୍ୱରଙ୍କ ଉପହାର। ମୋ ରାଜ୍ୟବାସୀ, ମୋ ରାଜ୍ୟର ତରୁଣ ତରୁଣୀମାନେ ଆଗାମୀ ବର୍ଷମାନଙ୍କରେ ଏ ସବୁ ସମ୍ପଦର ବିନିଯୋଗ କରି ଏକ ସୁନ୍ଦର ଓଡ଼ିଶା ଗଠନ କରନ୍ତୁ।' ଏକଦା ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ବିଜୁ ବାବୁଙ୍କୁ ଗ୍ରୀକ୍ ଉପକଥାର ସ୍ଫିଙ୍କ୍ସ ସହିତ ତୁଳନା କରି କହିଥିଲେ, 'ସ୍ଫିଙ୍କ୍ସ ଯେପରି ଧ୍ୱଂସର ଶଯ୍ୟା ଭିତରୁ ଉଠି ପୁଣି ଆକାଶକୁ ଲମ୍ଫ ପ୍ରଦାନ କରେ, ବିଜୁବାବୁ ସେହିପରି ପରାଜୟର ଧୂଳିଶଯ୍ୟାରୁ ନୂଆ ଜନ୍ମଲାଭ କରି ପୁଣି ଉତ୍‌ଥାନର ଚୂଡ଼ା ଆଡ଼କୁ ମାଡ଼ି ଚାଲନ୍ତି।"

ସେ ଯେମିତି ଝଡ଼ ସୃଷ୍ଟି କରିବାକୁ ଭଲ ପାଆନ୍ତି ସେମିତି ଝଡ଼ ଭିତରେ ଉଡ଼ିବାକୁ ପସନ୍ଦ କରନ୍ତି। ତାଙ୍କ ବିସ୍ତୀର୍ଣ୍ଣ ହୃଦୟରେ ସଂକୀର୍ଣ୍ଣତାର ସ୍ଥାନ ନ ଥିଲା। ଏବେ ନେଇ ନେଇ ନେତା ହେବାର ପରମ୍ପରା ସାରା ଦେଶରେ ଚାଲିଥିବା ବେଳେ ସେ ତାଙ୍କ ରାଜନୈତିକ ଜୀବନରେ ଦେଇ ଦେଇ ନିଃସ୍ୱ ହୋଇଯାଇଛନ୍ତି। ଏହା ବଦଳରେ କିନ୍ତୁ ପାଇଛନ୍ତି ଅଜସ୍ର ଶ୍ରଦ୍ଧା, ସ୍ନେହ ଓ ସମ୍ମାନ। ସେ କେତେ ଲୋକପ୍ରିୟ ଥିଲେ ତାହାର ପ୍ରମାଣ ଦେଖିବାକୁ ମିଳିଥିଲା ୧୯୯୭ ଏପ୍ରିଲ ୧୭ ତାରିଖରେ ତାଙ୍କ ମହାପ୍ରୟାଣ ପରେ। ତାଙ୍କ ମରଶରୀରକୁ ଦିଲ୍ଲୀରୁ ଭୁବନେଶ୍ୱର ନବୀନ ନିବାସକୁ ଅଣାଯାଇ ସେଠାରୁ ପୁରୀର ସ୍ୱର୍ଗଦ୍ୱାରକୁ ନିଆଯିବା ବେଳେ ଯେପରି ଜନସମୁଦ୍ର ସୃଷ୍ଟି ହୋଇଥିଲା ଏବଂ ଦଳମତ ନିର୍ବିଶେଷରେ ବହୁ ଜାତୀୟ ନେତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କଲେ ଓ ଆନ୍ତର୍ଜାତିକ ସ୍ତରରେ ଶୋକବ୍ୟକ୍ତ କରାଗଲା, ତାହା ଜାତି ଇତିହାସର କଥାବସ୍ତୁ। ୨୭ ବର୍ଷ ତଳୁ ବିଜୁବାବୁ ବିଦାୟ ନେଲେଣି। ଏବେ ବି ତାଙ୍କ ଅମ୍ଳାନ ସ୍ମୃତି ଓଡ଼ିଶାବାସୀଙ୍କ ମନରେ ଜୀବିତ ରହିଛି। ଅନଗ୍ରସର ଓଡ଼ିଶାକୁ ଦେଶର ପ୍ରଥମ ରାଜ୍ୟରେ ପରିଣତ କରିବା ଲାଗି ସେ ଯେଉଁ ଅଭିଯାନ ଆରମ୍ଭ କରିଥିଲେ ତାହାର ଧାରା ଏବେ ଅବ୍ୟାହତ ରହିଛି।

ଦୀର୍ଘ ୫୧ବର୍ଷ ଧରି ବିଜୁବାବୁ ନିର୍ବାଚନ ରାଜନୀତିରେ ମଙ୍ଗୁଆଳ ଭୂମିକା ନିର୍ବାହ କରିବା ସହ ବହୁ ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଧାୟକ, ସାଂସଦ ଓ ସକ୍ରିୟ କର୍ମୀ ସୃଷ୍ଟି କରିଛନ୍ତି। ତେବେ ଏହି କାଳଖଣ୍ଡ ମଧ୍ୟରେ ସେ ତାଙ୍କ ପରିବାରର କାହାକୁ ରାଜନୀତି କ୍ଷେତ୍ରକୁ ଆଣିନାହାନ୍ତି। ତାଙ୍କ ମହାପ୍ରୟାଣ ପରେ ଓଡ଼ିଶାର ଜନତା ଦଳର ନେତା ଓ ସାଧାରଣ ଜନତାଙ୍କ ଆଗ୍ରହକ୍ରମେ ସାନପୁଅ ନବୀନ ପଟ୍ଟନାୟକ ରାଜନୈତିକ କ୍ଷେତ୍ରକୁ ଆସି ଆସ୍କା ଲୋକସଭା କ୍ଷେତ୍ରରୁ ଉପନିର୍ବାଚନରେ ବିଜୟୀ ହେଲେ। ସେହିବର୍ଷ ଡିସେମ୍ବର ମାସରେ ଦଳର କର୍ମୀ ଓ ନେତାମାନଙ୍କ ଆଗ୍ରହକ୍ରମେ ତାଙ୍କ ନେତୃତ୍ୱରେ ଗଢ଼ାଗଲା 'ବିଜୁ ଜନତା ଦଳ'। ଏହାପରେ ନବୀନ ବାବୁ ଆସ୍କାରୁ ପୁନର୍ବାର ଲୋକସଭାକୁ ନିର୍ବାଚିତ ହୋଇ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କେନ୍ଦ୍ର ଖଣି ଓ ଇସ୍ପାତ୍ ବିଭାଗର ମନ୍ତ୍ରୀ ହୋଇଥିଲେ। ୨୦୦୦ ମସିହାରେ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି, ବିଜେଡି ମେଣ୍ଟ ନିର୍ବାଚନ ଲଢ଼ିଲା। ଏଥର ବିଜୁ ଜନତା ଦଳ ୬୮ଟି ଓ ତାହାର ମେଣ୍ଟ ବିଜେପି ୩୮ଟି ଆସନ ପାଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେ ବର୍ଷ ମାର୍ଚ୍ଚ ୫ ତାରିଖରେ ସରକାର ଗଠନ କରିଥିଲେ। ୨୦୦୪ରେ ହୋଇଥିବା ପରବର୍ତ୍ତୀ ନିର୍ବାଚନରେ ବିଜେଡି ୬୧ ଓ ତାହାର ମେଣ୍ଟ ବିଜେପି ୩୨ଟି ଆସନ ପାଇ ପୁଣି ଉକ୍ତ ବର୍ଷ ମଇ ୧୬ ତାରିଖରେ ନବୀନଙ୍କ ନେତୃତ୍ୱରେ ଦ୍ୱିତୀୟ ପାଳି ସରକାର ଗଢ଼ିଥିଲେ। ମେଣ୍ଟ ଭାଙ୍ଗିଯିବା ପରେ ୨୦୦୯ରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେଡି ୧୦୩ଟି ଆସନରୁ ଜିଣି ନବୀନଙ୍କ ନେତୃତ୍ୱରେ ତୃତୀୟ ଥର ସରକାର ଗଢ଼ିଥିଲା ମଇ ୨୧ ତାରିଖରେ। ଏହାପରେ ୨୦୧୪ର ନିର୍ବାଚନରେ ବିଜେଡି ୧୧୭ଟି ଆସନ ଦଖଲ କରିବାରୁ ନବୀନ ପଟ୍ଟନାୟକ ଚତୁର୍ଥ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଉକ୍ତ ବର୍ଷ ମଇ ୨୧ ତାରିଖରେ। ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡି ୧୧୨ଟି ଆସନ ଦଖଲ କରିବାରୁ ନବୀନ ପଟ୍ଟନାୟକ ପଞ୍ଚମଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ରହିଛନ୍ତି।

ଲଗାତର ମୁଖ୍ୟମନ୍ତ୍ରୀ ରହିବା କ୍ଷେତ୍ରରେ ନବୀନ ପଟ୍ଟନାୟକ ରାଜ୍ୟରେ ନୂଆ ରେକର୍ଡ କରିବା ସହ ଜାତୀୟସ୍ତରର ରେକର୍ଡ ଭାଙ୍ଗିବାକୁ ଯାଉଛନ୍ତି। ମହାବାତ୍ୟାରେ ବିଧ୍ୱସ୍ତ ଓଡ଼ିଶାକୁ ସଜାଡ଼ିବା ସହ ପରବର୍ତ୍ତୀ ସମୟରେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଓ କୋଭିଡ୍ ମହାମାରୀର ସଫଳ ମୁକାବିଲା କରିଛନ୍ତି। ରାଜ୍ୟର ଅର୍ଥନୀତି, ରାଜନୀତି ଆଦିରେ ସୁଧାର ଆଣିବା ସହ ବିକାଶର ନୂଆ ପରିଭାଷା ସୃଷ୍ଟି କରି ସେ କେବଳ ରାଜ୍ୟ ନୁହେଁ, ଦେଶ ବିଦେଶରେ ମଧ୍ୟ ଚର୍ଚ୍ଚିତ ହେଉଛନ୍ତି। ଏ ପରିପ୍ରେକ୍ଷୀରେ ମାର୍ଚ୍ଚ ୫ରେ ବିଜୁ ବାବୁଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ନବୀନ ପଟ୍ଟନାୟକଙ୍କ ୨୪ ପୂରି ୨୫ବର୍ଷ ଚାଲିବା ଅବସରରେ ଅନେକ ଶୁଭକାମନା।

## ଭାରତର ଗଗନଯାନ କାର୍ଯ୍ୟକ୍ରମ

# ମହାକାଶରେ ଐତିହାସିକ ଉପକ୍ରମ



ବନବିହାରୀ ଦାଶ
ଝାରସୁଗୁଡ଼ା, ମୋ: ୮୨୭୦୪୧୫୯୯୭

ମହାକାଶ ଜଗତରେ ଭାରତର ଜୟଯାତ୍ରା ଅବ୍ୟାହତ ରହିଛି। ସମଗ୍ର ବିଶ୍ୱକୁ ଚମକାଇ ବିଗତବର୍ଷ ଚନ୍ଦ୍ରାୟନ-୩ ଅଭିଯାନ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶର ମାନ୍ୟତା ଲାଭ କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହା ପରେ ଆଉ ପଛକୁ ଫେରି ଚାହିଁନାହିଁ। ୨୦୨୪ ବର୍ଷ ଆରମ୍ଭରୁ ଆଦିତ୍ୟ ଏଲ୍-ୱାନ୍‌ର ସଫଳତା ସମସ୍ତଙ୍କ ମନରେ ଉତ୍ସାହ ଆଣିଦେଇଥିବା ବେଳେ ସମ୍ପ୍ରତି 'ଗଗନଯାନ' ମିଶନ ପାଇଁ ଇସ୍ରୋ ଦ୍ୱାରା ଚାରିଜଣ ମହାକାଶଚାରୀଙ୍କୁ ଚୟନ କରାଯାଇ ଭାରତ ବିଶ୍ୱରେ ମହାକାଶ ଜଗତରେ ନୂଆ ଇତିହାସ ସୃଷ୍ଟି କରିଛି।

ଭାରତୀୟ ବାୟୁସେନାର ତତ୍କାଳୀନ ସ୍କ୍ୱାଡ୍ରନ୍ ଲିଡର ରାକେଶ ଶର୍ମା ରୁଷ ମହାକାଶ ଯାନ ସୋୟୁଜ ଟି-୧୧ ଜରିଆରେ ବୈକାନୁର କେନ୍ଦ୍ରରୁ ରୁଷର ଅନ୍ୟ ଦୁଇ ମହାକାଶଚାରୀଙ୍କ ସହ ଅପ୍ରେଲ୍ ୩ ତାରିଖ ୧୯୮୪ ମସିହାରେ ଭାରତର ପ୍ରଥମ ମହାକାଶଚାରୀ ରୂପେ ଯାତ୍ରା କରିଥିଲେ। ସେହିପରି ଭାରତୀୟ ବଂଶୋଦ୍ଭବ ଆମେରିକୀୟ କଳ୍ପନା ଚାୱଲା ମହାକାଶରୁ ଫେରିବା ସମୟରେ ୧ ଫେବ୍ରୁଆରୀ ୨୦୦୩ରେ 'ସ୍ପେସ ସଟଲ କଲମ୍ବିଆ' ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ମହାକାଶଚାରୀ ସୁନିତା ୱିଲିୟମସ୍ ମଧ୍ୟ ଜଣେ ଭାରତୀୟ ବଂଶୋଦ୍ଭବ ଥିଲେ। କିନ୍ତୁ 'ଗଗନଯାନ' ମିଶନଟି ସମ୍ପୂର୍ଣ୍ଣ ସ୍ୱଦେଶୀ କୌଶଳରେ ନିର୍ମିତ ମହାକାଶଯାନ ହୋଇଥିବାରୁ ଏହା ୧୪୦ କୋଟି ଭାରତୀୟଙ୍କ ପାଇଁ ଗୌରବର ବିଷୟ ଅଟେ।

'ଗଗନଯାନ' ମିଶନ ପାଇଁ ଭାରତୀୟ ବାୟୁସେନାର ଚାରିଜଣ ଦକ୍ଷ ଟେଷ୍ଟ ପାଇଲଟ୍‌ଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ଗ୍ରୁପ୍ କ୍ୟାପଟେନ୍ ପ୍ରଶାନ୍ତ ବାଲକ୍ରିଷ୍ଣନ୍ ନାୟାର, ଅଜିତ କ୍ରିଷ୍ଣନ, ଅଙ୍ଗଦ ପ୍ରତାପ ଓ ଶୁଭ୍ରାଂଶୁ ଶୁକ୍ଳା। ଏହି ଅଭିଯାନର ଚତୁର୍ଥ ପର୍ଯ୍ୟାୟରେ ତିନିଜଣିଆ ମହାକାଶଚାରୀ ଦଳକୁ ପୃଥିବୀ ପୃଷ୍ଠରୁ ୪୦୦ କିମି ଉଚ୍ଚ କକ୍ଷ ପଥରେ ତିନିଦିନ ପାଇଁ ପଠାଯାଇ ପୃଥିବୀ ପୃଷ୍ଠକୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ସମ୍ବନ୍ଧୀୟ ପରୀକ୍ଷଣ ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ




ଅନୁଷ୍ଠିତ ହେବ। ଏଥିରେ 'ବ୍ୟୋମମିତ୍ର' ନାମକ ଏକ ରୋବୋଟକୁ ପ୍ରଥମେ ମହାକାଶକୁ ପଠାଯିବ। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ମାନବରହିତ ଯାତ୍ରା ପରେ ଚତୁର୍ଥ ପର୍ଯ୍ୟାୟରେ 'ଗଗନଯାନ'ରେ ମାନବଯୁକ୍ତ ଯାତ୍ରାର ଯୋଜନା ପ୍ରସ୍ତୁତ କରାଯାଇଛି।

ଏଥିସହିତ ଭାରତ ସମଗ୍ର ବିଶ୍ୱରେ ଚତୁର୍ଥ ଦେଶ ଭାବରେ ଅନ୍ତରୀକ୍ଷକୁ ମାନବ ପ୍ରେରଣ କରିବ। ଏହାପୂର୍ବରୁ ଆମେରିକା, ରୁଷିଆ ଓ ଚୀନ୍ ଏହି ସଫଳତା ହାସଲ କରିଛନ୍ତି। ଏହି ମିଶନର ଯାନଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ କାର୍ଯ୍ୟ କରୁଥିବା ବେଳେ ରୁଷିଆ ଓ ଆମେରିକା ମହାକାଶଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏହି ମହାକାଶ ଯାନକୁ ଏଲ୍‌ଭିଏମ୍-୩ ରକେଟ୍ ମାଧ୍ୟମରେ ମହାକାଶକୁ ପ୍ରେରଣ କରାଯିବ। ଏଥିରେ ଇଞ୍ଜିନିୟରମାନେ ତରଳ ଇନ୍ଧନ ବ୍ୟବହାରକୁ ପ୍ରାଥମିକତା ପ୍ରଦାନ କରିଛନ୍ତି, ଯାହା କଠିନ ଇନ୍ଧନ ଅପେକ୍ଷା ଅଧିକ ଫଳପ୍ରଦ।

'ଗଗନଯାନ' ମିଶନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୨୦୩୫ ସୁଦ୍ଧା ମହାକାଶରେ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନର ପ୍ରତିଷ୍ଠା କରିବା। 'ଇସ୍ରୋ'ର ସୂଚନା ଅନୁଯାୟୀ ଏହି ଷ୍ଟେସନର ଓଜନ କୋଡ଼ିଏ ଟନ୍ ହେବ ଏବଂ ଏହାର କକ୍ଷପଥ ପୃଥିବୀଠାରୁ ଚାରିଶହ କିଲୋମିଟର ଦୂରରେ ଅବସ୍ଥିତ ରହିବ। 'ଗଗନଯାନ'କୁ ଏନ୍‌ଜିଏଲ୍‌ଭି (ପରବର୍ତ୍ତୀ ପିଢ଼ିର ଉତ୍କ୍ଷେପଣ ଯାନ) ରକେଟ୍ ଦ୍ୱାରା କକ୍ଷ ପଥରେ ଅବସ୍ଥାପିତ କରାଯିବ ଏବଂ ଏହି ରକେଟ୍‌ଗୁଡ଼ିକ ପୁନଃ ବ୍ୟବହାରକ୍ଷମ ଅଟନ୍ତି।

ଅନ୍ତରୀକ୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ବର୍ତ୍ତମାନ ମହାକାଶ ଗବେଷଣାଗାର ଏକ ପ୍ରମୁଖ ଦିଗ। ଆମେ ସମସ୍ତେ ଜାଣୁ ଯେ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ର ସମଗ୍ର ବିଶ୍ୱରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଏହା ମହାଶୂନ୍ୟରେ ଅନେକ ପ୍ରକାରର ବିରଳ ଗବେଷଣା କରି ବିଶ୍ୱର ଅନେକ ରହସ୍ୟ ଉନ୍ମୋଚନ କରିଚାଲିଛି। ଏଠାରେ ସୂଚନାଯୋଗ୍ୟ ଯେ ୧୯୯୮ ମସିହାରେ ଆମେରିକା, ରୁଷିଆ, ଚୀନ୍ ଓ ୟୁରୋପର ମିଳିତ ସହଯୋଗରେ ଏହି କେନ୍ଦ୍ରଟି ପ୍ରସ୍ତୁତ କରାଯାଇଥିଲା। ସମଗ୍ର ବିଶ୍ୱ ଏହି ଅନ୍ତରୀକ୍ଷ କେନ୍ଦ୍ର ଦ୍ୱାରା ଉପକୃତ ହେଉଛି। ଏହି ଷ୍ଟେସନଟି ମହାକାଶରେ ଘଣ୍ଟାକୁ ୨୮ ହଜାର କିମି ବେଗରେ ଗତି କରି ପ୍ରାୟ ୯୩ ମିନିଟ୍‌ରେ ପୃଥିବୀ ଚାରିପଟେ ଥରେ ଘୂରି ବୁଲୁଛି ଏବଂ ଗୋଟିଏ ଦିନରେ ଏହା ୧୫ରୁ ଅଧିକ ଥର ପୃଥିବୀକୁ ପରିକ୍ରମା କରି ଅନେକ ତଥ୍ୟ ଯୋଗାଇ ପାରୁଛି।

ଏହି ଆନ୍ତର୍ଜାତିକ ଅନ୍ତରୀକ୍ଷ ଷ୍ଟେସନଟି ବିଭିନ୍ନ ପ୍ରକାର ଗବେଷଣା ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ। ବିଶେଷକରି ମନୁଷ୍ୟ ଶରୀରରେ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତିରେ ଦେଖାଯାଉଥିବା ପ୍ରଭାବ ଓ ହାଡ଼, ରକ୍ତ ସଞ୍ଚାଳନ, ପାଚନ ତନ୍ତ୍ର, ମାନସିକ ସ୍ଥିତି ତଥା ମହାକାଶର ରହସ୍ୟ ଉନ୍ମୋଚନ, ଜଳବାୟୁ, କୃଷି, ଔଷଧ, ପରିବହନ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଅର୍ଥନୀତି ଇତ୍ୟାଦି ପାଇଁ ଅତ୍ୟାବଶ୍ୟକ।

ଏହି ଅନ୍ତରୀକ୍ଷ କେନ୍ଦ୍ରରେ ଭାରତର ସ୍ଥାନ ଅତି ନଗଣ୍ୟ। ଏ କ୍ଷେତ୍ରରେ ଚୀନ୍ ଆଉ ପାଦେ ଆଗେଇ ୧୯୯୧ ମସିହାରେ ନିଜସ୍ୱ ଅନ୍ତରୀକ୍ଷ ଷ୍ଟେସନ ପ୍ରତିଷ୍ଠା କରି ସାରିଛି। ୨୦୨୫ ସୁଦ୍ଧା ରୁଷ ଏହି କେନ୍ଦ୍ରରୁ ଓହରିଯିବ। ଭାରତର ବ୍ୟାପକ ଗବେଷଣା ପରିସରକୁ ଦୃଷ୍ଟିରେ ରଖି ଭାରତ ୨୦୩୫ ସୁଦ୍ଧା ଅନ୍ତରୀକ୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଜରୁରୀ ହୋଇପଡ଼ିଛି ଏବଂ ଏହା 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର' ନାମରେ ନାମିତ ହେବ ବୋଲି ଜଣାପଡ଼ିଛି। ଏହାର ସଫଳ ରୂପାୟନ ପାଇଁ 'ଗଗନଯାନ' ମିଶନ ପ୍ରସ୍ତୁତ କରାଯାଇଛି। ଏହି ମିଶନ ଜରିଆରେ ମନୁଷ୍ୟକୁ ମହାକାଶକୁ ପଠାଯାଇ ଏହି ଷ୍ଟେସନକୁ କାର୍ଯ୍ୟକ୍ଷମ କରାଯିବ।

ଏହି ଅଭିଯାନର ଜନକ ଓ ବିନ୍ଧାଣି ହେଉଛନ୍ତି ବିକ୍ରମ ସରାଭାଇ ମହାକାଶ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଉନ୍ନିକ୍ରିଷ୍ଣନ ନାୟାର। ଚଳିତ ବର୍ଷ ଫେବ୍ରୁଆରୀ ୨୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନୋନୀତ ଚାରିଜଣ 'ଗଗନଯାନ'ର ମହାକାଶଚାରୀଙ୍କୁ ଅଭିନନ୍ଦନ ଜଣାଇ ସମଗ୍ର ଦେଶବାସୀଙ୍କୁ ପ୍ରତିନିଧି ରୂପେ ବର୍ଣ୍ଣନା କରିଛନ୍ତି।

ଦୀର୍ଘ ୪୦ ବର୍ଷ ତଳେ ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମାଙ୍କୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରଶ୍ନ କରିଥିଲେ ଯେ ଅନ୍ତରୀକ୍ଷରୁ ଭାରତ କିଭଳି ଦେଖାଯାଉଛି। ସେତେବେଳେ ସେ ତାଙ୍କ ଉତ୍ତରରେ କହିଥିଲେ, 'ସାରେ ଜାହାଁ ସେ ଆଚ୍ଛା ହିନ୍ଦୁସ୍ଥାନ ହମାରା'। ଅର୍ଥାତ ସମଗ୍ର ଜଗତରେ ଭାରତ ହିଁ ଶ୍ରେଷ୍ଠ। ରାକେଶ ଶର୍ମାଙ୍କ ଏଭଳି ଉକ୍ତି ସେତେବେଳେ ସମଗ୍ର ଦେଶକୁ ପ୍ରଭାବିତ କରିଥିଲା। 'ଗଗନଯାନ' ମିଶନର ମହାକାଶଚାରୀମାନଙ୍କୁ ଭାରତର ଦୃଶ୍ୟ ମହାକାଶରୁ କିପରି ଲାଗିବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

## ଇଡିରେ ହାଜର ହେଲେନି କେଜ୍ରିୱାଲ

**ନୂଆଦିଲ୍ଲୀ, ୪।୩(ଏଜେନ୍ସି):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅଷ୍ଟମ ସମନକୁ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏଡ଼ାଇ ଯାଇଛନ୍ତି। ସେ ଇଡି ସମନକୁ ବେଆଇନ ତଥା ରାଜନୈତିକ ଆକ୍ରୋଶ ପ୍ରଣୋଦିତ କହି ଅମାନ୍ୟ କରିଛନ୍ତି। ତେବେ ଅଦାଲତଙ୍କ ନିର୍ଦ୍ଦେଶ ମିଳିଲେ ଇଡି ଦପ୍ତରକୁ ଯିବେ ବୋଲି କହିଛନ୍ତି। ମାର୍ଚ୍ଚ ୧୨ ତାରିଖ ପରେ ଯେକୌଣସି ଦିନ ଭିଡିଓ କନଫରେନ୍ସ ଜରିଆରେ ଇଡିର ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ସେ ପ୍ରସ୍ତୁତ ଥିବା ଉଲ୍ଲେଖ କରିଛନ୍ତି।

## ଟିଏମ୍‌ସିରୁ ତାପସ ରୟଙ୍କ ଇସ୍ତଫା

**କୋଲକାତା, ୪।୩ (ଏଜେନ୍ସି):** ଲୋକସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସିର ବରିଷ୍ଠ ନେତା ତାପସ ରୟ ସୋମବାର ବିଧାୟକ ପଦ ଏବଂ ଦଳରୁ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ଜାନୁଆରୀରେ ତାଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ଉ କରିଥିଲା। ଏହି ସମୟରେ ଦଳ ତାଙ୍କୁ ସାହାଯ୍ୟ କରି ନ ଥିଲା। କେହି ମଧ୍ୟ ସହାନୁଭୂତି ପ୍ରକାଶ କରି ନ ଥିଲେ। ଏବେ ସେ ସ୍ୱାଧୀନ ହୋଇଯାଇଛନ୍ତି। ଦଳରେ ସମ୍ମାନ ମିଳୁ ନ ଥିଲା। ଏଥିପାଇଁ ସେ ଦଳରୁ ଇସ୍ତଫା ଦେଲେ ବୋଲି କହିଛନ୍ତି। ଟିଏମ୍‌ସି ତାଙ୍କ ପାଇଁ ଠିକ୍ ନୁହେଁ। ଦଳରେ ସବୁଠି ଦୁର୍ନୀତି ଚାଲିଛି। ଜଣଙ୍କ ଅପରାଧର ଭଳ ଅନ୍ୟମାନେ ଭୋଗିବା ଉଚିତ ନୁହେଁ ବୋଲି କହିଛନ୍ତି।

## ବିରଳ ରୋଗର ଔଷଧରେ ସୀମା ଶୁଳ୍କ ନ ଲଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୪।୩ (ଏଜେନ୍ସି):** ବିରଳ ରୋଗର ଔଷଧ ଏବଂ ଚିକିତ୍ସାରେ ସୀମା ଶୁଳ୍କ ଏବଂ ଅନ୍ୟ ଦେୟ ନ ଲଗାଇବାକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡଚେନ ମସ୍କୁଲର ଡିଷ୍ଟ୍ରଫି ଏବଂ ହଣ୍ଟର ସିଣ୍ଡ୍ରୋମ ଭଳି ବିରଳ ରୋଗରେ ପୀଡ଼ିତ ଶିଶୁଙ୍କ ସମ୍ବନ୍ଧିତ ଆବେଦନର ଶୁଣାଣି କରି ଜଷ୍ଟିସ ପ୍ରତିଭା ଏମ୍ ସିଂହ ଏହି ଆଦେଶ ଦେଇଛନ୍ତି। ଆବେଦନରେ ରୋଗୀଙ୍କ ପାଇଁ ମାଗଣା ଚିକିତ୍ସା ଦେବାକୁ ଦାବି କରାଯାଇଥିଲା। ଜଷ୍ଟିସ ସିଂହ କହିଥିଲେ ଯେ ବିରଳ ରୋଗର ଚିକିତ୍ସା ପାଇଁ ବାହାରୁ ଔଷଧ ମଗା ଯାଇଥାଏ। ସେତେବେଳେ ଏହି ଔଷଧକୁ ତୁରନ୍ତ ଅନୁମତି ଦେବାକୁ ସୀମାଶୁଳ୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସମ୍ବନ୍ଧିତ ହସ୍ପିଟାଲ ପର୍ଯ୍ୟନ୍ତ ଔଷଧକୁ ପହଞ୍ଚାଇବାକୁ ସୁନିଶ୍ଚିତ କରିବା ଲାଗି କହିଛନ୍ତି।

## ଡେପୁଟି-ମେୟର ନିର୍ବାଚନରେ ବିଜେପି ବିଜୟୀ

**ଚଣ୍ଡିଗଡ଼, ୪।୩ (ଏଜେନ୍ସି):** ଚଣ୍ଡିଗଡ଼ ପୌରପାଳିକାର ବରିଷ୍ଠ ଡେପୁଟି-ମେୟର ଏବଂ ଡେପୁଟି-ମେୟର ନିର୍ବାଚନରେ ବିଜେପି ବିଜୟୀ ହୋଇଛନ୍ତି। ପ୍ରଥମ ଥର ପାଇଁ ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ବିଜେପିର କୁଲଜୀତ ସନ୍ଧୁ ୩ ଭୋଟରେ ସିନିୟର ଡେପୁଟି ମେୟର ନିର୍ବାଚନ ଜିତିଛନ୍ତି। ତାଙ୍କୁ ମୋଟ ୧୯ ଭୋଟ ମିଳିଥିବାବେଳେ ଆପ୍-କଂଗ୍ରେସ ପ୍ରାର୍ଥୀ ଗୁରପ୍ରିତ ସିଂହ ଗାଭିଙ୍କୁ ୧୬ ଭୋଟ ମିଳିଥିଲା।

## ହିମାଚଳରେ ମହିଳାଙ୍କୁ ମାସକୁ ୧୫୦୦, ଦିଲ୍ଲୀରେ ୧୦୦୦ ଟଙ୍କା ମିଳିବ

**ନୂଆଦିଲ୍ଲୀ, ୪।୩ (ଏଜେନ୍ସି):** ଲୋକସଭା ନିର୍ବାଚନ ପୂର୍ବରୁ ହିମାଚଳ ପ୍ରଦେଶ ଏବଂ ଦିଲ୍ଲୀ ସରକାର ମହିଳାଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି। ହିମାଚଳରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ମହିଳା ଏବଂ ଝିଅଙ୍କୁ ମାସକୁ ୧୫୦୦ ଟଙ୍କା ଲେଖାଏଁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ଘୋଷଣା କରିଛନ୍ତି। ଏପ୍ରିଲ ୧ରୁ ଏହି ଯୋଜନା ଆରମ୍ଭ ହେବ। ଏହାର ନାମ 'ଇନ୍ଦିରା ଗାନ୍ଧୀ ପ୍ୟାରୀ ବହନା ସୁଖ୍ ସମ୍ମାନ ନିଧି ଯୋଜନା' ରଖାଯାଇଛି। ଏଥିପାଇଁ ବର୍ଷକୁ ୮୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଅନ୍ୟପକ୍ଷରେ ଦିଲ୍ଲୀ ଅର୍ଥମନ୍ତ୍ରୀ ଆତିଶୀ ମାର୍ଲେନା ସୋମବାର ବଜେଟ ଉପସ୍ଥାପନ କରି ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ମହିଳାଙ୍କୁ ମାସକୁ ହଜାରେ ଟଙ୍କା ଲେଖାଏଁ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ସରକାର ମହିଳା ସମ୍ମାନ ଯୋଜନା ଆଣିଛନ୍ତି। ସେ ଅଭିଭାଷଣ ଦେଇ କହିଛନ୍ତି ଯେ ଏବେ ଆଉ ଧନୀର ଶିଶୁ ଧନୀ ଏବଂ ଗରିବର ଶିଶୁ ଗରିବ ହେବ ନାହିଁ। ରାମରାଜ୍ୟର ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ୯ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି।

## ରାଠି ହତ୍ୟା ମାମଲାରେ ୨ ସୁଟର୍ ଗିରଫ

**ପାଣାଜି, ୪।୩(ଏଜେନ୍ସି):** ଭାରତୀୟ ଜାତୀୟ ଲୋକଦଳ(ଆଇଏନଏଲଡି)ର ହରିୟାଣା ରାଜ୍ୟ ଶାଖା ସଭାପତି ନାଫେ ସିଂହ ରାଠିଙ୍କ ୪ ସନ୍ଦିଗ୍ଧ ହତ୍ୟାକାରୀଙ୍କ ମଧ୍ୟରୁ ୨ଜଣଙ୍କୁ ଆଜି ଗିରଫ କରାଯାଇଛି। ଝାଜ୍ଜର ପୁଲିସ, ଦିଲ୍ଲୀ ପୁଲିସ ସ୍ପେଶାଲ ସେଲ ଓ ହରିୟାଣା ପୁଲିସର ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ୍) ମିଳିତ ଭାବେ ଉତ୍ତର ଗୋଆର ଏକ ହୋଟେଲରେ ଚଢ଼ଉ କରି ସୌରଭ ଓ ଆଶିଷ ନାମକ ଦୁଇ ସୁଟରଙ୍କୁ ଗିରଫ କରିଛନ୍ତି। ଗତ ଫେବୃଆରୀ ୨୫ ତାରିଖରେ ନାଫେ ସିଂହ ରାଠି ଓ ଆଇଏନଏଲଡି କର୍ମୀ ଜୟ କିଷନ ବସିଥିବା ଏକ ଗାଡ଼ି ଉପରକୁ ୪ଜଣ ବନ୍ଧୁକଧାରୀ ଆଖିବୁଜା ଗୁଳିମାଡ଼ କରିଥିଲେ। ହତ୍ୟା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବେ ଘଟାଯାଇଥିବା ସେହି ଆକ୍ରମଣରେ ରାଠି ଓ ଜୟ କିଷନ ନିହତ ହୋଇଥିଲେ।

## ପାର୍ଟି ଅଫିସ୍ ଖାଲି କରିବାକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ, ୪।୩ (ଏଜେନ୍ସି):** ଆସନ୍ତା ଜୁନ ମାସ ୧୫ ତାରିଖ ସୁଦ୍ଧା ଆମ୍ ଆଦମୀ ପାର୍ଟି(ଆପ୍) ଏହାର ଦଳୀୟ କାର୍ଯ୍ୟାଳୟକୁ ହଟାଇବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏକ ଜିଲ୍ଲା କୋର୍ଟ ପରିସରର ସଂପ୍ରସାରଣ ଲାଗି ଦିଲ୍ଲୀ ହାଇକୋର୍ଟକୁ ଯେଉଁ ପ୍ଲଟ୍ ଯୋଗାଇ ଦିଆଯାଇଥିଲା ସେହି ପ୍ଲଟ୍‌ରେ ଏବେ ଆପ୍‌ର ଦଳୀୟ କାର୍ଯ୍ୟାଳୟ ରହିଛି। ପୂର୍ବରୁ ଏହାକୁ ହଟାଇବା ଲାଗି କୁହାଯାଇଥିଲେ ହେଁ ଆପ୍ ଏଥିପାଇଁ ସମୟ ମାଗିଥିଲା। ତେବେ ଆଗାମୀ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଯଥେଷ୍ଟ ସମୟ ଦେବା ସହିତ ଜୁନ୍ ୧୫ ମଧ୍ୟ ଅଫିସ୍ ହଟାଇବାକୁ କହିଛନ୍ତି।



## ସନାତନ ଟିପ୍ପଣୀ ପ୍ରସଙ୍ଗରେ ଉଦୟନିଧିଙ୍କୁ ଭର୍ତ୍ସନା



**ନୂଆଦିଲ୍ଲୀ, ୪।୩ (ଏଜେନ୍ସି):** ସନାତନ ଧର୍ମକୁ ନେଇ ତାମିଲନାଡୁ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଦେଇଥିବା ଟିକା ଟିପ୍ପଣୀ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଉଦୟନିଧିଙ୍କୁ ଭର୍ତ୍ସନା କରିଛନ୍ତି। ଉଦୟନିଧିଙ୍କ ଟିପ୍ପଣୀ ପରେ ତାଙ୍କ ବିରୋଧରେ ତାମିଲନାଡୁ ଠାରୁ ଆରମ୍ଭ କରି ମହାରାଷ୍ଟ୍ର, ବିହାର, କର୍ଣ୍ଣାଟକ, ଉତ୍ତରପ୍ରଦେଶ ଏବଂ ଜମ୍ମୁ କାଶ୍ମୀର ଭଳି ବହୁ ରାଜ୍ୟରେ ଏତଲା ଦାଏର ହୋଇଥିଲା। ତେବେ ସବୁ ଏତଲାକୁ ମିଶାଇ ଏହାକୁ ଏକକ ମାମଲା ଭାବେ ବିଚାର କରିବାକୁ ଉଦୟନିଧି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୋମବାର ଏହି ପ୍ରସଙ୍ଗରେ ଶୁଣାଣି କରାଯାଇଥିଲା ବେଳେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଦୟନିଧିଙ୍କ ଓକିଲ ଅଭିଷେକ ମନୁସିଂଘଭିଙ୍କ ଉପରେ ବର୍ଷିଥିଲେ। ଉଦୟନିଧି କୌଣସି ସାଧାରଣ ଲୋକ ନୁହନ୍ତି, ବରଂ ଜଣେ ମନ୍ତ୍ରୀ ଅଛନ୍ତି। ତେଣ ତାଙ୍କର ଏଭଳି ଟିପ୍ପଣୀର ପରିଣାମ କ'ଣ ହେବ ତାହା ସେ କହିବା ପୂର୍ବରୁ ଚିନ୍ତା କରିବାର ଥିଲା। ଏଭଳି ଟିକା ଟିପ୍ପଣୀ ଦେଇ ସେ ସମ୍ବିଧାନ ଧାରା ୧୯ (୧) (କ) କୁ ଉଲ୍ଲଙ୍ଘନ କରିବା ସହିତ ଧାରା ୨୫ ଏବଂ ୩୨ର ମଧ୍ୟ ବ୍ୟତିକ୍ରମ କରିଛନ୍ତି ବୋଲି ଖଣ୍ଡପୀଠ କହିଥିଲେ।

### ହାଇତିର ସବୁ ଅପରାଧିକ ଗ୍ୟାଙ୍ଗ୍ ଏକାଠି

## ଜେଲ୍‌ରେ ଆକ୍ରମଣ; ଖସିଗଲେ ୪ ହଜାର କଏଦୀ



**ପୋର୍ଟ-ୟୁ-ପ୍ରିନ୍ସ, ୪।୩ (ଏଜେନ୍ସି)**

କାରବିୟାନ ଦେଶ ହାଇତିର ଜେଲ୍‌ରୁ ୪ ହଜାର କଏଦୀ ପଳାଇଛନ୍ତି। ଏହି ଅପରାଧି ବିଭିନ୍ନ ସ୍ଥାନରେ ଲଙ୍କାକାଣ୍ଡ ଘଟାଇଛନ୍ତି। ଦେଶର ବିଭିନ୍ନ ଭାଗରେ ହିଂସା କରୁଛନ୍ତି। ଦୋକାନ ଏବଂ ଘର ଭଙ୍ଗାରୁଜା କରୁଛନ୍ତି। ଏଥିଯୋଗୁଁ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଛି। ହିଂସାରେ ଏ ପର୍ଯ୍ୟନ୍ତ ୧୨ ଜଣ ଲୋକଙ୍କ ମୃତ୍ୟୁ ହେଲାଣି। ଏହାକୁ ଦେଖି ସରକାର ୭୨ ଘଣ୍ଟା ପାଇଁ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି। ଜାତିସଂଘର ଶାନ୍ତି ସେନା ମଧ୍ୟ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ଦେଶର ଅନେକ ଅପରାଧି ଗ୍ୟାଙ୍ଗ ସରକାରୀ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲେ। ପରେ ଜେଲ୍‌ରେ ଆକ୍ରମଣ କରିଥିଲେ। ଏହି ସମୟରେ ୪ ହଜାରରୁ ଅଧିକ କଏଦୀ ଫେରାର ହୋଇ ଯାଇଥିଲେ।

> ସାରା ଦେଶରେ ଜରୁରୀକାଳୀନ ସ୍ଥିତି
>
> ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତକୁ ନେଇ ହିଂସା; ୧୨ ମୃତ
>
> ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି ଅପରାଧୀ

ଏହାପରେ ବିଭିନ୍ନ ସ୍ଥାନରେ ହିଂସା ଆରମ୍ଭ କରି ଦେଇଥିଲେ। ପ୍ରଧାନମନ୍ତ୍ରୀ ଏରିୟଲ ହେନରିଙ୍କ କେନିଆ ଗସ୍ତକୁ ନେଇ ଏହି ହିଂସା ହୋଇଥିବା କୁହାଯାଉଛି। ସେ ମଲ୍ଟିନ୍ୟାସନାଲ ସିକ୍ୟୁରିଟି ଫୋର୍ସକୁ ଦେଶରେ ମୁତୟନ କରିବାକୁ ଚାହୁଁଥିଲେ। ଏହା ଉପରେ ଚର୍ଚ୍ଚା ପାଇଁ ସେ ନୈରୋବି ଯାଇଥିଲେ। ତେଣୁ ସମସ୍ତ ଅପରାଧିକ ଗ୍ୟାଙ୍ଗ ଏକାଠି ହୋଇ ଏହାକୁ ବିରୋଧ କରିଥିଲେ। ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହିଂସା ଆରମ୍ଭ କରିଦେଇଥିଲେ।

ହାଇତି ପୁଲିସ ଏହି ଅପରାଧିଙ୍କୁ ଧରିବା ପାଇଁ ସେନାକୁ ସହାୟତା ମାଗିଛି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଜେଲ୍‌ରୁ ପଳାଇଥିବା କିଛି ଅପରାଧିଙ୍କୁ ପୁଲିସ ନିପାତ କରିଥିଲା। ଫେରାର କଏଦୀଙ୍କ ମଧ୍ୟରେ ୨୦୨୧ରେ ହାଇତି ରାଷ୍ଟ୍ରପତି ଜୋଭେନେଲ ମୋଇସେଙ୍କ ହତ୍ୟାରେ ସାମିଲ ଅପରାଧି ମଧ୍ୟ ଅଛନ୍ତି।

### ପ୍ରଧାନମନ୍ତ୍ରୀ ହେଉଛନ୍ତି ବଡ଼ ଭାଇ

## କେନ୍ଦ୍ରର ସହଯୋଗ ଲୋଡ଼ିଲେ ରେବନ୍ତ

**ହାଇଦରାବାଦ, ୪।୩(ଏଜେନ୍ସି)**



ତେଲଙ୍ଗାନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ମୋଦୀଙ୍କୁ ଭବ୍ୟ ସ୍ୱାଗତ କରିବା ସହିତ ତାଙ୍କ ସହ ବୈଠକରେ ଯୋଗ ଦେଇଛନ୍ତି। ଏହି ସମୟରେ ସେ ପ୍ରଧାନମନ୍ତ୍ରୀଙ୍କୁ ବଡ଼ ଭାଇ ସମ୍ବୋଧନ କରି ରାଜ୍ୟର ବିକାଶ ପାଇଁ ସହଯୋଗ ଲୋଡ଼ିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓ ପ୍ରଧାନମନ୍ତ୍ରୀଙ୍କ ବୈଠକରୁ ଦୂରେଇ ରହୁଥିଲା ବେଳେ ରେବନ୍ତ ଭିନ୍ନ ମୁଦ୍ରାରେ ମୋଦୀଙ୍କ ପ୍ରତି ନିଜର ଆଭିମୁଖ୍ୟ ଦେଖାଇଛନ୍ତି। ରେବନ୍ତ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଅର୍ଥ ସେ ଆମ ପାଇଁ ବଡ଼ ଭାଇ ସଦୃଶ। ତାଙ୍କ ସହଯୋଗରେ ହିଁ ଜଣେ ମୁଖ୍ୟମନ୍ତ୍ରୀ ନିଜ ରାଜ୍ୟକୁ ଆଗକୁ ନେଇପାରିବେ। ଏହିକ୍ରମରେ ସେ ଗୁଜରାଟ ମଡେଲକୁ ପ୍ରଶଂସା କରିବା ସହିତ ତେଲଙ୍ଗାନାକୁ ଆଗକୁ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ କାମନା କରିଥିଲେ। ଭାରତ ୫ ଟ୍ରିଲିୟନ ଅର୍ଥନୀତି ଲକ୍ଷ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଥିଲା ବେଳେ ଏହା ସବୁ ରାଜ୍ୟର ଦ୍ରୁତ ଅଭିବୃଦ୍ଧ ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ ବୋଲି ରେବନ୍ତ କହିଥିଲେ।

## ଇସ୍ରୋ ମୁଖ୍ୟଙ୍କୁ କର୍କଟ



**ବେଙ୍ଗାଲୁରୁ, ୪।୩ (ଏଜେନ୍ସି):** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ମୁଖ୍ୟ ଏସ୍ ସୋମନାଥ (୬୦)ଙ୍କୁ କର୍କଟ ହୋଇଛି। ସେ ନିଜେ ଏହି ସୂଚନା ଦେଇଛନ୍ତି। ଏକ ସାକ୍ଷାତକାରରେ ସୋମନାଥ କହିଛନ୍ତି ଯେ ଚନ୍ଦ୍ରଯାନ-୩ ଉତ୍‌କ୍ଷେପଣ (ଅଗଷ୍ଟ ୨୩) ସମୟରେ ସ୍ୱାସ୍ଥ୍ୟାବସ୍ଥାକୁ ନେଇ କିଛି ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ସେ ସମୟରେ ଏହା ସ୍ପଷ୍ଟ ହୋଇପାରି ନ ଥିଲା। ଆଦିତ୍ୟ ଏଲ୍-୧ର ଉତ୍‌କ୍ଷେପଣ (ସେପ୍ଟେମ୍ବର ୨) ଦିନ ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ପରେ ଯାଞ୍ଚରୁ ପେଟରେ କର୍କଟ ହୋଇଥିବା ଜଣାପଡ଼ିଥିଲା। ତାଙ୍କର ଅସ୍ତ୍ରୋପଚାର ମଧ୍ୟ ହୋଇସାରିଛି। ସେ କେମୋଥେରାପି ମଧ୍ୟ ନେଇଛନ୍ତି। ରୋଗ ବିଷୟରେ ଜଣାପଡ଼ିବା ପରେ ଚେନ୍ନଇରେ ସୋମନାଥଙ୍କର ଆଉ କିଛି ପରୀକ୍ଷା କରାଯାଇଥିଲା। ଏହା ପରେ କର୍କଟ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏଥିପାଇଁ ତାଙ୍କ ଶରୀରରେ କିଛି ପରିବର୍ତ୍ତନ ଦେଖା ଯାଇଥିଲା। ସୋମନାଥ କହିଛନ୍ତି ଯେ ଏହି ଖବର ତାଙ୍କ ପରିବାରକୁ ବିଚଳିତ କରି ଦେଇଥିଲା। ଏବେ ରୋଗକୁ ବୁଝି ଚିକିତ୍ସା କରାଯାଉଛି। ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ କେତେ ଦିନ ଲାଗିବ ତାହା କହି ହେବ ନାହିଁ। ସୂଚନା ଅନୁଯାୟୀ ଇସ୍ରୋ ମୁଖ୍ୟ ୪ ଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ରହିଥିଲେ। ପଞ୍ଚମ ଦିନ ଅଫିସରେ ପହଞ୍ଚି ଯାଇଥିଲେ। ସେ ବିନା ସମସ୍ୟାରେ କାର୍ଯ୍ୟ କରିଥିଲେ। ଏହା ତଙ୍କାର ମନୋବଳ ଏବଂ କାର୍ଯ୍ୟ କରିବାର ଆଗ୍ରହକୁ ଦେଖାଉଛି।

## ଶପଥ ନେଲେ ଶାହବାଜ୍ ସରିଫ

**ଇସଲାମାବାଦ, ୪।୩(ଏଜେନ୍ସି):** ପାକିସ୍ତାନର ୨୪ ତମ ପ୍ରଧାନମନ୍ତ୍ରୀ ଭାବେ ଶାହବାଜ୍ ସରିଫ ସୋମବାର ଶପଥ ନେଇଛନ୍ତି। ଏଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ



ରାଷ୍ଟ୍ରପତି ଆରିଫ୍ ଆଲଭି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ସମୟରେ ପାକିସ୍ତାନ ସେନା ମୁଖ୍ୟଙ୍କ ସମେତ ପିଏମଏଲ-ଏନ ସୁପ୍ରିମୋ ତଥା ଶାହାବାଜଙ୍କ ବଡ଼ ଭାଇ ନୱାଜ୍ ସରିଫ, ପିପିପି ନେତା ଅସିଫ ଅଲ୍ଲୀ ଜର୍ଦ୍ଦାରୀ ଏବଂ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗତକାଲି ଶାହବାଜ୍ ଜାତୀୟ ଆସେମ୍ବ୍ଲିରେ ବହୁ ମତରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ।

## ମହୁଆଙ୍କୁ ହାଇକୋର୍ଟ ଝଟକା

**ନୂଆଦିଲ୍ଲୀ, ୪।୩(ଏଜେନ୍ସି):** ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ର ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ୍ ଦେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଓ ଓକିଲ ଅନନ୍ତ ଦେହାଦ୍ରୀ ତାଙ୍କ ସମ୍ପର୍କରେ ଯେଉଁ ଅପପ୍ରଚାର ଚଳାଇଛନ୍ତି ତାହାକୁ ରୋକିବା ପାଇଁ ଆଇନାନୁଯାୟୀ ପଦକ୍ଷେପ ନେବାକୁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଆଜି ତାଙ୍କୁ ନିରାଶ କରିଛନ୍ତି। ମହୁଆଙ୍କ ପିଟିସନ୍ ଖାରଜ ହୋଇଛି। ମହୁଆ ତାଙ୍କ ପିଟିସନରେ ଦର୍ଶାଇଥିଲେ ଯେ ସଂସଦରେ ପ୍ରଶ୍ନ କରିବା ପାଇଁ ସେ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ନେଇଥଇଲେ ବୋଲି ଦୁବେ ଓ ଦେହାଦ୍ରୀ କହୁଛନ୍ତି। ସେ ଲାଞ୍ଚ ନେଇଥିବା ବିଷୟରେ ଯାହା କୁହାଯାଉଛି ତାହା ମିଛ। ହୀରାନନ୍ଦାନୀଙ୍କୁ ସେ କେବଳ ନିଜର ସଂସଦ ଲଗ-ଇନ୍ ପାସୱାର୍ଡ ସେୟାର କରିଥିଲେ, ଯାହା ଅନ୍ୟ ବହୁ ସାଂସଦ କରିଥାନ୍ତି। ମହୁଆଙ୍କ ତରଫରୁ ଯେଉଁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ସେଥିରେ କୋର୍ଟ ସନ୍ତୁଷ୍ଟ ହୋଇନଥିଲେ। ଅନ୍ୟପକ୍ଷରେ ଫେମା ନିୟମ ଉଲଂଘନ ମାମଲାରେ ଇଡି ସୋମବାର ମହୁଆଙ୍କୁ ନୋଟିସ ଜାରି କରିଛି। ତାଙ୍କୁ ୧୧ ତାରିଖରେ ହାଜର ହେବାକୁ କହିଛି।

### ବିଜେପିର 'ମୋଦୀ କା ପରିବାର' ପ୍ରଚାର ଅଭିଯାନ

## ବିରୋଧୀଙ୍କୁ ମହଙ୍ଗା ପଡ଼ିପାରେ ଲାଲୁଙ୍କ 'ପରିବାର' ଟିପ୍ପଣୀ

**ନୂଆଦିଲ୍ଲୀ, ୪।୩(ଏଜେନ୍ସି)**

୨୦୧୯ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଶାଣ କରି ବିରୋଧୀ ଦଳଙ୍କ ପକ୍ଷରୁ ଦିଆଯାଇଥିବା ନାରା କିଭଳି ଖୋଦ୍ ବିରୋଧୀଙ୍କ ପାଇଁ କାଳ ହୋଇଥିଲା ତାହା ସମସ୍ତେ ଜାଣନ୍ତି। ଏହି ସମୟରେ ମୋଦୀଙ୍କ ବିରୋଧରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଚୌକିଦାର ଚୋର ହେ' ନାରା ଦେଇ ଭୋଟରଙ୍କ ମନ ବଦଳାଇ ଦେବେ ବୋଲି ଭାବିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିରୋଧୀଙ୍କୁ ନିଶାଣ କରି ବିଜେପି ଆରମ୍ଭ କରିଥିଲା 'ମେଁ ଭି ଚୌକିଦାର' ଅଭିଯାନ ଯାହାକି ମୋଦୀଙ୍କ ସପକ୍ଷରେ ହାୱା ସୃଷ୍ଟି କରିଥିଲା। କିନ୍ତୁ ଏହି ଘଟଣାରୁ ବି ବିରୋଧୀ କିଛି ଶିଖି ନଥିଲେ। ଏବେ ବିରୋଧୀ ଇଣ୍ଡିଆ ମେଣ୍ଟର ଅନ୍ୟତମ ସଦସ୍ୟ ଆରଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ ମୋଦୀଙ୍କ ବିରୋଧରେ ଦେଇଥିବା ଟିପ୍ପଣୀ ସମାନ



ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି ବୋଲି ସାଧାରଣରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ଲାଲୁ ଗତକାଲି ଇଣ୍ଡିଆ ମେଣ୍ଟ ରାଲିରେ ମୋଦୀଙ୍କ ପରିବାରକୁ ନେଇ ପ୍ରଶ୍ନ ଉଠାଇଥିଲେ। ତାଙ୍କର କାହିଁକି ପିଲା ଛୁଆ ନାହିଁ ବୋଲି କହିଥିଲେ। କିନ୍ତୁ ଏହାର ୨୪ ଘଣ୍ଟା ପରେ ଜବାବ ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ସେ ଲାଲୁଙ୍କ ଟିପ୍ପଣୀକୁ ନେଇ ତେଲଙ୍ଗାନାରେ ଏକ ଜନସଭାକୁ ସମ୍ବୋଧିତ କରି ଦେଶର ୧୪୦ କୋଟି ଲୋକ ହିଁ ତାଙ୍କ ପରିବାର ବୋଲି କହିଛନ୍ତି। ତାଙ୍କର ନିଜସ୍ୱ ସ୍ୱପ୍ନ ବୋଲି କିଛି ନାହିଁ। ସେ ଯାହା କିଛି ଭଲ କରିବାକୁ ଚାହାନ୍ତି ତାହାକୁ ୧୪୦ କୋଟି ଦେଶବାସୀଙ୍କ ହିତକୁ ରଖି କରିଥାଆନ୍ତି। ଏଥିପାଇଁ ସାରା ଦେଶବାସୀଙ୍କୁ ସେ ନିଜ ପରିବାର ଭଳି ଦେଖନ୍ତି ଏବଂ ଦେଶବାସୀ ମଧ୍ୟ ତାଙ୍କୁ ଏଥିପାଇଁ ଭଲ ପାଆନ୍ତି ବୋଲି ମୋଦୀ କହିଛନ୍ତି।

ଏହିକ୍ରମରେ ବିଜେପି ସୋସିଆଲ ମିଡିଆରେ 'ମୋଦୀ କା ପରିବାର' ଅଭିଯାନ ଆରମ୍ଭ କରିଛି। ଦଳୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ପାର୍ଟିର ବହୁ ପ୍ରମୁଖ ନେତା ନିଜ ଏକ୍ସ ବାୟୋରେ 'ମୋଦୀ କା ପରିବାର' ଉଲ୍ଲେଖ କରି ଏଥିରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି। କିଛି ଘଣ୍ଟା ମଧ୍ୟରେ ଏହି ପ୍ରଚାର ଅଭିଯାନକୁ ନେଇ ଦେଶର ବିଭିନ୍ନ ଭାଗରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଦେଖାଯାଇଛି। ଫଳରେ ୨୦୧୯ ନିର୍ବାଚନ ଭଳି ବିରୋଧୀଙ୍କୁ ୨୦୨୪ ନିର୍ବାଚନରେ ମଧ୍ୟ ସମାନ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ରାଜ୍ୟସଭାରୁ ନଡ୍ଡାଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୪।୩ (ଏଜେନ୍ସି):** ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ସୋମବାର ହିମାଚଳ ପ୍ରଦେଶ ରାଜ୍ୟସଭା ଆସନରୁ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି। ସେ ଲୋକସଭା ନିର୍ବାଚନ ଲଢ଼ିବେ ବୋଲି କୁହାଯାଉଛି। ଏହା ପୂର୍ବରୁ ନଡ୍ଡା ଗତ ୨୦ ତାରିଖରେ ନିର୍ଦ୍ୱନ୍ଦ୍ୱରେ ଗୁଜରାଟରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ ୬ ତାରିଖରେ ବିଜେପିର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି ହେବ ବୋଲି କୁହାଯାଉଛି। ଏହା ମଧ୍ୟରେ ବିଜେପିର ପ୍ରଥମ ତାଲିକାରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରିଙ୍କ ନାମ ନଥିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଧାନମନ୍ତ୍ରୀଙ୍କ ସହ ତିକ୍ତତା କାରଣରୁ ଗଡ଼କରିଙ୍କୁ ଟିକଟ ପାଇଁ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି ବୋଲି କୁହାଯାଉଛି। ତେବେ ଏହା ବାହାରକୁ ଆସିନାହିଁ। ଅନ୍ୟପଟେ ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ ଉତ୍ତରପ୍ରଦେଶ ବାରାବାଙ୍କୀର ବିଜେପି ପ୍ରାର୍ଥୀ ଉପେନ୍ଦ୍ର ସିଂହ ରାୱତ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଛନ୍ତି।

### ■ ଗୁଜରାଟରେ କଂଗ୍ରେସକୁ ଶକ୍ତ ଧକ୍କା

## ଦଳ ଛାଡ଼ିଲେ ପୂର୍ବତନ ଅଧ୍ୟକ୍ଷ, କାର୍ଯ୍ୟକାରୀ ସଭାପତି

**ଗାନ୍ଧୀନଗର, ୪।୩(ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଗୁଜରାଟରେ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ତିନି ଦିନ ପରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଠାରେ ପହଞ୍ଚିବାକୁ ରହିଥିବା ବେଳେ ଏହାପୂର୍ବରୁ ଦଳର ଦୁଇ ବରିଷ୍ଠ ନେତା କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସ ବିଧାୟକ ତଥା ପୂର୍ବତନ ରାଜ୍ୟ କଂଗ୍ରେସ ସଭାପତି ଅର୍ଜୁନ ମୋଡଓ୍‌ବାଡ଼ିଆଙ୍କ ସମେତ ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅମ୍ବରିସ୍ ଦେର ସୋମବାର ଦଳରୁ ଇସ୍ତଫା ଦେଇଛନ୍ତି। ଅର୍ଜ୍ଜୁନ ଗୁଜରାଟ ବାଚସ୍ପତି ଶଙ୍କର ଚୌଧୁରୀଙ୍କୁ ନିଜର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ୨୦୧୭ ବିଧାନସଭା ନିର୍ବାଚନ ବେଳେ ସେ କଂଗ୍ରେସର ମୁଖ୍ୟମନ୍ତ୍ରୀ ଚେହେରା ଥିଲେ। କିନ୍ତୁ ଏବେ ରାଜ୍ୟରେ କଂଗ୍ରେସର ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ, ଦଳ ଆଉ ଲୋକଙ୍କ ସହ ଜଡ଼ିତ ହୋଇପାରୁନି ଏବଂ ଦଳର ଜନାଧାର ହ୍ରାସ ପାଇବାରେ ଲାଗିଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଏହି ଦଳ ଆଉ ଦୀର୍ଘସୂତ୍ରରେ ତିଷ୍ଠି ରହି ପାରିବ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ଏହିକ୍ରମରେ ସେ ରାମ ମନ୍ଦିର ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ପ୍ରଭୁ ଶ୍ରୀରାମ କେବଳ ହିନ୍ଦୁଙ୍କ ପାଇଁ ପୂଜନୀୟ



ନୁହନ୍ତି, ବରଂ ସେ ଏ ଦେଶର ଆତ୍ମା ଏବଂ ବିଶ୍ୱାସର ପ୍ରତୀକ। କିନ୍ତୁ କଂଗ୍ରେସ ପ୍ରାଣ ପ୍ରତିଷ୍ଠା ଉତ୍ସବ ଆମନ୍ତ୍ରଣକୁ ପ୍ରତ୍ୟାଖାନ କରି ଦେଶବାସୀଙ୍କ ପ୍ରତି କୁଠାରଘାତ କରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅମ୍ବରିସ୍ ଆସନ୍ତାକାଲି ବିଜେପିରେ ସାମିଲ ହେବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି।

# ପ୍ରବାଦ ପୁରୁଷଙ୍କ ସ୍ମରଣେ...

## ୧୦୮ତମ ଜୟନ୍ତୀ



ପ୍ରତିଟି ଓଡ଼ିଆ ପ୍ରାଣରେ ସେ ଭିନ୍ନ ଭିନ୍ନ ଭାବନାରେ ସ୍ଥାନିତ। କିଏ କହେ ତାଙ୍କୁ ମାଟିର ବରପୁତ୍ର, କିଏ କହେ 'ଝଡ଼ର ଇଗଲ୍'। ସେ କିନ୍ତୁ 'କଳିଙ୍ଗ ବୀର', ନବ ଓଡ଼ିଶାର ପ୍ରମୁଖ ବିନ୍ଧାଣୀ। କୋଟି ଓଡ଼ିଆଙ୍କ ମୁଖନିସୃତ ପ୍ରବାଦ ପୁରୁଷ **ବିଜୁ ପଟ୍ଟନାୟକ**। ଆଜନ୍ମ ସାହସୀ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ବିଜୁବାବୁଙ୍କୁ କେବଳ ଓଡ଼ିଆ ଚିହ୍ନେନା; ସାରା ବିଶ୍ୱରେ ତାଙ୍କ ଦୁର୍ଦ୍ଧର୍ଷ ମାନସିକତାର, ତାଙ୍କ ଦୂରଦୃଷ୍ଟିର, ତାଙ୍କ କର୍ମନିପୁଣ ଜୀବନର ପ୍ରଶଂସା ଶୁଣିବାକୁ ମିଳେ। ତାଙ୍କ ଅବର୍ତ୍ତମାନରେ ବି ଏ ଓଡ଼ିଶା ମାଟିରେ ସେ ଅବିସ୍ମରଣୀୟ, ଅତୁଳନୀୟ, ଅବର୍ଣ୍ଣନୀୟ। ଆଜି ୧୦୮ ତମ ଜୟନ୍ତୀ ଅବସରରେ ତାଙ୍କ ଭଳି ଜଣେ ଯୋଗଜନ୍ମା ଓଡ଼ିଆ ସନ୍ତାନଙ୍କୁ ଭକ୍ତିପୂତ ସଶ୍ରଦ୍ଧ ପ୍ରଣାମ।

## ଝଡ଼ର ଇଗଲ୍

■ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ

ବିଜୁ ବାବୁ ଥିଲେ ବରେଣ୍ୟ ବରପୁତ୍ର, ବିକାଶ ପୁରୁଷ, ବିପ୍ଳବୀ, ବୈମାନିକ, ବିଶ୍ୱସ୍ତରରେ ପରିଚିତ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ, ବୈଚାରିକ ଓ ବୈଜ୍ଞାନିକ ଚିନ୍ତାଧାରାରେ ବିଶ୍ୱାସ ରଖୁଥିବା ମଣିଷ। କଳିଙ୍ଗର ହୃତଗୌରବକୁ ଭଲ ପାଉଥିବା ମଣିଷ ଭାବରେ ସେ ସଦା ସର୍ବଦା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ପରିଚୟ ସୃଷ୍ଟି କରିବାର ସ୍ୱପ୍ନ ଦେଖୁଥିଲେ। ଜୀବନ କାଳ ମଧ୍ୟରେ ବିଜୁ ବାବୁ ନିଜ ରାଜ୍ୟ, ଦେଶ ଏବଂ ବିଦେଶ (ଇଣ୍ଡୋନେସିଆ) ପାଇଁ ଯେତେ କୀର୍ତ୍ତିମାନ ରଚି ଯାଇଛନ୍ତି, ତାହା ସାଧାରଣ ମଣିଷଟିଏ ପାଇଁ କଳ୍ପନା ବାହାରେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସେନାବାହିନୀକୁ ସାହାଯ୍ୟ କରି ସେ ଦୃଷ୍ଟି ଆକର୍ଷଣ କରିପାରିଥିବା ବେଳେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗୁପ୍ତରେ ସହଯୋଗ କରି ଇଂରେଜ ସରକାରଙ୍କ ବିଷଦୃଷ୍ଟିରେ ପଡ଼ି ୩ ବର୍ଷ କାଳ କାରାରୁଦ୍ଧ ହୋଇଥିଲେ। ଡାକୋଟା ବିମାନ ଆଜି ଇତିହାସ ପାଲଟି ଯାଇଛି ଯେଉଁଥିରେ କଳିଙ୍ଗର ବରପୁତ୍ର ବିଜୁ ବାବୁ ନିଆଁ ସହିତ ଖେଳଖେଳିବା ଭଳି ସପତ୍ନୀକ ଇଣ୍ଡୋନେସିଆ ଯାଇ ଡଚ୍ ସେନାର ଘନ ଘନ ମୋମାବାଡ଼ ଭିତରେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସହରିଆର ଏବଂ ରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ଉଦ୍ଧାର କରି ଭାରତ ଆଣିଥିଲେ ଏବଂ ପରବର୍ତ୍ତୀ ସମୟରେ ଇଣ୍ଡୋନେସିଆ ସ୍ୱାଧୀନତା ଲାଭ କରିଥିଲା। କାଶ୍ମୀର ଉପରେ ପାକିସ୍ତାନର ଆକ୍ରମଣ, ଭାରତ ପାକିସ୍ତାନ ଯୁଦ୍ଧ ଏବଂ ଭାରତ ଚାଇନା ଯୁଦ୍ଧ ସବୁ ସମୟରେ ସେ ନିଜ ଜୀବନକୁ ବାଜି ଲଗାଇ ଦେଶ ପାଇଁ କବଚ ପରି ଛିଡ଼ା ହୋଇଥିଲେ।

ସ୍ୱାଧୀନତା ପରବର୍ତ୍ତି ସମୟରେ ସେ କଳିଙ୍ଗ ଏୟାରଲାଇନ୍ସ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ଆରମ୍ଭ କରିଥିଲେ ମଧ୍ୟ ଟାଟା, ବିରଲା, ଡାଲମିଆଁ ଭଳି ପ୍ରତିଷ୍ଠିତ ଶିଳ୍ପପତି ହେବାର ସ୍ୱପ୍ନକୁ ଜଳାଞ୍ଜଳି ଦେଇ ଗୋଟିଏ ପରେ ଗୋଟିଏ ଶିଳ୍ପକୁ ବିକକ୍ରୀ କରି ବିକଶିତ ଓଡ଼ିଶା ନିର୍ମାଣର ସାରଥି ହେବାପାଇଁ ମନ ବଳାଇଲେ ଏବଂ କଳିଙ୍ଗ ରଥରେ ବସି ଦୀର୍ଘ ୫୦ ବର୍ଷର ରାଜନୈତିକ ଜୀବନ କାଳ ମଧ୍ୟରେ ଅନେକ ଉତଥାନ ପତନ ମଧ୍ୟ ଦେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ଏବଂ ନବେ ଦଶକରେ ଦେଶର କିଙ୍ଗ ମେକର ହେବାର ଯଶ ଲାଭ କରିପାରିଲେ।

ଇଣ୍ଡୋନେସିଆର ଭୂମିପୁତ୍ର ତଥା ଉତ୍ତମ ସମ୍ମାନର ଅଧିକାରୀ ବିଜୁ ବାବୁ ଓଡ଼ିଶାର ପ୍ରଗତି ପାଇଁ ନିଜର ଜିଦ୍ ଦେଖାଇବାକୁ ପଛାଉ ନଥିଲେ। ଯେଉଁଥି ପାଇଁ ୧୯୬୧ ମସିହାରେ ବିନା କେନ୍ଦ୍ରୀୟ ସହାୟତାରେ ପାରାଦୀପ ବନ୍ଦର ନିର୍ମାଣ ଭଳି ଐତିହାସିକ ନିଷ୍ପତ୍ତି ନେଇ ନିଜର ସାହସିକ ପରିଚୟ ପ୍ରଦର୍ଶନ କରିଯାଇଛନ୍ତି। ଖଣିଜ ସମ୍ପଦର ସୁବିନିଯୋଗରେ ବୃହତ ଶିଳ୍ପ ନିର୍ମାଣ ସହ କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ଯୁବକମାନଙ୍କର ନିଯୁକ୍ତି ପାଇଁ ସଦାସର୍ବଦା ଚିନ୍ତାକରୁଥିଲେ। ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଉଦ୍ଦେଶ୍ୟରେ ନିଜ ଉଦ୍ୟମରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ଗଢ଼ି ୟୁନେସ୍କୋ ସହଯୋଗରେ ପୃଥିବୀର ପ୍ରତିଷ୍ଠିତ ବୈଜ୍ଞାନିକମାନଙ୍କୁ କଳିଙ୍ଗ ୟୁନେସ୍କୋ ପୁରସ୍କାର ପ୍ରଦାନ ପାଇଁ ବ୍ୟବସ୍ଥା କରିଯାଇଛନ୍ତି। ଐତିହାସିକ ପଦକ୍ଷେପ ଭାବରେ ବିଜୁ ବାବୁ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କରିଥିଲେ ଏବଂ ନବେ ଦଶକରେ ପଞ୍ଚାୟତି ରାଜ ନିର୍ବାଚନରେ ଦେଶରେ ମହିଳାମାନଙ୍କୁ ପ୍ରଥମଥର ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରି ଏକ ସୁବର୍ଣ୍ଣ ଯୁଗ ଆରମ୍ଭ କରିଯାଇଛନ୍ତି। ପରବର୍ତ୍ତି ସମୟରେ ନବୀନ ବାବୁଙ୍କ ସରକାର ବେଳେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ସେ ଜଣେ ଅଗ୍ରଗଣ୍ୟ ସଂସ୍କାରକ ଥିଲେ ଯାହାକୁ ଦେଶର ଅନ୍ୟ ରାଜ୍ୟମାନେ ଗ୍ରହଣ କଲେ। ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଶ୍ରେଷ୍ଠ ଅବଦାନ ପାଇଁ ଓଡ଼ିଶା ସରକାର ବିଜୁବାବୁଙ୍କ ଜନ୍ମ ତାରିଖ ମାର୍ଚ୍ଚ ୫ କୁ ପଞ୍ଚାୟତିରାଜ ଦିବସ ଭାବେପାଳନ କରିବା ପ୍ରତ୍ୟେକଟି ଓଡ଼ିଆମାନଙ୍କ ପାଇଁ ଗୌରବର ବିଷୟ। ଗାଁର ବିକାଶରେ ହିଁ ରାଜ୍ୟ ଓ ଦେଶର ବିକାଶ ହେବ ଏବଂ ଗାଁ ଟିଏ ହସି ଉଠିଲେ ଦେଶ ହସି ଉଠିବ, ଏହାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ, ତେଣୁ ସେ କହୁଥିଲେ- 'ମା' କୁ ସମ୍ମାନ, ଗାଁ କୁ କାମ'। ନବେ ଦଶକରେ ସେ ଗ୍ରାମାଞ୍ଚଳରେ ସଡ଼କ, ବିଜୁଳି, ପାଣି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଗ୍ରାମାଭିମୁଖୀ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ନାରୀ ଓ ଶିଶୁଙ୍କ ବିକାଶ ପାଇର୍ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ତଥା ମହିଳା ସଶକ୍ତିକରଣ ପାଇଁ ଅନେକ ପ୍ରକାର ଯୋଜନାର ପରିକଳ୍ପନା କରିଥିଲେ। ରାଜ୍ୟର ବିକାଶ ପାଇଁ ସେ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେବାର ସାହସ ରଖିପାରୁଥିଲେ। ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ମନେପକାଇବା ପାଇଁ ବିଜୁବାବୁ ପ୍ରଥମେ ବାଲିଯାତ୍ରା ଉତ୍ସବ ଆରମ୍ଭ କରିଥିଲେ।

ବିଜୁ ବାବୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଏକ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିଥିଲେ ଏବଂ ଏହାର ନାମ କଳିଙ୍ଗ ନଗର ଦେଇଥିଲେ, ଯାହା ଆଜି ବିଶ୍ୱରେ ପ୍ରସିଦ୍ଧି ଲାଭ କରିବା ସହିତ ଏସିଆ ମହାଦେଶରେ ଇସ୍ପାତ ରାଜଧାନୀରେ ପରିଣତ ହୋଇପାରିଛି। ବିଜୁ ବାବୁ ଥିଲେ ଜଣେ ବିଶାଳ ହୃଦୟର ଯୋଗଜନ୍ମା ବ୍ୟକ୍ତିତ୍ୱ; ଝଡ଼ର ଇଗଲ। ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଅବଦାନକୁ ଓଡ଼ିଆ ଜାତି କେବେ ବି ଭୂଲି ପାରିବ ନାହିଁ। ■

ପୂର୍ବତନ ମନ୍ତ୍ରୀ, ଓଡ଼ିଶା













## ବିଶ୍ୱବରେଣ୍ୟ ଜନନେତା

■ ପ୍ରାଧ୍ୟାପକ ବଳଭଦ୍ର ଘଡ଼ାଇ

ବିଜୁବାବୁ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା, ମହାନ ରାଷ୍ଟ୍ରନାୟକ, ଦୁର୍ଦ୍ଧର୍ଷ - ଦୁଃସାହସୀ କଳିଙ୍ଗବୀର, ବିଚକ୍ଷଣ ବୈମାନିକ, ସ୍ୱାଧୀନତା ସଂଗ୍ରମୀ, ପ୍ରାକ୍ତନ ସାଂସଦ, ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବହୁଚର୍ଚ୍ଚିତ ଜନପ୍ରିୟ ଜନନେତା, ଆନ୍ତର୍ଜାତିକ ସ୍ତରର୍ଯ୍ୟୋତି ଅର୍ଜନ କରିଥିବା ଏକମାତ୍ର ଓଡ଼ିଆ ତଥା ଇଣ୍ଡୋନେସିଆର ଭୂମିପୁତ୍ର। ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ସେ ଭାରତ ତଥା ଓଡ଼ିଶାର ସାମାଜିକ, ରାଜନୈତିକ, ଜାତୀୟ ଓ ଅନ୍ତର୍ଜାତୀୟ ଜନଜୀବନ ସହ ନିଜକୁ ଉତ୍ସର୍ଗୀକୃତ କରିବା ସହିତ ଜଣେ ମୁକୁଟବିହୀନ ସମ୍ରାଟ ଭାବରେ ବହୁ ଅମଳିନ ପ୍ରତିଭାର ପଦଚିହ୍ନ ଛାଡ଼ି ଯାଇଛନ୍ତି।

କଟକ ସହରର ତୁଳସୀପୁରସ୍ଥିତ ଆନନ୍ଦ ଭବନରେ ୧୯୧୬ ମସିହା ମାର୍ଚ୍ଚ ମାସ ୫ ତାରିଖରେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ଆଶାଲତା ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ ବିଜୁ ବାବୁ। ବାଲ୍ୟକାଳରୁ ତାଙ୍କର ଦୁଃସାହସିକତାର ପରିଚୟ ମିଳିଥାଏ। ୧୯୨୬ ମସିହାରେ ତାଙ୍କୁ ମାତ୍ର ଦଶ ବର୍ଷ ହୋଇଥିବା ସମୟରେ ସ୍ୱରାଜ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଜନଗହଳି ଭାଙ୍ଗି ଆଗେଇ ଯାଉଥିବା ସମୟରେ ଗୋରା ପୁଲିସ ଏସ୍. ପି ହାରଗ୍ରିଭ୍ ସାହେବଙ୍କ ଲାଠି ମାଡ଼ରେ ରକ୍ତାକ୍ତ ହୋଇଥିଲେ ମଧ୍ୟ ଗାନ୍ଧିଜୀଙ୍କ ପାଦ ସ୍ପର୍ଶ କରି ଉତଫୁଲ୍ଲିତ ହୋଇଥିଲେ। ୧୯୩୨ରେ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିବା ସମୟରେ ବନ୍ଧୁ ଅମର ଦେ ଓ ଭ୍ରମରବର ସାହୁଙ୍କୁ ନେଇ କଟକରୁ ପେଶୱାର ପର୍ଯ୍ୟନ୍ତ ଦୀର୍ଘ ୪୦୦୦ କି.ମି. ପଥ ସାଇକେଲରେ ଭ୍ରମଣରେ ବାହାରି ନିଜର ଦୁଃସାହସିକତାର ପରିଚୟ ଦେଇଥିଲେ। ପରବର୍ତ୍ତୀ ସମୟରେ ବୈମାନିକ ହେବାର ଅଭିଳାଷ ପୋଷଣ କରି ବି. ଏସସି. ଡିଗ୍ରୀ ଅସମାପ୍ତ କରି ତିନି ବର୍ଷର ତାଲିମ୍ ପରେ ଇଣ୍ଡିଆନ ନ୍ୟାସନାଲ ଏୟାରୱେଜ୍ ପାଇଲଟ ରୂପେ ନିଯୁକ୍ତି ପାଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଜୁବାବୁ ଜଣେ ଦକ୍ଷ ପାଇଲଟ ଭାବରେ ତତ୍କାଳୀନ ବଡ଼ଲାଟ ଆଭେଲଙ୍କର ପାଇଲଟ ହେବାର ସୁଯୋଗ ପାଇଥିବାରୁ ସେ ଏହାର ସୁଯୋଗ ନେଇ ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ଅରୁଣା ଆସଫ ଅଲ୍ଲୀ ଓ ଅଚ୍ୟୁତ ପଟ୍ଟବର୍ଦ୍ଧନ ପରି ବ୍ରିଟିଶ ଶକ୍ତି ବିରୋଧୀ ଦେଶପ୍ରେମୀମାନଙ୍କ ସହ ଗୁପ୍ତ ସମ୍ପର୍କ ରଖିଥିବା ଅଭିଯୋଗରେ ୧୯୪୩ ମସିହା ଜାନୁଆରୀ ୧୨ ତାରିଖରେ ତାଙ୍କୁ ଗିରଫ କରାଯାଇ ଲାଲକିଲ୍ଲାରେ ବନ୍ଦୀଭାବେ ରଖାଯାଇଥିଲା ଓ ସେଠାରେ ତାଙ୍କୁ ଅକଥନୀୟ ଦଣ୍ଡ ଦିଆଯାଇଥିଲା। ୧୯୪୭ରେ ନେହେରୁଙ୍କ ଅନୁରୋଧକ୍ରମେ ବିଜୁବାବୁ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀଙ୍କୁ ଡଚ ସୈନ୍ୟଙ୍କ କବଳରୁ ମୁକ୍ତ କରିବାର ଗୁରୁଦାୟିତ୍ୱ ବହନ କରିଥିଲେ। ସେ ଡାକୋଟା ବିମାନରେ ନିଜ ପତ୍ନୀଙ୍କ ସହିତ ଇଣ୍ଡୋନେସିଆ ଯାଇ ଅତି ଚମକପ୍ରଦଭାବେ ସୁଲତାନ ସାହରିୟାର ଓ ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ନେଇ ଆସିଥିଲେ। ତାଙ୍କର ଏହି ଅପୂର୍ବ ସାହସ ଓ ବୀରତ୍ୱ ପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ ସେ ଦେଶର ସର୍ବୋଚ୍ଚ ସମ୍ମାନ 'ଭୂମି ପୁତ୍ର' ଉପାଧିରେ ଭୂଷିତ କରିଥିଲେ। ପୁନଶ୍ଚ ସେ ଦେଶ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ବିଜୁବାବୁଙ୍କୁ 'ବିନତଙ୍ଗ ଯଶ ଉତ୍ତମ' (ତ୍ୟାଗର ସର୍ବୋଚ୍ଚ ତାରକା) ଉପାଧିରେ ଭୂଷିତ କରାଇ ନିଜର କୃତଜ୍ଞତା ପ୍ରକାଶ କରିଥିଲା। ୧୯୪୮ ମସିହାରେ ଭାରତ ଓ ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ଅଧିକୃତ କାଶ୍ମୀରରେ ଭାରତୀୟ ସୈନ୍ୟଙ୍କୁ ନେଇ ଅବତରଣ କରାଇବା, ୧୯୬୨ ମସିହା ଭାରତ-ଚୀନ ଯୁଦ୍ଧ ସମୟରେ ଭୟଭୀତ ହୋଇ ପଣ୍ଡିତ ନେହେରୁ ବୈଦେଶିକ ମନ୍ତ୍ରୀ ବିଜୁ ବାବୁଙ୍କୁ ଡକାଇବା ଏବଂ ସ୍ୱତନ୍ତ୍ର ପ୍ରତିନିଧି ଭାବରେ ଆମେରିକା ପଠାଇ ଯୁଦ୍ଧର ମୁକାବିଲା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ସାମରିକ ସାହାଯ୍ୟ ଆଣିବା, ଭାରତ-ପାକିସ୍ତାନ ଯୁଦ୍ଧ(୧୯୭୧) ସମୟରେ ଇଣ୍ଡୋନେସିଆ ମୁସଲମାନ ରାଷ୍ଟ୍ର ଭାବେ ପାକିସ୍ତାନକୁ ବୁଡ଼ାଜାହାଜ ସାହାଯ୍ୟ ଦେଉଥିବା ବେଳେ ଦେଶର ଚରମ ସଙ୍କଟ ମୁହୂର୍ତ୍ତରେ ବିଜୁବାବୁ ନିଜ ଖର୍ଚ୍ଚରେ ଇଣ୍ଡୋନେସିଆ ଯାଇ ରାଷ୍ଟ୍ରପତି ଡଃ ସୁକର୍ଣ୍ଣଙ୍କୁ ପ୍ରଭାବିତ କରି ତାହା ବନ୍ଦ କରିବା ଆଦି ଘଟଣା ଗୁଡ଼ିକରୁ ବିଜୁବାବୁଙ୍କ ଅସୀମ ଧୈର୍ଯ୍ୟ, ଅଦମ୍ୟ ସାହସ ଓ ଦୃଢ଼ କର୍ତ୍ତବ୍ୟନିଷ୍ଠାର ପରିଚୟ ମିଳିଥାଏ।

୧୯୪୫ ମସିହାରେ ଜେଲରୁ ମୁକ୍ତ ହେବା ପରେ ବିଜୁବାବୁ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିବା ସହିତ କୋଟି କୋଟି ଜନତାଙ୍କ ସେବାରେ ନିଜକୁ ସମର୍ପି ଦେଇଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, କେନ୍ଦ୍ର ଯୋଜନା ବୋର୍ଡ ଚେୟାରମ୍ୟାନ ପ୍ରଭୃତି ପଦପଦବୀରେ ରହି ସବୁ କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ ତଥା ସମୃଦ୍ଧିଶାଳୀ କରିବା ଥିଲା ତାଙ୍କ ଜୀବନର ଏକ ମାତ୍ର ଲକ୍ଷ୍ୟ ଓ ବ୍ରତ। ଉତ୍କଳ ଗୌରବ ମଧୁସୂଦନଙ୍କ ପରେ ବିଜୁବାବୁ ହିଁ ଓଡ଼ିଶାର ସମୃଦ୍ଧିର ସ୍ୱପ୍ନ ଦେଖିଥିଲେ ଶିଳ୍ପାୟନ ମାଧ୍ୟମରେ। ତାଙ୍କରି ଉଦ୍ୟମରେ ବଡ଼ବିଲ ଓ ଚୌଦ୍ୱାରଠାରେ ପ୍ରତିଷ୍ଠିତ ହୋଇଥିଲା କଳିଙ୍ଗର ଉଦ୍ୟୋଗ ସାମ୍ରାଜ୍ୟ। ସେ କଳିଙ୍ଗ ଏୟାରଲାଇନସର ସାତଟି ବିମାନର ଅଧିକାରୀ ହୋଇପାରିଥିଲେ ଏବଂ ଏଥିରୁ ଲବ୍ଧ ଆୟକୁ ଭାରତ ଓ ଓଡ଼ିଶାର ଉନ୍ନତି ସାଧନ ପାଇଁ ବିନିଯୋଗ କରିଥିଲେ। ଓଡ଼ିଶା ଟେକ୍ସଟାଇଲ ମିଲ, କଳିଙ୍ଗଲୁହା କାରଖାନା, ପାରାଦ୍ୱୀପ ବନ୍ଦର, ସୁନାବେଡ଼ା ମିଗ କାରଖାନା, ବାଲିମେଳା ଜଳବିଦ୍ୟୁତ ପ୍ରକଳ୍ପ, ତାଳଚେରଠାରେ ଥର୍ମାଲ ଶକ୍ତି ଷ୍ଟେସନ, ରାଉରକେଲାର ଇଂଜିନିୟରିଂ କଲେଜ, ବୁର୍ଲାଠାରେ ଇଂଜିନିୟରିଂ ଓ ମେଡିକାଲ କଲେଜ, ଭୁବନେଶ୍ୱରରେ ସୈନିକ ସ୍କୁଲ ଓ ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ବିମାନ ବନ୍ଦର ପ୍ରଭୃତି ବିଜୁବାବୁଙ୍କର ଅନବଦ୍ୟ କୃତିତ୍ୱର ନମୁନା। ୧୯୫୧ ମସିହା ବେଳକୁ ବିଶ୍ୱର ବିଶିଷ୍ଟ ବୈଜ୍ଞାନିକମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଜାତିସଂଘର ୟୁନେସ୍କୋ ଜରିଆରେ ମର୍ଯ୍ୟାଦାସମ୍ପନ୍ନ 'କଳିଙ୍ଗପୁରସ୍କାର' ପ୍ରଚଳନର ଶୁଭାରମ୍ଭ କରିଥିଲେ। ଭାରତ ବର୍ଷରେ ପ୍ରଥମ ଥର ପାଇଁ ତାଙ୍କ ଦ୍ୱିତୀୟ ମୁଖ୍ୟମନ୍ତ୍ରୀତ୍ୱ କାଳରେ ପଞ୍ଚାୟତ ଓ ମ୍ୟୁନିସିପାଲିଟିମାନଙ୍କରେ ମହିଳାମାନଙ୍କ ପାଇଁ ୩୩ ଶତାଂଶ ସ୍ଥାନ ସଂରକ୍ଷଣ କରିବା, ଦିନ ମଜୁରିଆମାନଙ୍କ ମଜୁରୀକୁ ୧୧ ଟଙ୍କାରୁ ୨୫ ଟଙ୍କାକୁ ବୃଦ୍ଧି କରିବା, ଦକ୍ଷ ପ୍ରଶାସନ ପାଇଁ ତେରଗୋଟି ଜିଲ୍ଲାକୁ ତିରିଶ ଗୋଟି ଜିଲ୍ଲାରେ ବିଭକ୍ତ କରିବା ପ୍ରଭୃତି ତାଙ୍କର କ୍ରାନ୍ତିକାରୀ ପଦକ୍ଷେପ।

ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତି ଓ ପ୍ରଶସ୍ତି ଲାଭ କରିଥିବା ସତ୍ତ୍ୱେ ଓଡ଼ିଶାର ମାଟି, ପାଣି, ପବନ, ଜଳବାୟୁ ବିଜୁବାବୁଙ୍କର ଅତି ପ୍ରିୟ ଥିଲା। ତାଙ୍କ ପାଇଁ ଓଡ଼ିଶା ଥିଲା କଳିଙ୍ଗ ଏବଂ ସ୍ୱପ୍ନର ଓଡ଼ିଶାର ରୂପ ରେଖ ଥିଲା ମହାନ କଳିଙ୍ଗଜାତିର ଅତୀତ ଓ ଭବିଷ୍ୟତର ରୂପରେଖ। ସେ କହୁଥିଲେ, 'ଯେଉଁଠି କ୍ଷୁଧାର ତାଡ଼ନା ନ ଥିବ ଏବଂ କୌଣସି କୃଷକର କ୍ଷେତ ଶୁଷ୍କ ଓ ଶ୍ରୀହୀନ ହୋଇନଥିବ, ନାରୀ ନିର୍ଯାତନା ବୋଲି କିଛି ନ ଥିବ, ନିରକ୍ଷରତା ବା ଅଜ୍ଞତା ରାଜ୍ୟର ସୀମା ଡେଇଁ ନ ଥିବ, ପ୍ରତ୍ୟେକ ବ୍ୟକ୍ତିର ମୁଣ୍ଡ ଗୁଞ୍ଜିବା ପାଇଁ ସୁନ୍ଦର ଘରଟିଏ ଥିବ, ସବୁ ଗାଁକୁ ପାନୀୟ ଜଳ ଓ ସବୁଦିନିଆ ରାସ୍ତା ସୁବିଧା ଥିବ, ଡାକ୍ତରଖାନାରେ ସୁଦକ୍ଷ ଚିକିତ୍ସକ ଥିବେ, ଆଧୁନିକ ବିଜ୍ଞାନ ଯାହା ଦେଇଛି, ସେଥିରୁ ସାଧାରଣ ଜନତା ସେଥିରୁ ବଞ୍ଚିତ ହେଉ ନଥିବେ, ଗାଁ କୁ କାମ, ମା' କୁ ସମ୍ମାନ, ଦୃଢ଼ ଶିଳ୍ପାୟନ ଓ ଆତ୍ମନିଯୁକ୍ତିର ପ୍ରଶସ୍ତ କ୍ଷେତ୍ର ଥିବ - ସେଇ ହେବ ମୋର ସୁନାର କଳିଙ୍ଗ।

ବିଜୁବାବୁ ଜଣେ ଲୋକପ୍ରିୟ, ନିର୍ଭୀକ ଓ ଦରଦୀ ମୁଖ୍ୟମନ୍ତ୍ରୀ ଭାବରେ ଓଡ଼ିଶାର ଜନ ମାନସରେ ତାଙ୍କର ଜାତିପ୍ରୀତି, ଦେଶପ୍ରେମ, କର୍ତ୍ତବ୍ୟନିଷ୍ଠା, ଦୁଃସାହସ ଓ ମହନୀୟ ତ୍ୟାଗର ପ୍ରତୀକ ଭାବରେ ବଞ୍ଚି ରହିବେ ଯୁଗ ଯୁଗ ଧରି। ସେହି ମହାପୁରୁଷଙ୍କ ଜନ୍ମ ତିଥିରେ ସାଢ଼େ ଚାରିକୋଟି ରାଜ୍ୟବାସୀଙ୍କ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ଶତ କୋଟି ପ୍ରଣାମ। ■

ମୟୂରଭଞ୍ଜ, ମୋ: ୯୪୩୭୩୧୦୩୪୨




ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳାରେ ବିଜୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



## ଖାରବେଳ ଜାତିର ଦାୟାଦ

■ ଡଃ. ପ୍ରଫୁଲ୍ଲ କୁମାର ସାହୁ




ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ। ନବ ଉତ୍କଳର ନିଆରା ବିନ୍ଧାଣୀ। ତାଙ୍କ ନାମ ସ୍ମରଣ ମାତ୍ରେ ଆଖି ଆଗରେ ନାଚିଯାଏ ସ୍ୱାଭିମାନ ଓ ସାହସିକତାର ଶିଖର ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି। ପଢ଼ିଆରେ ଫୁଟବଲ ଖେଳିବାଠାରୁ ଆକାଶରେ ବିମାନ ଉଡ଼ାଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୂରନ୍ଧର ଓ ଦୁର୍ଦ୍ଧର୍ଷ। ଜଣେ ଅଭିଜ୍ଞ ରାଜନୀତିଜ୍ଞ, ସୁଦକ୍ଷ ବୈମାନିକ, ସଫଳ ଶିଳ୍ପଦ୍ୟୋଗୀ ଓ ସ୍ୱାଭିମାନୀ ଓଡ଼ିଆ ଭାବରେ ସେ ନିଜର ଘଟଣାବହୁଳ ଜୀବନରେ ଏମିତି କିଛି କାମ କରିଯାଇଛନ୍ତି, ଯାହାକୁ କେନ୍ଦ୍ର କରି ଅନେକ କାହାଣୀ ଓ କିମ୍ବଦନ୍ତୀ ଗଢ଼ି ଉଠଛି ଏବଂ ତାଙ୍କ ନାମ ସହିତ ଯୋଡ଼ି ହୋଇ ଯାଇଛି ପ୍ରବାଦ ପୁରୁଷ, ଦ୍ୱିତୀୟ ଖାରବେଳ ଓ ଝଡ଼ର ଇଗଲ ଆଦି ଅନେକ ବର୍ଣ୍ଣାଢ଼୍ୟ ବିଶେଷଣ। ଏସବୁ କୌଣସି ଅନୁଷ୍ଠାନ ପ୍ରଦତ୍ତ ଉପାଧି ନୁହେଁ, ବରଂ ବୀରତ୍ୱ, ବିବେକ, ଉଦାରତା ତଥା ତାଙ୍କ ବଡ଼ପଣ ବା ମହାନୁଭବତା ପ୍ରତି ଲୋକଙ୍କ ହୃଦୟର ନିରୋଳା ଭଲ ପାଇବାରୁ ଉତ୍ସରିତ ଏକ ଏକ ଶ୍ରଦ୍ଧାସ୍ନାତ ସମ୍ବୋଧନ। ବାସ୍ତବରେ ବିଜୁବାବୁ ଥିଲେ କୋଟି ଓଡ଼ିଆଙ୍କ ହୃଦୟ ସିଂହାସନରେ ସ୍ଥାନ ପାଇଥିବା ଜଣେ ପ୍ରିୟ ମଣିଷ। ତାଙ୍କ ନିଜ ଭାଷାରେ- 'ମୁଁ ଯେମିତି ଓଡ଼ିଶାକୁ ଭଲପାଏ, ମୋତେ ସେମିତି ଅତି ନିବିଡ଼ଭାବରେ ଭଲପାଏ ଓଡ଼ିଶା। ଓଡ଼ିଶାବାସୀଙ୍କ ସେହି ଅଜସ୍ର ଭଲ ପାଇବା କାରଣରୁ ବିଜୟାନନ୍ଦ ପଟ୍ଟନାୟକ ଆଜି ବିଜୁବାବୁରେ ନାମରେ ପରିଚିତ।'

ଓଡ଼ିଶା ଓ ଓଡ଼ିଆଙ୍କ ପ୍ରତି ବିଜୁବାବୁଙ୍କ ଭଲ ପାଇବାରେ ଥିଲା ଏକ ଆବେଗମୟ ଉଚ୍ଛ୍ୱାସ। ସେ ଅନାବିଳ ମମତା କଥା ଭାବିଲେ ଅସୀମ ଦିଗବଳୟ ଆଡ଼କୁ ପ୍ରସରିଯାଏ ପ୍ରତ୍ୟେକ ଓଡ଼ିଆର ବିସ୍ମୟ ବିସ୍ଫାରିତ ନେତ୍ର। ବିଶ୍ୱସ୍ତରରେ ଓଡ଼ିଆର ଟେକ ରଖିବା ଥିଲା ବିଜୁବାବୁଙ୍କ ଲକ୍ଷ୍ୟ। ସେହି ଲକ୍ଷ୍ୟ ହାସଲ ପାଇଁ ସେ ଛଟପଟ ହୋଇଛନ୍ତି ସାରା ଜୀବନ। ଓଡ଼ିଆଙ୍କ ଭିତରେ ଓଡ଼ିଆତ୍ୱ ଭରିଦେବା ପାଇଁ ବା ଏକ ସଂକଳ୍ପବଦ୍ଧ ଓଡ଼ିଆ ଜାତି ନିର୍ମାଣ ଲକ୍ଷ୍ୟରେ ସେ ରୋମନ୍ଥନ କରିଛନ୍ତି ଓଡ଼ିଶା ଇତିହାସର ଗୌରବମୟ କାହାଣୀ। ତାଙ୍କ ପ୍ରାଣକୁ ଉଦ୍‌ବେଳିତ କରିଛି ପ୍ରାଚୀନ କଳିଙ୍ଗର ଅନୁପମ ଐଶ୍ୱର୍ଯ୍ୟ।

ଅପାରଜେୟ ସାମ୍ରାଜ୍ୟ ଭାବରେ ଖ୍ୟାତ କଳିଙ୍ଗ ଯେ ଦିନେ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା ପରାଜୟ ବରଣ କରିଥିଲା, ଏକଥାକୁ ସହଜରେ ଗ୍ରହଣ କରି ନପାରି ସେ 'କଳିଙ୍ଗ ଯୁଦ୍ଧର ଐତିହାସିକ ସତ୍ୟତା ଉପରେ ଉଠାଇଛନ୍ତି କିଛି ବିଚାରାନୁମୋଦିତ ପ୍ରଶ୍ନ। ଐତିହାସିକମାନଙ୍କ ଦକ୍ଷତା ଓ ନିରପେକ୍ଷତାକୁ କାଠଗଡ଼ାକୁ ଟାଣିବା ସହିତ ଖୋଜିଛନ୍ତି ଅଶୋକଙ୍କଠାରୁ ପରାଜୟ ବରଣ କରିଥିବା କଳିଙ୍ଗ ସମ୍ରାଟଙ୍କ ପରିଚୟ। ଏ ସମ୍ପର୍କରେ ଅଶୋକଙ୍କ ଶିଳାଲେଖର ନିରବ ଥିବାରୁ ସେ ହାତୀଗୁମ୍ଫା ଶିଳାଲେଖ ସହାୟତାରେ ପାଇଛନ୍ତି ପ୍ରାଚୀନ କଳିଙ୍ଗର ଅନୁପମ ଐଶ୍ୱର୍ଯ୍ୟର ପ୍ରମାଣ। 'କଳିଙ୍ଗାଃ ସାହସିକାଃ'-ଏହି ପ୍ରାଚୀନ ଉକ୍ତି ତାଙ୍କ ଭିତରେ ଭରିଦେଇଛି ଗୌରବମୟ ଅତୀତକୁ ଉଜ୍ଜୀବିତ କରିବାର ଦମ୍ଭିଲାପଣ। ଓଡ଼ିଆଙ୍କ ଭିତରେ ଓଡ଼ିଆତ୍ୱ ଭରିଦେବା ଆଭିମୁଖ୍ୟ ନେଇ ସେ କହନ୍ତି- 'କଳିଙ୍ଗ ଶବ୍ଦର ଅର୍ଥ ହେଉଛି ବୀରତ୍ୱ ଓ ସାହସିକତା। ଏକଦା ତାହା ହିଁ ଥିଲା କଳିଙ୍ଗବାସୀଙ୍କ ଚରିତ୍ରର ଭୂଷଣ। ସେମାନେ ଯୁଦ୍ଧ ଭୂଇଁରେ ବୀରତ୍ୱ ପ୍ରଦର୍ଶନ କରି ଯେମିତି ସାମ୍ରାଜ୍ୟ ବିସ୍ତାର କରିଥିଲେ, ସେମିତି ସାଗରକୁ ସାମ୍ରାଜ୍ୟରେ ପରିଣତ କରିଦେଇଥିଲେ ଦରିଆପାରି ନୌବାଣିଜ୍ୟ ପାଇଁ।' କଲମ୍ବସ(୧୪୯୨) ଓ ଭାସ୍କଡଦାଗାମା (୧୪୯୮) ଭାରତକୁ ଜଳପଥ ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ପ୍ରାଚ୍ୟ ଏସିଆର ପ୍ରାୟ ପ୍ରତ୍ୟେକ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରି ସାରିଥିଲା କଳିଙ୍ଗର ସାଧବପୁଅ। କଳିଙ୍ଗମାଟିର ପାଇକ ଓ ସାଧବପୁଅ ଏଭଳି ଅକଳ୍ପନୀୟ ସାହସିକତା ପାଇଁ କଳିଙ୍ଗ ନାମକୁ ସେ ଖୁବ୍ ଭଲପାଉଥିଲେ ଏବଂ ଏହି ନାମ ପାଲଟି ଯାଇଥିଲା ତାଙ୍କ ପ୍ରାଣର ସ୍ପନ୍ଦନ। ସେଥିପାଇଁ ଓଡ଼ିଶା ପରିବର୍ତ୍ତେ କଳିଙ୍ଗ ନାମକୁ ସେ ବ୍ୟବହାର କରିଛନ୍ତି କରିଛନ୍ତି ସବୁ କ୍ଷେତ୍ରରେ। ପୂର୍ବରୁ ଯେଉଁ କଳିଙ୍ଗ ନାମ କେବଳ ଇତିହାସର ପୃଷ୍ଠା ମଣ୍ଡନ କରୁଥିଲା ସଂଗ୍ରହାଳୟର ନିର୍ଜୀବ ସାମଗ୍ରୀ ଭାବରେ, ସେଥିରେ (୧୯୫୧ପରେ) ପ୍ରାଣସଞ୍ଚାର ହେବାକୁ ଲାଗିଲା ବିଜୁବାବୁଙ୍କ ଭାବାବେଗ ବଳରେ। ବସ୍ତୁତଃ ବ୍ୟବହାରର ବ୍ୟାପକତା ଦୃଷ୍ଟିରୁ କଳିଙ୍ଗ ନାମ ସହିତ ଯୋଡ଼ି ହୋଇଗଲା ବିଜୁବାବୁଙ୍କ ଜାତିପ୍ରାଣତାର ସ୍ୱର ଓ ସଂକଳ୍ପ। କେବଳ କଳିଙ୍ଗ ନୁହେଁ, କଳିଙ୍ଗାଧିପତି ଐର ଖାରବେଳଙ୍କ ନାମ ଥିଲା ତାଙ୍କର ଅତି ପ୍ରିୟ। ତାଙ୍କୁ ଆଦ୍ୟରୁ ଉଦବୋଧିତ କରିଥିଲା ମଗଧକୁ ପରାସ୍ତ କରି ଗଙ୍ଗାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ପାରିଥିବା ସମ୍ରାଟ ଖାରବେଳଙ୍କ ପରାକ୍ରମ। ତାଙ୍କ ଭଳି ଜଣେ ପରାକ୍ରମଶାଳୀ, ଉଦାରମନା, ଗୁଣଗ୍ରାହୀ ତଥା ସର୍ବଧର୍ମ ସମନ୍ୱୟକାରୀ ସୁଶାସକଙ୍କ ନାମ ସହିତ ଓଡ଼ିଆ ଜାତିର ଶକ୍ତି, ସାମର୍ଥ୍ୟ, ପ୍ରତିଷ୍ଠା ଓ ପ୍ରଭୁତ୍ୱ ଯୋଡ଼ି ହୋଇ ରହିଥିବାରୁ ତାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରି ସେ ଆରମ୍ଭ କରିଛନ୍ତି ନୂଆ ଓଡ଼ିଶା ଗଢ଼ିବାର ସଂକଳ୍ପବଦ୍ଧ ପ୍ରୟାସ। ସମ୍ରାଟ ଖାରବେଳଙ୍କ ବଂଶଧର ଭାବରେ ଗର୍ବର ସହିତ ସେ କହିଛନ୍ତି- 'ମୁଁ ଖାରବେଳ ଜାତିର ଦାୟାଦ। ପୁରୁଷୋତ୍ତମଦେବଙ୍କ ବଂଶଧର। ମୋ ସଂସ୍କୃତି ଜଗନ୍ନାଥ ସଂସ୍କୃତି। କଳାର ଉତ୍କର୍ଷ ପାଇଁ ମୋ ରାଜ୍ୟର ନାମ କଳିଙ୍ଗ। ଏହି କଳିଙ୍ଗ ହେଉଛି ମୋ ମାଆ। ନିଜ ଜୀବନ ବିନିମୟରେ ମାଆ ପାଇଁ ଯଦି କିଛି କରିପାରିବି, ତେବେ ସାର୍ଥକ ହେବ ଜୀବନ।' ତାଙ୍କ ମତରେ ଏହି ହେଉଛି ସେହି ଓଡ଼ିଶା ବା କଳିଙ୍ଗ, ଯେଉଁଠି ରଚିତ ହୋଇଥିଲା 'ଗୀତ ଗୋବିନ୍ଦ'। ଏହି ସ୍ଥାନରେ ପଠାଣି ସାମନ୍ତଙ୍କ ଭଳି ବୈଜ୍ଞାନିକ ଜନ୍ମ ନେଇଥିଲେ, ଯିଏ ଖାଲି ଆଖିରେ ଆକାଶକୁ ଚାହିଁ ଆବିଷ୍କାର କରି ପାରିଥିଲେ ଜଟିଳ ମହାକାଶ ତତ୍ତ୍ୱ। ଗୋଟିଏ ରାଜ୍ୟ ଯେଉଁଠାରେ ସବୁଠାରୁ ପ୍ରସିଦ୍ଧ ବୈଜ୍ଞାନିକ, ଗଣିତଜ୍ଞ, ବିଦ୍ୱାନ, କାରିଗର, ବାସ୍ତବ ଚିତ୍ର, ସଙ୍ଗୀତଜ୍ଞ, ନୃତ୍ୟାଙ୍ଗନା ଓ ମହାନ ସଂସ୍କୃତିର ଲୋକ ଭରି ରହିଥିବେ, ସେହି ହେଉଛି ମୋ ସ୍ୱପ୍ନର ଓଡ଼ିଶା। ତାହା ହିଁ ମୋ ଜୀବନର ସ୍ୱପ୍ନ। ନିଜର ଅଭିଳଷିତ ସ୍ୱପ୍ନ ସମ୍ପର୍କରେ ପ୍ରକାଶ କରିବାକୁ ଯାଇ ସେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କ ଉକ୍ତିକୁ ଉଦ୍ଧାର କରି କହନ୍ତି-'ଯେତେବେଳେ ବି ସ୍ୱପ୍ନ ଦେଖିବ ବଡ଼ ବଡ଼ ସ୍ୱପ୍ନ ଦେଖ। କେବଳ ବଡ଼ ବଡ଼ ସ୍ୱପ୍ନ ଦେଖିଲେ ବଡ଼ ବଡ଼ କାର୍ଯ୍ୟ କରିହେବ।'



ରାଜନୀତି କ୍ଷେତ୍ରରେ ବିଜୁବାବୁ ଥିଲେ ଜଣେ ଭିନ୍ନ ବ୍ୟକ୍ତିତ୍ୱ। ଭାରି ରୋକ୍ ଠୋକ୍ ଓ ବେପରୁଆ। ଆଜିକାଲି ନେତାଙ୍କ ପରି ଜୟଧର୍ମକୁ ସେ ରାଜଧର୍ମ ଭାବରେ ଗ୍ରହଣ କରୁ ନଥିଲେ କି ଭୋଟ ହାତେଇବା ପାଇଁ ଅଜାଡ଼ି ଦେଉ ନଥିଲେ ସ୍ୱର୍ଗରୁ ଚାନ୍ଦ ତୋଳି ଆଣିବାର ପ୍ରତିଶ୍ରୁତି। କାରଣ ଜୟଧର୍ମ ନୁହେଁ, ଦୁର୍ବାର ଦୁଃସାହସ ମଧ୍ୟରେ ଦେଶ ଓ ଜାତିକୁ ଆଗକୁ ନେବା ଥିଲା ତାଙ୍କର ରାଜନୈତିକ ଆଦର୍ଶର ମୂଳକଥା। କ୍ଷମତା ହାତେଇବା ନିଶାରେ ଦେଶର ସ୍ୱାର୍ଥକୁ ବଳି ଦେବାର ଯେଉଁ ହୀନମନ୍ୟତା ବର୍ତ୍ତମାନର ନେତାଙ୍କୁ ଗ୍ରାସ କରିଛି, ବିଜୁବାବୁ ଥିଲେ ତା' ଠାରୁ ବହୁ ଦୂରରେ। ଓଡ଼ିଶା ପ୍ରତି ତାଙ୍କ ଅନାବିଳ ଭଲପାଇବା ଯୋଗୁଁ ସମଗ୍ର ରାଜ୍ୟ ଥିଲା ତାଙ୍କ ନଖ ଦର୍ପଣରେ। ଓଡ଼ିଶାର ପ୍ରାୟ ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ପଡ଼ିନାହିଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପାଦ। ଓଡ଼ିଶାରେ ପ୍ରାୟ ଏମିତି କେହି ଲୋକ ବି ନାହିଁ, ଯିଏ କେବେ ଶୁଣିନାହିଁ ଜାତିପ୍ରାଣ ବିଜୁ ପଟ୍ଟନାୟକଙ୍କ ନାମ। ତା'ର ରୂପରେଖ ଆଙ୍କିବାକୁ ଯାଇ 'ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଭଲ ଛାତ, ସବୁ ପରିବାରକୁ ପିଇବା ପାଣି, ସବୁ ପିଲାଙ୍କ ପାଇଁ ଭଲ ସ୍କୁଲ ଓ ସମସ୍ତଙ୍କ ପାଇଁ ମାଗଣାରେ ଭଲ ସ୍ୱାସ୍ଥ୍ୟସେବା ଇତ୍ୟାଦି ଯୋଗାଇବା ଥିଲା ତାଙ୍କର ଲକ୍ଷ୍ୟ।' ସମଗ୍ର ଦେଶରେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରାୟ ଅଢ଼େଇ ବର୍ଷ ପୂର୍ବରୁ ତା'କୁ ଏଠାରେ ସେ କାର୍ଯ୍ୟକାରୀ କରିଥିଲେ ଏକ ନୂଆ ରୂପରେ। ଆଇନରେ ବ୍ୟାପକ ସଂଶୋଧନ ଆଣି ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ରଖିଥିଲେ ଶତକଡ଼ା ୩୩ ଭାଗ ଆସନ ସଂରକ୍ଷଣ ବ୍ୟବସ୍ଥା। ଅର୍ଥାତ୍ କ୍ଷମତା ବିକେନ୍ଦ୍ରୀକରଣ ଓ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କ୍ଷେତ୍ରରେ ସେ ଥିଲେ ଭାରତବର୍ଷର ଜଣେ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା। ଏହି କାରଣରୁ ବିଜୁବାବୁଙ୍କ ଜନ୍ମ ଦିବସକୁ (ମାର୍ଚ୍ଚ- ୫)'ପଞ୍ଚାୟତିରାଜ ଦିବସ' ଭାବେ ପାଳନ କରୁଛି(୧୯୯୩ମସିହାରୁ) ରାଜ୍ୟ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ବା କେନ୍ଦ୍ରମନ୍ତ୍ରୀ ଭାବରେ ସେ ଦୀର୍ଘକାଳ ଧରି କ୍ଷମତାସୀନ ନଥିଲେ ସତ, ମାତ୍ର ଜଣେ ମହାନ୍ ଜନନାୟକ ଭାବରେ ଲୋକଙ୍କ ହୃଦୟ ଭିତରେ ସେ ଅଛନ୍ତି ଓ ରହିବେ କାଳ କାଳ ପାଇଁ। ■

ଭଦ୍ରକ, ମୋ: ୬୩୭୧୬୪୨୪୬୪



# ଖୋଲା କାର୍‌ରେ ଶିମିଳିପାଳର ମଜା ନେବେ ପର୍ଯ୍ୟଟକ

**ବାରିପଦା,୪।୩(ସମିସ):** ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଏବଂ ଏହାକୁ ପର୍ଯ୍ୟଟକଙ୍କ ଲାଗି ଅନୁକୂଳ କରିବା ଲାଗି ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏହି ପଦକ୍ଷେପ ମଧ୍ୟରେ ଖୁବ୍‌ଶୀଘ୍ର ୩୫ଟି ଅତ୍ୟାଧୁନିକ କାର୍ ଯୋଡ଼ି ହେବାକୁ



ଯାଉଛି। ଅଭୟାରଣ୍ୟ ଭିତରର ଘଞ୍ଚ, ଦୁର୍ଗମ ରାସ୍ତାକୁ ଅତି ସହଜରେ ଅତିକ୍ରମ କରିବାର କ୍ଷମତା ଥିବା ଏହି କାର୍‌ଗୁଡ଼ିକ ଖୁବ୍‌ଶୀଘ୍ର ପର୍ଯ୍ୟଟକଙ୍କୁ ସେବା ଯୋଗାଇଦେବ। ଛାତ ନଥିବା ଏହି ଖୋଲା କାର୍‌ରେ ବସି ପର୍ଯ୍ୟଟକମାନେ ଅଭୟାରଣ୍ୟର ପ୍ରାକୃତିକ ଶୋଭାରାଜି ଏବଂ ବନ୍ୟପ୍ରାଣୀଙ୍କୁ ଦେଖିବାର ଏକ ନିଆରା ଅନୁଭୂତି ସାଉଁଟିବେ। ଚଳନ୍ତା ଗାଡ଼ିରୁ ଅନାୟାସରେ ଅଭୟାରଣ୍ୟର ଫଟୋ ଓ ଭିଡିଓ ମଧ୍ୟ ଉତ୍ତୋଳନ କରିପାରିବେ। ଏ ସଂପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ

- ■ ୩୫ଟି ଗାଡ଼ିକୁ ଦିଆଯାଉଛି ସ୍ୱତନ୍ତ୍ର ରୂପ
- ■ ସ୍ଥାନୀୟ ଚାଳକଙ୍କୁ ମିଳିବ ନିଯୁକ୍ତି: ବୃଦ୍ଧି ପାଇବ ପର୍ଯ୍ୟଟନ ଶିଳ୍ପ
- ■ ଘଞ୍ଚ ଜଙ୍ଗଲ ରାସ୍ତାରେ ନିଷେଧ ହେବ ଘରୋଇ ଯାନ

କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡଃ ପ୍ରକାଶଚାନ୍ଦ ଗୋଗନେନୀ ସୂଚନା ଦେଇଛନ୍ତି।

ଡଃ ଗୋଗନେନୀଙ୍କ ସୂଚନାନୁଯାୟୀ, ସ୍ୱତନ୍ତ୍ର ଭାବେ ନିର୍ମିତ ଖୋଲା (ଜିମି) ଗାଡ଼ିରେ ପର୍ଯ୍ୟଟକଙ୍କ ପାଇଁ ୩ ଘଣ୍ଟିଆ ଭ୍ରମଣ ବ୍ୟବସ୍ଥା କାର୍ଯ୍ୟକାରୀ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଏବେ ଗାଡ଼ିଗୁଡ଼ିକର ମୋଡିଫିକେସନ୍ କାର୍ଯ୍ୟ ଚାଲିଛି। ସମ୍ଭବତଃ ମେ' ମାସରୁ ଏହା କାର୍ଯ୍ୟକାରୀ ହେବ। ଏହି ସମସ୍ତ ଗାଡ଼ି ବାରିପଦାର ପିଠାବଟା (ଲୁଲୁଙ୍ଗ) ପ୍ରବେଶ ଫାଟକ ପଟୁ ଚାଲିବ। ଏଥିରେ ସ୍ଥାନୀୟ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତି ଦିଆଯିବ। ସକାଳେ ୩ ଘଣ୍ଟା ଓ ଅପରାହ୍ଣରେ ୩ ଘଣ୍ଟା; ଦିନକୁ ଦୁଇଥର ଗାଡ଼ିଗୁଡ଼ିକ ଅଭୟାରଣ୍ୟର ଘଞ୍ଚ ରାସ୍ତାରେ ଯିବ। ଫଳରେ ଅପରୂପ ଶୋଭାରାଜିର ଦୃଶ୍ୟ ସହ ବନ୍ୟପ୍ରାଣୀ ଦେଖିବାକୁ ପର୍ଯ୍ୟଟକ ସୁଯୋଗ ପାଇବେ। ଏହାଦ୍ୱାରା ବାରିପଦା ସହରରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ହୋଟେଲ, ରିସୋର୍ଟ ଓ ପର୍ଯ୍ୟଟକଙ୍କ ସହ ଜଡ଼ିତ ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ ବୃଦ୍ଧି ପାଇବ। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମଧ୍ୟ ଉପକୃତ ହେବେ। ୩୫ଟି ଗାଡ଼ି ପ୍ରଚଳନ ପରେ ଘଞ୍ଚ ଜଙ୍ଗଲ ରାସ୍ତାକୁ ଘରୋଇ ଗାଡ଼ି ପ୍ରବେଶ ଉପରେ କଟକଣା ରହିବ। କେବଳ ଜଳପ୍ରପାତ ଭ୍ରମଣ ପାଇଁ ଘରୋଇ ଗାଡ଼ିକୁ ଅନୁମତି ଦିଆଯିବ। ତାହା ପୁଣି ସମ୍ଭବତଃ ଯଶିପୁରର କାଳିଆଣି ଫାଟକ ପଟୁ ଅନୁମତି ମିଳିବ। ଏ ସମ୍ବନ୍ଧରେ ଆଲୋଚନା ଜାରି ରହିଛି ବୋଲି ଶ୍ରୀ ଗୋଗନେନୀ କହିଛନ୍ତି।

ବାରିପଦାର ମଞ୍ଚାବନ୍ଧାରେ ବିଶ୍ୱର ସର୍ବପ୍ରଥମ କଳାବାଘ ସଫାରୀ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ଶେଷସୁଦ୍ଧା ନିର୍ମାଣ ଲକ୍ଷ୍ୟ ରହିଛି। ଏଣୁ ଖୋଲା ଗାଡ଼ିରେ ବାଘସଫାରୀ ଓ ଶିମିଳିପାଳ ପରିଭ୍ରମଣ ପାଇଁ ଆସନ୍ତା ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁଡ଼ଗୁଡ଼ିଆ ଭିତରକୁ ପର୍ଯ୍ୟଟକଙ୍କୁ ଅନୁମତି ମିଳିଥିବା ବେଳେ ବାଙ୍ଗିରିପୋଷିର ତାଳବନ୍ଧରୁ ଚହଲା ପର୍ଯ୍ୟନ୍ତ ରାସ୍ତା ଖୋଲିବା ବିଚାରାଧୀନ ଅଛି ବୋଲି ସେ ସୂଚନା ଦେଇଛନ୍ତି। ଗୋଟିଏପଟେ '୫-ଟି' ଉପକ୍ରମରେ ଦେବକୁଣ୍ଡ, ଭୀମକୁଣ୍ଡ ଓ ରାମତୀର୍ଥର ବିକାଶ ଓ ଅନ୍ୟପଟେ ବାଘସଫାରୀ ଓ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦ୍ୱାରା ଶିମିଳିପାଳର ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବ ଏବଂ ଏହା ମୟୂରଭଞ୍ଜର ଆର୍ଥିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କୁହାଯାଉଛି।

# ମହିଳା ଚୋର ଦଳ ଗିରଫ

**ମାଲକାନଗିରି,୪।୩ (ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ପୁଲିସ ୭ ଅନ୍ତଃରାଜ୍ୟ ମହିଳା ଚୋରଙ୍କୁ ଗିରଫ କରିଛି। ତେଲେଙ୍ଗାନାରୁ ଆସିଥିବା ଏହି ମହିଳା ଚୋର ଦଳ ରୁଟି ନେଇ କଂସାବାସନ ବେପାର କରୁଥିଲେ ଏବଂ ମୌକା



ଦେଖି କଳାକନା ବୁଲାଉଥିଲେ। ଏମାନେ କାଲିମେଳା ବ୍ଲକ୍ ସଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମ ଗୃହରୁ ଚୋରି କରିବା ବେଳେ ଧରାପଡ଼ିଥିଲେ। ସୋମବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏମାନଙ୍କ ଘର ତେଲେଙ୍ଗାନା ୱାରଙ୍ଗଲ ଜିଲ୍ଲା ଅନ୍ତର୍ଗତ ମୁଲୁଗୁ ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି।

କାଲିମେଳା ଥାନା ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ଛୁଟିଦିନ ଥିବାରୁ କେହି ସରକାରୀ କର୍ମଚାରୀ ଆସିବେ ନାହିଁ ଭାବି ଏମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଗୋଦାମ ଗୃହର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରୁଥିଲେ। ପଞ୍ଚାୟତ ଅଫିସ୍ ପିଅନ ସୁଧାଂଶୁ ଭଣ୍ଡାରୀ ଏହା

**ପଞ୍ଚାୟତ ଗୋଦାମ ଗୃହଭାଙ୍ଗି ଚୋରି ବେଳେ ଧରାପଡ଼ିଲେ**

ଦେଖି ବିଭାଗର ସହକାରୀ ଯନ୍ତ୍ରୀ ସୁକୁମାର ପ୍ରଧାନଙ୍କୁ ଖବର ଦେଇଥିଲେ। ଶ୍ରୀ ପ୍ରଧାନ ତୁରନ୍ତ ଏନେଇ କାଲିମେଳା ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ସଦଳବଳେ ପହଞ୍ଚି ଏହି ମହିଳା ଚୋରମାନଙ୍କୁ ଗିରଫ କରିଥିଲା। ପୁଲିସ ସେମାନଙ୍କଠାରୁ କିଛି ଚୋରି ସାମଗ୍ରୀ ଜବତ କରିଛି। ଏନେଇ ଥାନାରେ ନମ୍ବର ୭୫/୨୪ରେ ଏକ ମାମଲା ରୁଜୁ ହୋଇଛି। ତେବେ ଏହି ମହିଳା ଦଳ ଆଉ କେଉଁଠୁ ଚୋରି କରିଛନ୍ତି, ସେନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

**ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ପ୍ରସଙ୍ଗ**

# ପାସ୍‌ପୋର୍ଟ ଜବତ କରି ପୁଲିସ୍‌ର ତଦନ୍ତ ଆରମ୍ଭ

**ପୁରୀ, ୪।୩ (ସମିସ):** ଶ୍ରୀମନ୍ଦିରରେ ରବିବାର ୪ଜଣ ଅଣହିନ୍ଦୁ ପ୍ରବେଶ କରିବା ଘଟଣାକୁ ଗମ୍ଭୀରତାର ସହ ନେଇଛି ପୁଲିସ। ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଣହିନ୍ଦୁଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିବା ବେଳେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଅଧିକ ଜୋର୍‌ଦାର କରିଛି। ଶ୍ରୀମନ୍ଦିର ଭିତରକୁ କେବଳ ହିନ୍ଦୁମାନେ ହିଁ ପ୍ରବେଶ କରିପାରିବେ। ଅଣହିନ୍ଦୁଙ୍କ ପ୍ରବେଶ ମନା ନେଇ ମନ୍ଦିର ଆଖପାଖ ଅଞ୍ଚଳରେ ଅଧିକ ସୂଚନାଫଳକ ଲାଗିବ ବୋଲି ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷେ ଏ ଦିଗରେ ଶ୍ରଦ୍ଧାଳୁଙ୍କୁ ଆହୁରି ସଚେତନ କରାଯିବ ବୋଲି କହିଛନ୍ତି ଏସ୍‌ପି ପିନାକ ମିଶ୍ର।

ସୋମବାର ଏହି ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି, ଅନ୍ୟ ଧର୍ମାବଲମ୍ବୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା କିଛି ବ୍ୟକ୍ତି ଅଭିଯୋଗ କରିଥିଲେ। ଏହି ସୂଚନା ପାଇବା ପରେ ଆମେ ଗମ୍ଭୀରତାର ସହ ନେଇ ଖୋଳତାଡ଼ ଆରମ୍ଭ କରିଥିଲୁ। ତଦନ୍ତରୁ ଜାଣିବାକୁ ମିଳିଥିଲା ଯେ ଏମାନେ

- ■ ଲାଗିବ ଅଧିକ ସୂଚନା ଫଳକ
- ■ ଏତଲା ଦେଲା ମନ୍ଦିର ପ୍ରଶାସନ

୯ ଜଣିଆ ଗ୍ରୁପ୍ ଆସିଥିଲେ। ସେମାନଙ୍କ ଭିତରୁ ଜଣେ ହିନ୍ଦୁ ଏବଂ ଅନ୍ୟ ୮ ଜଣ ଅଣହିନ୍ଦୁ ଥିଲେ। ତେବେ ହିନ୍ଦୁ ବ୍ୟକ୍ତିଜଣଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯିବାବେଳେ ତାଙ୍କ ସହ ଅନ୍ୟ ୪ଜଣ ଯାଇଥିବା ସ୍ୱୀକାର କରିଛନ୍ତି। ଏହାପରେ ସେମାନଙ୍କୁ ପଚରାଉଚରା କରାଯାଇଛି। କେଉଁ ଦେଶରୁ ଆସିଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ କ'ଣ, ପୁରୀକୁ କାହିଁକି ଆସିଛନ୍ତି? ସେହିପରି ସେମାନେ ରହୁଥିବା ହୋଟେଲରୁ ସମସ୍ତଙ୍କ ପାସ୍‌ପୋର୍ଟ ଅଣାଯାଇ ଯାଞ୍ଚ କରାଯାଇଛି। ପାସ୍‌ପୋର୍ଟ ଏବଂ ଭିସାର କପି ଆମେ ରଖିଛୁ। ବର୍ତ୍ତମାନ ୩ଟି ଦିଗ ଯଥା ପାସ୍‌ପୋର୍ଟଗୁଡ଼ିକର ବୈଧତା, ସେମାନେ କେଉଁ ଉଦ୍ଦେଶ୍ୟରେ ଓଡ଼ିଶା ଆସିଥିଲେ ଏବଂ କେଉଁ କେଉଁ ଜାଗା ପରିଦର୍ଶନ କରିଛନ୍ତି, ଆଗରୁ କେବେ ଭାରତ ଆସିଥିଲେ ନା ନାହିଁ; ଏହାର ତଦନ୍ତ କରାଯାଉଛି ବୋଲି କହିଛନ୍ତି ଏସ୍‌ପି।

ଶ୍ରୀମନ୍ଦିରର ନିରାପତ୍ତା ଏବଂ ବିଧି ପରମ୍ପରାକୁ ସୁରକ୍ଷା ଦେବା ପୁଲିସର ପ୍ରଥମ କର୍ତ୍ତବ୍ୟ। ଏଥିପ୍ରତି ପୁଲିସ ବେଶ୍ ଯତ୍ନବାନ। ଯେତେବେଳେ କିଛି ବି ତ୍ରୁଟିବିଚ୍ୟୁତି ହେଉଛି, ତାହାକୁ ସ୍ପର୍ଶକାତର ଏବଂ ଗମ୍ଭୀରତାର ସହ ନିଆଯାଉଛି। ତେବେ ଏହି ଘଟଣା ଦେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ସହିତ ଆଲୋଚନା କରଯିବ। ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିପାଇଁ ଯାହା ବି ପଦକ୍ଷେପ ନିଆଯିବା କଥା ଗ୍ରହଣ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ସୂଚନା ଫଳକ ଲଗାଇବା ଏବଂ ଶ୍ରଦ୍ଧାଳୁଙ୍କୁ ଅଧିକ ମାତ୍ରାରେ ସଚେତନ କରାଯିବ ବୋଲି କହିଛନ୍ତି ଏସ୍‌ପି ଶ୍ରୀ ମିଶ୍ର।

**■ ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲାରେ ମୋକିମ ଦୋଷୀ ସାବ୍ୟସ୍ତ ପ୍ରସଂଗ**

# ହାଇକୋର୍ଟରେ ରାୟ ସଂରକ୍ଷିତ

**କଟକ,୪।୩(ସମିସ):** ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ହେବା ଓ ଦଣ୍ଡାଦେଶ ରାୟ ବିରୋଧରେ ମେଟ୍ରୋ ବିଲଡର୍ସର ମୁଖ୍ୟ ଇଂ ମହମ୍ମଦ ମୋକିମ ଦାୟର କରିଥିବା ଆବେଦନର ଶୁଣାଣି ଆଜି ଶେଷ ହୋଇଛି। ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷ କରିବା ସହ ରାୟକୁ ସଂରକ୍ଷିତ ରଖିଛନ୍ତି। ସେହିପରି ପୂର୍ବରୁ ନିମ୍ନ ଅଦାଲତଙ୍କ ଆଦେଶ ଉପରେ ଥିବା ଅନ୍ତରୀଣ ରହିତାଦେଶକୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ବିଚାରପତି ଜଷ୍ଟିସ ବି.ପି.ରାଉତରାୟ ଆଜି ମାମଲାରେ ପୂର୍ଣ୍ଣାଙ୍ଗ ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମୋକିମଙ୍କ ସମେତ ଏହି ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଇଏଏସ୍ ବିନୋଦ କୁମାର, ମେଟ୍ରୋ ବିଲଡର୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ପୀୟୂଷଧାରୀ ମହାନ୍ତି ଓ କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ରଙ୍କ ଆବେଦନର ମଧ୍ୟ ଏକତ୍ର ଶୁଣାଣି କରାଯାଇଥିଲା।

ମାମଲାରୁ ପ୍ରକାଶ ଯେ ଓଡ଼ିଶା ରୁରାଲ ହାଉସିଂ ଡେଭେଲପମେଣ୍ଟ କର୍ପୋରେସନ (ଓଆରଏଚଡିସି) ଋଣ ଦୁର୍ନୀତି ମାମଲାର ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗତ୨୦୨୨, ସେପ୍ଟେମ୍ବର ୨୯ରେ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ମୋକିମଙ୍କ ସମେତ ଅନ୍ୟ ମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୦୨୨ଅକ୍ଟୋବର ୧୦ରେ ହାଇକୋର୍ଟ ପ୍ରଥମେ ମୋକିମଙ୍କୁ ଜାମିନ ପ୍ରଦାନ କରିବା ସହିତ ନିମ୍ନ ଅଦାଲତଙ୍କ ଜରିମାନା ଦଣ୍ଡାଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ସେହିପରି ୨୦୨୨, ଅକ୍ଟୋବର ୧୯ରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ଉପରେ ହାଇକୋର୍ଟ ମଧ୍ୟ ରହିତାଦେଶ ଜାରି କରିଥିଲେ। ଅନ୍ୟପଟରେ ହାଇକୋର୍ଟଙ୍କ ଏହି ଅନ୍ତରୀଣ ରହିତାଦେଶ ଉଠାଇବା ପାଇଁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିନଥିଲେ।

# ଦୃଷ୍ଟିବାଧିତ ପିଲା ପଢ଼ିବେ ଏଆଇ, କୋଡିଂ, ରୋବୋଟିକ୍ ପାଠ

**ଭୁବନେଶ୍ୱର, ୪।୩ (ସମିସ):** ସାଧାରଣ ପିଲାଙ୍କ ଭଳି ଓଡ଼ିଶାର ଦୃଷ୍ଟିବାଧିତ ପିଲାମାନେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କୋଡିଂ, ରୋବୋଟିକ୍ସ, ଆନିମେସନ୍, ଥ୍ରି-ଡି ପେଣ୍ଟିଂ, ଗେମ୍ସ, ମୋବାଇଲ୍ ଆପ୍ ପ୍ରସ୍ତୁତି ପାଠ ପଢ଼ିବେ। ଆଇଆଇଟି, ଭୁବନେଶ୍ୱର

**ଆଇଆଇଟି ସହ ବୁଝାମଣାପତ୍ର ସ୍ୱାକ୍ଷରିତ**

ପକ୍ଷରୁ ଏହି ଶିକ୍ଷାଦାନ ଆରମ୍ଭ ହେବ। ଦୃଷ୍ଟିବାଧିତ ପିଲାମାନଙ୍କ ବୈଷୟିକ ଶିକ୍ଷା ପାଇଁ ରାଜ୍ୟ ସରକାର ଏପରି ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍‌ଏସ୍‌ଇପିଡି) ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।



ବୁଝାମଣା ଅନୁସାରେ, ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଟ୍ୟାବ୍ ଓ ସ୍ମାର୍ଟଫୋନ୍ ସାଙ୍ଗକୁ ଅନ୍‌ଲାଇନ୍ ଶ୍ରେଣୀଗୃହର ବ୍ୟବସ୍ଥା ରହିବ। ଏହାସହ ବୃତ୍ତି ନିମନ୍ତେ ପରାମର୍ଶ, ସଫ୍ଟ ସ୍କିଲ, କର୍ମଶାଳା, ବ୍ୟକ୍ତିତ୍ୱ ବିକାଶ, ଡିଜିଟାଲ ପାଠାଗାର, ଅଡିଓ ବୁକ୍ ବିତରଣ ଆଦି ରହିବ। ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ କି-ବୋର୍ଡ ଡିଭାଇସ୍ ଉପଯୋଗ କରାଯିବ। ଏହି ପାଠ୍ୟକ୍ରମ ପାଇଁ ରାଜ୍ୟ ସରକାର ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ୫ବର୍ଷ ପାଇଁ ବଳବତ୍ତର ରହିବ।

ଏହି ଅବସରରେ ଉପସ୍ଥିତ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ବିଶେଷକରି କମ୍ପ୍ୟୁଟର, ଟାବ୍‌ଲେଟ୍ ଏବଂ ସ୍ମାର୍ଟଫୋନ୍ ଆଦି ସହାୟତାରେ ଦୃଷ୍ଟିବାଧିତମାନେ ସାଧାରଣ ପିଲାଙ୍କ ଭଳି ଲେଖାପଢ଼ା କରିପାରୁଛନ୍ତି। ପରଦାରେ ପଢ଼ିବା ପାଇଁ ଉପଯୁକ୍ତ ସଫ୍ଟୱେର, ଡିଜିଟାଲ ପୁସ୍ତକ ନିଜ ପସନ୍ଦ ମୁତାବକ ଭାଷାରେ ପଢ଼ି ଲେଖି ପାରିବେ। ଏପରି ବୁଝାମଣା ଫଳରେ ରାଜ୍ୟର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଆଧୁନିକ ଉପାୟରେ ବୈଷୟିକ ଜ୍ଞାନକୌଶଳ ସହିତ ଗୁଣାତ୍ମକ ଶିକ୍ଷା ସଶକ୍ତ ହୋଇପାରିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ବୁଝାମଣାପତ୍ର ସଠିକ୍ ଭାବେ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରାଯିବ।

ଅନ୍ତର୍ଭୁକ୍ତୀ ଶିକ୍ଷା ପାଇଁ ବୃତ୍ତିଗତ ବିକାଶର ବିଭିନ୍ନ ଦିଗଗୁଡ଼ିକୁ ବ୍ୟାପକ କରିବାରେ ଆଇଆଇଟି ଭୁବନେଶ୍ୱର ସହାୟତା ଦେବ। ଏଥିସହ ଛାତ୍ରଛାତ୍ରୀଙ୍କ ତାଲିମ୍ ସମେତ ରେକର୍ଡିଂ ଲ୍ୟାବ୍ ଓ ଆକ୍ସେସିବୁଲ ଆର୍ଟ ସେଣ୍ଟର୍ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସେଠୀ କହିଥିଲେ। ଏସ୍‌ଏସ୍‌ଇପିଡି ବିଭାଗ ପକ୍ଷରୁ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଓ ଆଇଆଇଟି-ଭୁବନେଶ୍ୱର ପକ୍ଷରୁ ସ୍ୱନସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (ଏସ୍‌ଆରଆଇସି)ର ଡିନ୍ ପ୍ରଫେସର ଦିନକର ପାସ୍‌ଲା ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

**■ ପାଣିରେ ବୁଡ଼ି ମରିବା ଘଟଣାକୁ ଗମ୍ଭୀରତାର ସହ ନେଲେ ସରକାର**

# ୧୦୦ ନଦୀଘାଟର ସୁରକ୍ଷା ସଂରଚନା ପାଇଁ ୨ କୋଟି ମଞ୍ଜୁର

**ଭୁବନେଶ୍ୱର,୪।୩(ସମିସ):** ରାଜ୍ୟରେ ବିଭିନ୍ନ ସମୟରେ ନଦୀରେ ବୁଡ଼ି ପ୍ରାଣହାନି ଓ କୁମ୍ଭୀର ଟାଣିନେବା ଭଳି ଘଟଣା ସାମ୍ନାକୁ ଆସୁଛି। ନଦୀକୂଳିଆ ଅଞ୍ଚଳରେ ପ୍ରତିବର୍ଷ ଏଭଳି ଘଟଣାରେ ଶତାଧିକ ଲୋକଙ୍କ ମୃତ୍ୟୁ ହେଉଛି। ଏଭଳି ଅଘଟଣରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ରାଜ୍ୟର ୧୦୦ଟି ବିପଦପୂର୍ଣ୍ଣ ନଦୀଘାଟର ଉନ୍ନତି ସହ ସୁରକ୍ଷା ନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ଜଳସମ୍ପଦ ବିଭାଗର ଅନୁସଚିବ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ ଚିହ୍ନଟ ହୋଇଥିବା ୧୦୦ଟି ଘାଟରେ ସୁରକ୍ଷା ସଂରଚନା ନିର୍ମାଣ ପାଇଁ ପ୍ରାୟ ୨କୋଟି ଟଙ୍କା ଖର୍ଚ୍ଚ କରାଯିବ। କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ଉପରୋକ୍ତ ଅର୍ଥରାଶି ଖର୍ଚ୍ଚ ହେବାକୁ ଥିବା ବେଳେ ଏହି ଅର୍ଥ ମଞ୍ଜୁର ହୋଇସାରିଛି। ତେଣୁ ଚିହ୍ନଟ ହୋଇଥିବା ଘାଟଗୁଡ଼ିକରେ ସୁରକ୍ଷା

**ପ୍ରତିଟି ଜୀବନ ମୂଲ୍ୟବାନ**

ସଂରଚନା ନିର୍ମାଣ ଯେପରି ଶେଷ ହେବ, ତାହାକୁ ଅନୁଧ୍ୟାନ କରି ବିଭାଗକୁ ରିପୋର୍ଟ ପ୍ରଦାନ କରିବାକୁ ଅନୁସଚିବ ଚିଠିରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ବିଭିନ୍ନ ସମୟରେ କୁମ୍ଭୀର ଆକ୍ରମଣରେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଛି। ମୁଖ୍ୟତଃ ନଦୀକୁ ଗାଧୋଇବା ଓ ଶୌଚ ହେବା ପାଇଁ ଯାଉଥିବା ଅବସ୍ଥାରେ ହିଁ ଲୋକମାନେ ଏହି ଦୁର୍ଘଟଣାରେ ଶିକାର ହେଉଛନ୍ତି। ସେହିପରି ନଦୀରେ ବୁଡ଼ି ମୃତ୍ୟୁ ମାମଲାରେ ମଧ୍ୟ ଅଙ୍କୁଶ ଲାଗୁ ନାହିଁ। ଗତ ୩ ବର୍ଷ ଭିତରେ ରାଜ୍ୟରେ ନଦୀରେ ବୁଡ଼ି ୯୭୦ ଜୀବନ ଯାଇଛି। ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ ଦେଉଥିବା ବେଳେ ପ୍ରତି ଜୀବନ ମୂଲ୍ୟବାନ ନୀତି ଆଧାରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେଣୁ ରାଜ୍ୟ ସରକାର ପ୍ରମୁଖ ନଦୀଘାଟଗୁଡ଼ିକୁ ଫେନ୍‌ସିଂ କରି ଏଭଳି ଅଘଟଣରେ ରୋକ୍ ଲଗାଇବା ପାଇଁ ଯୋଜନା କରିଛନ୍ତି।

## ୫ ବାଲିବୋଝେଇ ଟ୍ରାକ୍ଟର୍‌କୁ ଲକ୍ଷେ ଟଙ୍କା ଜରିମାନା

**ଆସିକା, ୪।୩(ସମିସ):** ବାଲି ଚୋରା ଚାଲାଣ ବେଳେ ଆସିକା ରାଜସ୍ୱ ବିଭାଗ ଅଧିନସ୍ଥ ନିରାଳ ରାସ୍ତାରୁ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ଓ ତାଙ୍କ ଟିମ ଚଢ଼ଉ କରି ପାଞ୍ଚ ଗୋଟି ବାଲି ଟ୍ରାକ୍ଟର ଜବତ କରିଥିଲେ। ଏହି ଗାଡ଼ି ଗୁଡ଼ିକରୁ ୧ ଲକ୍ଷ ଟଙ୍କା ଜରିମନା ଆଦାୟ କରାଯାଇଛି। ଜରିମନା ଆଦାୟ ପରେ ବାଲି ଟ୍ରାକ୍ଟରକୁ ଛାଡ଼ି ଦିଆଯାଇଛି।

## ପ୍ରମୋଦ କିଶୋର ଜେନା ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ

**ଭୁବନେଶ୍ୱର, ୪।୩ (ସମିସ):** ଇଂ ପ୍ରମୋଦ କିଶୋର ଜେନା ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

# ଅବଶିଷ୍ଟାଂଶ...

## ପଞ୍ଚାୟତ ରୂପାନ୍ତରଣର...

ଯାହାର ସୁଫଳ ଏବେ ତୃଣମୂଳସ୍ତରରେ ପରିଲକ୍ଷିତ ହେଉଛି। ସେହିପରି ଗ୍ରାମାଞ୍ଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗ୍ରାମାଞ୍ଚଳର ଅର୍ଥନୈତିକ ଚିତ୍ରକୁ ସମ୍ପୂର୍ଣ୍ଣ ବଦଳେଇ ଦେଇଥିବା ବେଳେ ଗ୍ରାମାଞ୍ଚଳର ବିକାଶ ଏବେ ଦୌଡ଼ୁଛି। କେବଳ ଏତିକି ନୁହେଁ ପଞ୍ଚାୟତସ୍ତରରେ ଯେପରି ସମସ୍ତ ସୁବିଧା ସୁଯୋଗ ମିଳିପାରିବ ତାହା ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି ନବୀନ ପଟ୍ଟନାୟକ। ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲ୍ଲାକୁ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି 'ଲକ୍ଷ୍ମୀ' ବସ୍ ସେବା ଯୋଜନା। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ପଞ୍ଚାୟତ ଭିତ୍ତିଭୂମିର ରୂପାନ୍ତରଣ ପାଇଁ ପ୍ରତି ପଞ୍ଚାୟକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଯେଉଁ ପଞ୍ଚାୟତରେ ବ୍ୟାଙ୍କ ସେବା ଉପଲବ୍ଧ ନଥିଲା ସେଠାରେ ରାଜ୍ୟ ସରକାର 'ଆମ ବ୍ୟାଙ୍କ' ଖୋଲୁଛନ୍ତି। ଏହି ଯୋଜନାର ୨ଟି ପର୍ଯ୍ୟାୟରେ ଅଦ୍ୟାବଧି ୨୭୫୦ ଆମ ବ୍ୟାଙ୍କ ଶାଖା ଖୋଲିଲାଣି। ବିଜୁ ସେତୁ ବର୍ତ୍ତମାନ ଗାଁ ଗାଁ ମଧ୍ୟରେ ଦୂରତା ହ୍ରାସ କରିପାରିଛି, ସମ୍ପର୍କର ନୂଆ ସେତୁ ଭାବେ ସାବ୍ୟସ୍ତ ହୋଇପାରିଛି। ରୂପାନ୍ତରିତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରିତ କରୁଛି। ଗ୍ରାମାଞ୍ଚଳକୁ ମଜବୁତ୍ କରିବା ପାଇଁ ମହିଳାଙ୍କଠାରୁ ଆରମ୍ଭ କରି ଶିଶୁ, ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ଏକାଧିକ ଯୋଜନା ପ୍ରଣୟନ ହେଉଥିବା ବେଳେ ଏହାର ସୁଫଳ ଏବେ କାର୍ଯ୍ୟକ୍ଷେତ୍ରରେ ବେଶ୍ ବାରି ହୋଇପଡ଼ୁଛି। ରାଜ୍ୟ ସରକାରଙ୍କ ଅନୁଦାନରେ ବର୍ତ୍ତମାନ ଗାଁ ତୁଠ ଠାରୁ ଆରମ୍ଭ କରି ଶ୍ମଶାନ, ଖେଳ ପଡ଼ିଆ, ରାସ୍ତା ନୂଆ ରୂପ ପାଇଛି। ଗ୍ରାମ ସଡ଼କ ଯୋଜନାରେ ଲୋକେ ପକ୍କା ରାସ୍ତାରେ ଚାଲୁଥିବା ବେଳେ ବିଜୁ ପକ୍କାଘର, ମୋ ଘର ଯୋଜନା ପଞ୍ଚାୟତରେ ଲୋକଙ୍କ ମୁଣ୍ଡରେ ଛାତକୁ ସୁନିଶ୍ଚିତ କରିପାରିଛି। ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସିଛନ୍ତି ଯେ ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ବିକାଶର ଗ୍ୟାରେଣ୍ଟି ମିଳିବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହିଁ ଆଧୁନିକ ଓଡ଼ିଶାର ପରିଚୟ ହେବ। ରାଜ୍ୟ ସରକାରଙ୍କ କଥା ଏବଂ କାମକୁ ଅନୁଧ୍ୟାନ କଲେ ଗ୍ରାମ ପଞ୍ଚାୟତର ବିକାଶ ଯେ ତୀବ୍ର ବେଗରେ ଦୌଡ଼ୁଛି ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଲାଞ୍ଚ ନେଲେ...

ତର୍ଜମା କରିବା ପରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଗୃହରେ କୌଣସି ବିଧେୟକ ପାଇଁ ଏହାର ସଦସ୍ୟଙ୍କ ଦ୍ୱାରା ଦୁର୍ନୀତି କିମ୍ବା ଲାଞ୍ଚର ପ୍ରଭାବ ଜନସାଧାରଣଙ୍କ ଅଖଣ୍ଡତାକୁ ନଷ୍ଟ କରିବ। ତେଣୁ ସାଂସଦ କିମ୍ବା ବିଧାୟକମାନଙ୍କ ଭଳି ଜନପ୍ରତିନିଧି ଗୃହରେ ଭୋଟ୍ ଦେବା ପାଇଁ ଲାଞ୍ଚ ନେଲେ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ରକ୍ଷା ପାଇପାରିବେ ନାହିଁ। ୧୯୯୧ରେ କେନ୍ଦ୍ରରେ କଂଗ୍ରେସ ଶାସନକାଳରେ ପିଭି ନରସିଂହା ରାଓ ପ୍ରଧାନମନ୍ତ୍ରୀ ରହିଥିବା ବେଳେ ତାଙ୍କ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। କିନ୍ତୁ ଏହା ବିରୋଧରେ ଭୋଟ ଦେବାକୁ ସେତେବେଳେ କଂଗ୍ରେସ କିଛି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସାଂସଦଙ୍କୁ ଲାଞ୍ଚ ଦେଇଥିଲା। ଏହି ପ୍ରସଙ୍ଗ ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ୧୯୯୮ ରେ ସୁପ୍ରିମକୋର୍ଟର ଏକ ୫ ଜଣିଆ ଖଣ୍ଡପୀଠ ଲାଞ୍ଚ କାରବାର ମାମଲାରେ ଜନ ପ୍ରତିନିଧିଙ୍କୁ କୋର୍ଟ ଚାଲାଣ କରାଯାଇପାରିବ ନାହିଁ କି ସେମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ୨୦୨୩ ଅକ୍ଟୋବର ୨୩ ତାରିଖରେ ଏହି ୭ଜଣିଆ ଖଣ୍ଡପୀଠ ମାମଲାର ସମସ୍ତ ପକ୍ଷକୁ ନେଇ ଶୁଣାଣି କରିଥିଲେ ହେଁ ରାୟ ସଂରକ୍ଷିତ ରଖିଥିଲେ। ତେବେ ସୋମବାର ଏହି ପ୍ରସଙ୍ଗରେ ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଖୁବ୍‌ଶୀଘ୍ର ଆଉ...

ଖାଲିଥିବା ପଦ ପୂରଣ ହୋଇପାରିବ ବୋଲି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ, ଦୁଇଟି ବର୍ଗରେ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦ ପାଇଁ ନିଯୁକ୍ତି ଦିଆଯିବ। ପ୍ରଥମ ବର୍ଗରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଓ ଦ୍ୱିତୀୟ ବର୍ଗରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ଶିକ୍ଷକ ନିଯୁକ୍ତି କରାଯିବ। ଏହି ସମସ୍ତ କନିଷ୍ଠ ଶିକ୍ଷକ ଜିଲ୍ଲା ପରିଷଦ ଅଧୀନରେ ରହିବେ। ସମସ୍ତ ଶିକ୍ଷକଙ୍କୁ ନିର୍ଦ୍ଧାରିତ ପାରିଶ୍ରମିକ ପ୍ରଦାନ କରାଯିବ। ବାର୍ଷିକ ଚୁକ୍ତି ସରିବା ପରେ ଜିଲ୍ଲା ପରିଷଦ ପକ୍ଷରୁ ତାକୁ ନବୀକରଣ କରାଯିବ। ଦକ୍ଷତା ଭିତ୍ତିରେ ଏହାର ନବୀକରଣ କରାଯିବ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଏହି ଦକ୍ଷତା ପ୍ରମାଣ ପତ୍ର ପ୍ରଦାନ କରିବେ।

## ଆଜି ଆସୁଛନ୍ତି...

ପ୍ରକଳ୍ପକୁ ଉଦଘାଟନ କରିବେ। ଏଥିସହ ସେ ଓଡ଼ିଶାର ପାରାଦୀପରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ୩୪୪ କିମି ଦୈର୍ଘ୍ୟର ପାଇପଲାଇନ ମଧ୍ୟ ଉଦଘାଟନ କରିବେ। ପାରାଦୀପରେ ଏଲପିଜି ଆମଦାନୀ ସୁବିଧାକୁ ମଧ୍ୟ ଲୋକାର୍ପଣ କରାଯିବ। ଏହି ଅବସରରେ ବିଭିନ୍ନ ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ପ୍ରଧାମନ୍ତ୍ରୀ ଭିତ୍ତିପ୍ରସ୍ତର ରଖିବେ। ପ୍ରଧାନମନ୍ତ୍ରୀ ୧୬୨ କିମି ବାଂଶପାଣି - ଦୈତାରୀ - ଟମକା - ଯଖପୁରା ରେଳ ଲାଇନ ଦୋହରୀକରଣକୁ ଦେଶ ପାଇଁ ଉତ୍ସର୍ଗ କରିବେ। କଳିଙ୍ଗ ନଗରରେ କନକୋର କଣ୍ଟେନର ଡିପୋ ଉଦ୍‌ଘାଟନ, ନର୍ଲାଠାରେ ପ୍ରସ୍ତାବିତ ଇଲେକ୍ଟ୍ରିକ୍ ରେଳ ଇଂଜିନ ମରାମତି କାରଖାନା, କଣ୍ଟାବାଞ୍ଜିରେ ୱାଗନ୍ ମରାମତି କାରଖାନା ଏବଂ ବାଘୁଆପାଳରେ ରେଳ ଇଞ୍ଜିନ ଓ ୱାଗନ ରକ୍ଷଣାବେକ୍ଷଣ ସୁବିଧାଗୁଡ଼ିକର ନବୀକରଣ ଏବଂ କ୍ଷମତା ବୃଦ୍ଧି ପାଇଁ ଭିତ୍ତି ପ୍ରସ୍ତର ସ୍ଥାନ କରାଯିବ। ସେହିପରି କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ ଏବଂ ଆନନ୍ଦ ବିହାର (ନୂଆଦିଲ୍ଲୀ) ମଧ୍ୟରେ ନୂତନ ଟ୍ରେନ୍ କେନ୍ଦୁଝରଗଡ଼ ରେଳ ଷ୍ଟେସନରୁ ଶୁଭାରମ୍ଭ, କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟଦେଇ ହରିଦାସପୁର - ପାରାଦୀପ ରେଳ ମାର୍ଗରେ ଯାତ୍ରୀବାହୀ ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି।

## ମୋକିମଙ୍କ ନିର୍ବାଚନ...

ଆରପି(ରିପ୍ରେଜେଣ୍ଟେସନ ଅଫ ପିପୁଲ)ଆକ୍ଟ୧୯୫୧ର ଧାରା ୩୬ ଅନୁସାରେ ନାମାଙ୍କନପତ୍ରକୁ ଯାଞ୍ଚ ବେଳେ ଖାରଜ କରିବା ଉଚିତ ଥିଲା ବୋଲି ହାଇକୋର୍ଟ କହିଛନ୍ତି। ଭାରତୀୟ ନିର୍ବାଚନ କମିସନଙ୍କ ମାର୍ଗଦର୍ଶିକା ଅନୁସାରେ, ନାମାଙ୍କନ ପତ୍ରର ଫର୍ମ ୨ବି କୁ ଉପଯୁକ୍ତ ଫର୍ମାଟ୍‌ରେ ପ୍ରତିପକ୍ଷ ଇଂ ମୋକିମ ପୂରଣ କରିନଥିଲେ। ପ୍ରତିପକ୍ଷ ଇଂ ମୋକିମ ନିଜ ନାମରେ ରହିଥିବା ୧୩ଟି ଅପରାଧିକ ମାମଲା ସମ୍ପର୍କରେ ଉପଯୁକ୍ତ ତଥା ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ନାମାଙ୍କନପତ୍ର ଦାଖଲ ସମୟରେ ଦିଆଯାଇଥିବା ସତ୍ୟପାଠରେ ପ୍ରଦାନ କରିନଥିଲେ। ସେହିପରି କେତେକ ସମ୍ପତ୍ତି ବିବରଣୀ ମଧ୍ୟ ଲୁଚାଇଥିଲେ। ଏହି ସବୁ ଦିଗକୁ ତର୍ଜମା କରି ପ୍ରତିପକ୍ଷ ଇଂ ମୋକିମ ଉଚିତ ଭାବେ ନିର୍ବାଚିତ ହୋଇଥିଲେ ବୋଲି କୁହାଯାଇପାରିବ ନାହିଁ। ଏଣୁ ଏହି ନିର୍ବାଚନକୁ ହାଇକୋର୍ଟ ରଦ୍ଦ କରିବା ସହ ବାରବାଟୀ-କଟକ ବିଧାନସଭା ଆସନରେ ବିଧାୟକ ପଦବୀରେ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି ବୋଲି କହିଛନ୍ତି।

ପ୍ରକାଶଥାଉକି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଯେଉଁ ମାମଲା ବିଚାରାଧୀନ ରହିଛି, ତାହାକୁ ରଦ୍ଦ କରିବା ପାଇଁ ପ୍ରତିପକ୍ଷ ଇଂ ମୋକିମ କରିଥିବା ଆବେଦନକୁ ମଧ୍ୟ ଗତ ୨୦୨୨ଜୁନ ୨୦ରେ ହାଇକୋର୍ଟ ଖାରଜ କରିଦେଇଥିଲେ। ଏପରିକି ଏହାକୁ ମୋକିମ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ୨୦୨୨ଜୁଲାଇ୨୯ରେ ହାଇକୋର୍ଟଙ୍କ ଆଦେଶ କିନ୍ତୁ କାଏମ ରହିଥିଲା। କୋଭିଡ ମହାମାରୀ ପାଇଁ ଶୁଣାଣି ବିଳମ୍ବିତ ହୋଇଥିଲା। କିନ୍ତୁ ତ୍ୱରିତ ଶୁଣାଣିରେ ଉଭୟ ଆବେଦନକାରୀ ଓ ପ୍ରତିପକ୍ଷଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସମସ୍ତ ଆଇନଜୀବୀଙ୍କ ସହଯୋଗ ମିଳିଥିବାରୁ ଅଦାଲତ ସେମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୧୯ ସାଧାରଣ ନିର୍ବାଚନରେ ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ବିଧାୟକ ଇଂ ମହମ୍ମଦ ମୋକିମ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ୩ହଜାର୮୨୭ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ନାମାଙ୍କନ ବେଳେ ମୋକିମ ମିଥ୍ୟା ତଥ୍ୟ ପ୍ରଦାନ କରିଥିବା ଓ ତାଙ୍କ ନାମରେ ଥିବା ଅପରାଧିକ ମାମଲା, ସମ୍ପତ୍ତି ତଥ୍ୟ ଲୁଚାଇଥିବା ଅଭିଯୋଗ ଆଣି ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟ ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାୟର କରିଥିଲେ। ଆବେଦନକାରୀ ଶ୍ରୀ ସାମନ୍ତରାୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ଓ ଗୋପାଳ କୁମାର ଅଗ୍ରୱାଲ ଏବଂ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ। ୫ବର୍ଷ ବିଧାୟକ କାର୍ଯ୍ୟକାଳ ଶେଷ ହେବାକୁ ଆଉ ସ୍ୱଳ୍ପ ଦିନ ବାକି ଥିବା ବେଳେ ଏହା ପୂର୍ବରୁ ହାଇକୋର୍ଟଙ୍କ ରାୟ ବହୁ ଗୁରୁତ୍ୱ ବହନ କରୁଛି।

## ସମର୍ପିତ ସେବା...

ପୁରୁଷ, ମହାନ୍ ରାଷ୍ଟ୍ରନୀତିଜ୍ଞ ତଥା ସ୍ୱାଧୀନତା ସଂଗ୍ରାମୀ ବିଜୁ ବାବୁଙ୍କର ଆମ ଦେଶ ତଥା ଜାତି ପ୍ରତି ତାଙ୍କର ଅମୂଲ୍ୟ ଅବଦାନ, ଏକ ସଶକ୍ତ ଏବଂ ପୂର୍ଣ୍ଣ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ତାଙ୍କର ଅବିଶ୍ରାନ୍ତ ସଂଗ୍ରାମ ବିଷୟରେ ସବିଶେଷ ଆଲୋଚନା ହେବ।

ଗତ ୨୯ ତାରିଖରେ ଏ ନେଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ପର୍ଯ୍ୟବେକ୍ଷକ, ସାଂସଦ, ସାଂସଦ, ବିଧାୟକ ତଥା ପ୍ରାର୍ଥୀ, ଜିଲ୍ଲା କର୍ମକର୍ତ୍ତା, ସାମୁଖ୍ୟର କର୍ମକର୍ତ୍ତାମାନଙ୍କୁ ପତ୍ର ଲେଖି ବିଜୁ ବାବୁଙ୍କ ଜୟନ୍ତୀ ଓ ମହିଳା ଦିବସ ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ଦଳ ପପକ୍ଷରୁ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ବିଜୁ ବାବୁ ମହିଳା ମାନଙ୍କର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସଶକ୍ତିକରଣ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରି ସମଗ୍ର ଦେଶ ପାଇଁ ଅତୁଳନୀୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି। ସେହିପରି ରାଜ୍ୟ ସରକାର ମହିଳା ସଶକ୍ତିକରଣ କ୍ଷେତ୍ରରେ ଅନେକ ଅନୁକରଣୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ସେହିପରି ଆସନ୍ତା ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯିବ। ଏସବୁ ବିଷୟରେ ମାର୍ଚ୍ଚ ୮ ତାରିଖରେ ଆୟୋଜିତ ମହିଳା ସମାବେଶରେ ବିସ୍ତୃତ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଏପ୍ରିଲ ୧୭ ତାରିଖ ବିଜୁ ବାବୁଙ୍କ ତିରୋଧାନ ଦିବସକୁ ନିରାଡମ୍ବର ଭାବେ ଏବଂ ବିନମ୍ରତାର ସହ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ଟଙ୍କା ବଦଳ ର୍ୟାକେଟ୍ ଠାବ; ୨ ଗିରଫ

ଭଦ୍ରକ, ୪।୩(ସମିସ)



● ପାଞ୍ଚ ଶହ ଟଙ୍କିଆ ନୋଟ୍ ୫ ଲକ୍ଷ ନେଇ ବଦଳରେ ଶହେ ଟଙ୍କିଆ ନୋଟ୍ ୨୦ ଲକ୍ଷ ଦେବାର ପ୍ରତିଶ୍ରୁତି ଦେଇଥିଲେ

ପାଞ୍ଚ ଶହ ଟଙ୍କିଆ ନୋଟ୍ ୫ ଲକ୍ଷ ନେଇ ବଦଳରେ ଶହେ ଟଙ୍କିଆ ନୋଟ୍ ୨୦ ଲକ୍ଷର ଦେବାର ପ୍ରତିଶ୍ରୁତି ଦେଇ ଠକେଇ କରିଥିବା ଏକ ର୍ୟାକେଟ୍‌କୁ ଠାବ କରିଛି ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ପୁଲିସ୍। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁସାରେ, ଗତ ଜାନୁଆରୀ ୧୬ ତାରିଖ ସକାଳ ୮.୩୦ରେ ଏକ ମୋବାଇଲରୁ ସାବରଙ୍ଗ ଥାନା ଅଧୀନ ବଣିଆ ଗାଁର ନାରାୟଣ ସେଠୀଙ୍କୁ ମୋବାଇଲକୁ ଏକ କଲ୍ ଆସିଥିଲା। କଲ୍ କରିଥିବା ଅଜଣା ବ୍ୟକ୍ତି ତାଙ୍କୁ ୫ଲକ୍ଷ ଟଙ୍କାର ୫ଶହ ଟଙ୍କିଆ ନୋଟ୍ ଦେଇ ଏହାର ପ୍ରତିବଦଳରେ ୧ଶହ ଟଙ୍କିଆ ୨୦ଲକ୍ଷ ଟଙ୍କା ନେବାକୁ ପ୍ରଲୋଭିତ କରିଥିଲା। ଏହି ଠକଙ୍କ କହିବା କଥା ଥିଲା, ୧ଶହ ଟଙ୍କିଆ ନୋଟ ବିପୁଳ ସଂଖ୍ୟାରେ ତାଙ୍କ ପାଖରେ ରହିଥିବାରୁ ସେମାନେ ଏହା ପ୍ରତିବଦଳରେ ୨୦ଲକ୍ଷ ଟଙ୍କା ଦେବାକୁ ପ୍ରଲୋଭିତ କରିଥିଲା। ଖଣି ମାଲିକ ସନା ମହାକୁଡଙ୍କ ଫାର୍ମରେ ଜିଏସ୍‌ଟି ରେଡ୍ ହୋଇଥିବାରୁ ଏଭଳି ସ୍ଥିତି ହୋଇଥିବା ମଧ୍ୟ ଠକ କହିଥିଲେ। ପରେ ହ୍ୱାଟସ୍‌ଆପ୍‌ରେ ଶହେ ଟଙ୍କିଆ ବଣ୍ଡଲର ଫଟୋ ମଧ୍ୟ ପଠାଇଥିଲେ। ଚଣ୍ଡିଖୋଲରୁ ଆସି ୧ଶହ ଟଙ୍କିଆ ୨୦ଲକ୍ଷ ଟଙ୍କା ନେଇ ପ୍ରତିବଦଳରେ ୫ଶହ ଟଙ୍କିଆ ୫ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏଥିରେ ପ୍ରଲୋଭିତ ହୋଇ ଦୁଇ ଭାଇ ହରିହର ସେଠୀ ଓ ନାରାୟଣ ସେଠୀ ଗତ ୧୮ ତାରିଖରେ ଏକ ଗାଡିରେ ଚଣ୍ଡିଖୋଲ ଯାଇ ସେଠାରେ ପାରାଦୀପ ରାସ୍ତାରେ ଏହି ଟଙ୍କା (୬୦ବଣ୍ଡଲ ୫ଶହ ଟଙ୍କିଆ ନୋଟ) ସେହି ବ୍ୟକ୍ତିଙ୍କୁ ଦେଇଥିଲେ। ଏହା ପ୍ରତିବଦଳରେ ମୁହଁରେ ମାସ୍କ ଲାଗାଇଥିବା ୨ ଜଣ ବ୍ୟକ୍ତି ଏକ କାଠବାକ୍ସ ଦେଇଥିଲେ। ତହିଁରେ କିନ୍ତୁ ୧ଶହ ଟଙ୍କିଆ ୨୦ଲକ୍ଷ ଟଙ୍କା ନଥିଲା। ମାତ୍ର ୫ଶହ ଖଣ୍ଡ ୧ଶହ ଟଙ୍କିଆ ଅର୍ଥାତ ୧୦ହଜାର ଟଙ୍କା ଦେଇ ଫେରାର୍ ହୋଇଯାଇଥିଲେ। ଏନେଇ ଠକାମିରେ ଶିକାର ନାରାୟଣ ଓ ହରିହର ସାବରଙ୍ଗ ଥାନାରେ ଏତଲା ଦେଇଥିଲେ। ସାବରଙ୍ଗ ପୁଲିସ ଘଟଣାରେ ଏକ ମାମଲା ରୁଜୁ କରିଥିଲା। ପରେ ଘଟଣାରେ ସାବରଙ୍ଗ ଥାନା ଆଇଆଇସି ରୀନା ବକ୍ସଲ ଏକ ଟିମ୍ ଗଠନ କରି ସାବରଙ୍ଗ ଥାନା ଜିତାନଗା ଅଞ୍ଚଳର ଅଭିଯୁକ୍ତ ବୁଲୁ ଓରଫ ବସନ୍ତ ପତି ଓ ମାହାଙ୍ଗା ଅଞ୍ଚଳର ଟୁନା ଓରଫ୍ ପ୍ରୀୟରଞ୍ଜନ ନାୟକଙ୍କୁ ଗିରଫ କରିଛନ୍ତି। ବୁଲୁଙ୍କ ଠାରୁ ନଗଦ ୨ଲକ୍ଷ ଟଙ୍କା, ୩ମୋବାଇଲ ଫୋନ୍ ଓ ଗୋଟେ ସ୍କୁଟି ଜବତ କରିଛି। ଟୁନା ପାଖରୁ ୨୦ହଜାର ଟଙ୍କା ଓ କିଛି ସାମଗ୍ରୀ ଜବତ କରିଛି ପୁଲିସ। ଅନ୍ୟପକ୍ଷେ ସମାନ ଢଙ୍ଗରେ ଜିଲ୍ଲାର ୩ଟି ଥାନା ଇଲାକାରୁ ୩ଜଣଙ୍କୁ ଏମାନେ ଠକାଇ ଟଙ୍କା ହଡପ୍ କରିଥିବା ଜଣାଯାଇଛି।

# ୩୪ ବର୍ଷ ଧରି ରାସ୍ତା ପାର୍ଶ୍ୱରେ ଚାଲିଛି ସାପ୍ତାହିକ ହାଟ



**ଅସୁରାଳି, ୪।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗାଁର ଏକ ସାପ୍ତାହିକ ହାଟ ଗତ ୩୪ ବର୍ଷ ଧରି ରାସ୍ତା କଡ଼ରେ ଚାଲୁଛି। ହାଟଟି ସପ୍ତାହରେ ଦୁଇ ଥର ସୋମବାର ଓ ଶୁକ୍ରବାର ବସିଥାଏ। ଏଇ ହାଟ ଉପରେ ୧୮.୨୦ଟି ଗ୍ରାମର ଲୋକ ନିର୍ଭର କରନ୍ତି। ବିଶେଷ କରି କଲ୍ୟାଣୀ, ମାଙ୍କିଡ଼ିଆ, କୁସୁମା, ତାମ୍ପଲା, ଚୁଡାକୁଟି, ଦଇପୁର, ବାବୁରି ଗାଁ, ସ୍ୱାମୀପାଟଣା, ଇଚ୍ଛାପୁର, କୋରୁଆ, ମଙ୍ଗଳପୁର, ଖାରଡ଼ିଆ, ଉଚପଦା ପ୍ରଭୃତି ଗ୍ରାମର ଲୋକ ଏଠାରେ କିଣାବିକା କରିଥାନ୍ତି। ବାସ୍ତବରେ ଏହି ସାପ୍ତାହିକ ହାଟଟି ବାରିକପୁର-ଅସୁରାଳି ରାସ୍ତାର ଦୁଇ ପାର୍ଶ୍ୱରେ ଦିନ ୩ଟାରୁ ଆରମ୍ଭ ହୋଇ ରାତ୍ର ୯ରେ ପର୍ଯ୍ୟନ୍ତ ଚାଲୁଥାଏ। ରାସ୍ତାର ଦୁଇ ପାର୍ଶ୍ୱରେ ହାଟୋଇ ବସୁଥିବାରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥାଏ। ପ୍ରତି ହାଟ ପାଳିରେ ଛୋଟ ବଡ ଦୁର୍ଘଟଣା ମାନ ଘଟିଥାଏ। ଉଭୟ ପାର୍ଶ୍ୱରେ ଉଠା ପରିବା ଦୋକାନୀ ବସୁଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇଯାଉଛି। ଫଳରେ ଯାତାୟତ ନିମନ୍ତେ ବହୁ ଅସୁବିଧା ପରିଲକ୍ଷିତ ହେଉଛି। ଭିଡ଼ ବେଳେ ବେଳେ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛି। ହାଟକୁ ଆସୁଥିବା ଗ୍ରାହକମାନେ ଗାଡ଼ି ସାଇକଲ ରାସ୍ତା ଉପରେ ରୋକି କିଣାବିକା କରୁଥିବାରୁ ଜଟିଳ ସମସ୍ୟା ସୃଷ୍ଟି ହେଉଛି। ପ୍ରକୃତରେ ଦେଖିବାକୁ ଗଲେ ଆଖ ପାଖ ଅଞ୍ଚଳରେ ଥିବା ସ୍ଥାନୀୟ ହାଟ ତଥା ସହିଦ ନଗର, ଅସୁରାଳି, ବେତଳି ଗାଁ ପ୍ରମୁଖ ଠାରେ ଯେପରି ସରକାରଙ୍କ ତରଫ ରୁ ହାଟ ପିଣ୍ଡି ବା ହାଟ ଚାଳିଆ ହୋଇଛି ସେହିଭଳି ଗୋବିନ୍ଦପୁର ହାଟ ଉପରେ ପ୍ରଶାସନର ନଜର ପଡ଼ିପାରିନି। ଦୀର୍ଘ ୩୪ ବର୍ଷ ଧରି ଅବହେଳିତ ଅବସ୍ଥାରେ ରାସ୍ତା କଡ଼ରେ ବସୁଛି ଗୋବିନ୍ଦପୁରର ସାପ୍ତାହିକ ହାଟ। ଏହି ହାଟ ଉପରେ ୫/୭ ଶହ ପରିବାର ଲୋକେ ନିଜର ଦୈନନ୍ଦିନ ଖାଦ୍ୟ ସାମଗ୍ରୀ ପାଇଁ ନିର୍ଭର କରିବା ସହିତ ବାଡ଼ି ପରିବା ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ପୁଣି ଖରା, ବର୍ଷା ଓ ଶୀତ କାକରରେ ହାଟୋଇମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ହାଟ ପରିଚାଳକ ବାଇଧର ବସନ୍ତିଆଙ୍କୁ ପାଚରିବାକୁ କୁହନ୍ତି, ଯଦି ହାଟରେ ହାଟ ଚାଳିଆ ସରକାର ନିର୍ମାଣ କରନ୍ତେ, ତେବେ ବହୁ ଦୂରଦୁରାନ୍ତରୁ ଆସୁଥିବା ହାଟୁଆ ମାନେ ଉପକୃତ ହୋଇପାରନ୍ତେ। ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ହାଟ ପିଣ୍ଡି ସହିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି ରଖିଛନ୍ତି।

## ସଦାବ୍ରତ ମଠ ଜମିରେ ନବୀକରଣ ଶୁଭାରମ୍ଭ



**ଭଦ୍ରକ, ୪।୩(ସମିସ):** ଭଦ୍ରକ ପୌରପାଳିକା ଅଧୀନସ୍ଥ ୭ନମ୍ବର ୱାର୍ଡ ୱାର୍ଡ ସାଳନ୍ଦୀ ଶ୍ରୀବିହାର ଠାରେ ଐତିହାସିକ ସଦାବ୍ରତ ମଠ ଜମିରେ ନବୀକରଣ କାର୍ଯ୍ୟର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ଆଜି ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ଓ ମଠ ଟ୍ରଷ୍ଟି ତଥା ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ରାଜେଶ ଦାସ, ସଦାବ୍ରତ ମଠ ଟ୍ରଷ୍ଟି ବୋର୍ଡର ପରିଚାଳକ ସୂର୍ଯ୍ୟମଣି ନାୟକ, ସଦସ୍ୟ-ବାଇଧର ସାହୁ, ପୂର୍ଣ୍ଣଚନ୍ଦ୍ର ସେନ୍, ସୁଧାକର ରାଉତ, ବିଦ୍ୟାଧର ରାଉତ, ଶଙ୍କର ପଟ୍ଟନାୟକ ଓ ରତନ ସାହୁଙ୍କ ସମେତ ଆଇନଜୀବୀ ରାଧା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ସ୍ଥାନରେ ୧କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ।

## ବିଶ୍ୱାସ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର



**ବନ୍ତ/ଆଗରପଡ଼ା, ୪।୩(ସମିସ):** ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରାବନ୍ଧ ପ୍ରାଇମେରୀ ବିଦ୍ୟାଳୟ ପରିସରରେ ବିଶ୍ୱାସ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଅସୁରାଳି ସ୍ଥିତ ଇଂଜିନିୟରିଂ କଲେଜର ଅଧ୍ୟକ୍ଷ ରବୀନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଭଦ୍ରକ ରକ୍ତ ଭଣ୍ଡାରର ପରାମର୍ଶଦାତା ରତିକାନ୍ତ ବଳ, ଡ.ଶରତ କୁମାର ଆଚାର୍ଯ୍ୟ, ପ୍ରକାଶ ବେହେରା, ମାନସ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଫାଉଣ୍ଡେସନ ସଭାପତି ଜିତେନ୍ଦ୍ର ଜେନା, ସୁକାନ୍ତ ବେହେରା, ଅକ୍ଷୟ ବାରିକ, ଅକ୍ଷୟ ଗିରି, ନାରାୟଣ ପରିଡ଼ା, ରତନ ମିଶ୍ର, ପ୍ରଶାନ୍ତ ନାୟକ, କ୍ଷୀତିଶ ମହାନ୍ତି, ବୀର କିଶୋର ବାରିକ, ନିଲେସ ମଣ୍ଡଳ, ସୂର୍ଯ୍ୟମଣି ମଲ୍ଲିକ, ପିଣ୍ଟୁ ଦାସ, ଚଗୁଲ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତିମ ଯାତ୍ରା ଗାଡ଼ି ଓ ପାନୀୟଜଳ ଟାଙ୍କି ଉଦ୍‌ଘାଟିତ



**ଚାନ୍ଦବାଲି, ୪।୩(ସମିସ):** ଚାନ୍ଦବାଲି ଅଧିବାସୀଙ୍କ ଦୀର୍ଘଦିନର ଦାବିକୁ ଗ୍ରହଣ କରି ଏନଏସି ପ୍ରଶାସନ ପକ୍ଷରୁ ୫୦ଲକ୍ଷ ବ୍ୟୟ ଅଟକଳରେ ପରିମଳ ଉପକରଣ ସହିତ ଅନ୍ତିମ ଯାତ୍ରା ଗାଡ଼ି ଓ ପାନୀୟଜଳ ଟାଙ୍କିକୁ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗ ଦେଇ ସବୁଜ ପତାକା ଦେଖାଇ ଅନ୍ତିମ ଯାତ୍ରା ଗାଡ଼ିର ଶୁଭାରମ୍ଭ କରିଥିଲେ। ଏହି କାର୍ଯକ୍ରମରେ ଚାନ୍ଦବାଲି ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଉପାଧକ୍ଷ ଅମରେନ୍ଦ୍ର ସାହୁ, ଏନଏସି ପ୍ରକଳ୍ପ ଅଧିକାରୀ ପ୍ରଭାତ ସାହୁ, ମୁକ୍ତା ଯୋଜନା ଯନ୍ତ୍ରୀ ମନୀଷା ଜେନା ଓ ସମସ୍ତ କାଉନସିଲ ଓ କର୍ମଚାରୀମାନେ ଏହି କାର୍ଯକ୍ରମକୁ ପରିଚାଳନା କରିଥିଲେ। ପରେ ବିଧାୟକ ଶ୍ରୀ ରାୟ ସଫେଇ କର୍ମଚାରୀ ମାନଙ୍କୁ ଡ୍ରେସ୍‌କୋଡ୍ ଉପକରଣ ବଣ୍ଟନ କରିଥିଲ।

## ଶବ ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକ୍ଷମ ପାଇଁ ଦାବି

**ଧାମନଗର, ୪।୩(ସମିସ):** ଧାମନଗର ଅଞ୍ଚଳରେ ୫ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଶବ ବ୍ୟବଚ୍ଛେଦ କେନ୍ଦ୍ର ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପାନ୍ଥଶାଳା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମୟରେ ତାଙ୍କ ଉଦ୍ୟମରେ ୨୦୧୮-୧୯ ଆର୍ଥିକ ବର୍ଷରେ ଅର୍ଥ ବ୍ୟୟବରାଦ କରାଯାଇ ଏହି ଗୃହ ନିର୍ମାଣ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ଡାକ୍ତର



ଓ କର୍ମଚାରୀ ନଥିଲେ ମଧ୍ୟ ଭଦ୍ରକରୁ ଡାକ୍ତର ଓ କର୍ମଚାରୀ ଅଣାଯାଇ ଶବ ବ୍ୟବଚ୍ଛେଦ ଆରମ୍ଭ କରାଯାଇଥିଲା। ଏଥିରେ ଗରିବ ଲୋକମାନ ଉପକୃତ ହେଉଥିଲେ। ତେବେ ଧାମନଗରରେ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ୫ବର୍ଷର ଉର୍ଦ୍ଧ୍ୱ ହେବ ଶବ ବ୍ୟବଚ୍ଛେଦ ହୋଇ ପାରୁନାହିଁ। ଏହା କାର୍ଯ୍ୟକ୍ଷମ ହୋଇପାରିଲେ ଧାମନଗର ଏବଂ ଭଣ୍ଡାରିପୋଖରୀ ଦୁଇଟି ନିର୍ବାଚନ ମଣ୍ଡଳୀର ଲୋକମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ଆଲୋଚନା କରାଯାଉଛି। ଏହି ଶବ ବ୍ୟବଚ୍ଛେଦ କେନ୍ଦ୍ରଟି ଏବେ ଭୂତକୋଠରି ପାଲଟିଛି। ଏହାର ସମାଧାନ ପାଇଁ ଆଖପାଖ ଅଞ୍ଚଳବାସୀ ଦାବି କରିଛନ୍ତି ଓ ଏଦିଗରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା ଏବଂ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଥାଶୀଘ୍ର ଶବ ବ୍ୟବଚ୍ଛେଦ କାର୍ଯ୍ୟକାରୀ କରାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି।

## ବନ୍ତରେ ନୂତନ ତହସିଲଦାରଙ୍କ ଯୋଗଦାନ

**ବନ୍ତ/ଆଗରପଡ଼ା, ୪।୩(ସମିସ):** ବନ୍ତ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଭାବେ ସାରା ହେମ୍ବ୍ରମ ଯୋଗଦେଇଛନ୍ତି। ଏହାପୂର୍ବରୁ ସେ ଯାଜପୁର ଜିଲ୍ଲା ଡେପୁଟି କଲେକ୍ଟର ଭାବେ ଭାବେ କାର୍ଯ୍ୟ କରୁଥିଲେ। ବନ୍ତରେ ଥିବା ତହସିଲଦାର ଅଙ୍କିତା



ବାରିକଙ୍କ ଯାଜପୁର ଜିଲ୍ଲା କାର୍ଯ୍ୟାଳୟକୁ ବଦଳି ପରେ ସେ ଉକ୍ତ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ସେ ଉକ୍ତ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇ ଥିବାରୁ ତାଙ୍କୁ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ସେକ୍ସନ ଅଫିସର ସେକ ସମସୁଲ ଅଲ୍ଲୀ, ସେକ୍ସନ ଜୁନିୟର ଅଫିସର ଈଶ୍ୱର ଚନ୍ଦ୍ର ନାୟକ, ଜୁଲି ମାରାଣ୍ଡି, ଲକ୍ଷ୍ମୀ ମାରାଣ୍ଡି, ସରକାରୀ ଆଡ୍‌ଭୋକେଟ ଅଣାକାର ମଲ୍ଲିକ, ରାଜସ୍ୱ ସୁପରଭାଇଜର ବ୍ରଜ କିଶୋର ଦାସ, ଆର୍‌ଆଇ ସୌଭାଗ୍ୟ କୁମାର ସିଂ, ଦୀପକ ମଲ୍ଲିକ, ସୁବ୍ରତ ମଲ୍ଲିକ, ଗୁରୁବାରୀ ହେମ୍ବ୍ରମ୍, ସୁମିତ୍ରା ପଣ୍ଡା, ପ୍ରତିମା ଦାସ, ପଙ୍କଜ ନାୟକ, ଲିପିକା ମଲ୍ଲିକ, ସୁଜିତ ସିଂ, ପ୍ରତାପ କୁମାର ସାହୁ, ମନଜା ମଞ୍ଜରୀ ଜେନା, ଦୟାନିଧି ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ।

## ୫ଦିନ ପରେ ଜାଲରେ ପଡ଼ିଲା ହନୁମାଙ୍କଡ଼



**ଭଦ୍ରକ, ୪।୩(ସମିସ):** ଭଦ୍ରକ ସହର ଚରମ୍ପା ରେଳ ଷ୍ଟେସନ ନିକଟ ହନୁମାନ ହାଟରେ ଏକ ହନୁ ମାଙ୍କଡ଼ ଆତଙ୍କ ସୃଷ୍ଟି କରିଥିଲା। ପାଗଳ ହୋଇଥିବା କୁହାଯାଉଥିବା ଏହି ମାଙ୍କଡ଼ କଲବଲ କରି ଶିଶୁ, ବୟସ୍କ ସମସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡି ଘାଇଲା କରିଥିଲା। ଗଛରେ ଲୁଚି ରହି ପଛରୁ ଲୋକଙ୍କୁ ଆକ୍ରମଣ କରୁଥିଲା। ଯିଏ ବାହାରକୁ ବାହାରିଲା ମାଙ୍କଡ଼ର କାମୁଡାର ଶିକାର ହେଲା। ହନୁମାନ ହାଟରେ ଉତ୍ପାତ କଳାହନୁ ସମସ୍ତଙ୍କ ନିଦ ହଜାଇ ଦେଇଥିଲା। ମାଙ୍କଡ଼ କାମୁଡିରେ ୧୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛି। ପ୍ରାୟ ୫ ଦିନ ଆକ୍ରାନ୍ତ ପରିଶ୍ରମ ପରେ ପାଗଳ ମାଙ୍କଡଟିକୁ ଆଜି ଅପରାହ୍ନରେ ଜଙ୍ଗଲ ବିଭାଗ ଯନ୍ତାରେ ଧରିଛି। ସମ୍ପୃକ୍ତ ଅଞ୍ଚଳର ଯୁବ ସମାଜସେବୀ ରଶ୍ମିରଞ୍ଜନ ସାହୁ ପ୍ରଶାସନ ଓ ଜଙ୍ଗଲ ବିଭାଗକୁ କୃତଜ୍ଞତା ଅର୍ପଣ କରିଛନ୍ତି।

## ହନୁମାନଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବନ୍ତ/ଆଗରପଡ଼ା, ୪।୩(ସମିସ):** ବନ୍ତ ବ୍ଲକ ନିମପଡ଼ା ଛକଠାରେ ନୂତନ ଭାବେ ନିର୍ମାଣ ହେଉଥିବା ଶ୍ରୀହନୁମାନଙ୍କର ନୂତନ ବିଗ୍ରହ ଓ ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ବିଶ୍ୱନାଥ ବିଶ୍ୱାଳ ଓ ତାଙ୍କ ପତ୍ନୀ ବୀଣାପାଣିଙ୍କ ସହ ୬୧ଜଣ ଦମ୍ପତିଙ୍କ ଦ୍ୱାରା ନରେନ୍ଦ୍ର ପୁଷ୍କରିଣୀରୁ ଶୁଭାଧିବାସ ସହ ଘଟୋତ୍ତଳନ କରାଯାଇ ପୂଜାରମ୍ଭ କରାଯାଇଥିଲା। ୨ୟ ଦିବସର ପ୍ରତ୍ୟୁଷରୁ ସୂର୍ଯଦେବଙ୍କ ପୂଜା, ଗୋ ପୂଜାଦି କରାଯିବା ସହ ଯଜ୍ଞେଶ୍ୱରଙ୍କର ଦଶକର୍ମାଦି ସଂସ୍କାର କରାଯାଇ ହନୁମାନଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ସହ ପ୍ରତ୍ୟେକ ମନ୍ତ୍ରରେ ଆହୁତି ପ୍ରଦାନ ପୂର୍ବକ ଦେବଙ୍କ ଜୀବନ୍ୟାସ କରାଯାଇଥିଲା। ପୂଜକ ଭାବେ ବିରେନ୍ଦ୍ର ତ୍ରିପାଠୀ, ସରୋଜ ମିଶ୍ର, ଅନ୍ନଦା କର ଶର୍ମା, ନାରାୟଣ ତ୍ରିପାଠୀ, ଜଗନ୍ନାଥ ମିଶ୍ର, ସଞ୍ଜିବ କର ଉକ୍ତ ଯଜ୍ଞକାର୍ଯ୍ୟ ସଂପାଦନ କରିଥିଲେ। ଉକ୍ତ ସ୍ଥାନରେ ରାତ୍ରରେ ପାଲା, ପ୍ରବଚନ ଓ ଭଜନ ସଂଧ୍ୟା ଆଦି ଅନୁଷ୍ଠିତ ହେବା ସହ ପ୍ରସାଦ ସେବନ ପାଇଁ ଆନନ୍ଦ ବଜାର ଖୋଲାଯାଇଥିଲା। ତିନିଦିନ ଧରି ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନିମପଡ଼ା, ରଘୁନାଥପୁର, ଦୋଳପଦୀ, ନରସିଂହପୁର, ରାମଚନ୍ଦ୍ରପୁର, ପାଟଣା ସହ ଅନ୍ୟାନ୍ୟ ଗ୍ରାମର ବ୍ୟକ୍ତି ବିଶେଷ ମାନେ ସହଯୋଗ କରିଥିଲେ।

## ଧାମନଗର କଲେଜ ଛାତ୍ରୀ ନିବାସ

# ୯ ବର୍ଷ ଧରି ମନ୍ଥର ଗତିରେ ଚାଲିଛି କାମ

ଦୋବଲ, ୪।୩(ସମିସ)



ଭଦ୍ରକ ଜିଲ୍ଲା ଧାମନଗର ମହାବିଦ୍ୟାଳୟର ଛାତ୍ରୀନିବାସ ଗତ ୯ ବର୍ଷ ଧରି ନିର୍ମାଣ ଚାଲୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇପାରୁନି। ଫଳରେ ଛାତ୍ରୀମାନେ ବହୁ ସମସ୍ୟା ଭୋଗୁଛନ୍ତି। ଧାମନଗର ବ୍ଲକର ସର୍ବପୁରାତନ ଏହି ମହାବିଦ୍ୟାଳୟର ପ୍ରାୟ ୧୭ ଶହ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ପ୍ରାୟ ୬୦ ଭାଗ ଗରିବ ହରିଜନ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ଏହାକୁ ଆଖି ଆଗରେ ରଖି ସରକାର ଉକ୍ତ ମହାବିଦ୍ୟାଳୟ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଛାତ୍ରୀମାନଙ୍କ ନିମନ୍ତେ ୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟରେ ଏକ ଛାତ୍ରୀ ନିବାସ ୨୦୧୪ ମସିହାରେ ଶିଳାନ୍ୟାସ କରାଯାଇଥିଲା ଏବଂ ୨୦୧୬ରେ ଟେଣ୍ଡର ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ୯ବର୍ଷ ହେବ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟରେ ଲାଗି ପାରିଲାନାହିଁ। କେବଳ ଘର ନିର୍ମାଣ ଓ ରଙ୍ଗ ମରାଯାଇ କାର୍ଯ୍ୟ ସ୍ଥଗିତ ରହିଛି। ଅଧିକାଂଶ ସ୍ଥାନରେ ଛୋଟ ଛୋଟ ଫାଟ ମଧ୍ୟ ଦେଖିବାକୁ ମିଳିଲାଣି। ଉକ୍ତ ଘରର ବିଦ୍ୟୁତ, ଜଳ, ପରିମଳ ବ୍ୟବସ୍ଥା ହୋଇନଥିବାରୁ ଏବେ ତାହା ରହିବା ଅନୁପଯୁକ୍ତ ହୋଇଯାଇଛି। ଫଳରେ ବୁଲା ଗୋରୁ ଗାଈଙ୍କ ଆଶ୍ରୟ ସ୍ଥଳ ହୋଇଛି। ଘର ଚାରିପଟେ ଅନାବନା ଗଛ ଘେରି ଯାଇଥିବାରୁ ସରୀସୃପ ବାସ କଲେଣି। ସବୁଠାରୁ ବଡ଼କଥା ହେଲା, ଉକ୍ତ ଘରଟି ଏକ ନିରୋଳା ଜାଗାରେ ହୋଇଥିବାରୁ ସେହି ଜରାଜୀର୍ଣ୍ଣ ଘରେ ଏବେ ଜୁଆ ଆଡ୍ଡା ସାଙ୍ଗକୁ ଅସାମାଜିକ କାର୍ଯ୍ୟ ମଧ୍ୟ ବୃଦ୍ଧି ପାଇଛି। ଏଣୁ ତୁରନ୍ତ ଉକ୍ତ କାର୍ଯ୍ୟ ସାରିବା ପାଇଁ ଅଭିଭାବକ ଓ ସାଧାରଣ ଜନତାଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାୟକଙ୍କ ସହିତ ଯୋଗାଯୋଗ କରିବାରୁ ସେ କୁହନ୍ତି ଉକ୍ତ କାର୍ଯ୍ୟ ସମୟ ସୀମା ସରିଯାଇ ଥିବାରୁ କାର୍ଯ୍ୟ କରାଯାଇ ପାରୁନଥିଲା। ଏବେ ଉକ୍ତ ଘର ପାଇଁ ଦୁଇ କିସ୍ତି ରେ ୭୫ ଲକ୍ଷ ଆସିଛି ତାହା ବିଦ୍ୟୁତ, ପାଚେରି, ପରିମଳ ଓ ରାସ୍ତା କାର୍ଯ୍ୟ କରାଯିବା ପରେ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ। ତେବେ ଦୀର୍ଘ ଦିନହେବ କାର୍ଯ୍ୟ ଅଧା ପଡ଼ିଥିବାରୁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି।




## ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବନ୍ତ/ଆଗରପଡ଼ା, ୪।୩(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚକ୍ରାପାଢ଼ୀରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଚାରିଗାଁ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଧରଣୀଧର କର, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ, ଶିକ୍ଷକ ପ୍ରଫୁଲ୍ଲ ନାୟକ, ବିଜୟ ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ବିଶ୍ୱନାଥ ଯେନା, ବୃନ୍ଦାବନ ଯେନା, ଶିକ୍ଷୟିତ୍ରୀ ନିରୁପମା ଦାଶ, କଳ୍ପନା ସାହୁ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ଭବିଷ୍ୟତ ଜୀବନରେ ନିଜକୁ କିପରି ଜଣେ ଭଲ ମଣିଷ ଭାବେ ଗଢି ତୋଳିବେ ସେ ସମ୍ବନ୍ଧରେ ବିଭିନ୍ନ ନୀତି ଓ ଆଦର୍ଶ ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଲାମାନେ ମଧ୍ୟ ସେମାନଙ୍କ ଦୀର୍ଘ ଅଧ୍ୟୟନ ଜୀବନର ସ୍ମୃତି ଓ ଅନୁଭୂତିକୁ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆପଣ ଆଜି ଆମ ଗହଣରେ ନାହାନ୍ତି, ଏ କଥା ଯେତିକି ବିଶ୍ୱାସ ହେଉନି ସେତିକି ଭାବି ହେଉନି ଯେ, ଆପଣଙ୍କର ସ୍ନେହବୋଳା ସମ୍ବୋଧନ ଟିକେ ଶୁଣିବାକୁ ଆଉ ମିଳିବନି। ସେପାରିରେ ଥାଇ ଆପଣ ନିଶ୍ଚିତ ଦେଖି ପାରୁଥିବେ ଏଠିକାର ମାଟି ଗୋଡ଼ି, ପାଣି ପବନ ସତେ ଯେମିତି କିଛି ଗୋଟେ ହରେଇ ଥିବାର ସୂଚନା ଦେଉଛନ୍ତି। ଆପଣଙ୍କ ଅଧୁରା କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ସେପାରିରେ ଥାଇ ଆମକୁ ପଥ ପ୍ରଦର୍ଶନ କରି ଆଶୀର୍ବାଦ କରୁଥାନ୍ତୁ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଛୁ, ସେ ଆପଣଙ୍କ ମହାନ୍ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।

୰ ନୟନ ରଞ୍ଜନ ମହାନ୍ତି
ଆବିର୍ଭାବ: ୦୬.୦୨.୧୯୩୨ | ତିରୋଧାନ: ୨୪.୦୨.୨୦୨୪
ବଡମଙ୍ଗଳପୁର, ଧର୍ମଶାଳା, ଯାଜପୁର

ଶୋକସନ୍ତପ୍ତ :- ପୁଅ, ବୋହୂ: ମନୋରଞ୍ଜନ - ଜ୍ୟୋତିଆଭା, ନାରାୟଣ-ଉର୍ବଶୀ, ଝିଅ, ଜ୍ୱାଇଁ : ପ୍ରଭାମୟୀ-ପ୍ରମୋଦ, ଚିନ୍ମୟୀ-ଲକ୍ଷ୍ମୀନାରାୟଣ, ନାତି, ନାତୁଣୀ : ଶାଶ୍ୱତ, ଅଶ୍ୱାସନା, ଉପାସନା, ଅରୁନ୍ଧତୀ, ଇନ୍ଦୁମତି, ପଦ୍ମନାଭ, ପ୍ରଭୁଦତ୍ତ, ଦେବଦତ୍ତ, ଉଦିତନାରାୟଣ, ନମସ୍ୟା, ବନ୍ଧୁ ଓ ପରିବାରବର୍ଗ

## ସଚେତନତା କାର୍ଯ୍ୟକ୍ରମ

**ମଞ୍ଜୁରୀ ରୋଡ୍,୪।୩ (ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଭିନ୍ନକ୍ଷମ କଲ୍ୟାଣ ଯୋଜନା ଅନ୍ତର୍ଗତ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଲୋକ କଳା ସଦସ୍ୟ ମାନେ ଉପସ୍ଥିତି ରହି ସଚେତନତା ବାର୍ତା ପ୍ରଦାନ କରିଛନ୍ତି। ବିଶେଷ କରି ପାଲା ଓ ସଂକୀର୍ତନ ମାଧ୍ୟମରେ ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କୁ ପ୍ରଦାନ କରୁଥିବା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ବ୍ଲକ ପ୍ରଶାସନ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ସୂଚନା ମିଳିଛି।

## ୯ ଗୋଟି କେନ୍ଦ୍ରରେ ପରୀକ୍ଷା ଦେଲେ ୧୪୩୮ ବିଦ୍ୟାର୍ଥୀ

**ମଞ୍ଜୁରୀ ରୋଡ୍, ୪।୩ (ସମିସ):** ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆଜି ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକରେ ମୋଟ ୧୪୩୮ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ସୂଚନା ଅନୁଯାୟୀ ଭଣ୍ଡାରିପୋଖରୀ ହାଇସ୍କୁଲ ଠାରେ ୧୮୪, ନପଙ୍ଗ ଠାରେ ୧୩୧, ବାରିକପୁର ୨୪୦ ଓ ସରସଦା ବିଦ୍ୟାଳୟ ଠାରେ ୧୯୮ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିଭଳି ରହଣିଆ ଉଚ୍ଚ ବିଦ୍ୟାଳୟ ଠାରେ ୧୭୪, ବାଲିପୋଖରୀ ୧୨୬, ଯଶୋଟିକିରି ୧୪୪, ବିଶୋଳ-କୁଳଣା ୧୪୧, ମଞ୍ଜୁରୀରୋଡ଼ ଠାରେ ୧୦୦ଜଣ ବିଦ୍ୟାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ମୋଟାମୋଟି ଭାବେ ୯ଗୋଟି କେନ୍ଦ୍ରରେ ୨୪ଜଣ ବିଦ୍ୟାର୍ଥୀ ଅନୁପସ୍ଥିତ ରହିଥିଲେ। ପରୀକ୍ଷା କେନ୍ଦ୍ର ଗୁଡିକୁ ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାର୍ଡର ସଦସ୍ୟ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ପରିଦର୍ଶନ କରିଥିଲେ।

## ରାଖାଲ୍ ସେଠୀ ଓଡିଶା ଦିବ୍ୟାଙ୍ଗ କ୍ରିକେଟ ଦଳରେ ଅଧିନାୟକ




**ମଞ୍ଜୁରୀ ରୋଡ୍,୪।୩(ସମିସ):** ଆସନ୍ତା ୬ରୁ ୮ମାର୍ଚ୍ଚ ପର୍ଯ୍ୟନ୍ତ ଝାରଖଣ୍ଡର ରାଞ୍ଚି ଠାରେ ପୂର୍ବାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୬ଟି ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ, ବିହାର, ଆସାମ, ତ୍ରିପୁରା ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟରେ ରାଖାଲ କୁମାର ସେଠୀଙ୍କ ଅଧିନାୟକତ୍ୱରେ ଓଡିଶା ଦଳ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି । ଆଜି ପାରାମାଉଣ୍ଟ କ୍ରିକେଟ କ୍ଲବରେ ଓଡିଶା କ୍ରିକେଟ ଆସୋସିଏସନ ଫର୍ ଫିଜିକାଲି ଚ୍ୟାଲେଞ୍ଜର ସମ୍ପାଦିକା ବେଲା ଜୈସୱାଲ୍, ପାରାମାଉଣ୍ଟ କ୍ଲବର ସମ୍ପାଦକ ପ୍ରତାପ ଜେନା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ରୋଟାରୀ କ୍ଲବର ସଭାପତି ସୁବ୍ରତ କୁମାର ଦାସ ଏବଂ ସଂଗଠନର ଅନ୍ୟାନ୍ୟ ସଦସ୍ୟ ଦଳକୁ ଉତ୍ସାହିତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ।

## ଇଏସ୍ଆଇସିର ସଚେତନତା କାର୍ଯ୍ୟକ୍ରମ



**ଭଦ୍ରକ,୪।୩(ସମିସ):** ଧାମରା ପୋର୍ଟ ପରିସରରେ ଆଜି ପୋର୍ଟ ତରଫରୁ ଇଏସ୍ଆଇସିର ବିଭିନ୍ନ ସୁବିଧା, ସୁଯୋଗ ସମ୍ବନ୍ଧିତ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇଏସ୍ଆଇସିର ଭଦ୍ରକ ଶାଖା ପରିଚାଳକ ଯୋଗ ଦେଇ ଉପସ୍ଥିତ ଥିବା ବନ୍ଦର କର୍ମଚାରୀ ଓ ଶ୍ରମିକମାନଙ୍କୁ ସରକାରଙ୍କ ଇଏସ୍ଆଇସି ଅଧିନରେ ଥିବା ବିଭିନ୍ନ ସୁବିଧା ବିଷୟରେ ଅବଗତ କରାଇଥିଲେ। ବର୍ତମାନ ପରିସ୍ଥିତିରେ ସ୍ୱାସ୍ଥ୍ୟ ସମସ୍ୟା ଏକ ମୁଖ୍ୟ ପ୍ରସଙ୍ଗ ଥିବା ବେଳେ, ଧାମରାଠାରେ ସରକାରଙ୍କ ତରଫରୁ ଇଏସ୍ଆଇସି ଡିସ୍‌ପେନ୍‌ସାରୀ ସ୍ଥାନୀୟ ଶ୍ରମିକମାନଙ୍କ ପାଇଁ ଫଳପ୍ରଦ ହୋଇପାରିବ। ବନ୍ଦରରେ କାର୍ଯ୍ୟ କରୁଥିବା ଶତାଧିକ ସଂଖ୍ୟାରେ ଶ୍ରମିକମାନେ ଏହି ସଚେତନତା ଶିବିରରେ ଯୋଗଦେଇ ଇଏସ୍ଆଇସି ସ୍କିମ୍‌ରେ ଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ଅବଗତ ହେବା ସହ ଭବିଷ୍ୟତରେ ସୁଫଳ ମିଳିପାରିବ ସେ ବିଷୟରେ ହୃଦୟଙ୍ଗମ କରି ପାରିଥିଲେ।

## ସମିତି କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ମଞ୍ଜୁରୀରୋଡ,୪।୨(ସମିସ):** ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା କାର୍ଯ୍ୟାଳୟଠାରେ ଆଜି ସମିତି କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ୩ୟ ଦିନରେ ପହଞ୍ଚିଛି। ବିଶେଷ କରି କର୍ମଚାରୀମାନଙ୍କୁ କ୍ୟାଡ଼ର ଭୁକ୍ତ କରିବା ସହିତ ସପ୍ତମ ବେତନ କମିଶନ ଲାଗୁ ଓ ୬ଷ୍ଠ ବେତନ କମିଶନ ହାରରେ ଡିଏ ବୃଦ୍ଧି ଆଦି ୩ଦଫା ଦାବିକୁ ନେଇ ସାରା ଓଡ଼ିଶାରେ ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ୪ଦିନ ହେଲା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକ କର୍ମଚାରୀ ସଂଘ ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇଙ୍କ ନେତୃତ୍ୱରେ ୫୦ରୁ ଅଧିକ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହାଛଡା ସଂଘ ନିର୍ଦ୍ଦେଶ କ୍ରମେ ୪ଗୋଟି ସମିତିର ସମ୍ପାଦକ ସନ୍ତୋଷ କୁମାର ଦାସ, ସୌମ୍ୟରଞ୍ଜନ ପଣ୍ଡା, ପିନାକୀ ରଞ୍ଜନ ଦାଶ, ସୁମନ୍ତ ସେନାପତି ପ୍ରମୁଖ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ଧାରଣାରେ ମଧ୍ୟ ସାମିଲ ହୋଇଛନ୍ତି। ଏପଟେ ଧାରଣା ଯୋଗୁଁ ସମିତି କାର୍ଯ୍ୟାଳୟ ଗୁଡିକ ବନ୍ଦ ରହିଥିବାରୁ ଚାଷୀ ମାନେ ଧାନ ବିକ୍ରୟ ଓ ବବିରଣ ପାଇବାରୁ ବଞ୍ଚିତ ହୋଇଛନ୍ତି।

# ସାଦଖିଆ ନେଲା ଜୀବନ
# ଜଣେ ମୃତ; ୩୨ ଗୁରୁତର





**ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଷଠଗାଁ ପରିଦର୍ଶନ**

**ଭଦ୍ରକ/ଭଣ୍ଡାରିପୋଖରୀ,୪।୩(ସମିସ)**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷଠଗାଁ ଗ୍ରାମରେ ସାଦରେ ଆସିଥିବା ଦହିବରା ଖାଇ ଖାଦ୍ୟ ବିଷକ୍ରିୟାରେ ଆକ୍ରାନ୍ତ ଶଶିଭୂଷଣ ବେହେରା(୭୦)ଙ୍କ ଆଜି ମଧ୍ୟାହ୍ନରେ ମୃତ୍ୟୁ ହୋଇଯାଇଛି। ତାଙ୍କୁ ପ୍ରଥମେ ଗୁରୁତର ଭାବେ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ପ୍ରଥମେ ଆକ୍ରାନ୍ତ ହୋଇଥିବା ତାଙ୍କ ନାତୁଣୀ ରାଜଶ୍ରୀ ବେହେରା(୧୪)ଙ୍କୁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଗତ ଶନିବାର ରାତିରେ ଭର୍ତ୍ତି କରାଯାଇଥିଲା। ସେଠାରେ ନାତୁଣୀର ଚିକିତ୍ସା ଦେଖାଶୁଣା କରୁଥିବା ବେଳେ ଶଶିଭୂଷଣ ଗୁରୁତର ହୋଇପଡିବାରୁ ରବିବାର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସୋମବାର ସେ ମୃତ୍ୟୁବରଣ କରିଛନ୍ତି ବୋଲି ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅରୁଣ କୁମାର ବେହୁରିଆ ସୂଚନା ଦେଇଛନ୍ତି। ପରିବାର ଲୋକେ ଶଶିଭୂଷଣଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସାକୁ ଦାୟୀ କରିଛନ୍ତି।

ଆଜି ଗ୍ରାମର ଅନ୍ୟ ଜଣେ ମହିଳା ଶ୍ରୀ ଦାସ(୨୬) ଆକ୍ରାନ୍ତ ହୋଇ ବିରୋଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ସୂଚନା ଦେଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଗତ ରବିବାର ୨ଜଣ ଆକ୍ରାନ୍ତ ଓ ସୋମବାର ଆଉ ୭ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଯାଜପୁରରେ ୧୦ଜଣ ଚିକିତ୍ସାଧୀନ ଥିବା ଜଣାଯାଇଛି। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକ୍ଷକ ଡାକ୍ତର ସରୋଜ କୁମାର ରାଉଳଙ୍କ ନେତୃତ୍ୱରେ ଡାକ୍ତର ବେଦବିସ୍ମୟ ମହାନ୍ତି, ଡାକ୍ତର ଅରୁଣ କୁମାର ନାୟକ, ଭଣ୍ଡାରିପୋଖରୀ ଜନସ୍ୱାସ୍ଥ୍ୟ ଅଧିକାରୀ ସୁରେଶ କୁମାର ପ୍ରଧାନ, ପୋଗ୍ରାମ ମ୍ୟାନେଜର ରଶ୍ମିରେଖା ପୃଷ୍ଟି, ସ୍ୱାସ୍ଥ୍ୟ ପରିଦର୍ଶକ ମନୋରଞ୍ଜନ ରାଉତ, ସେବିକା ଉଷାରାଣୀ ନାୟକ, ହାପି ମଲ୍ଲିକ, ସୁଶ୍ରୀ ସଙ୍ଗୀତା ଜେନା ପ୍ରମୁଖ ଗ୍ରାମର ଘରକୁ ଘର ବୁଲି ଚିକିତ୍ସା ଜାରି ରଖିଛନ୍ତି। ରାଷ୍ଟ୍ରୀୟ ବାଲ ସୁରକ୍ଷା ଚିକିତ୍ସକ ଦଳଙ୍କ ଦ୍ୱାରା ଗ୍ରାମରେ ରାତ୍ରୀକାଳୀନ ଚିକିତ୍ସା ଯୋଗାଇବା ବ୍ୟବସ୍ଥା ହୋଇଛି। ଆଜି ଷଠଗାଁକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଗାଁର ପାନୀୟ ଜଳ ଲାଗି ବ୍ୟବହୃତ ନଳକୂପକ ବିଶୋଧନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ୨ଜଣ ରୋଗୀ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ହେଉଥିବା ବେଳେ ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଡାକ୍ତର ପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ ଷଠଗାଁର ସୁବ୍ରତ ପରିଡ଼ାଙ୍କ ଗର୍ଭବତୀ ପତ୍ନୀଙ୍କ ପାଇଁ ବାପଘର ପଡୋଶୀ ଗାଁ କାଞ୍ଜିଆପାଳରୁ ଶୁକ୍ରବାର ମଧ୍ୟାହ୍ନରେ ସାଦ ଆସିଥିଲା। ପରମ୍ପରା ଅନୁଯାୟୀ ସୁବ୍ରତଙ୍କ ପରିବାର ପକ୍ଷରୁ ଗ୍ରାମବାସୀଙ୍କୁ ସାଦ ବିତରଣ କରାଯାଇଥିଲା। ଏହି ବାସି ଖାଦ୍ୟ ମୁଖ୍ୟତଃ ଦହିବରା ଗ୍ରହଣ କରିଥିବା ସୁବ୍ରତଙ୍କ ପତ୍ନୀ ଓ ଝିଆରୀ ସମେତ ଗ୍ରାମର ବହୁ ବ୍ୟକ୍ତି ଶୁକ୍ରବାର ରାତ୍ର ୧୨ଟାରେ ପତଳା ଝାଡ଼ା, ବାନ୍ତି ସହ ଜ୍ୱରରେ ଆକ୍ରାନ୍ତ ହୋଇପଡିଥିଲେ। ପରେ ପରେ ଗ୍ରାମର ଆଉ ଅନେକ ଲୋକ ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହୋଇ ଜଣେ ପରେ ଜଣେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

**ମଧ୍ୟାହ୍ନ ଭୋଜନରେ ଝିଟିପିଟି**

## ୨୨ ଛାତ୍ରୀଛାତ୍ର ଅସୁସ୍ଥ



**ଭଦ୍ରକ, ୪।୩(ସମିସ):** ଭଦ୍ରକ ପୌରପାଳିକା ଶଙ୍କରପୁର ଉର୍ଦ୍ଦୁ ୟୁଜିଏମ୍‌ଇ ସ୍କୁଲରେ ସୋମବାର ମଧ୍ୟାହ୍ନ ଭୋଜନରେ ବାହାରିଲା ଝିଟିପିଟି। ପିଲାମାନେ ଖାଉଥିବା ବେଳେ ଜଣକ ଭାତ ଥାଳିରେ ଝିଟିପିଟି ବାହାରିଥିଲା। ମଧ୍ୟାହ୍ନ ଭୋଜନ ଖାଇଥିବା ପିଲାଙ୍କ ମଧ୍ୟରୁ ପ୍ରଥମେ ୧୭ ଓ ପରେ ଆଉ ୫ ମୋଟ ୨୨ ଜଣ ଅସୁସ୍ଥ ହୋଇ ମେଡିକାଲ ଯାଇଥିଲେ। ଏ ଖବର ଜଣାପଡ଼ିବା ପରେ ଅଭିଭାବକମାନେ ସ୍କୁଲରେ ହୋହାଲ୍ଲା କରିଥିଲେ। ପିଲାମାନଙ୍କର ମୁଣ୍ଡ ଘୁରାଇବା ସହ ବାନ୍ତି ହେବାରୁ ସେମାନଙ୍କୁ ସ୍କୁଲ ପକ୍ଷରୁ ଭଦ୍ରକ ଏମ୍‌ସିଏଚ ମେଡିକାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ସୁସ୍ଥ ଥିବା ବିଇଓ କହିଛନ୍ତ। ଖବର ପାଇ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଡାକ୍ତରଖାନାକୁ ଯାଇ ଉପସ୍ଥିତ ଥିବା ଡାକ୍ତରଙ୍କୁ ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ବୁଝିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଜନଶୁଣାଣି ଶିବିର



**ଭଦ୍ରକ,୪।୩(ସମିସ):** ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର ଆୟୋଜନ ନେଇ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତି ମାସର ପ୍ରଥମ ଶିବିର ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ଚଳିତ ମାର୍ଚ୍ଚ ମାସର ପ୍ରଥମ ସୋମବାରରେ ପ୍ରଥମ ମିଳିତ ଜନ ଅଭିଯୋଗ ଶିବିର ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୭୦ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୧୫୬ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ପ୍ରମୁଖ ମଧ୍ୟ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ, ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ଶ୍ରମ, ବିଦ୍ୟୁତ, ତହସିଲ, ପଞ୍ଚାୟତରାଜ ଆଦି ବିଭାଗ ସମ୍ବନ୍ଧୀୟ ଆଗତ ବିଭିନ୍ନ ଅଭିଯୋଗ ଗୁଡିକର ଆଇନାନୁଯାୟୀ ସମାଧାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନାଭିଯୋଗ ଶୁଣାଣି କାର୍ଯ୍ୟ ପାଇଁ ଆବଶ୍ୟକ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଥିଲେ।

## ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭଦ୍ରକରେ ମହାପଞ୍ଚାୟତ

**ଭଦ୍ରକ,୪।୩(ସମିସ):** ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ମହାପଞ୍ଚାୟତ ସଂଗଠିତ ହୋଇଯାଇଛି। ସମସ୍ତ କୃଷି ଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଯୁକ୍ତ ଆଇନ ସଂସଦରେ ପ୍ରଣୟନ କରିବା, ଚାଷୀ ହତ୍ୟା ବନ୍ଦ କରିବା, ଚାଷୀ ଆତ୍ମହତ୍ୟା ରୋକିବା, ଚାଷୀ କରିଥିବା ସମସ୍ତ ପ୍ରକାରର କୃଷି ଋଣ ଓ ମହାଜନୀ ଋଣ ଛାଡ କରିବା ଆଦି ବିଭିନ୍ନ ଦାବି ନେଇ ଭଦ୍ରକ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବନ୍ତ ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ କୃଷକ ମହାପଞ୍ଚାୟତରେ ସାମିଲ ହୋଇଥିଲେ। ଏହି କୃଷକ ମହାପଞ୍ଚାୟତରେ ବରିଷ୍ଠ ଚାଷୀନେତା ଚନ୍ଦ୍ରଶେଖର ନାୟକ, ବିମ୍ବାଧର ବାରିକ୍, ସୁଶାନ୍ତ ଯେନା ମିଳିତ ଭାବେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଂଯୁକ୍ତ କୃଷକ ମୋର୍ଚ୍ଚାର ଅନ୍ୟତମ ରାଜ୍ୟ ଆବାହକ ତଥା ଅଖିଳ ଭାରତ କୃଷକ ସଭା ରାଜ୍ୟ ସଂପାଦକ ସୁରେଶ ପାଣିଗ୍ରାହୀ ଯୋଗଦେଇଥିଲେ। ଅଖିଳ ଭାରତ କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଜିଲ୍ଲା ସଂପାଦକ ବିମ୍ବାଧର ବାରିକ୍, ପ୍ରଭାସ ମହାପାତ୍ର, ବରିଷ୍ଠ ଚାଷୀ ନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ନାରାୟଣ ଦାଶ, ମଳୟ ଭୋଇ, ଅନନ୍ତ ମହାନ୍ତି, ବିଷ୍ଣୁ ଦାଶ, ରାମଚନ୍ଦ୍ର ଶଙ୍ଖୁଆ, ରମେଶ ସାହୁ, ଗୟାଧର ସାହୁ ଜୟନୁଲ ଆବେଦିନ, ଜୟୀରାମ ଦାସ, କାହ୍ନୁ କିଶୋର ସାହୁ, ବ୍ରହ୍ମାନନ୍ଦ ପରିଡା, କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଏସ୍‌ଏଫ୍‌ଆଇ ରାଜ୍ୟ ସଂପାଦକ ଷ୍ଟାଲିନ ଟିଟନ ଲେଙ୍କା, ଶ୍ରମିକନେତା ଦିବ୍ୟସିଂହ ନାୟକ, ରମେଶ ଯେନା,କାଳନ୍ଦୀ ପାତ୍ର, ନବକିଶୋର ବେହେରା, ବିରବର ପାତ୍ର, ସନ୍ଥ ଚରଣ ବିଶ୍ୱାଳ, ଯୁବ ନେତା ପ୍ରତାପ ସେଠୀ ପ୍ରମୁଖ ଏହି ମହାପଞ୍ଚାୟତରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ଅଭିରାମ ବଳ, ଯୁବ ନେତା ଦିଲିପ ନାୟକ, ଜ୍ୟୋତିର୍ମୟ ମଳିକ, ପ୍ରମୁଖ ଏହି କୃଷକ ମହାପଞ୍ଚାୟତରେ ସାମିଲ ହୋଇଥିଲେ। ଏହି କୃଷକ ମହାପଞ୍ଚାୟତରେ ଭଦ୍ରକ ଜିଲ୍ଲାର ଶତାଧିକ ଚାଷୀ, ଭାଗଚାଷୀ ଓ କ୍ଷେତମଜଦୂର ମାନେ ସାମିଲ୍ ହୋଇଥିଲେ।

## ଜାତୀୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଖେଳିବେ ବିରୋଳିର ଝିଅ

**ଭଣ୍ଡାରିପୋଖରୀ,୪।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଓ ଭଦ୍ରକ ଜିଲ୍ଲାରୁ ଏକମାତ୍ର କ୍ରୀଡ଼ାବିତ ଭାବେ ଜାତୀୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଖେଳିବେ ଷୋଳମପୁର ପଞ୍ଚାୟତ ବିରୋଳିର ଝିଅ ବର୍ଷା ପ୍ରିୟଦର୍ଶିନୀ ବାରିକ। ଉତ୍ତରପ୍ରଦେଶର ହାଥରସ ମଙ୍ଗଳାୟତନ କ୍ରିକେଟ ଗ୍ରାଉଣ୍ଡରେ ଚଳିତ ମାସ ୭ରୁ ୧୧ ପର୍ଯ୍ୟନ୍ତ ହେବାକୁ ଥିବା ୫୨ତମ ବରିଷ୍ଠ ନ୍ୟାସନାଲ ଚାମ୍ପିଅନସିପ୍‌ରେ ବର୍ଷା ଅଂଶଗ୍ରହଣ କରିବେ। ଭାରତୀୟ ହ୍ୟାଣ୍ଡବଲ ଆସୋସିଏସନ ସାଧାରଣ ସମ୍ପାଦକ ଏ.ଜଗନମୋହନ ରାଓ ଏଥିନେଇ ଭଦ୍ରକ ଜିଲ୍ଲା ଅନୁବନ୍ଧିତ ହ୍ୟାଣ୍ଡବଲ୍ ଆସୋସିଏସନକୁ ପତ୍ର ଯୋଗେ ଜଣାଇଛନ୍ତି। କ୍ରୀଡାବିତ ବର୍ଷା ସୋମବାର ଅପରାହ୍ନରେ ଗ୍ରାମରୁ ବାହାରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ପହଞ୍ଚିଛନ୍ତି। ଏହି ଖବର ଜଣାପଡିବା ପରେ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳକେଶରୀ ମହାନ୍ତି, ହେମନ୍ତ ଜେନା, ଦେବେନ୍ଦ୍ର ଦାଶ, ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ ପ୍ରମୁଖ ବର୍ଷାଙ୍କ ବାସଭବନରେ ସାକ୍ଷାତ କରି ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଶୁଭେଚ୍ଛା ବର୍ଷାଙ୍କୁ ଜଣାଇଛନ୍ତି। ପିତା ସୁରେନ୍ଦ୍ର ଓ ମାତା ଜୟନ୍ତୀଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ବର୍ଷା ସ୍କୁଲ ଶିକ୍ଷା ଗ୍ରହଣ ସମୟରେ କ୍ରୀଡ଼ା ପ୍ରତି ଆକୃଷ୍ଟ ହୋଇ ଅଭ୍ୟାସ ଜାରି ରଖିଥିଲେ। କଲେଜ ଶିକ୍ଷା ସମୟରେ କ୍ରୀଡା ଶିକ୍ଷକ ରଞ୍ଜନ ସୂତାରଙ୍କ ପ୍ରଚେଷ୍ଟାରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳତା ପାଇବା ପରେ ଏବେ ଜାତୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି। ଏଥିପୂର୍ବରୁ ବନାରସ ଠାରେ ଅନୁଷ୍ଠିତ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ସୁଯୋଗ ପାଇ ସଫଳତା ଅର୍ଜନ କରିଥିଲେ। ଏବେ ଭଦ୍ରକ ମହାବିଦ୍ୟାଳୟରେ ସ୍ନାତକୋତର ଶିକ୍ଷା ଗ୍ରହଣ କରୁଛନ୍ତି। ସେଠାରେ ହ୍ୟାଣ୍ଡବଲ ଆସୋସିଏସନ ସଭାପତି ରମେଶ ଚନ୍ଦ୍ର ପୃଷ୍ଟି ଓ ସମ୍ପାଦକ କମଳାକାନ୍ତ ବେହେରାଙ୍କ ତତ୍ତ୍ୱାବଧାନ ଓ ଓଡିଶା ଏନଆଇଏସ୍ କୋଚ ସମ୍ବିତ ପାତ୍ରଙ୍କ ଦ୍ୱାରା ପ୍ରଶିକ୍ଷିତ ହୋଇ ଜଣେ ସଫଳ କ୍ରୀଡ଼ାବିତ ଭାବେ ପରିଚୟ ଲାଭ କରିପାରିଛନ୍ତି।



# ଭଦ୍ରକ ରୋଟାରୀ ଭବନ ଉଦ୍‌ଘାଟିତ

**ଭଦ୍ରକ,୪।୩(ସମିସ)**

ଭଦ୍ରକ ରୋଟାରୀ କ୍ଲବର ବହୁ ପ୍ରତିକ୍ଷିତ ରୋଟାରୀ ଭବନ ଉଦଘାଟିତ ହୋଇଯାଇଛି। ବିଧାୟକ ସଞ୍ଜୀବ୍ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରୋଟାରୀ ଗଭର୍ଣ୍ଣର ଯଜ୍ଞାଶିଷ୍ ମହାପାତ୍ର, ବରିଷ୍ଠ ଆଇଏଏସ ଡିଜି ଏନ୍‌ଡି ଅନୀଲ୍ ସାମଲ, ପିଡିଜି ଶାନ୍ତନୁ ପାଣି, ରୋଟାରାକ୍ଟ ମୁଖ୍ୟ ଇନ୍ଦ୍ରଜିତ୍ ସାହୁ ଓ ରୋଟାରୀ




କ୍ଲବର ସଦସ୍ୟମାନଙ୍କ ଉପସ୍ଥିତିରେ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ରୋଟାରୀ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ଏହି ଭବନ ଉଦଘାଟନ ଓ ଲୋକାର୍ପଣ କରିଥିଲେ। ଉତ୍ସବର ପ୍ରାରମ୍ଭରେ ସଭାପତି ପ୍ରଣବ କୁମାର ସାହୁ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସଭାପତି ରାଖାଲ୍ ଚନ୍ଦ୍ର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ତାଙ୍କର ସୁପୁତ୍ର ସତ୍ୟପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ଏପ୍ରିଲ ମାସରେ ରୋଟାରୀଆନ୍ ଯୁଗଳ କିଶୋର ଅଗ୍ରୱାଲଙ୍କ ଆର୍ଥିକ ସହାୟତାରେ ଆରମ୍ଭ ହେବାକୁ ଯାଉଥିବା ରୋଟାରୀ ରମା ଅଗ୍ରୱାଲ ଫିଜିଓ ଥେରାପି କେନ୍ଦ୍ରର ଫଳକ ମଧ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ରୋଟାରୀ ଭବନ ନିର୍ମାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଂ.ବସନ୍ତ କୁମାର ପାଣିଗ୍ରାହୀ, ଇଂ.ଅମ୍ବିକା ବଲ୍ଲଭ ସ୍ୱାଇଁ, ସୀତାକାନ୍ତ ଦାସ୍, ପ୍ରମୋଦ ଜେନା, ପିଣ୍ଟୁ ମିଶ୍ର, ମଙ୍ଗିଲାଲ ବଳଦ୍ୱେୱା ଓ ଅଭିଜିତ୍ ନାୟକଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶଶୀଶେଖର କରଶର୍ମା, ଭାସ୍କର ଚନ୍ଦ୍ର ପାଢୀ ଓ ପ୍ରତିଷ୍ଠିତ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ କ୍ଲବର ନୂତନ ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା। ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟ ଗୟାଧର ପଣ୍ଡା, ଉମାକାନ୍ତ ଜେନା, ଜୟଦେବ ପାତ୍ର, ମାନସ ପଟ୍ଟନାୟକ, ନଟବର ଗିରି, ରାଜକିଶୋର ଅଗ୍ରୱାଲ, ସନ୍ତୋଷ ନାୟକ, ଶୈଳେନ୍ଦ୍ର ନାରାୟଣ ପାଢୀ, ବିଚିତ୍ରାନନ୍ଦ ଦାସ୍, ବାଦଲ କିଶୋର ମହାପାତ୍ର, ଶ୍ରୀନିବାସ ମଲ୍ଲିକ, ଅଧ୍ୟାପକ ନାସିର୍ ବକ୍ସ, ରାଜକିଶୋର ଅଗ୍ରୱାଲ୍, ଅଜିତ୍ ଦାସ୍, ମାନସ ପଟ୍ଟନାୟକ ପ୍ରଦୀପ ମଲ୍ଲିକ, ଝୁରନବାଲା ଖୁଣ୍ଟିଆ, ରାଜକିଶୋର ଅଗ୍ରୱାଲ ତଥା ମିଶନ ପବ୍ଲିକ ସ୍କୁଲ ରୋଟାରାକ୍ଟ କ୍ଲବରୁ ରାଜଶ୍ରୀ, ସୁପ୍ରିୟା ମହାପାତ୍ର, ସିଆଇଟି ରୋଟରାକ୍ଟ ରୁ ଲୋପାମୁଦ୍ରା ଦାସ, ପ୍ରଶନଜିତ୍, ଟୁଟୁ ଓ ଶ୍ରୀକାନ୍ତ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଡାକ୍ତର ହରେକୃଷ୍ଣ ନାୟକ, ଡ.ରାଧାରାଣୀ ମହାପାତ୍ର, ଅନୀମା ନାୟକ, ମନୋରଞ୍ଜନ ଦାସ ତଥା ବାଲେଶ୍ୱର, କେନ୍ଦୁଝର, ବାରିପଦା ଯାଜପୁର, ଯୋଡ଼ା, କଟକ, ଭୁବନେଶ୍ୱର ଓ ଜଳେଶ୍ୱର ଆଦି ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ରୋଟାରୀଆନ୍ ଯୋଗ ଦେଇଥିଲେ। ପ୍ରାକ୍ତନ ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାର୍ମାସିଷ୍ଟଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

**ବନ୍ତ/ଆଗରପଡ଼ା,୪।୩ (ସମିସ):** **ଆଗରପଡ଼ା** ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ମାଡ଼ ମାରିଥିବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଆଗରପଡ଼ା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବାର ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉକି, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ମହେଶ୍ୱର ଦାସ (୫୯) ରବିବାର ଅପରାହ୍ନ ପ୍ରାୟ ୩ଘଟିକା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ସମୟରେ ପୁରୁଷଣ୍ଢ ଗ୍ରାମର ଦୀପୁନ ସେଠୀ ତାଙ୍କର ଜଣେ ସାଙ୍ଗକୁ ଧରି ଶ୍ରୀ ଦାସଙ୍କ ପାଖରେ ପହଞ୍ଚି ଘରକୁ ସାଲାଇନ ଦେବାକୁ ମାଗିଥିଲେ। ସେ ବିନା ଡାକ୍ତରୀ ଚିଠାରେ ତାହାକୁ ଦେବାକୁ ଦୀପୁନଙ୍କୁ ମନା କରିବାରୁ ଏଥିରେ ଉତ୍ୟକ୍ତ ହୋଇ ସେ ଶ୍ରୀ ଦାସଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ମୁହଁକୁ ଆଘାତ ଦେଇଥିଲେ। ଏଥିରେ ତାଙ୍କ ମୁହଁ ଫାଟି ରକ୍ତାକ୍ତ ହୋଇଯାଇଥିବା ବେଳେ ଦୀପୁନ ଶ୍ରୀ ଦାସଙ୍କ ତଣ୍ଟି ଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିବା ବେଳେ ଉପସ୍ଥିତ ଲୋକେ ତାଙ୍କୁ ଏଥିରୁ ନିବୃତ କରିଥିଲେ। ଶ୍ରୀ ଦାସ ପିନ୍ଧିଥିବା ସୁନା ଚେନ ବ୍ୟକ୍ତି ଜଣଙ୍କ ନେଇଯିବା ସହ ଷ୍ଟେଥୋସ୍କୋପ ଭାଙ୍ଗି ଦେଇଥିବା ନେଇ ଶ୍ରୀ ଦାସ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୂଳେ ପୋଲିସ କେସ ନଂ ୪୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଶିକ୍ଷା ସଚେତନତା ରଥ ପରିକ୍ରମା



**ଭଣ୍ଡାରିପୋଖରୀ,୪।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷା ସଚେତନତା ରଥ ପରିକ୍ରମା ସୋମବାର ଆରମ୍ଭ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷା ସୁମତୀ ସେଠୀ ମୁଖ୍ୟଅତିଥି, ବିଡିଓ ଦେବଦତ ଦାସ, ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ଶିକ୍ଷକ କୈଳାସ ଚନ୍ଦ୍ର ସାମଲ, ଶିକ୍ଷୟତ୍ରୀ ବର୍ଷାରାଣୀ ମଲ୍ଲିକ, ନିର୍ବାହୀ ଅଧିକାରୀ ବିକ୍ରମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତି ଜୀବନରେ ଶିକ୍ଷାର ମହତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଜସଜ୍ଜା, ଝୋଟି, ରଙ୍ଗୋଲି, ନୃତ୍ୟ ଆଦି ସଚେତନତାଧର୍ମୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଶ୍ରୀମତୀ ସେଠୀ ପାତାକା ଦେଖାଇ ରଥ ପରିକ୍ରମା ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀମାନେ ପରିଚାଳନା କରିଥିଲେ। ଏହି ରଥକୁ ବିଷ୍ଣୁପୁର ଉପ୍ରା ବିଦ୍ୟାଳୟରେ ସ୍ୱାଗତ କରାଯାଇଛି। ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ନାଥଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ ମୁଖ୍ୟଅତିଥି, ବିଇଓ ଶ୍ରୀ ତରାଇ, ସମିତିସଭ୍ୟ ଦୀପକ ପାଣିଗ୍ରାହୀ, ଏସ୍‌ଏମ୍‌ସି ସଭାପତି ସନାତନ ଜେନା, ଶିକ୍ଷା ସଂଯୋଜକ ଅଜୟ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ରଥ ପରିକ୍ରମାର ସଫଳତା କାମନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଶଶିକାନ୍ତ ପତି, ଜୟଦେବ ସେନାପତି, ଶିକ୍ଷୟତ୍ରୀ ପଦ୍ମାବତୀ କର, ପ୍ରୀତିପଦ୍ମା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯାଜପୁରରୋଡ-ଧାମରା ରେଳପଥ ପ୍ରକଳ୍ପକୁ ମଞ୍ଜୁରି ଦାବି

# ସଂଗ୍ରାମ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ଯାଜପୁର,୪।୩(ସମିସ)**

ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ତାଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ ପାଇଁ ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲା। ତେବେ ସଂଗ୍ରାମ ସମିତି ପକ୍ଷରୁ ପ୍ରସ୍ତୁତ ସ୍ମାରକପତ୍ରର ଆଗୁଆ କପି ଆଜି ପ୍ରଧାନମନ୍ତ୍ରୀଙ୍କ ଅଫିସକୁ ଇ-ମେଲ ଜରିଆରେ ପଠାଯାଇଛି।

୨୦୧୨-୧୩ ରେଳ ବଜେଟର ଅନୁମୋଦନ କ୍ରମେ କରାଯାଇଥିବା ପ୍ରାଥମିକ ସର୍ଭେରେ ୯୫.୯୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଯାଜପୁରରୋଡ଼-ଧାମରା ରେଳପଥ ନିର୍ମାଣ କରାଗଲେ ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ହେବ ଓ ଏଥିରୁ ରେଳବାଇକୁ ୨୭.୪୩ ଶତାଂଶ ଲାଭ ମିଳିବ ବୋଲି ଉଲ୍ଲେଖ କରାଯାଇଥିଲା। ୨୦୧୫ରୁ ଏହି ସର୍ଭେ ରିପୋର୍ଟ ମଞ୍ଜୁରି ଅପେକ୍ଷାରେ ପଡିରହିଥିଲା। ୨୦୨୩ ଅଗଷ୍ଟ ୪ ତାରିଖରେ ଦିଲ୍ଲୀ ବିକ୍ଷୋଭ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା ପରେ ରେଳବାଇ ବୋର୍ଡ ପକ୍ଷରୁ ପ୍ରକଳ୍ପର ଚୂଡାନ୍ତ ସର୍ଭେ ପାଇଁ ମଞ୍ଜୁରି ମିଳିଥିଲା। ସମୟ ଅତିକ୍ରାନ୍ତ ହେବା ସତ୍ତ୍ୱେ ସର୍ଭେ ରିପୋର୍ଟ ଓ ଡିପିଆର ଉପସ୍ଥାପନ ହୋଇନାହିଁ। ଏହି ପୃଷ୍ଠଭୂମିରେ ଜରୁରି ପଦକ୍ଷେପ ଜରିଆରେ ପ୍ରକଳ୍ପକୁ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଅର୍ଥାତ ଆଦର୍ଶ ଆଚରଣବିଧି ଲାଗୁ ହେବା ପୂର୍ବରୁ ମଞ୍ଜୁରି ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ହସ୍ତକ୍ଷେପ କରିବା ନିମେନ୍ତ ସଂଗ୍ରାମ ସମିତି ପକ୍ଷରୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି।

ଏହି ନୂତନ ରେଳପଥ ନିର୍ମାଣ ହେଲେ ଓଡ଼ିଶାର ପ୍ରାଚୀନତମ ରାଜଧାନୀ ଯାଜପୁର ଜିଲ୍ଲାର ସଦର ମହକୁମା, ପର୍ଯ୍ୟଟନ ସ୍ଥଳୀ ଓ ତୀର୍ଥସ୍ଥାନ ଯାଜପୁର ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ। ବ୍ୟାସ ସରୋବର, ବିରଜାକ୍ଷେତ୍ର, ଆଖଣ୍ଡଳମଣିଙ୍କ ଶୈବପୀଠ, ଧାମରାର ଧାମରାଇ ମନ୍ଦିର ଓ ଭିତରକନିକାର କୁମ୍ଭୀର ଅଭୟାରଣ୍ୟକୁ କେନ୍ଦ୍ରକରି ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। ଯାଜପୁର, କେନ୍ଦୁଝର ଓ ଅନୁଗୁଳ ଜିଲ୍ଲାର କ୍ରୋମାଇଟ, ନିକେଲ, ଲୁହାପଥର, ମାଙ୍ଗାନିଜ ପଥର ଓ କୋଇଲା ଆଦି ଖଣିଜ ସଂପଦର ସରବରାହ ଧାମରା ବନ୍ଦରକୁ ତ୍ୱରାନ୍ୱିତ ହୋଇପାରିବ। ସେହିପରି କଳିଙ୍ଗନଗର ଓ ନାଲକୋ ଶିଳ୍ପାଞ୍ଚଳର ଶିଳ୍ପଜାତ ଦ୍ରବ୍ୟର ପରିବହନ ମଧ୍ୟ କ୍ଷୀପ୍ରତର ହୋଇପାରିବ। ଏହି ରେଳପଥ ଦ୍ୱାରା ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ନଦୀର ଅବବାହିକାରେ କୃଷିଜୀବୀ ଓ ମତ୍ସ୍ୟଜୀବୀ ଉପକୃତ ହେବେ। ସାମଗ୍ରିକ ଭାବେ ଏହି ନୂତନ ପ୍ରକଳ୍ପ ଓଡ଼ିଶାର ବିଶେଷ କରି ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୫୦ ଲକ୍ଷ ଲୋକଙ୍କୁ ଉପକୃତ କରିବ ବୋଲି ସ୍ମାରକପତ୍ରରେ ସୂଚାଇ ଦିଆଯାଇଛି।

## ୪ଟି କଲେଜର ୨୩୧୭ ଜଣ ପାଇବେ ଛାତ୍ର ବୃତ୍ତି

**ଧର୍ମଶାଳା, ୪।୩ (ସମିସ):** ରାଜ୍ୟ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିବା ପାଇଁ ଡିଗ୍ରୀ ଓ ପିଜି ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏହି କ୍ରମରେ ଧର୍ମଶାଳା ବ୍ଲକର ୪ଟି ଡିଗ୍ରୀ କଲେଜର ୨୩୧୭ ଜଣ ଛାତ୍ରଛାତ୍ରୀ ୨ କୋଟି ୨୭ ଲକ୍ଷ ୪୪ ହଜାର ଟଙ୍କା ମଙ୍ଗଳବାର ଦିନ ପାଇବେ ବୋଲି ଜଣାପଡିଛି। ଧର୍ମଶାଳା ଡିଗ୍ରୀ କଲେଜର ସାଧାରଣ ବର୍ଗ ଓ ପଛୁଆ ବର୍ଗର ୨୯୩ ଜଣ ଛାତ୍ର ୨୬ ଲକ୍ଷ ୩୭ ହଜାର ଓ ୫୮୨ ଜଣ ଛାତ୍ରୀ ୫୮ ଲକ୍ଷ ୨୦ ହଜାର ଛାତ୍ର ବୃତ୍ତି ପାଇବେ। ସେହିପରି ଏସି/ଏସଟି ବର୍ଗର ୫୦ ଜଣ ଛାତ୍ର ୫ ଲକ୍ଷ ଓ ୧୦୭ ଜଣ ଛାତ୍ରୀ ୧୧ ଲକ୍ଷ ୭୭ ହଜାର ଟଙ୍କା ଛାତ୍ର ବୃତ୍ତି ପାଇବେ। ମୁକୁନ୍ଦପାତ୍ର ଡିଗ୍ରୀ କଲେଜର ସାଧାରଣ ବର୍ଗର ୨୩୮ ଜଣ ଛାତ୍ର ୨୧ ଲକ୍ଷ ୪୨ ହଜାର, ୩୭୨ ଜଣ ଛାତ୍ରୀ, ୩୭ ଲକ୍ଷ ୨୦ ହଜାର ଓ ଏସି/ଏସଟି ବର୍ଗର ୪୮ ଜଣ ଛାତ୍ର ୪ ଲକ୍ଷ ୮୦ ହଜାର ଓ ୭୦ ଜଣ ଛାତ୍ରୀ ୭୭ ଲକ୍ଷ ୭୦ ହଜାର ଟଙ୍କା ଛାତ୍ର ବୃତ୍ତି ପାଇବେ।

ସେହିପରି ଜେନାପୁର ଡିଗ୍ରୀ କଲେଜର ସାଧାରଣ ବର୍ଗର ୧୪୯ ଜଣ ଛାତ୍ର ୧୩ ଲକ୍ଷ ୪୧ ହଜାର ଓ ୨୫୪ ଜଣ ଛାତ୍ରୀ ୨୫ ଲକ୍ଷ ୪୦ ହଜାର, ଏସି/ଏସଟି ବର୍ଗର ୨୮ ଜଣ ଛାତ୍ର ୨ ଲକ୍ଷ ୮୦ ହଜାର ଓ ୫୬ ଜଣ ଛାତ୍ରୀ ୬ ଲକ୍ଷ ୧୬ ହଜାର ଟଙ୍କା ଛାତ୍ର ବୃତ୍ତି ପାଇବେ। ଆସନ୍ତାକାଲି ସେମାନଙ୍କୁ କଲେଜ ପକ୍ଷରୁ ଛାତ୍ର ବୃତ୍ତି ସାର୍ଟିଫିକେଟ ଦିଆଯିବା ସହ ସେମାନେ ଦେଇଥିବା ପାସ୍‌ବୁକରେ ଅର୍ଥ ପୈଠ କରାଯିବ ବୋଲି ଜଣାଯାଇଛି।

## ଛାତ୍ରୀ ନିଖୋଜ ଘଟଣାର ତଦନ୍ତ ଆରମ୍ଭ

**ବ୍ୟାସନଗର,୪।୩(ସମିସ):** ଯାଜପୁରରୋଡ ଥାନା ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ମହିଳା କଲେଜ ନିକଟରୁ ଜଣେ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଏ ନେଇ ସମ୍ପୃକ୍ତ ନାବାଳିକା ଛାତ୍ରୀଙ୍କ ପିତା ଥାନାରେ ଏତଲା ଦେବା ପରେ ସୋମବାର ୪.୩୦ ମିନିଟ ସମୟରେ ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ଥାନା ଖମଣ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅ ସାଇକଲ ନେଇ ଇନ୍ଦିରା ଗାନ୍ଧୀ ମହିଳା କଲେଜ ଅଞ୍ଚଳକୁ ଆସିଥିଲେ। ଅନେକ ସମୟ ବିତିଗଲା ପରେ ବି ଛାତ୍ରୀ ଘରକୁ ଫେରି ନ ଥିଲେ। ଏହି ଘଟଣାକୁ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଯାଜପୁରରୋଡ ଥାନାରେ ଏତଲା ଦିଆଯାଇଥିଲା। ସେପଟେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସୋମବାର ଅପରାହ୍ନରେ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ମହିଳା କଲେଜ ନିକଟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବଡ଼ଚଣା,୪।୩(ସମିସ):** ଜଣେ ଅଜଣା ମହିଳାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ମହିଳାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରି ତଦନ୍ତ ଜାରି ରଖିଛି। ବଡ଼ଚଣା ଥାନା ତଥା ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବେଣାପୁର ସେତୁ ନିକଟ ବଡ଼ଗେଙ୍ଗୁଟି ନଦୀବନ୍ଧ କଡ଼ରେ ଏହି ଅଚିହ୍ନା ମହିଳାଙ୍କ ମୃତଦେହ ପଡ଼ିରହିଥିଲା। ଏହି ବନ୍ଧ ଦେଇ ଯାଉଥିବା ସ୍ଥାନୀୟ ଅଞ୍ଚଳର ଲୋକେ ମହିଳାଙ୍କ ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ସାଇଣ୍ଟିଫିକ ଟିମ ସହିତ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଥାନା କେଶ ନମ୍ବର ୧୩୪/୨୪ରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଏହି ଅଚିହ୍ନା ମହିଳାଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ବଡ଼ଚଣା ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ଯାଜପୁର ମେଡିକାଲକୁ ପଠାଇ ଦିଆଯାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

## ଭକଣ୍ଡରୀରେ ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ



**ଷଠିପୁର,୪।୩(ସମିସ):** ପରମ ପ୍ରେମମୟ ଯୁଗ ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଆବିର୍ଭାବ ମହୋତ୍ସବ ଓ ଭକଣ୍ଡରୀ ସତସଙ୍ଗ କେନ୍ଦ୍ରର ବାର୍ଷିମ ଉତ୍ସବ ପାଳିତ ହୋଇଛି। କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ ଭକଣ୍ଡରୀ ସତସଙ୍ଗ ପ୍ରାର୍ଥନା କେନ୍ଦ୍ରରେ ଏହା ପାଳିତ ହୋଇଛି। ଆବାହକ ଅଚ୍ୟୁତାନନ୍ଦ ପତିଙ୍କ ଦ୍ୱାରା ପ୍ରତ୍ୟୁଷରୁ ଉଷା ମାଙ୍ଗଳିକ ଓ ନବହତ, ଉଷା କୀର୍ତ୍ତନ, ଉଷା ବିନିତ ପ୍ରାର୍ଥନା ଓ ସଦଗ୍ରନ୍ଥାଦି ପାଠ, ଶ୍ରୀଶ୍ରୀ ଠାକୁରଙ୍କ ପ୍ରତିକୃତି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ପରେ ଦ୍ୱିତୀୟାର୍ଦ୍ଧରେ ସଙ୍ଗୀତାଞ୍ଜଳି ଓ ମାତୃ ସମ୍ମିଳନୀ, ସନ୍ଧ୍ୟା ବିନିତ ପ୍ରାର୍ଥନା, ସତସଙ୍ଗ ଓ ସଦାଲୋଚନା ଆଦି କାଯର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ରିତିକ ପ୍ରମୋଦ କୁମାର ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ନିଖିଳ ପ୍ରସାଦ ଗିରି ପ୍ରମୋଦ କୁମାର ଦାସ, କେଶବ ଚରଣ ପାଣି, ଦ୍ୟୁତିଦିବ୍ୟା ଦାସ, ଭାସ୍କର ସାହୁ, ନାରାୟଣ ମହାନ୍ତି, ଅଚ୍ୟୁତାନନ୍ଦ ସାହୁ, ବଟକୃଷ୍ଣ ଦାସ, ଦୟାନିଧି ସାହୁ, ଦୁର୍ଗାମାଧବ ପ୍ରସାଦ ମହାନ୍ତି, ମୋହନ ଚରଣ ସାହୁ, ବିଜୟ କୁମାର ବେହେରା, ହରିହର ରାଉତ, ଅର୍ଜ୍ଜୁନ ଚରଣ ସାହୁ, ବାଞ୍ଛାନିଧି ସେନାପତି, ହରିହର ମଲ୍ଲିକ, ଘନଶ୍ୟାମ ସାହୁ, ରାମକୃଷ୍ଣ ମଲ୍ଲିକ, ଗଦାଧର ସାହୁ, ଗଗନ ବିହାରୀ ସାହୁ, ଅଦୈତ କୁମାର ମଲିକ, ଗଣେଶ ଚନ୍ଦ୍ର ସାହୁ, ଦିବାକର ଦାସ, ଜୟ ପ୍ରକାଶ କର, କୈଳାସ ଚନ୍ଦ୍ର ବେହେରା, ଅଦ୍ୱୈତ୍ୟ ସାହୁ, କୁଳମଣି ବେହେରା, ଅଞ୍ଜନ କୁମାର ସାହୁ, ନାରଶ ସାହୁ, ଅନାଦୀ ମଲ୍ଲିକ, ଗଦାଧର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାଇ ମନ୍ଦିରରେ ବାଚସ୍ପତିଙ୍କ ଜନ୍ମଦିନ ପାଳନ

**କୟାଁଗୋଲା, ୪।୩(ସମିସ):** ଆଜି ମଙ୍ଗଳପୁର ବଜାର ନିକଟ ସାଇ ମନ୍ଦିର ପ୍ରାଙ୍ଗଣରେ ବିଂଝାରପୁର ବିଧାୟିକା ତଥା ବିଧାନସଭା ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ୬୧ତମ ଜନ୍ମଦିନ ପାଳନ କରାଯାଇଛି। ସାଇ ବାବାଙ୍କ ପ୍ରାଙ୍ଗଣରେ ୧୫ଟି ପଞ୍ଚାୟତର କର୍ମୀ ୧୦୮ ଦୀପ ଜାଳି ଶ୍ରୀମତୀ ମଲ୍ଲିକଙ୍କ ଦୀର୍ଘାୟୁ କାମନା କରିଛନ୍ତି। ବରିଷ୍ଠ ବିଜେଡି ନେତା ଚୌବନ ବାରିକ, ଭାଗୀରଥି ସାହୁ, ପ୍ରିୟବ୍ରତ ବିଶ୍ୱାଳ, ଧୀରେନ୍ଦ୍ର ମଲ୍ଲିକ, ମହେଶ୍ୱର ଯେନା, ସୁରେନ୍ଦ୍ର ବେହୁରିଆ, ହିମାଂଶୁ ପରିଡ଼ା, ବିରଜା ମଲ୍ଲିକ, ପ୍ରଭାତ ଚନ୍ଦ୍ର ଦାସ, ମନୋଜ ଧଳ, ହିମାଂଶୁ ନାୟକ, ସୁବ୍ରତ ସାମଲ, ପ୍ରତିଭା ମଲ୍ଲିକ ପ୍ରମୁଖଙ୍କ ସହ ବହୁ ବରିଷ୍ଠ, ଯୁବକ, ଛାତ୍ର ନେତା ଉପସ୍ଥିତ ଥିଲେ।



## ବନ୍ଦାଲୋ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



**ବଡ଼ଚଣା, ୪।୩ (ସମିସ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦାଲୋ ପଞ୍ଚାୟତର ଡିହକରନ୍ଦାଠାରେ ଆଜାଦ କମ୍ୟୁନିଟି ସେଣ୍ଟର, ହାଟକରନ୍ଦାରେ ମମତା ଗୃହ ଉଦ୍‌ଘାଟନ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥପୁର ଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଉନ୍ନତିକରଣ ପରେ ଜଗନ୍ନାଥପୁରଠାରେ ଗୋପାଳଜୀଉ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ଦାଲୋ ପଞ୍ଚାୟତର ଉନ୍ନତି ପାଇଁ ବହୁ ଯୋଜନାମାନ କରାଯାଇଛି। ଏଥିସହ '୫-ଟି' ମାଧ୍ୟମରେ ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ବେଶ ଉଚ୍ଚମାନର ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ଦକ୍ଷତା ପ୍ରକାଶ କରିଥିବାରୁ ବିଧାୟକ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚଙ୍କ ପ୍ରତିନିଧି ଅଜୟ ବିଶ୍ୱାଳ, ସମିତିସଭ୍ୟା ଖୁଲଣା ରାଉତ, ନିରଞ୍ଜନ ସେନାପତି, ଗନ୍ଧର୍ବ ବିଶ୍ୱାଳ, ନାରାୟଣ ଓଝା ପ୍ରମୁଖ ଯୋଗଦେଇ ପଞ୍ଚାୟତର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱକଲ୍ୟାଣମୟୀ ଦାଶ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ପ୍ରହ୍ଲାଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧୀରେନ୍ଦ୍ର ମଲ୍ଲିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଶାନ୍ତ ଧଳ, ଅବିନାଶ ମହାନ୍ତି, ଅମିନ ନାୟକ, ଚନ୍ଦ୍ରମଣି ଓଝା, ବଟକୃଷ୍ଣ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଶିକ୍ଷୟିତ୍ରୀ ପ୍ରଭାସିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର; ୬୦ ୟୁନିଟ୍ ସଂଗୃହୀତ

**କୁନ୍ଦଲ,୪।୩(ସମିସ):** ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତସ୍ଥ ବନ୍ଦରେଶ୍ୱର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଦିଗାମ୍ବର ସାମଲଙ୍କ ସ୍ମୃତିରେ ସୋମବାର ତାଙ୍କ ଏକାଦଶାହ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ବୈଷ୍ଣବ ଚରଣ ସାମଲ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ସମାଜସେବୀ ରୁଦ୍ରନାରାୟଣ ସିଂହ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ ପରେ ରକ୍ତଦାତା ରକ୍ତଦାନ କରିଥିଲେ। ଏହି ଶିବିରରେ ଅନେକ ମହିଳା ରକ୍ତଦାତାଙ୍କୁ ଦେଖିବାକୁ ମିଳିଥିଲା। ସେଣ୍ଟ୍ରାଲ ରେଡ଼କ୍ରସ କଟକର ଡାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଅବିନାଶ ଦାସ, ଲାବ୍ରୋଟୋରୀ ଟେକ୍ନିସିଆନ ସନ୍ଦୀପ କୁମାର ସ୍ୱାଇଁ, ଲାବ୍ରୋଟୋରୀ ଆଟେନାଣ୍ଟ ମୃତ୍ୟୁଞ୍ଜୟ ବେଜ, ପ୍ରସନ୍ନ କୁମାର ସ୍ୱାଇଁ, ସଂଜୟ କୁମାର ପାତ୍ର ପ୍ରମୁଖ ଶିବିରରେ ଉପସ୍ଥିତ ରହି ୬୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ବର୍ତ୍ତମାନ ବ୍ଲଡ଼ବ୍ୟାଙ୍କରେ ରକ୍ତର ଅଭାବ ରହିଛି। ଏପରି ସମୟରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରି ସହଯୋଗ ଦେଇଥିବାରୁ ବୈଷ୍ଣବ ଚରଣ ସାମଲ ସ୍ମୃତି ସଂସଦକୁ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ କୃତଜ୍ଞତା ଜଣାଇଥିଲେ। ପ୍ରମୁଖ ମହିଳା ରକ୍ତଦାତା ଭାବେ ପ୍ରାକ୍ତନ ସରପଞ୍ଚ ସୁଜାତା ସାମଲ, ରଶ୍ମିତା ସାମଲ, ରଶ୍ମିରେଖା ମହାରଣା ପ୍ରମୁଖ



ରକ୍ତଦାନ କରିଥିବାବେଳେ ସଂସଦର ସଭାପତି ତଥା ଆୟୋଜକ ସୁମନ୍ତ କୁମାର ସାମଲ, ସମାଜସେବୀ ଅଶୋକ ସାମଲ, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ବିକ୍ରମ କେଶରୀ ପ୍ରଧାନ, ମନୋଜ ପ୍ରଧାନ, ସୁଶାନ୍ତ ସାମଲ, ପ୍ରିୟବ୍ରତ ସାମଲ, ଲଲାଟ କେଶରୀ ସାମଲ, ଗୋକୁଳାନନ୍ଦ ମଲ୍ଲିକ, ନିଶିକାନ୍ତ ମହାନ୍ତି, ସୁଧାଂଶୁ ଶେଖର ଦାସ, ସରୋଜ କୁମାର ସାମଲ ପ୍ରମୁଖ ଶିବିର ପରିଚାଳନା କରିଥିବାବେଳେ ଅରକ୍ଷିତ ସେବା କେନ୍ଦ୍ରର ଅନେକ ସଦସ୍ୟ ଯୋଗଦେଇ ସହାୟତା ପ୍ରଦାନ କରିବା ସହ ରକ୍ତଦାନ କରିଥିଲେ।

## ରେଳ ଫାଟକ ଭାଙ୍ଗିବା ଅଭିଯୋଗରେ ଜଣେ ଗିରଫ

**ବ୍ୟାସନଗର,୪।୩(ସମିସ):** ଯାଜପୁର-କେନ୍ଦୁଝରରୋଡ୍ ରେଳଷ୍ଟେସନ ଅନ୍ତର୍ଗତ ଡାକବଙ୍ଗଳା ଛକ ନିକଟସ୍ଥ ରେଳ ଫାଟକ ଭାଙ୍ଗିବା ଅଭିଯୋଗରେ ରେଳବାଇ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। କୋରେଇ ଥାନା କାନ୍ତୋର ଅଞ୍ଚଳର ବ୍ରହ୍ମାନନ୍ଦ ବେହେରା (୪୨) ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ସୋମବାର ସେ ଡାକବଙ୍ଗଳା ଛକରୁ ଗୋପବନ୍ଧୁ ଛକ ଆଡ଼କୁ ଆସୁଥିବାବେଳେ ରେଳ ଫାଟକ ପଡ଼ିବା ନିମନ୍ତେ ସାଇରନ ବାଜିବାରୁ ସେ ଶୀଘ୍ର ଶୀଘ୍ର ଫାଟକ ପାର ହେଉଥିବା ସମୟରେ ଗୋପବନ୍ଧୁ ଛକ ପଟ ଫାଟକ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଯାଜପୁର କେନ୍ଦୁଝର ରୋଡ଼ ରେଳ ସୁରକ୍ଷା ବଳ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହିତ ଗାଡ଼ି ଚାଳକ ବ୍ରହ୍ମାନନ୍ଦ ବେହେରାଙ୍କୁ ଗିରଫ କରିବା ସହିତ ୧୩୨/୨୪ରେ ମାମଲା ରୁଜୁ କରାଯାଇଥିବା ରେଳ ସୁରକ୍ଷା ବଳ ଅତିରିକ୍ତ ଅଧିକାରୀ ଶ୍ରୀଧର ମଲିକ ସୂଚନା ଦେଇଛନ୍ତି।

## କିକ୍‌ବକ୍ସିଂ ଖେଳାଳିଙ୍କ ମିରଟ୍ ଯାତ୍ରା

**ଯାଜପୁର ଟାଉନ, ୪।୩ (ସମିସ)**

ଉତ୍ତର ପ୍ରଦେଶର ମିରଟ୍‌ସ୍ଥ ସ୍ୱାମୀ ବିବେକାନନ୍ଦ ସୁଭାରତୀ ବିଶ୍ୱବିଦ୍ୟାଳୟରେ ଆସନ୍ତାକାଲିଠୁ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂ ପ୍ରତିଯୋଗିତା ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଯାଜପୁରର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଭଞ୍ଜନ ଜେନା ଓ ପ୍ରିୟଦର୍ଶିନୀ ମଲ୍ଲିକ, ଚିତାଳୋ ଡିଗ୍ରୀ କଲେଜର ଲିଟୁନା ପଣ୍ଡା, ବରୁଣେଶ୍ୱର ମହାବିଦ୍ୟାଳୟର ବନ୍ଦନା ପ୍ରିୟଦର୍ଶିନୀ ବାରିକ ଓ ସରିତା ଧଳ ଭାଗ ନେବାକୁ ମିରଟ୍ ଯାତ୍ରା କରିଛନ୍ତି। ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ଚୟନ ପ୍ରତିଯୋଗିତାରେ ଉପରୋକ୍ତ ଖେଳାଳି ମନୋନୀତ ହୋଇ ଯାଜପୁର ସ୍ପୋର୍ଟ୍ସ କିକ୍‌ବକ୍ସିଂ ସଂଘ ଦ୍ୱାରା ତାଲିମ ନେଉଥିଲେ। ଏହି ଖେଳାଳିଙ୍କୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର କିକ୍‌ବକ୍ସିଂ ସଂଘ ସଭାପତି ତଥା



ଯାଜପୁର ପୌରପାଳିକାର ପ୍ରାକ୍ତନ ନଗରପାଳ ଭବପ୍ରସାଦ ଦାସ, ଉପନଗରପାଳ ସନ୍ତୋଷ କୁମାର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଦଳର ସଫଳତା ପାଇଁ ସମ୍ପାଦକ ରଞ୍ଜନ ସୂତାର, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ସଂଜୟ ମହାରଣା, ଜିତେନ୍ଦ୍ର ମହାନ୍ତି, ଅର୍ପିତା ନାୟକ, ପ୍ରଶିକ୍ଷକ ରିତେନ୍ଦ୍ର ବିଶ୍ୱାଳ ଓ ଭାଗ୍ୟଶ୍ରୀ ମହାପାତ୍ର ପ୍ରମୁଖ ଶୁଭ ମନାସିଛନ୍ତି।

### ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ପ୍ରସଙ୍ଗ

# ପଞ୍ଚାୟତିରାଜ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଫେରାଦ

**ଧର୍ମଶାଳା,୪।୩(ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଦୁଇବର୍ଷ ହେଲା ଜମି ପ୍ରଦାନ କରିଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଉକ୍ତ ପ୍ରକଳ୍ପ ମଞ୍ଜୁର ହେବା ସହିତ ପ୍ରକଳ୍ପ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇସାରିଛି। ଆଜି କାଲି କହି ସମୟ ଗଡି ଚାଲିଥିବାବେଳେ ନିର୍ମାଣ କାର୍ଯ୍ୟ ଏଯାଏଁ ଆରମ୍ଭ ହୋଇପାରିନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ସ୍ୱର୍ଗଦ୍ୱାର ନିର୍ମାଣ ପ୍ରସଙ୍ଗକୁ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଫେରାଦ ହୋଇଛନ୍ତି। ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପ୍ରକଳ୍ପ ମଞ୍ଜୁର ହୋଇଥିବାବେଳେ ଏହି ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବାକୁ ସ୍ୱର୍ଗତ ରବି ଲାବଣ୍ୟ ଜ୍ୟେଷ୍ଠ ପୁତ୍ର ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ ଓ କନିଷ୍ଠ



ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରକଳ୍ପ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନିଙ୍କୁ ପତ୍ର ଲେଖି ଅଭିଯୋଗ କରିଛନ୍ତି। ଜାରକା ଅଞ୍ଚଳରେ ଶ୍ମଶାନ ନ ଥିବାରୁ ଜାରକା ଓ ଆଖପାଖ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସ୍ୱର୍ଗତ ରବି ଲାବଣ୍ୟ ୨୦୨୧ରେ ଏଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱରଙ୍କ ନାମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଧର୍ମଶାଳା ତହସିଲଦାର ଅଢେଇ ଏକର ଜମି ଯୋଗାଇ ଦେଇଛନ୍ତି। ପ୍ରକଳ୍ପ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହେବାର ସାତ ମାସ ବିତିଯାଇଥିଲେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ନେଇ ଅବଗତ କରାଇବା ସହିତ ସୋମବାର ରାଜ୍ୟ ସଚିବାଳୟରେ ପଞ୍ଚାୟତିରାଜ ଓ ପାନୀୟଜଳ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିବା ପରେ ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ଆବଶ୍ୟକ ପଡିଲେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯିବ ବୋଲି ସେ ଆଲୋଚନା ସମୟରେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ବାଚସ୍ପତିଙ୍କ ଜନ୍ମଦିନ ପାଳନ

**ପ୍ରୀତିପୁର, ୪।୩ (ସମିସ):** ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ୬୧ତମ ଜନ୍ମ ଦିବସ ଆଜି ବେଶ୍ ଉତ୍ସାହର ସହ ବିଞ୍ଝାରପୁର ଅଞ୍ଚଳରେ ପାଳନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ସମାଜସେବୀ କୈଳାସ ସେଠୀ, ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ସମାଜସେବୀ ବଟକୃଷ୍ଣ ନାୟକ, ପର୍ଶୁରାମ ମିଶ୍ର, ସରୋଜ ସାମଲ ପ୍ରମୁଖ ବହୁ ବ୍ୟକ୍ତି ସକାଳୁ ବାବା ବରୁଣେଶ୍ୱରଙ୍କ ପୂଜାର୍ଚ୍ଚନା କରିବା ସହିତ କେକ୍ କାଟି ବାଚସ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ତାଙ୍କ ଦୀର୍ଘାୟୁ କାମନା କରିଛନ୍ତି। ସେହିପରି ସନ୍ଧ୍ୟାରେ ମାଁସଡାସ୍ଥ ପ୍ରମିଳା ଦେବୀ ସ୍ପେସାଲ ସ୍କୁଲରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଓ ଉପହାର ବଣ୍ଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକ ବିଜେଡି ସଭାପତି ନନ୍ଦ କିଶୋର ସାମଲ, ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ, ସୁଖ ରଞ୍ଜନ ପରିଡ଼ା, ମୁକ୍ତିକାନ୍ତ ସାମଲ, ସୟଦପୁର ସରପଞ୍ଚ ଏମଡି ସବିର, ସମାଜସେବୀ ରବୀନ୍ଦ୍ର କୁମାର ପରିଡ଼ା, କାମଦେବ ଧଳ, ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, ମାନସ ରଞ୍ଜନ କବି, ସମୀର ମଲ୍ଲିକ, ମାଁସଡା ସରପଞ୍ଚ କଳିକା ଦାସ, ଅଳକୁଣ୍ଡ ସରପଞ୍ଚ ସୁଶାନ୍ତ ଦାସ, ଜିଲ୍ଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନୀତା ନାୟକ ପ୍ରମୁଖ ବହୁ ବ୍ୟକ୍ତି ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ରାଜନୈତିକ ଜୀବନର ସଫଳତା କାମନା କରିଥିଲେ।

## ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଚାଳକ ଆହତ

**ପାଣିକୋଇଲି, ୪।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟ୍ରମାକେୟାର ସମ୍ମୁଖସ୍ଥ ଡାଇଭରସନରେ ଆଜି ଭୋରୁ ଏକ ହାଇୱା ପଛରେ ଟ୍ରକ୍ ଧକ୍କା ହେବା ଫଳରେ ଚାଳକ ଟ୍ରକ ମଧ୍ୟରେ ଫସି ରହିଥିବାବେଳେ ବହୁ କଷ୍ଟରେ ତାଙ୍କୁ ଉଦ୍ଧାର କରାଯାଇଛି। ଆଜି ଭୋର ସମୟରେ ୧୬ ନମ୍ବର ଜାତୀୟ ରାଜପଥରେ ପାଣିକୋଇଲି ପଟୁ ଚଢ଼େଇଧରାରୁ ବୈତରଣୀରୋଡ ଅଭିମୁଖେ ଯାଉଥିବା ଏକ ଚିପ୍ସ ବୋଝେଇ ହାଇୱା ଡାଇଭରସନରେ ହଠାତ୍ ବ୍ରେକ ମାରିବାରୁ ପଛରେ ବାଙ୍ଗାଲୁରୁ କୋଲକାତା ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଦ୍ରୁତଗତିରେ ଧକ୍କା ହୋଇଥିଲା। ଫଳରେ ଟ୍ରକ୍‌ର ଚାଳକ ଷ୍ଟେରିଙ୍ଗରେ ଚାପି ହୋଇ ରହିଥିଲେ। ତାଙ୍କୁ ବାହାର କରିବାକୁ ବହୁତ ଚେଷ୍ଟା କରାଯାଇ ଶେଷରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ତେବେ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ପୁଲିସ ବାହିନୀ ବହୁ କଷ୍ଟରେ ଚାଳକ ଏ. ଗୋପାଳଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଟ୍ରେନ୍ ଲାଇନରେ ଯୁବକଙ୍କ ଆତ୍ମହତ୍ୟା

**ଷଠିପୁର, ୪।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ଭକଣ୍ଡରୀ ଗ୍ରାମର ଜଣେ ଯୁବକ ଟ୍ରେନ୍ ଲାଇନ୍‌ରେ ଆତ୍ମହତ୍ୟା କରିଛନ୍ତି। ଭକଣ୍ଡରୀ ଗ୍ରାମର ଅଇଁଠୁ ଦାସଙ୍କ ପୁଅ ସନାତନ ଦାସ (୨୭)ଙ୍କ ପରିବାରରେ ତିନି ଦିନ ହେବ ପାରିବାରିକ କଳହ ଲାଗି ରହିଥିଲା। ଗତକାଲି ରାତି ୯ଟାରେ ସନାତନ ଘରୁ ପଳାଇଥିଲେ। ବିଳମ୍ବିତ ରାତିରେ ବୈତରଣୀରୋଡ ରେଳ ଷ୍ଟେସନର ଅନତିଦୂର ହଟପୁର ଗ୍ରାମ ନିକଟରେ ସନାତନ ଟ୍ରେନ୍ ଲାଇନରେ ଶୋଇ ଆତ୍ମହତ୍ୟା କରିଥିଲେ। ତାଙ୍କର ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା। ରେଳବାଇ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସନାତନଙ୍କ ଆତ୍ମହତ୍ୟା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

**ହରିପୁର, ୪।୩ (ସମିସ):** ଆଜି ୧୬ନଂ ଜାତୀୟ ରାଜପଥର କୁଆଖିଆ ବଜାର ନିକଟବର୍ତ୍ତୀ ମୂଳାପାଳ ଛକରେ ବିଜେପିର ଏକ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି ନିର୍ବାଚନୀ କାର୍ଯ୍ୟାଳୟକୁ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଶତପଥୀ ଉଦ୍‌ଘାଟନ କରିଛନ୍ତି। ୩୫ନଂ ଜୋନ୍ ସଭାପତି ଲକ୍ଷ୍ମୀଧର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ରାଜ୍ୟ ମୁଖପାତ୍ର ପ୍ରକାଶ ରଥ, କୋରେଇ ବିଜେପି ନେତା ବିଶ୍ୱଜିତ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରବି ନାରାୟଣ ବେହେରା, ୧୨ନଂ ଜୋନ ମଣ୍ଡଳ ସଭାପତି ମାନସ ମହାନ୍ତି ଓ ନୂତନ ଭାବେ ବିଜେପିରେ ମିଶିଥିବା ଯୁବ ବିଜେପି ନେତା ଦେବେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଯାଜପୁର, ୪।୩(ସମିସ):** ଯାଜପୁର ବ୍ଲକ ସ୍ୱପ୍ନେଶ୍ୱରପୁରର ଆରାଧ୍ୟ ଦେବତା ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ୧୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୧୦୮ ଜଣ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ନିକଟସ୍ଥ ଖରସ୍ରୋତା ନଦୀର ରାଜଘାଟଠାରୁ ସଂକଳ୍ପ ପୂର୍ବକ ଘଟ ଉତ୍ତୋଳନ କରି କୀର୍ତ୍ତନ, ବାଜା ସହ ଚାଲିଚାଲି ଆସି ଯଜ୍ଞମଣ୍ଡପରେ ସ୍ଥାପନ କରିଛନ୍ତି। ପରଦିନ ପ୍ରାତଃରେ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ବଡ଼ସିଂହାର ବେଶ ହୋଇ ସୂର୍ଯ୍ୟପୂଜା, ଗୋ-ପୂଜା, ରୁଦ୍ରାଭିଷେକ ଓ ରୁଦ୍ର ମହାଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ଝୁଲଣ ପତି, ନିତ୍ୟାନନ୍ଦ ପତି, ସୁଧୀର ପତି ଓ କର୍ତ୍ତୀ ଭାବେ ସୁମିତ୍ରା ପତି ଓ ନିରୂପମା ପତି କାର୍ଯ୍ୟ ସମ୍ପାଦିତ କରୁଛନ୍ତି। କାର୍ଯ୍ୟକ୍ରମକୁ ପୁରୋହିତ ବିରଞ୍ଚି ପାଢ଼ୀ, ପଣ୍ଡିତ ବିଚିତ୍ର ପାଢ଼ୀ, ମହେଶ୍ୱର ପଣ୍ଡା, ଦେବେନ୍ଦ୍ର ପାଢ଼ୀ, ସୁବ୍ରତ ମିଶ୍ର, ଇନ୍ଦ୍ରମଣି ପତି, ଅନାମ ପତି ପ୍ରମୁଖ ସମ୍ପାଦନ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ସଭାପତି ରମେଶ ପତି, ସମ୍ପାଦକ ଗଣେଶ ପତି ସୂଚନା ଦେଇଛନ୍ତି।

## କୋରେଇ ବ୍ଲକ୍ | ଚାଲିଲା ଲକ୍ଷ୍ମୀ ବସ୍; ଗମନାଗମନରେ ଆସିଲା ସୁଧାର

**କୋରେଇ, ୪।୩(ସମିସ)**

ଲୋକଙ୍କ ସମସ୍ୟାକୁ ଅନୁଶୀଳନ କରି ଗ୍ରାମାଞ୍ଚଳରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଛନ୍ତି ଲକ୍ଷ୍ମୀ ବସ୍ ଯୋଜନା। ଏହି ଯୋଜନା ଅଧୀନରେ ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟରୁ ଜଗନ୍ନାଥ ଏକ୍ସପ୍ରେସ ମାଧ୍ୟମରେ ଭୁବନେଶ୍ୱର ଓ ପୁରୀକୁ ଯାତାୟାତର ସୁବିଧା ଯୋଗାଇ ଦିଆଯିବ। ଏହାଦ୍ୱାରା ମଧ୍ୟ ଲୋକମାନେ ସୁବିଧାରେ ଓ କମ୍ ଖର୍ଚ୍ଚରେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଏଥିସହିତ ଲକ୍ଷ୍ମୀ ବସ ଜୀବନ ଯାତ୍ରାକୁ ସହଜ କରିବା ସହିତ ଘରେ ଘରେ ସମୃଦ୍ଧି ଆଣିବ ଓ ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲାରେ ଏହାର ଶୁଭାରମ୍ଭ କରିଥିବାବେଳେ ଗତ ମାସ ୧୬ ତାରିଖରେ ଭିଡିଓ କନଫରେନ୍ସ ମାଧ୍ୟମରେ ଯାଜପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଅଧୀନରେ ଥିବା ୩୧୧ଟି ପଞ୍ଚାୟତ ମଧ୍ୟରୁ ୨୩୩ଟି ପଞ୍ଚାୟତରେ ୩୯ଟି ଲକ୍ଷ୍ମୀ ବସ୍ ଚାଲୁଥିବାବେଳେ କୋରେଇ ବ୍ଲକରେ ୨ଟି ବସ୍ ଚାଲୁଛି। ଏହା ଦ୍ୱାରା କୋରେଇର ପ୍ରତି ପଞ୍ଚାୟତରୁ ପଞ୍ଚାୟତ ଲକ୍ଷ୍ମୀ ବସ୍ ପହଞ୍ଚିବା ସହିତ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗରେ ସୁଧାର ଆଣୁଛି।

ସୂଚନା ମୁତାବକ, ଏହି ବସ୍ ଦୁଇଟି ରୁଟରେ ଚାଲୁଛି। ପ୍ରଥମ ରୁଟରେ ଚାଲୁଥିବା ବସ୍‌ଟି କୋରେଇ ବ୍ଲକ କାର୍ଯ୍ୟାଳୟରୁ ବାହାରି କୁଆଖିଆ ଦେଇ ସାଦକପୁର ପଞ୍ଚାୟତରେ ପହଞ୍ଚୁଛି। ଉକ୍ତ ବସ୍‌ଟି ଧନେଶ୍ୱର, ପାଣିକୋଇଲି, ଗୋଳେଇପୁର, ଜହ୍ନା, ଖମଣ ଆଦି ପଞ୍ଚାୟତ ଦେଇ ଯାତାୟାତ କରୁଛି। ସେହିପରି ଦ୍ୱିତୀୟ ରୁଟ୍‌ରେ ଚାଲୁଥିବା ବସ୍‌ଟି କୋରେଇରୁ ବାହାରି ଅସନଝରରେ ପହଞ୍ଚୁଛି। ଫଳରେ ତାରାକୋଟ, ହଳଦୀଗଡ଼ିଆ, ତୁଳତୀ, ଅନ୍ଧାରୀ, ପାଟରଙ୍ଗା, ପଛିକୋଟ, କନ୍ତୋର, କାଚରାସାହି ଆଦି ପଞ୍ଚାୟତବାସୀ ଉପକୃତ ହେଉଛନ୍ତି। କୋରେଇ ବ୍ଲକରେ ଚାଲୁଥିବା ଦୁଇଟି ବସ୍ ଯଥା ସମୟରେ ଯଥା ସ୍ଥାନରେ ପହଞ୍ଚୁ ଥିବା ପରିଲକ୍ଷିତ ହେଉଛି। ଏହି ବସ୍ ଚାଲିବା ଦ୍ୱାରା ଲୋକମାନେ ବହୁ ଉପକୃତ ହେଉଛନ୍ତି। ଲୋକଙ୍କୁ ଲୋକ ଯୋଡିବା ସହିତ ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ, ଚାଷୀଙ୍କୁ ମାର୍କେଟ ସହିତ ଯୋଡ଼ିବ, ପିଲାଙ୍କୁ ସ୍କୁଲ ନେବା ଆଣିବାରେ ସହାୟକ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ମାଆ ଓ ଛାତ୍ରଛାତ୍ରୀ ଏହି ବସରେ ଯାତାୟାତ କରିବା ପାଇଁ ମାତ୍ର ପାଞ୍ଚ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ସାଧାରଣ ଲୋକଙ୍କ ପାଇଁ କିଲୋମିଟର ପିଛା ଦର ଲାଗୁ ହେବ ବୋଲି ସୂଚନା ମିଳିଛି।




### ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଓ କର୍ମକର୍ତ୍ତା ନିର୍ବାଚନ

## ଆଶାତରୁ ନାୟକ ସଭାପତି ଓ ପ୍ରଫୁଲ୍ଲ ସ୍ୱାଇଁ ସମ୍ପାଦକ



ଧର୍ମଶାଳା, ୪।୩ (ସମିସ): ଅବସରପ୍ରାପ୍ତ କର୍ମଚାର ସଙ୍ଘର ୨୬ତମ ବାର୍ଷିକ ଉତ୍ସବ ଜାରକାସ୍ଥ ଧର୍ମଶାଳା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, ଅତିଥି ଭାବେ ମହାସଂଘର କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ଦାସ, ମହାସଂଘ ସଚିବ ଗୋକୁଳାନନ୍ଦ ବେହେରା, ଜିଲ୍ଲା ସଂଘ ସଭାପତି ରବି ଶତପଥୀ, ଅବସରପ୍ରାପ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ କୁମାର ଶତପଥୀ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ଏ ଅବସରରେ ସଂଘର ଅଧ୍ୟକ୍ଷ ଶ୍ରୀ ଦାସ ଓ ସଭାପତି ଶ୍ରୀ ଶତପଥୀ, ପ୍ରହଲାଦ ପାତ୍ର, ବିଦ୍ୟାଧର ବଳ, ରବୀନ୍ଦ୍ର ନାରାୟଣ ଦାଶ, ଅଭିରାମ ସାମନ୍ତରାୟ, ଗୋପୀନାଥ ସେଠୀ, ଉତ୍ସବ ପଣ୍ଡା, ଗୋପାଳ ଚନ୍ଦ୍ର ରାଉତ ଓ ଗଙ୍ଗାଧର ପରିଡ଼ାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ବଟକୃଷ୍ଣ ଓଝାଙ୍କ ସମ୍ପାଦନାରେ ସଂଘର ମୁଖପତ୍ର 'ଅବସର ଜ୍ୟୋତି'କୁ ଅତିଥିମାନେ ଲୋକାର୍ପଣ କରିବା ସହ କୃତି ଛାତ୍ର ସ୍ମୃତିରଞ୍ଜନ ମିଶ୍ର, ବିଶ୍ୱନାଥ ମହାରଣା ଓ ଛାତ୍ରୀ ସୋନାଲିସା ସାହୁଙ୍କୁ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସମ୍ପାଦକ ବିବେକାନନ୍ଦ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସୁନାକର ସାହୁ ଉପସ୍ଥିତ ଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ରଜ କିଶୋର ଦାଶ ମଙ୍ଗଳାଷ୍ଟକ ପାଠ କରିଥିଲେ। ବରିଷ୍ଠ ସଭ୍ୟ କରୁଣାକର ବରାଳ, ଅବସରପ୍ରାପ୍ତ ପ୍ରଧନ ଶିକ୍ଷକ ହୃଷିକେଶ ସାମଲ ଓ ଅମୂଲ୍ୟ ସୂତାର ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଆଶାତରୁ ନାୟକ ଧନ୍ୟବାଦ ଦେଇଥିଲେ।

ଅପରାହ୍ନରେ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଭ୍ୟ ଅଭିରାମ ନନ୍ଦ ଓ ରମାକାନ୍ତ ଜେନା ନିର୍ବାଚନ ପରିଚାଳନା କରିଥିଲେ। ସଭାପତି ଭାବେ ଆଶାତରୁ ନାୟକ, ଉପସଭାପତି ଭାବେ କରୁଣାକର ବରାଳ, ବିଜୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସହସମ୍ପାଦକ ଭାବେ ସୁବାସ ଚନ୍ଦ୍ର ବେହେରା, ଆଦିକନ୍ଦ ସ୍ୱାଇଁ, କେତକୀ ନାୟକ, ସଂଗଠନ ସମ୍ପାଦକ ଭାବେ ପୀତବାସ ପାତ୍ର ବଟକୃଷ୍ଣ ସାହୁ ଓ କୋଷାଧ୍ୟକ୍ଷ ଭାବେ ଭିକାରୀ ଚରଣ ମଲିକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।

## ଅନ୍ୱେଷଣର ସଭାପତିଙ୍କୁ କୋଣାର୍କ ରତ୍ନ ସମ୍ମାନ




**ଯାଜପୁର ଟାଉନ, ୪।୩ (ସମିସ)**

ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ତଥା ବରିଷ୍ଠ କଳାକାର ବୃନ୍ଦାବନ ମିଶ୍ରଙ୍କୁ କୋଣାର୍କ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଗତକାଲି କୋଣାର୍କରେ ସଙ୍ଗୀତ ମୁର୍ଚ୍ଛନା ଓ ଓଡ଼ିଶା ସଂସ୍କୃତି କଳା ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଓକା ଆଇଡ଼ଲ୍ ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ମହୋତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବିଶେଷକରି କଳାକାର, ସମାଜସେବୀ, କବି, ଲେଖକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ ମିଶ୍ର କୋଣାର୍କରେ କୋଣାର୍କ ରତ୍ନ ସମ୍ମାନ ପାଇଥିବାରୁ ଅନ୍ୱେଷଣର ସମସ୍ତ ସଦସ୍ୟ/ ସଦସ୍ୟା ଓ ଯାଜପୁରର ବିଭିନ୍ନ ସଂଗଠନର ବରିଷ୍ଠ ନାଗରିକ ଓ କଳାକାର ଅଭିନନ୍ଦନ ଜଣାଇବା ସହ ଖୁସି ପ୍ରକଟ କରିଛନ୍ତି। ଉକ୍ତ ଉତ୍ସବରେ ବହୁସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ବରୁଣେଶ୍ୱର କଲେଜରେ ୬ ନୂତନ ଅଧ୍ୟାପକ ନିଯୁକ୍ତ

**ପ୍ରୀତିପୁର, ୪।୩(ସମିସ):** ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟରେ ନୂତନ କରି ବିଭିନ୍ନ ବିଭାଗର ୬ ଜଣ ଅଧ୍ୟାପକ ଅଧ୍ୟାପିକାଙ୍କୁ ନିଯୁକ୍ତ କରାଯାଇଛି। ମହାବିଦ୍ୟାଳୟ ପକ୍ଷରୁ ଆଜି ନୂତନ ଅଧ୍ୟାପକ ଅଧ୍ୟାପିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବିଦ୍ୟୁରେଖା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ରହି ନବାଗତ ଇଂରାଜୀ ବିଭାଗର ଅଧ୍ୟାପିକା ରୋଜିନା ଡୁଙ୍ଗଡୁଙ୍ଗ, ଓଡିଆ ବିଭାଗ ଅଧ୍ୟାପିକା ଜ୍ୟୋସ୍ନାରାଣୀ ଯେନା, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ଅଙ୍କିତା କେରକେଟା, ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ବିଶ୍ୱରଞ୍ଜନ ସାହୁ, ବାଣିଜ୍ୟ ବିଭାଗ ଅଧ୍ୟାପକ ପର୍ଶୁରାମ ନାୟକ, ଅର୍ଥନୀତି ବିଭାଗ ଅଧ୍ୟାପକ ବିଶ୍ୱରଞ୍ଜନ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ଯୋଗଦେଇ ଶୃଙ୍ଖଳିତ ସମାଜ ଗଠନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେହିପରି ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା, ଉତ୍ତମ ଚରିତ୍ର ଗଠନ, ନିଷ୍ଠାପରତା, ପରୋପକାରିତା ସମେତ ପାଠ୍ୟକ୍ରମ ଆଦି କ୍ଷେତ୍ରରେ ସୁଦୃଢ କରିବାରେ ମଧ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ମହାବିଦ୍ୟାଳର ସୁନ୍ଦର ପରିବେଶ, ଶୈକ୍ଷିକ ବାତାବରଣ ଓ ଅଧ୍ୟକ୍ଷାଙ୍କ ଶୃଙ୍ଖଳା ଆମ୍ଭମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଅଧିକ ପ୍ରେରଣା ଯୋଗାଇଛି ବୋଲି ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟାପକ ଅଧ୍ୟାପିକା ପ୍ରକାଶ କରିଛନ୍ତି।

## ମାଗଣା ଚଷମା ବଣ୍ଟନ




**ବିଞ୍ଝାରପୁର, ୪।୩(ସମିସ):** ବିଞ୍ଝାରପୁର ବ୍ଲକର ସିଂହପୁର ପଞ୍ଚାୟତର କାକୁଡି ପଡ଼ିଆରେ ଅବସ୍ଥିତ ସରସ୍ୱତୀ ସାହିତ୍ୟ ମନ୍ଦିର ପରିସରରେ ଚକ୍ଷୁ ଚିକିତ୍ସା ଶିବିରରେ ଚିହ୍ନଟ ହୋଇଥିବା ଲୋକଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଛି। ଯାଜପୁର ଆଞ୍ଚଳିକ ଉନ୍ନୟନ କମିଟି କୋଲକାତା ଓ ସିଂହପୁର କ୍ରିକେଟ ଆସୋସିଏସନ, ଆଲୋକ ଫାଉଣ୍ଡେସନ ଆନୁକୂଲ୍ୟରେ ଏହି ବଣ୍ଟନ କରାଯାଇଛି। ସିଂହପୁର କ୍ରିକେଟ ଆସୋସିଏସନ ପ୍ରାୟୋଜିତ ଏହି ଶିବିରକୁ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ଆଞ୍ଚଳିକ କମିଟି କୋଲକାତାର ସଭାପତି ଅକ୍ଷୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ରୋଟାରିଆନ ଅଞ୍ଜନ କୁମାର ବେହେରା, ଶିକ୍ଷାବିତ୍ ଅଶୋକ କୁମାର ଧଳ, ରତ୍ନାକର ସାହୁ, ତ୍ରିଲୋଚନ ରାଉତ, ବସନ୍ତ କୁମାର ସାହୁ, ସୁଧାଂଶୁ ଧଳ, ଗନ୍ଧର୍ବ ଦାସ ପ୍ରମୁଖ ଯୋଗଦେଇ ଚଷମା ବଣ୍ଟନ କରିଥିଲେ।

## ବିଶିଷ୍ଟ କୀର୍ତ୍ତନ ଗୁରୁଙ୍କ ପରଲୋକ

ଧର୍ମଶାଳା, ୪।୩ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନସ୍ଥ ଦଇପୁର ଗ୍ରାମର ବିଶିଷ୍ଟ କୀର୍ତ୍ତନ ଗୁରୁ ଓ ଆକାଶବାଣୀ କଟକର ସ୍ୱୀକୃତିପ୍ରାପ୍ତ ଦାସକାଠିଆ ବାହକ ତଥା ଖ୍ୟାତନାମା ଗୁରୁ ଭାବେ ସୁନାମ ଅର୍ଜନ କରିଥିବା ଘନଶ୍ୟାମ ସ୍ୱାଇଁଙ୍କ (୮୫) ସୋମବାର ସକାଳ ୮ ଘଟିକା ସମୟରେ ପରଲୋକ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ କୀର୍ତ୍ତନ ଶିକ୍ଷା ପ୍ରଦାନ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଦୁଇଦିନ ତଳେ ହଠାତ ଅସୁସ୍ଥ ହେବାରୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲ ନିଆଯାଇଥିଲା। ଚିକିତ୍ସା ହୋଇ ଘରକୁ ଫେରିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ତାଙ୍କର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ, ଶିଷ୍ୟ, ଗ୍ରାମ ଲୋକେ ଗୃହରେ ପହଞ୍ଚି ଗଭୀର ଶୋକ ପ୍ରକାଶ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୁଦର୍ଶନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।



## ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର, ୪।୩(ସମିସ):** ଆସନ୍ତା ୯ ତାରିଖ ଶନିବାର ଜିଲ୍ଲା ଓ ଦୌରା ଅଦାଲତ ଯାଜପୁର ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜ୍ୟୋତିର୍ମୟୀ ଦାସ ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏଥିସହ ପ୍ରାକ୍ ମକଦ୍ଦମା ମାମଲା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମାର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏସବୁ ମକଦ୍ଦମା ବାବଦରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଓ ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନ ସେବା କମିଟି, ଯାଜପୁର ରୋଡ ଓ ଚଣ୍ଡିଖୋଲ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

### ଜେନାପୁର-ଜାବରା ବ୍ରିଜ୍

## ସୁରକ୍ଷାବାଡ଼ ମରାମତି ଓ ଆଲୋକୀକରଣ ଦାବି

**କବାଟବନ୍ଧ, ୪।୩ (ସମିସ)**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରଠାରେ ରସୁଲପୁର ବ୍ଲକକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ଉପରେ ଥିବା ଜେନାପୁର-ଜାବରା ବ୍ରିଜ୍‌ରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ବ୍ରିଜ୍‌ର ସୁରକ୍ଷା ବାଡ଼ ଦୁର୍ବଳ ହୋଇପଡ଼ିଥିବାବେଳେ ଆଲୋକୀକରଣ ବ୍ୟବସ୍ଥା ନାହିଁ। ତେଣୁ ସୁରକ୍ଷା ବାଡ଼ର ମରାମତି କରାଯିବା ସହ ଆଲୋକୀକରଣ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।



ସୂଚନା ମୁତାବକ, ଏହି ବ୍ରିଜର ଜେନାପୁର ପଟ ରାସ୍ତାରେ ଏକ ବୁଲାଣି ରହିଛି। ତେଣୁ ଏହି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିବାର ସମ୍ଭାବନା ଢ଼େର ଅଧିକ ଥାଏ। ରାସ୍ତା ଉପରୁ ଏହା ପ୍ରାୟ ୨୦ ଫୁଟର ଭୂମି ତଳକୁ ଗଭୀରତା ରହିଛି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହାର ଉଭୟ ପାର୍ଶ୍ୱରେ ଲୁହାର ସୁରକ୍ଷା ବାଡ଼ ଦିଆ ଯାଇଥିଲା। କିନ୍ତୁ କିଛିଦିନ ପରେ ଏହାକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଏଠାରେ ଆଲୋକୀକରଣ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଏଣୁ ଚୋରି ପାଇଁ ସୁଯୋଗ ସୃଷ୍ଟି କରୁଛି ଅନ୍ଧାର ରାତି। ଏ ନେଇ ବିଭାଗୀୟ ଅଧିକାରୀ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଜନଜୀବନ ପ୍ରଭାବିତ ହେଉଛନ୍ତି। ବିଭିନ୍ନ ସମୟରେ ଏଠାରେ ଆଲୋକୀକରଣ ବ୍ୟବସ୍ଥା ବା ହାଇମାଷ୍ଟ ଷ୍ଟ୍ରିଟଲାଇଟ ଲଗାଇବାକୁ ଦାବି ହୋଇଆସୁଛି। କିନ୍ତୁ ବିଭାଗୀୟ ଅଧିକାରୀ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଯାହାକି ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି କରୁଛି। ତୁରନ୍ତ ଏହାର ସୁରକ୍ଷା ବାଡ଼କୁ ମରାମତି କରି ଏଠାରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।




Government of Odisha | OSRTC | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

# ବିକାଶର ପ୍ରଗତିଶୀଳ ଯାତ୍ରା

## ଆମ ବସ୍ଷ୍ଟାଣ୍ଡ

ଉନ୍ନତ ପରିବହନ ବ୍ୟବସ୍ଥା ଏକ ଅଞ୍ଚଳର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିଥାଏ । ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୫-ଟି ରୁପାନ୍ତରୀକରଣ ଯୋଜନାରେ ବିଭିନ୍ନ ବ୍ଲକରେ ଉନ୍ନତ, ଆଧୁନିକ ଓ ସ୍ମାର୍ଟ 'ଆମ ବସ୍ଷ୍ଟାଣ୍ଡ' ନିର୍ମାଣ କରିଛନ୍ତି । 'ଆମ ବସଷ୍ଟାଣ୍ଡ'ରେ ଯାତ୍ରୀ, ଡ୍ରାଇଭର ଓ ସମସ୍ତ ସହକାରୀ କର୍ମଚାରୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରଙ୍କ ୫-ଟି ରୂପାନ୍ତରିତ ଯୋଜନାରେ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି ୪୩ଟି ବସ୍ଷ୍ଟାଣ୍ଡ । ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢ଼େଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୋନପୁର ଆଦି ୧୩ଟି ଜିଲ୍ଲାରେ ନିର୍ମିତ ଏହି ନୂତନ ବସ୍ଷ୍ଟାଣ୍ଡଗୁଡ଼ିକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି ।



### ଅତ୍ୟାଧୁନିକ ବ୍ୟବସ୍ଥା

ନବନିର୍ମିତ ବସ୍ଷ୍ଟାଣ୍ଡଗୁଡ଼ିକରେ ରହିଛି ଅତ୍ୟାଧୁନିକ ବ୍ୟବସ୍ଥା । ପ୍ରତ୍ୟେକ ସ୍ଥାନରେ ଯାତ୍ରୀମାନଙ୍କ ମନୋରଞ୍ଜନ ନିମନ୍ତେ ଏଲ୍ଇଡି ଟିଭି, ମୋବାଇଲ୍ ଚାର୍ଜ, ପିଇବା ପାଣି ଓ ଶୌଚାଳୟ ବ୍ୟବସ୍ଥା ରହିଛି । ଅନୁରୂପ ଭାବରେ ବସ୍ଷ୍ଟାଣ୍ଡ ନିକଟରେ ଆଇନଶୃଙ୍ଖଳା ରକ୍ଷା ବ୍ୟବସ୍ଥା, ଅତ୍ୟାଧୁନିକ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯାଇଛି । ବସ୍ଷ୍ଟାଣ୍ଡକୁ ସୁନ୍ଦର ଓ ଆକର୍ଷଣୀୟ କରିବା ଲାଗି ଚାରିପାଖରେ ସୁନ୍ଦର ଫୁଲଗଛ ଓ ଆଲୋକରେ ଆଲୋକିତ କରାଯାଇଛି । ସହରାଞ୍ଚଳ ବସ୍ଷ୍ଟାଣ୍ଡ ଭଳି ଉପାନ୍ତ ଦୁର୍ଗମ ଗ୍ରାମାଞ୍ଚଳରେ ବସ୍ଷ୍ଟାଣ୍ଡ ନିର୍ମାଣ ହୋଇଛି ଓ ଯାହାକୁ ସବୁ ବର୍ଗର ଲୋକମାନେ ପସନ୍ଦ କରିଛନ୍ତି ।

### ସହରର ପରିଚୟ

ଆମ ବସ୍ ଷ୍ଟାଣ୍ଡଗୁଡ଼ିକ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଛି ସତ; ମାତ୍ର ଏହା ବାସ୍ତବରେ ଲୋକଙ୍କ ସମ୍ପତ୍ତି ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସେ କହିଛନ୍ତି ଯେ ଧୋବା ତୁଠରୁ ଗାଁ ପରିମଳ ସମ୍ପର୍କରେ ସୂଚନା ମିଳିବା ପରି ବସଷ୍ଟାଣ୍ଡରୁ ସହର ସମ୍ପର୍କରେ ସୂଚନା ମିଳିଥାଏ । ତେଣୁ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି । ବସ୍ଷ୍ଟାଣ୍ଡଗୁଡ଼ିକ ସାଧାରଣ ଲୋକଙ୍କର ସମ୍ପତ୍ତି; ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସାଧାରଣ ଲୋକମାନେ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି ।

### ଉନ୍ନୟନର ଆଧାର

ଯୋଗାଯୋଗ ହେଉଛି ବିକାଶର ଆଧାର । ତେଣୁ ବସ୍ଷ୍ଟାଣ୍ଡଗୁଡ଼ିକ ଏହାର ପ୍ରାଣକେନ୍ଦ୍ର ହେବ । ନୂଆ ବସ୍ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟିକ କେନ୍ଦ୍ର ଭାବରେ ବିକଶିତ ହେବ ଓ ଏହାଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ । ନୂଆ ବସ୍ଷ୍ଟାଣ୍ଡ ମାଧ୍ୟମରେ ଗମନାଗମନ ବ୍ୟବସ୍ଥା ସୁବ୍ୟବସ୍ଥିତ ହୋଇପାରିବ ଏବଂ ରାଜ୍ୟର ପରିବହନ କ୍ଷେତ୍ରରେ ମାଇଲଖୁଣ୍ଟରେ ପରିଣତ ହେବ । '୫-ଟି' ଉପକ୍ରମରେ ଏହାକୁ ବ୍ୟବସ୍ଥିତ ଓ ବିକଶିତ କରାଯାଇଛି । ଫଳରେ ଲୋକମାନେ ଏହାଦ୍ୱାରା ବହୁଳ ଭାବରେ ଉପକୃତ ହେବେ । ଚାଷୀମାନେ ଲାଭବାନ ହେବେ, ପିଲାମାନେ ପାଠପଢ଼ା ପାଇଁ ଯାତାୟତରେ ସମସ୍ୟା ଭୋଗିବେ ନାହିଁ । ମହିଳାମାନେ ନିଜର ଉତ୍ପାଦକୁ ବିକ୍ରି ନିମନ୍ତେ ସ୍ୱଚ୍ଛନ୍ଦରେ ଯାତାୟତ କରିପାରିବେ ।




### ଗତିଶୀଳ ହେବ ରାଜ୍ୟ ଅର୍ଥନୀତି

ଆମ ବସ୍ ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବ । ଲୋକମାନେ ସହଜରେ ଅନ୍ୟତ୍ର ଯାତାୟତ କରିପାରିବେ । ଖରାବର୍ଷା ସମୟରେ ସେମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ; କିମ୍ବା ସେମାନଙ୍କର ସାମଗ୍ରୀ ମଧ୍ୟ ନଷ୍ଟ ହେବ ନାହିଁ । ଚାଷୀମାନେ ବସ୍ ଜରିଆରେ ସେମାନଙ୍କ ଉତ୍ପାଦ ବିକ୍ରି ନିମନ୍ତେ ସହରକୁ ଆଣିବାକୁ ସକ୍ଷମ ହେବେ । ସେହିପରି ଗ୍ରାମାଞ୍ଚଳରୁ ବିଭିନ୍ନ ସାମଗ୍ରୀ ସହରକୁ ସହଜରେ ଆସି ପାରିବ ।











କୌଣସି ଅଭିଯୋଗ ପଞ୍ଜୀକରଣ କରିବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
୧୮୦୦-୩୪୫-୧୧୨୨
grievance@osrtc.org
ଆମେ ଯଥାଶୀଘ୍ର ଆପଣଙ୍କ ସହ ଯୋଗାଯୋଗ କରିବୁ

# ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନରୁ ସାଇ ପ୍ରଣୀତଙ୍କ ଅବସର



ନୂଆଦିଲ୍ଲୀ,୪ ।୩(ଏଜେନ୍ସି): ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ତାରକା ବି ସାଇ ପ୍ରଣୀତ ସୋମବାର ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନରୁ ଅବସର ଘୋଷଣା କରିଛନ୍ତି । ୩୧ ବର୍ଷୀୟ ପ୍ରଣୀତ ଏବେ ପ୍ରଶିକ୍ଷକ ଭାବେ ନୂଆ ଇନିଂସ ଆରମ୍ଭ କରିବେ । ପ୍ରଣୀତ ୨୦୧୯ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ । ଦୀର୍ଘ ୩୬ ବର୍ଷ ପରେ ଭାରତକୁ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ପଦକ ମିଳିଥିଲା । 'ମୁଁ ମୋ ଖେଳ ଜୀବନରେ ଯାହା ପାଇଛି, ତାହାକୁ ନେଇ ସନ୍ତୁଷ୍ଟ । ମୁଁ ଅନେକ ଉତ୍‌ଥାନ ଓ ପତନ ଦେଇ ଗତି କରିଛି । ଏହା ମଧ୍ୟରେ ମୁଁ ଅନେକ କିଛି କରିପାରିଥାନ୍ତି । କିନ୍ତୁ ତାହା ସମ୍ଭବ ହେଲା ନାହିଁ । ତେବେ ମୋତେ ଭାରତର ଅନ୍ୟତମ ଶ୍ରେଷ୍ଠ ଏକକ ଖେଳାଳି ଭାବେ ବିବେଚନା କରାଯାଉଥିବାରୁ ମୁଁ ବେଶ ଆନନ୍ଦିତ । ବିଶ୍ୱ ଚାମ୍ପିଅନସିପ ପଦକ ଜିତିବା ମୋ ଜୀବନର ଶ୍ରେଷ୍ଠ ଅବଦାନ । ସେହି ସମୟରେ ଅଲିମ୍ପିକ ପଦକ ଜିତି ନ ପାରିବା ମଧ୍ୟ ନିଶ୍ଚିତଭାବେ ଏକ ଶ୍ରେଷ୍ଠ ବିଫଳତା ବୋଲି ଅନୁଭବ କରୁଛି । ଏହା ମୋତେ ସବୁଦିନେ କଷ୍ଟ ଦେଉଥିବ । ସେ ଆହୁରି କହନ୍ତି, ଗତ କିଛିବର୍ଷ ହେଲା ମୋର ପ୍ରଦର୍ଶନ ଆଦୌ ଭଲ ନ ଥିଲା । ଏହା ମଧ୍ୟରେ କିଛି ଆହତ ସମସ୍ୟାରୁ ମୁଁ ମୁକୁଳି ପାରି ନଥିଲି । ଏଣୁ ଏହି ସମୟରେ ମୁଁ ଅନ୍ତର୍ଜାତୀୟ ଖେଳରୁ ଅବସର ନେବାକୁ ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ଅନୁଭବ କରିଥିଲି । ଏଣୁ ଅବସର ନେବାକୁ ନିଷ୍ପତ୍ତି ନେଇଥିଲି । ଏବେ ସେ ଆମେରିକାରେ ପ୍ରଶିକ୍ଷକ ଭାବେ ନର୍ଥ କାରୋଲିନାର ଏକ କ୍ଲବ୍‌ରେ ଯୋଗଦେବେ । ବିଶ୍ୱର ପ୍ରଭାବୀ ଖେଳାଳି ତୌଫିକ୍ ହିଦାୟତ୍‌ଙ୍କୁ ହରାଇ ଅନ୍ତର୍ଜାତୀୟ ସ୍ତରରେ ଚମକ ପ୍ରଦର୍ଶନ କରିଥିଲେ । ଏହା ପରେ କିଦାମ୍ବିଙ୍କୁ ହରାଇ ସିଙ୍ଗାପୁର ଓପନ, ଦୁଇଥର ଥାଇଲାଣ୍ଡ ଓପନ ଜିତିଥିଲେ । କିନ୍ତୁ ସେ ତାଙ୍କ ଦକ୍ଷତା ଅନୁଯାୟୀ ବିଶ୍ୱରେ ପ୍ରଦର୍ଶନ କରିବାରେ ସମର୍ଥ ହୋଇ ପାରି ନ ଥିଲେ ।

## ରଣଜୀ ଟ୍ରଫି
# ୪୮ତମ ଫାଇନାଲରେ ମୁମ୍ବାଇ

**ମୁମ୍ବଇ,୪ ।୩(ଏଜେନ୍ସି)**

ରଣଜୀ ଟ୍ରଫିର ସଫଳତମ ଦଳ ମୁମ୍ବାଇ ପୁଣି ଥରେ ଶ୍ରେଷ୍ଠ ବିବେଚିତ ହେଉଥିବା ଏହି ଘରୋଇ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି । ସ୍ଥାନୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ମୁମ୍ବାଇ ମାତ୍ର ୩ ଦିନ ମଧ୍ୟରେ ଗୋଟିଏ ପାଳି ଓ ୭୦ ରନରେ ଦୁଇଥର ଚାମ୍ପିଅନ

- ତାମିଲନାଡୁ ଗୋଟିଏ ପାଳି ଓ ୭୦ ରନରେ ପରାସ୍ତ
- ଶାର୍ଦ୍ଦୁଳ ଶ୍ରେଷ୍ଠ ଖେଳାଳି

ତାମିଲନାଡୁକୁ ପରାସ୍ତ କରି ରେକର୍ଡ ୪୮ଥର ଫାଇନାଲକୁ ଉଠିଛି । ପ୍ରଥମ ପାଳିରେ ୧୦୯ ରନର ଲଢୁଆ ଶତକୀୟ ପାଳି ଖେଳିବା ସହ ମୋଟ୍ ୪ ୱିକେଟ ଅକ୍ତିଆର କରିଥିବା ମୁମ୍ବାଇ ତାରକା ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଆସନ୍ତା ୧୦ରୁ ୧୪ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଏବେ ମୁମ୍ବାଇ ପ୍ରଥମ ସେମିଫାଇନାଲର ବିଜେତା ବିଦର୍ଭ କିମ୍ବା ମଧ୍ୟପ୍ରଦେଶକୁ ଭେଟିବ । ଟସ୍ ଜିତି ତାମିଲନାଡୁ ପ୍ରଥମ ପାଳିରେ ୧୪୬ ରନକରି ଅଲଆଉଟ ହୋଇଥିଲା । ଜବାବରେ ମୁମ୍ବାଇ ପ୍ରଥମ ପାଳି ଆରମ୍ଭ କରି ସୋମବାର ତୃତୀୟ ଦିବସରେ ୧୦୬.୫ ଓଭରରେ ୩୭୮ ରନକରି ଅଲଆଉଟ ହୋଇଛି । ଫଳରେ ମୁମ୍ବାଇ ୨୩୨ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା । ଏହାପରେ ଦ୍ୱିତୀୟ ପାଳି ତାମିଲନାଡୁ ତୃତୀୟ ଦିବସରେ ୫୧.୫ ଓଭରରେ ୧୬୨ ରନକରି ଅଲଆଉଟ ହୋଇ ଆତ୍ମ ସମର୍ପଣ କରିଥିଲା ।

### ମୁଲାନୀଙ୍କୁ ୪ୱିକେଟ: ଇନ୍ଦ୍ରଜିତଙ୍କ ଅର୍ଦ୍ଧଶତକ

ଅସମାପ୍ତ ପ୍ରଥମ ପାଳି ସ୍କୋର ୩୫୩/୯ରୁ ଖେଳ ଆରମ୍ଭ କରି ମୁମ୍ବାଇ ୩୭୮ ରନକରି ଅଲଆଉଟ ହୋଇଥିଲା । ଓଭରନାଇଟ୍ ବ୍ୟାଟର ତନୁଷ କୋଟିଆନ୍ ୭୪ରୁ ଖେଳ ଆରମ୍ଭ କରି ୮୯ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ସେହିପରି ତୁଷାର ଦେଶପାଣ୍ଡେ ୧୭ରୁ ଖେଳ ଆରମ୍ଭ କରି ଯଥାକ୍ରମେ ଅପରାଜିତ ୨୬ ରନକରି ଆଉଟ ହୋଇଥିଲେ । ତାମିଲନାଡୁ ତରଫରୁ ସାଇ କିଶୋର ୬, କୁଲଦୀପ ସେନ ୨, ସନ୍ଦୀପ ୱାରିୟର ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ୱିକେଟ



ଅକ୍ତିଆର କରିଥିଲେ । ଏହାପରେ ତାମିଲନାଡୁ ଦ୍ୱିତୀୟ ପାଳି ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ହାର ମାନିଥିଲା । ଦଳ ତରଫରୁ ବାବା ଇନ୍ଦ୍ରଜିତ ୭୦, ପ୍ରଦୋଷ ରଞ୍ଜନ ପଲ ୨୫, ବିଜୟ ଶଙ୍କର ୨୪, ଅଧିନାୟକ ସାଇ କିଶୋର ୨୧ ରନକରି ଆଉଟ ହୋଇଥିବାବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରିନଥିଲେ । ମୁମ୍ବାଇ ତରଫରୁ ବୋଲିଂରେ ସାମ୍ସ ମୁଲାନି ସର୍ବାଧିକ ୪, ଶାର୍ଦ୍ଦୁଳ ଠାକୁର, ମୋହିତ ଅବସ୍ଥି ଓ ତନୁଷ କୋଟିଆନ ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।

### ଅମନ, ଯଶ, ଅକ୍ଷୟଙ୍କ ଅର୍ଦ୍ଧଶତକ
### ବିଦର୍ଭର ପ୍ରତ୍ୟାବର୍ତ୍ତନ

ନାଗପୁରରେ ଚାଲିଥିବା ମଧ୍ୟପ୍ରଦେଶ ବିପକ୍ଷ ପ୍ରଥମ ସେମିଫାଇନାଲରେ ବିଦଭ ପ୍ରତ୍ୟାବର୍ତ୍ତନ କରି ସ୍ଥିତି ଦୃଢ଼ କରିଛି । ପ୍ରଥମ ପାଳି ପଛରେ ପଡିଥିଲେ ମଧ ବିଦର୍ଭ ଦ୍ୱିତୀୟ ପାଳିରେ ଦୃଢ ବ୍ୟାଟିଂ କରିଛି । ଟସ୍ ଜିତି ବିଦର୍ଭ ପ୍ରଥମ ପାଳିରେ ୫୬.୪ ଓଭରରେ ୧୭୦ ରନକରି ଅଲଆଉଟ ହୋଇଥିଲା । ଜବାବରେ ମଧ୍ୟପ୍ରଦେଶ ୯୪.୩ ଓଭରରେ ୨୫୨ ରନକରି ଅଲଆଉଟ ହେବା ସହ ୮୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା । ଏହାପରେ ବିଦର୍ଭ ଦ୍ୱିତୀୟ ପାଳି ଆରମ୍ଭ କରି ସୋମବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୬ ୱିକେଟ ହରାଇ ୩୪୩ ରନ ସଂଗ୍ରହ କରିଛି । ଫଳରେ ୪ ୱିକେଟ ବାକି ରଖି ବିଦର୍ଭ ୨୬୧ ରନର ଅଗ୍ରଣୀ ହାସଲ କରିଛି । ଷ୍ଟମ୍ପ ଅପସାରଣ ବେଳକୁ ମଧ୍ୟକ୍ରମ ବ୍ୟାଟର ଯଶ ରାଠୋର ୯୭ ଓ ଆଦିତ୍ୟ ସରୱାତେ ୧୪ ରନକରି ଅପରାଜିତ ରହିଛନ୍ତି । ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୩/୧ରୁ ବିଦର୍ଭ ଖେଳ ଆରମ୍ଭ କରିଥିଲା । ଅପରାଜିତ ଥିବା ଧ୍ରୁବ ଶୋରେ ୧୦ ଓ ଅକ୍ଷୟ ୱାଖରେ ୧ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୪୦ ଓ ୧ ରନକରି ଆଉଟ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମନ ମୋଖାଡେ ୫୯, କରୁନା ନାୟର ୩୮, ଅଧିନାୟକ ଅକ୍ଷୟ ୱାଦେକର ୭୭ ରନ କରି ଆଉଟ ହୋଇଥିଲେ । ବୋଲିଂରେ ମଧ୍ୟପ୍ରଦେଶର କୁମାର କାର୍ତ୍ତିକେୟ ଓ ଅନୁଭବ ଅଗ୍ରୱାଲ ୨ଟି ଲେଖାଏ, ଆଭେସ ଖାନ୍ ଓ କୁଲୱନ୍ତ ଖେଜ୍ରୋଲିୟା ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ ।

# ପ୍ରଥମ ଟି-୨୦: ବାଂଲାକୁ ୩ ରନ୍‌ରେ ହରାଇଲା ଶ୍ରୀଲଙ୍କା

ସିଲହଟ, ୪।୩(ଏଜେନ୍ସି): ସାଦୀରା ସମରବିକ୍ରମ ଓ କୁଶାଲ ମେଣ୍ଡିସ୍‌ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଶ୍ରୀଲଙ୍କା ମାତ୍ର ୩ ରନ୍ ବ୍ୟବଧାନରେ ଆୟୋଜକ ବାଂଲାଦେଶକୁ ପରାସ୍ତ କରିଛି । ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଶ୍ରୀଲଙ୍କା ୧-୦ରେ ଆଗୁଆ ରହିଛି । ଏହି ମ୍ୟାଚ୍‌ରେ ମାତ୍ର ୨୧ଟି ବଲ୍‌ରୁ ୬ଟି ଛକା ସହ ଅପରାଜିତ ୪୪ ରନ୍ କରିଥିବା ଚାରିତ ଆଶାଲଙ୍କାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମାର୍ଚ୍ଚ ୬ରେ ଖେଳାଯିବ । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୩ ୱିକେଟରେ ୨୦୬ ରନ୍ କରିଥିଲା । ଦଳ ପକ୍ଷରୁ ସମରବିକ୍ରମ ୪୮ ବଲ୍‌ରେ ୮ ଚୌକା ଓ ୧ ଛକା ସହ ସର୍ବାଧିକ ୬୧, କୁଶାଲ ମେଣ୍ଡିସ୍ ୩୬ ବଲ୍‌ରେ ୬ ଚୌକା ଓ ୩ ଛକା ସହ ୫୯ ରନ୍ କରିଥିଲେ । ଜବାବରେ ବାଂଲାଦେଶ ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟ ବିନିମୟରେ ୨୦୩ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଜେକର ଅଲ୍ଲୀ ୩୪ ବଲ୍‌ରେ ୪ ଚୌକା ଓ ୬ଛକା ସହ ୬୮ ଏବଂ ମହମ୍ମୁଦୁଲା ୩୧ ବଲ୍‌ରେ ୨ ଚୌକା ଓ ୪ ଛକା ସହ ୫୪ ରନ୍ କରିଥିଲେ ମଧ ଏହା ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା । ଆଞ୍ଜେଲୋ ମାଥ୍ୟୁସ, ବିନୁରା ଫର୍ଣ୍ଣାଣ୍ଡୋ ଓ ଦାସୁନ ସାନକା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରି ଶ୍ରୀଲଙ୍କାକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# କମିନ୍ସ ସନ୍‌ରାଇଜର୍ସର ନୂଆ ଅଧିନାୟକ

**ହାଇଦରାବାଦ୍, ୪ ।୩ (ଏଜେନ୍ସି)**




ବିଶ୍ୱର ସବୁଠାରୁ ବ୍ୟୟବହୁଳ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ କ୍ରିକେଟ୍ ଲିଗ୍ ଆଇପିଏଲ୍‌ର ଆଗାମୀ ୧୭ତମ ସଂସ୍କରଣ ପୂର୍ବରୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଦଳରେ ବଡ଼ ପରିବର୍ତ୍ତନ ହୋଇଛି । ଆଇଡେନ ମାର୍କରାମଙ୍କ ସ୍ଥାନରେ ପ୍ୟାଟ୍ କମିନ୍ସଙ୍କୁ ସନ୍‌ରାଇଜର୍ସର ନୂତନ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି । ହାଇଦ୍ରାବାଦ୍ ଫ୍ରାଞ୍ଚାଇଜ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି ।

ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ବ୍ୟାଟର୍ ମାର୍କରାମଙ୍କ ନେତୃତ୍ୱରେ ସନ୍‌ରାଇଜର୍ସ ଆଇପିଏଲ୍‌ର ଗତ ସଂସ୍କରଣରେ ନୈରାଶ୍ୟଜନକ ପ୍ରଦର୍ଶନ କରି ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରହିଥିଲା । ଫଳରେ ଆଗାମୀ ସଂସ୍କରଣରେ ମାର୍କରାମ ନେତୃତ୍ୱ ସଙ୍କଟ ମଧ୍ୟରେ ରହିଥିଲା । ନିକଟରେ ଶେଷ ହୋଇଥିବା ଖେଳାଳି ନିଲାମୀରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜେତା ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ହାଇଦ୍ରାବାଦ୍ ୨୦.୫୦ କୋଟି ଟଙ୍କା ବ୍ୟୟରେ କ୍ରୟ କରିଥିଲା । ଏହାପରଠାରୁ ହିଁ କମିନ୍ସଙ୍କୁ ନେତୃତ୍ୱ ଭାର ମିଳିବ ବୋଲି ଚର୍ଚ୍ଚା ହୋଇଆସୁଥିଲା । ମୁଖ୍ୟ ପ୍ରଶିକ୍ଷକ ଡାନିଏଲ୍ ଭିଟ୍ଟୋରି ମଧ ମାର୍କରାମଙ୍କ ବିକଳ୍ପ ଭାବେ କମିନ୍ସଙ୍କୁ ଚୟନ କରିଥିଲେ । ଫଳରେ ଗତ ୧୨ ସଂସ୍କରଣ ମଧ୍ୟରେ କମିନ୍ସ ହାଇଦ୍ରାବାଦ୍‌ର ୧୦ମ ଅଧିନାୟକ ହୋଇଛନ୍ତି । କମିନ୍ସ ନିକଟ ଅତୀତରେ ଅଷ୍ଟ୍ରେଲିଆ ଦଳକୁ ଦୁଇଟି ବିଶ୍ୱସ୍ତରୀୟ ଟ୍ରଫି ଭେଟି ଦେଇଛନ୍ତି । ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଥିଲା । ଏହାପରେ ଗତବର୍ଷ ଶେଷ ଭାଗରେ ଭାରତରେ ଅନୁଷ୍ଠିତ ଆଇସିସି ଦିନିକିଆ ବିଶ୍ୱକପ୍ ଫାଇନାଲରେ ଘରୋଇ ଦଳକୁ ହରାଇ ବିଶ୍ୱବିଜେତା ହେବାର ସୌଭାଗ୍ୟ ଲାଭ କରିଥିଲା ।

# ରୟାଲ ଚ୍ୟାଲେଞ୍ଜର୍ସର ୩ୟ ବିଜୟ

**ବେଙ୍ଗାଲୁରୁ, ୪ ।୩ (ଏଜେନ୍ସି)**

ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୩ୟ ବିଜୟ ହାସଲ କରିଛି । ସୋମବାର ପ୍ରତିଯୋଗିତାର ଏକାଦଶ ମ୍ୟାଚରେ ଘରୋଇ ରୟାଲ୍ ଚ୍ୟାଲେଞ୍ଜର୍ସ ୨୩ ରନରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି । ବାଙ୍ଗାଲୋର ପକ୍ଷରୁ ଧାର୍ଯ୍ୟ ୧୯୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ୱାରିୟର୍ଜ ୮ ୱିକେଟ୍‌ରେ ୧୭୫ ରନ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଅଧିନାୟିକା ଆଲିସା ହେଲୀ ସର୍ବାଧିକ ୫୫ ରନ କରିଥିଲେ । ଦୀପ୍ତି ଶର୍ମା (୩୩ ରନ), ପୁନମ ଖେମନାର (୩୧) ଉପଯୋଗୀ ପାଳି ଖେଳିଥିଲେ ମଧ ଦଳକୁ ଜିତାଇପାରି ନ ଥିଲେ । ବିଜୟ ବାଙ୍ଗାଲୋର ପକ୍ଷରୁ ସୋଫି ଡିଭାଇନ, ଆଶା ସୋଭନା, ସୋଫି ମୋନିଲେକ୍ସ ଓ ଜର୍ଜିଆ ୱେରହାମ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ବିଜୟୀ ଦଳର ଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।



ସ୍ମୃତି ମନ୍ଧାନା

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ଅଧିନାୟିକା ସ୍ମୃତି ମନ୍ଧାନା ଓ ଏଲିସେ ପେରୀଙ୍କ ଅର୍ଦ୍ଧଶତକ ବଳରେ ୩ ୱିକେଟ ହରାଇ ୧୯୮ ରନର ବିଶାଳ ସ୍କୋର କରିଥିଲା । ଓପନିଂ ଆସିଥିବା ମନ୍ଧାନା ୫୦ ବଲରୁ ୩ ଛକା ଓ ୧୦ ଚୌକା ସହାୟତାରେ ୮୦ ରନ ଓ ପେରୀ ୩୭ଟି ବଲରୁ ୫୮ ରନ କରିଥିଲେ । ଉଭୟଙ୍କ ମଧ୍ୟରେ ୨ୟ ୱିକେଟ୍‌ରେ ୯୫ ରନର ଭାଗୀଦାରି ହୋଇଥିଲା । ବାଙ୍ଗାଲୋର ୫ମ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇଛି । ଅପରପକ୍ଷରେ ୱାରିୟର୍ଜ ୫ମ ମ୍ୟାଚରୁ ୩ୟ ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନକୁ ଖସିଛି । ଏହି ମ୍ୟାଚ୍ ସହ ବେଙ୍ଗାଲୁରୁ ପର୍ଯ୍ୟାୟ ଖେଳ ଶେଷ ହେଉଛି । ଏହାପରେ ମହିଳା ପ୍ରିମିୟର ଲିଗ୍‌ର ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକ ନୂଆଦିଲ୍ଲୀରେ ଖେଳାଯିବ ।

### ଡବ୍ଲ୍ୟୁପିଏଲ୍ ଖେଳିବାରେ ଏକତା ବୟୋଜ୍ୟେଷ୍ଠା

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଖେଳିବାରେ ଭାରତୀୟ ବାମହାତୀ ସ୍ପିନର ଏକତା ବିଷ୍ଟ ବୟୋଜ୍ୟେଷ୍ଠା କ୍ରିକେଟର୍ ହୋଇଛନ୍ତି । ସୋମବାର ଏଠାରେ ୟୁପି ୱାରିୟର୍ଜ ବିପକ୍ଷରେ ଖେଳି ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ମହିଳା ଦଳର ଏକତା ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସୋମବାର ଏହି ମ୍ୟାଚ୍ ଖେଳିବା ଅବସରରେ ଏକତାକୁ ୩୮ ବର୍ଷ ଓ ୨୫ ଦିନ ହୋଇଥିଲା । ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର (୩୫ ବର୍ଷ) ଏହି ରେକର୍ଡର ଅଧିକାରିଣୀ ରହିଥିଲେ । ୨୦୧୧ରେ ଭାରତ ପକ୍ଷରୁ ପଦାର୍ପଣ କରିଥିବା ଉତ୍ତର ପ୍ରଦେଶ ଆଲମୋର୍‌ର ଏକତା ବିଷ୍ଟ କ୍ୟାରିୟରରେ ଗୋଟିଏ ଟେଷ୍ଟ, ୬୩ ଦିନିକିଆ ଓ ୪୨ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩, ୯୮ ଓ ୫୩ ୱିକେଟ୍ ଅକ୍ତିଆର କରିଛନ୍ତି । ଗତ ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମୀରେ ରୟାଲ ଚ୍ୟାଲେଞ୍ଜର୍ସ ୩୦ ଲକ୍ଷ ଟଙ୍କା ମୂଲ୍ୟରେ ଏକତାଙ୍କୁ କ୍ରୟ କରିଥିଲା ।




# ବାଦ୍ ପଡ଼ିଲେ କନୱେ

**ଅକ୍‌ଲାଣ୍ଡ, ୪।୩(ଏଜେନ୍ସି):** ନ୍ୟୁଜିଲାଣ୍ଡ ତଥା ଚେନ୍ନାଇ ସୁପର କିଙ୍ଗସ ଓପନର ଡେଭନ କନୱେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଥମାର୍ଦ୍ଧରୁ ବାଦ୍ ପଡ଼ିଛନ୍ତି । ତାଙ୍କ ବୁଢ଼ା ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ଚାଲିଥିବା ଟେଷ୍ଟ ସିରିଜ୍‌ରୁ ମଧ ବାଦ୍ ପଡ଼ିଛନ୍ତି । ଏହି ବାମହାତୀ ଓପନର ଗତବର୍ଷ ଆଇପିଏଲ୍ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ତାଙ୍କୁ ସୁସ୍ଥ ହେବାକୁ ମେ ମାସ ଯାଏ ଅପେକ୍ଷା କରିବାକୁ ହେବ । ଫିଟ୍ ହେବା ପରେ ଯାଇ ତାଙ୍କୁ ଖେଳିବାକୁ ସୁଯୋଗ ମିଳିବ ବୋଲି ସିଏସ୍‌କେ ପକ୍ଷରୁ କୁହାଯାଇଛି । ଆମେ ତାଙ୍କୁ ମିସ୍ କରିବୁ ବୋଲି ନ୍ୟୁଜିଲାଣ୍ଡର ମୁଖ୍ୟ ପ୍ରଶିକ୍ଷକ ଗ୍ୟାରୀ ଷ୍ଟେଡ କହିଛନ୍ତି । ଆଘାତ ସମସ୍ୟାରୁ ମୁକୁଳିବା ଲାଗି ତାଙ୍କୁ ଅତି କମ୍‌ରେ ୮ସପ୍ତାହ ଲାଗିବ ବୋଲି ଜଣାଯାଇଛି । ଆଇପିଏଲ୍‌ରେ ଚେନ୍ନାଇ ପକ୍ଷରୁ ଦୁଇଟି ସିଜନ ଖେଳିବା ପରେ ଋତୁରାଜ ଗାଏକ୍ୱାଡଙ୍କ ସହ ପ୍ରାରମ୍ଭିକ ଯୋଡ଼ିରେ ବେଶ ସଫଳ ହୋଇଥିଲେ । ଏବେ ତାଙ୍କ ଅନୁପସ୍ଥିତିରେ ସିଏସ୍‌କେକୁ ନୂଆ ସମୀକରଣରେ ଖେଳିବାକୁ ପଡ଼ିବ । ଏହି ଦୁଇ ସିଜନରେ କନୱେ ୨୩ଟି ମ୍ୟାଚ୍ ଖେଳି ୯୨୪ ରନ୍ କରିଛନ୍ତି । ଏଥିରେ ସେ ଇନିଂସ ପ୍ରତି ୪୮.୬୩ ରନ୍ ସଂଗ୍ରହ କରିଥିଲାବେଳେ ୧୪୧.୨୮ ଷ୍ଟ୍ରାଇକ୍‌ରେଟ ରଖିଛନ୍ତି । ଗତବର୍ଷ ସେ ୧୬ଟି ମ୍ୟାଚ୍ ଖେଳି ୬୭୨ ରନ୍ କରିଥିଲେ । ଏହା ମଧ୍ୟରୁ ଫାଇନାଲରେ ଦ୍ରୁତ ୪୭ ରନ୍ ବେଶ ପ୍ରଭାବ ପକାଇଥିଲା ।



## ଆଇପିଏଲ୍: ଫେସ୍‌ବୁକ ପୋଷ୍ଟକୁ ନେଇ ଚର୍ଚ୍ଚା
# ନୂଆ ଭୂମିକାରେ ଅବତୀର୍ଣ୍ଣ ହେବେ ଧୋନି



**ନୂଆଦିଲ୍ଲୀ,୪ ।୩(ଏଜେନ୍ସି)**

ଭାରତର ପୂର୍ବତନ ତଥା ଚେନ୍ନାଇ ସୁପର କିଙ୍ଗ୍‌ସ (ସିଏସକେ) ଅଧିନାୟକ ମହେନ୍ଦ୍ର ସିଂ ଧୋନି ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୭ତମ ସଂସ୍କରଣରେ ନୂଆ ଭୂମିକାରେ ଅବତୀର୍ଣ୍ଣ ହେବେ । ସୋମବାର ସେ ସାମାଜିକ ଗଣମାଧ୍ୟମ ଫେସବୁକ୍‌ରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି । 'ନୂଆ ସିଜନ ଓ ନୂଆ ଭୂମିକା ପାଇଁ ଅପେକ୍ଷା କରିପାରିବି ନାହିଁ' ବୋଲି ସେ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ତେବେ କେଉଁ ଭୂମିକାରେ ନଜର ଆସିବେ ସେ ନେଇ ସ୍ପଷ୍ଟ କରିନାହାନ୍ତି । ତେଣୁ ପ୍ରଶଂସକମାନେ ସଂଶୟରେ ରହିଛନ୍ତି । ଦେଶ ଓ ବିଦେଶରେ ଧୋନିଙ୍କର ଅଗଣିତ ପ୍ରଶଂସକ ରହିଛନ୍ତି । ଚେନ୍ନାଇ ସୁପର କିଙ୍ଗ୍‌ସ (ସିଏସକେ) ତରଫରୁ ସେ କେଉଁ ଦାୟିତ୍ୱ ନେବେ ସେ ନେଇ ପ୍ରଶଂସକମାନେ ଆକଳନ, ଅନୁମାନ ଓ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି ।

### ଧୋନି ୫ଥର ଚେନ୍ନାଇକୁ ଆଇପିଏଲ ଚାମ୍ପିଅନ କରାଇଛନ୍ତି

ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ୫ଥର ଆଇପିଏଲ ଟାଇଟଲ ହାସଲ କରି ମୁମ୍ବାଇ ଇଣ୍ଡିଆନ୍ସର ସମକକ୍ଷ ହୋଇଛି । ଧୋନି ଭାରତ ତଥା ଆଇପିଏଲର ଅନ୍ୟତମ ସଫଳ ଅଧିନାୟକ ବିବେଚିତ ହେଉଛନ୍ତି । ଗତ ୨୦୨୩ ସଂସ୍କରଣରେ ମଧ ଧୋନି ଚେନ୍ନାଇକୁ ଚାମ୍ପିଅନ କରାଇଥିଲେ । ଫାଇନାଲରେ ଚେନ୍ନାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରି ବାଜି ମାରିଥିଲା । ଧୋନି ମଧ ଏକମାତ୍ର ଭାରତୀୟ ଅଧିନାୟକ ଭାବେ ୩ଟି ଆଇସିସି ଟ୍ରଫି ଜିତିଛନ୍ତି । ତାଙ୍କ ନେତୃତ୍ୱରେ ଭାରତ ୨୦୦୭ ଟି-୨୦ ବିଶ୍ୱକପ୍, ୨୦୧୧ ଦିନିକିଆ ବିଶ୍ୱକପ୍ ଓ ୨୦୧୩ ଚାମ୍ପିଅନ୍ସ ଟ୍ରଫି ହାସଲ କରିଥିଲା । ସେ ମଧ ବିଶ୍ୱ ଟେଷ୍ଟ ମାନ୍ୟତାରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇଥିଲେ ।

## ଅଲ୍‌ଇଣ୍ଡିଆ ସୁପର୍ ସିରିଜ କନିଷ୍ଠ ଟେନିସ
# ଶ୍ରେୟାଂଶ, ଆୟୁଷ, ସୂର୍ୟାଂଶଙ୍କ ଅଗ୍ରଗତି

**ଭୁବନେଶ୍ୱର, ୪ ।୩ (ସମିସ)**

ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ ଓଟିଏ ଅଲ୍‌ଇଣ୍ଡିଆ ସୁପର୍ ସିରିଜ କନିଷ୍ଠ ଟେନିସ (୧୨ ବର୍ଷ ଓ ୧୪ ବର୍ଷରୁ କମ୍) ପ୍ରତିଯୋଗିତାର ୩ୟ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୪ ବର୍ଷରୁ କମ୍ ବାଳକ ଏକକରେ ଓଡ଼ିଶାର ଶ୍ରେୟାଂଶ ଷଡ଼ଙ୍ଗୀ, ଆୟୁଷ ପଟ୍ଟନାୟକ, ସ୍ୱୟମ ସାହୁ, ରୟାଂଶ ଦାସ, ସୂର୍ୟାଂଶ ପଟ୍ଟନାୟକ, ଶ୍ରେୟାନ ପଟ୍ଟନାୟକ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ସେହିଭଳି ଏହି ବୟସବର୍ଗର ବାଳିକା ଏକକରେ ଓଡ଼ିଶାର ସାଇରୂପି ମହାନ୍ତି ଓ ଏସ୍‌କେ ସଜଫା ନିଜ ନିଜର ରାଉଣ୍ଡ-୩୨ ମ୍ୟାଚରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି । ଅପରପକ୍ଷରେ ୧୨ ବର୍ଷରୁ କମ୍ ବାଳକ ଏକକରେ ଏକମାତ୍ର ଘରୋଇ ଖେଳାଳି ସୂର୍ୟାଂଶ ଆଟୋଇ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି । ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୮୮ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଆୟୋଜକ ଓଡ଼ିଶା ସମେତ ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ଆସାମ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଓ ପୁଡୁଚେରୀରୁ ଖେଳାଳିମାନେ ଭାଗନେଇଛନ୍ତି । ପୂର୍ବରୁ ଓଟିଏ ସମ୍ପାଦକ ତଥା ଅବସରପ୍ରାପ୍ତ ଆଇପିଏସ୍ ସତ୍ୟଜିତ୍ ମହାନ୍ତି, ଓଟିଏ ଯୁଗ୍ମ ସମ୍ପାଦକ ତଥା ପୋଲିସ କମିସନର ସଞ୍ଜୀବ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟିତ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରତି ବର୍ଗର ଚାମ୍ପିଅନ ଖେଳାଳିଙ୍କୁ ୫୦ ପଏଣ୍ଟ ଓ ରନର୍ସଅପ୍ ଖେଳାଳିଙ୍କୁ ୪୦ ପଏଣ୍ଟ ମିଳିବ ।



ଧର୍ମଶାଳାରେ ମାର୍ଚ୍ଚ ୭ରୁ ଭାରତ-ଇଂଲଣ୍ଡ ପଞ୍ଚମ ଟେଷ୍ଟ

# ପ୍ରଥମ ଦିନ ସାମାନ୍ୟ ବର୍ଷା ଓ କୋହଲା ପାଗ

**ଧର୍ମଶାଳା, ୪।୩(ଏଜେନ୍ସି)**

ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଷ୍ଟାଡିୟମ୍‌ରେ ମାର୍ଚ୍ଚ ୭ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ। ଏଠାରେ ପାଗ ଇଂଲଣ୍ଡ ଦଳକୁ ସୁହାଇବ ବୋଲି ଆଶା କରାଯାଉଛି। ସ୍ଥାନୀୟ ପାଣିପାଗ ଅଫିସ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ମ୍ୟାଚ୍‌ର ପ୍ରଥମ ଦିନ ଅର୍ଥାତ୍ ମାର୍ଚ୍ଚ ୭ ତାରିଖରେ ତାପମାତ୍ରା ୫ରୁ ୭ ଡିଗ୍ରି ମଧ୍ୟରେ ରହିବ। ଏଭଳି ପାଗ ଇଂଲଣ୍ଡକୁ ବେଶ ସୁହାଇବ। ଏଣୁ ଏଠାରେ ଦଳର ପଲା ଭାରି ରହିବ ବୋଲି ଆଶା କରାଯାଉଛି। ଏହା ପୂର୍ବରୁ ରାଞ୍ଚିରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତ ବିଜୟୀ ହେବା ପରେ ଇଂଲଣ୍ଡ ସିରିଜ୍ ହାରିଯାଇଥିଲା। ଭ୍ରମଣକାରୀ ଦଳ ପ୍ରଥମ ଟେଷ୍ଟକୁ ୨୮ ରନ୍‌ରେ ଜିତିନେବା ପରେ କ୍ରମାଗତ ୩ଟି ଟେଷ୍ଟରେ ପରାଜିତ ହୋଇଥିଲା। ଏହା ଫଳରେ ଭାରତ ଧର୍ମଶାଳାରେ ୫ମ ମ୍ୟାଚ୍ ଖେଳାଯିବା ପୂର୍ବରୁ ୩-୧ ବ୍ୟବଧାନରେ ଆଗୁଆ ସିରିଜ୍ କବ୍‌ଜା କରିନେଇଥିଲା। ଏହି ସିରିଜ୍ ଯଦି ୨-୧ରେ କିମ୍ବା ୨-୨ରେ ରହିଥାନ୍ତା ତେବେ ଧର୍ମଶାଳାରେ ଏକ ଚମତ୍କାର ଟେଷ୍ଟ ମୁକାବିଲା ଦେଖିବାକୁ ମିଳିଥାନ୍ତା। ଏବେ ସିରିଜ୍‌ର ଫଳାଫଳ ନିର୍ଣ୍ଣିତ ହୋଇସାରିଛି। ତଥାପି ଘରୋଇ ପରିବେଶ ଓ ଜଳବାୟୁ ପାଇଥିବା ଇଂଲଣ୍ଡ ଦଳ ଏଠାରେ ନିଶ୍ଚିତ ବିଜୟ ହାସଲ କରିବାକୁ ଚେଷ୍ଟା କରିବ। ସେହିପରି ଭାରତ ମଧ୍ୟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ପ୍ରଥମ ସ୍ଥାନ ବଜାୟ ରଖିବାଲାଗି ଏହି ମ୍ୟାଚ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ। ନିକଟରେ ନ୍ୟୁଜିଲାଣ୍ଡକୁ



ୱେଲିଂଟନ ଟେଷ୍ଟରେ ହରାଇବା ପରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନରେ ରହିଛି। ଏଣୁ ସିରିଜ୍‌ର ଫଳାଫଳ ବାହାରିଯାଇଥିଲେ ମଧ୍ୟ ଏହି ମ୍ୟାଚ୍‌ଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଅନୁମାନ କରାଯାଇପାରେ।

### ଧର୍ମଶାଳା ପାଣିପାଗ ରିପୋର୍ଟ

ହିମାଚଳ ପ୍ରଦେଶ ପାଣିପାଗ ବିଭାଗ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଭାରତ-ଇଂଲଣ୍ଡ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଅର୍ଥାତ୍ ମାର୍ଚ୍ଚ ୭ ତାରିଖ ଧର୍ମଶାଳାରେ ହାଲ୍‌କା ବର୍ଷା ହେବା ସହ ପାଗ କୋହଲା ରହିବ। ମ୍ୟାଚ୍ ଆରମ୍ଭ ହେଲାବେଳେ ଅର୍ଥାତ ସକାଳ ବେଳା ତାପମାତ୍ରା ୫ ଡିଗ୍ରି ସେଲସିୟସ ରହିବ। ଆକାଶ ମେଘାଚ୍ଛନ୍ନ ରହିବା ସହ ଥଣ୍ଡା ପବନ ବହିବ। ଅବଶ୍ୟ ଅପରାହ୍ଣରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟି ୭ ଡିଗ୍ରି ସେଲସିୟସରେ ପହଞ୍ଚିବ। କିନ୍ତୁ ସନ୍ଧ୍ୟାରେ ଏହା ୪ ଡିଗ୍ରି ଛୁଇଁବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। କିନ୍ତୁ ଅନ୍ୟ ଦିନ ପାଗରେ ଯଥେଷ୍ଟ ଉନ୍ନତି ହେବ। ତାପମାତ୍ରା ୧୧ରୁ ୨୧ ଡିଗ୍ରି ମଧ୍ୟରେ ରହିବ। ଏଣୁ ଖେଳିବାରେ ବିଶେଷ ଅସୁବିଧା ପରିଲକ୍ଷିତ ହେବ ନାହିଁ ବୋଲି ଆଶା କରାଯାଉଛି।

ଭାରତୀୟ ପିଚ୍‌ରେ ଏଯାଏ ସ୍ପିନରଙ୍କ ଦବ୍‌ଦବା ରହିଛି। ଏପରିକି ପେସ୍ ବୋଲିଂ ଉପରେ ଭରସା ରଖୁଥିବା ଇଂଲଣ୍ଡ ଦଳ ଏଠାରେ ୪ଜଣ ସ୍ପିନରଙ୍କୁ ନେଇ ମୁକାବିଲା କରିବାର ନଜିର ରହିଛି। ଧର୍ମଶାଳାରେ ସ୍ପିନରଙ୍କୁ ସହାୟତା ମିଳିବା ସମ୍ଭାବନା କମ୍। ଏଣୁ ଇଂଲଣ୍ଡ ଦଳ ତାହାର ପେସ୍ ବୋଲରଙ୍କୁ ଚଳିତ ସିରିଜ୍‌ରେ ଏକତ୍ର ଖେଳାଇବାକୁ ଏଠାରେ ସୁଯୋଗ ପାଇପାରେ। ପେସ୍ ବୋଲିଂରେ ଭାରତ ମଧ୍ୟ ପଛରେ ନାହିଁ। ଦଳର ଉପଅଧିନାୟକ ତଥା ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍ ଲାଗି ଦଳକୁ ଫେରିଛନ୍ତି। ମହମ୍ମଦ୍ ସିରାଜ ଓ ଆକାଶ ଦୀପଙ୍କ ଭଳି ବୋଲର ମଧ୍ୟ ରହିଛନ୍ତି। ଏଣୁ ପିଚ୍ ପେସ୍ ବୋଲିଂକୁ ସୁହାଇଲେ, ମୁକାବିଲା ମଧ୍ୟ ବରାବର ହେବ। ସେହିପରି ଇଂଲଣ୍ଡର ୪୨ ବର୍ଷିୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନଙ୍କୁ ଫାଇଦା ମିଳିବ। ଏହି ଟେଷ୍ଟ ପୂର୍ବରୁ ଆଣ୍ଡରସନ ୧୮୬ଟି ଟେଷ୍ଟ ମ୍ୟାଚ୍ ଖେଳି ୬୯୮ଟି ୱିକେଟ ନେଇସାରିଛନ୍ତି। ଧର୍ମଶାଳା ପିଚ୍ ଯଦି ଫାଷ୍ଟ ବୋଲରଙ୍କୁ ସୁହାଏ, ତେବେ ଆଣ୍ଡରସନ ବିଶ୍ୱର ତୃତୀୟ ତଥା ପ୍ରଥମ ଫାଷ୍ଟ ବୋଲର ଭାବେ ଟେଷ୍ଟ କ୍ରିକେଟରେ ୭୦୦ ୱିକେଟ ହାସଲ କରିବେ। ଏବେ ସୁଦ୍ଧା ଦୁଇ ସ୍ପିନର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ୧୩୩ଟି ମ୍ୟାଚ୍‌ରେ ୮୦୦ ୱିକେଟ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି। ତାଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅଷ୍ଟ୍ରେଲିଆର ସେନ୍ ୱର୍ଣ୍ଣ। ୱର୍ଣ୍ଣ ୧୪୫ ଟେଷ୍ଟ ଖେଳି ୭୦୮ଟି ୱିକେଟ ହାସଲ କରିଛନ୍ତି। ସେହିପରି ଭାରତର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଯଦି ଏଠାରେ ଖେଳିବାର ସୁଯୋଗ ମିଳେ, ତେବେ ସେ ଭାରତର ୧୪ତମ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୧୦୦ତମ ମ୍ୟାଚ୍‌ରେ ପଦାର୍ପଣ କରିବେ। ସେହିପରି ଇଂଲଣ୍ଡର ଜନି ବେୟାରଷ୍ଟୋଙ୍କୁ ସୁଯୋଗ ମିଳିଲେ ସେ ମଧ୍ୟ ୧୦୦ତମ ଟେଷ୍ଟରେ ପଦାର୍ପଣ କରିବେ।



## ଲଣ୍ଡନରୁ ଭାରତ ଫେରିଲେ ରାହୁଲ

**ନୂଆଦିଲ୍ଲୀ,୪।୩(ଏଜେନ୍ସି):** ଆହତ ହୋଇ ଟେଷ୍ଟ ସିରିଜରୁ ବାଦ୍ ପଡିଥିବା ଭାରତୀୟ ମଧ୍ୟକ୍ରମ ବ୍ୟାଟର ଲୋକେଶ ରାହୁଲ ଇତିମଧ୍ୟରେ ନିଜର ଚିକିତ୍ସା କରାଇ ଲଣ୍ଡନରୁ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଣ୍ଡନରେ ସେ ଅଭିଜ୍ଞ ଚିକିତ୍ସା ବିଶେଷଜ୍ଞଙ୍କ ପରାମର୍ଶ ନେଇଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ଫିଟ୍‌ନେସ ହାସଲ ତଥା ରିହାବ ପାଇଁ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଅଛନ୍ତି। ହାଇଦରାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବା ଅବସରରେ ସେ ଆହତ ହୋଇଥିଲେ। ଜଙ୍ଘର ଉପରଭାଗ ମାଂସପେଶୀରେ ସେ ଆଘାତ ପାଇଥିଲେ। ଏହାପରେ ସେ ବାକି ସିରିଜରୁ ବାଦ୍ ପଡିଥିଲେ ଓ ଗତ ୩ଟି ଟେଷ୍ଟ ଖେଳିପାରି ନଥିଲେ। ଏବେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ତରଫରୁ ଖେଳିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏବେ ସେ ଖେଳିବା ପାଇଁ ଏନ୍‌ସିଏଠାରୁ ରିଟର୍ଣ୍ଣ ଟୁ ପ୍ଲେ ପ୍ରମାଣପତ୍ର ଦାଖଲ କରିବା ଜରୁରୀ ବୋଲି କୁହାଯାଇଛି। ଗତବର୍ଷ ଆଇପିଏଲ ଅବସରରେ ମଧ୍ୟ ସେ ଆହତ ହୋଇଥିଲେ।

# ନିଖିଳ ଓଡ଼ିଶା ଓପନ ସ୍ନୁକର ଆରମ୍ଭ

**ଭୁବନେଶ୍ୱର, ୪।୩ (ସମିସ):** ବିଲିୟାର୍ଡ୍‌ସ ଓ ସ୍ନୁକର ଆସୋସିଏସନ (ବିଓଏସ୍‌ଓ) ଆନୁକୂଲ୍ୟରେ ପ୍ରଥମ ନିଖିଳ ଓଡ଼ିଶା ୬ ରେଡ୍‌ବଲ ଓପନ ବା ଫଟାପଟ ସ୍ନୁକର ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଭୁବନେଶ୍ୱର କ୍ଲବ୍ ପରିସରରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବିଓଏସ୍‌ଓ ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅସିତ ତ୍ରିପାଠୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଲବ୍‌ର ବିଲିଆର୍ଡ୍ସ ଅଧିକାରୀ କୌଶିକ ମହାପାତ୍ର,



ବିଓଏସ୍‌ଓର ସମ୍ପାଦକ ସମୀର ଅଲ୍ଲୀ, ଉପସଭାପତି ଅଶୋକ ଦାସ, ପାଟ୍ରନ ପ୍ରବୀର ସିଂଦେଓ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଏହିଅବସରରେ ଟୁର୍ଣ୍ଣାମେଣ୍ଟର ଜର୍ସି ଉନ୍ମୋଚନ କରାଯାଇଥିଲା।

ପ୍ରଥମଦିନ ଖେଳାଯାଇଥିବା ମ୍ୟାଚ୍‌ରେ ଗୋବିନ୍ଦ ରାଓ, ଶୁଭାଶିଷ ସେଠୀ, ଉଦ୍‌ଭାସ ମହାପାତ୍ର, ସିଦ୍ଧାର୍ଥ ସେନ୍, ଅଂଶୁମାନ ଦାଶ, ସୌଭାଗ୍ୟ ବେହେରା ଓ ଅମିୟରଞ୍ଜନ ନାୟକ ପ୍ରଭୃତି ଖେଳାଳି ବିଜୟୀ ହୋଇଛନ୍ତି। ଏହା ଫଳରେ ସମ୍ପାଦକ ସମୀର ଅଲ୍ଲୀ ଓ ମିଶାଲ ସ୍ୱାଇଁଙ୍କ ପରି ଖେଳାଳିଙ୍କୁ ପ୍ରଥମ ରାଉଣ୍ଡରେ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ଏହି ପ୍ରତିଯୋଗିତାରେ ମୋଟ ୩୩ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ସମସ୍ତ ବରିଷ୍ଠ ଖେଳାଳି ଯଥା ସୁବ୍ରତ ଦାସ, କୁନାଲ ମହାପାତ୍ର, ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ପ୍ରଥମଥର ଲାଗି ଏହି ପ୍ରତିଯୋଗିତାରେ ପୁରସ୍କାର ରାଶି ପ୍ରଦାନ କରାଯିବ। ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା, ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା, ସେମିଫାଇନାଲରେ ପରାଜିତ ଦୁଇ ଖେଳାଳିଙ୍କୁ ୫,୦୦୦ ଲେଖାଏଁ, କ୍ୱାର୍ଟର ଫାଇନାଲରେ ପରାଜିତ ୪ ଜଣ ଖେଳାଳିଙ୍କୁ ୨,୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ସର୍ବାଧିକ ବ୍ରେକ୍ ପଏଣ୍ଟ ହାସଲ କରିଥିବା ଖେଳାଳିଙ୍କୁ ୫,୦୦୦ ଟଙ୍କା ଦିଆଯିବ।

## ୱାଙ୍ଖେଡେରେ ଖେଳାଯିବ ରଣଜୀ ଫାଇନାଲ

**ମୁମ୍ବାଇ,୪।୩(ଏଜେନ୍ସି):** ଦେଶର ସର୍ବବୃହତ୍ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମ୍ୟାଚ୍ ଏଥର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ସୋମବାର ଏ ନେଇ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ସମ୍ପାଦକ ଅଜିଙ୍କ୍ୟ ନାଏକ ସୂଚନା ଦେଇଛନ୍ତି। ଫାଇନାଲ ମ୍ୟାଚ୍ ଆସନ୍ତା ୧୦ରୁ ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହେବ। ଟାଇଟଲ ପାଇଁ ମୁମ୍ବାଇ ଦ୍ୱିତୀୟ ସେମିଫାଇନାଲ ବିଜେତା ବିଦର୍ଭ କିମ୍ବା ମଧ୍ୟପ୍ରଦେଶକୁ ଭେଟିବ। ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୧ଥର ଟାଇଟଲ ଜିତିଥିବା ମୁମ୍ବାଇ ମୋଟ ଉପରେ ସବୁଠାରୁ ଅଧିକ ୪୮ ଥର ଫାଇନାଲରେ ପ୍ରବେଶ କରିଛି। ପାଖାପାଖି ୫୦ ବର୍ଷ ହେବ ୱାଙ୍ଖେଡେ ଷ୍ଟାଡିୟମ ମୁମ୍ବାଇ କ୍ରିକେଟ ଦଳର ଘରୋଇ ଷ୍ଟାଡିୟମ ଭାବେ ପରିଗଣିତ ହେଉଛି। ତେଣୁ ଏହି ପରମ୍ପରାକୁ ଦୃଷ୍ଟିରେ ରଖି ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ର ଗୁରୁତ୍ୱକୁ ଉପଲବ୍ଧି କରି ୱାଙ୍ଖେଡେ ଷ୍ଟାଡିୟମକୁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ର ଭେନ୍ୟୁ ରୂପେ ଚୟନ କରିଛୁ ବୋଲି ଅଜିଙ୍କ୍ୟ କହିଛନ୍ତି। ଘରୋଇ ପରିବେଶରୁ ଫାଇଦା ଉଠାଇ ମୁମ୍ବାଇ ଏଥର ପୁଣି ଥରେ ଚାମ୍ପିଅନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

● ଫେବୃଆରୀର ଶ୍ରେଷ୍ଠ ଆଇସିସି କ୍ରିକେଟର ପୁରସ୍କାର

## ଦୌଡ଼ରେ ଯଶସ୍ୱୀ ଜୟସ୍ୱାଲ



**ଦୁବାଇ,୪।୩(ଏଜେନ୍ସି):** ଗତମାସ ଅର୍ଥାତ ଫେବୃଆରୀ ମାସର ଶ୍ରେଷ୍ଠ ପୁରୁଷ କ୍ରିକେଟର ପୁରସ୍କାର ଦୌଡ଼ରେ ଭାରତୀୟ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରଥମଥର ପାଇଁ ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ଦୌଡ଼ରେ ଯଶସ୍ୱୀଙ୍କୁ ବାଦ୍‌ଦେଲେ ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟର କେନ୍ ୱିଲିୟମସନ ଓ ଶ୍ରୀଲଙ୍କାର ପଥୁମ ନିଶାଙ୍କା ମଧ୍ୟ ସାମିଲ ଅଛନ୍ତି। ସୋମବାର ଆଇସିସି ଏହି ପୁରସ୍କାର ପାଇଁ ଦୌଡ଼ରେ ସାମିଲଥିବା ପୁରୁଷ ଓ ମହିଳା ଖେଳାଳିଙ୍କୁ ନେଇ ସଂକ୍ଷିପ୍ତ ତାଲିକା ଘୋଷଣା କରିଛି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଜୟସ୍ୱାଲ ସର୍ବାଧିକ ରନ୍ ସ୍କୋରର ବିବେଚିତ ହୋଇଛନ୍ତି। ସେ ୪ଟି ଟେଷ୍ଟ ଖେଳି ୮ଟି ପାଳିରୁ ଏପର୍ଯ୍ୟନ୍ତ ୬୫୫ ରନ ସଂଗ୍ରହ କରିଛନ୍ତି। ୨୨ ବର୍ଷୀୟ ଜୟସ୍ୱାଲ ବିଶାଖାପଟଣା ଓ ରାଜକୋଟ ଟେଷ୍ଟରେ କ୍ରମାଗତ ଦୁଇଟି ଦ୍ୱିଶତକ ଅର୍ଜନ କରିଥିଲେ। ଡନ୍ ବ୍ରାଡମ୍ୟାନ ଓ ବିନୋଦ କାମ୍ବଲିଙ୍କ ପରେ ସେ ତୃତୀୟ ସର୍ବକନିଷ୍ଠ କ୍ରିକେଟର ଭାବେ ଦୁଇଟି ଟେଷ୍ଟ ଦ୍ୱିଶତକ ଅର୍ଜନ କରିଛନ୍ତି। ସେହିପରି ୱିଲିୟମସନ ଓ ନିଶାଙ୍କା ମଧ୍ୟ ଗତ ମାସରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ ମହିଳା ପୁରସ୍କାର ଦୌଡ଼ରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଦୁଇ ଖେଳାଳି କଭିଶା ଇଗୋଡେଗ୍ ଓ ଇଶା ଓଭାଙ୍କ ସମେତ ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ସାମିଲ ହୋଇଛନ୍ତି।

# ଇଷ୍ଟ ବେଙ୍ଗଲଠାରୁ ହାରିଲା ଓଏଫ୍‌ସି

ଆର୍‌ଏଫ୍‌ଡି ଲିଗ୍

**ଭୁବନେଶ୍ୱର, ୪।୩ (ସମିସ):** କୋଲକାତାରେ ଚାଲିଥିବା ରିଲାଏନ୍ସ ଫାଉଣ୍ଡେସନ ଡେଭଲପ୍‌ମେଣ୍ଟ (ଆର୍‌ଏଫ୍‌ଡି) ଲିଗ୍‌ରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ପରାଜୟବରଣ କରିଛି। ସୋମବାର ବାରାକପୋରେ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୨ ଗୋଲରେ ଘରୋଇ ଇଷ୍ଟ ବେଙ୍ଗଲ ଏଫ୍‌ସି ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୪୫+୨ ମିନିଟ)ରେ ଶ୍ୟାମଲ ବେସରାଙ୍କ ଗୋଲ୍ ବଳରେ ଇଷ୍ଟ ବେଙ୍ଗଲ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୮୮ତମ ମିନିଟ୍‌ରେ ଘରୋଇ ଦଳକୁ ଏକ ପେନାଲ୍ଟି ସୁଯୋଗ ମିଳିଥିଲା। ତନ୍ମୟ ଦାସ ଏହାର ଭରପୁର ଫାଇଦା ଉଠାଇ ଦଳର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୯୦+୩)ରେ ଓଡ଼ିଶା ଏଫ୍‌ସିର ରାଜା ହରିଜନ ଏକ ଗୋଲ ଶୁଝି ପରାଜୟ ବ୍ୟବଧାନକୁ କମାଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସିର ଏହା ୨ୟ ମୁକାବିଲାରୁ ପ୍ରଥମ ପରାଜୟ। ଭୁବନେଶ୍ୱରଭିତ୍ତିକ ଏହି ଦଳ ପ୍ରଥମ ମ୍ୟାଚରେ ୨-୧ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଥିଲା।

ଶ୍ରୀଲଙ୍କା ବିପକ୍ଷ ଦୃଷ୍ଟିହୀନ ଟି-୨୦ କ୍ରିକେଟ

## ସ୍ଥାନ ବଜାୟ ରଖିଲେ ୪ ଓଡ଼ିଆ

**କଟକ,୪।୩(ସମିସ):** ମାର୍ଚ୍ଚ ୧୧ରୁ ଭାରତ ଏବଂ ଶ୍ରୀଲଙ୍କା ବିପକ୍ଷ ୫ଟିକିଆ ଟି-୨୦ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ନୂଆଦିଲ୍ଲୀର କର୍ଣ୍ଣେଲ ସିଂହ ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବ। ସୋମବାର ଏ ନେଇ କାବି ପକ୍ଷରୁ ଜାତୀୟ ଦଳ ଘୋଷଣା କରାଯାଇଛି। ଘୋଷିତ ୧୭ ଜଣିଆ ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି। ଏମାନେ ହେଲେ ସୁଖରାମ ମାଝୀ, ନକୁଳ ବଡନାୟକ, ପଙ୍କଜ ଭୁଏ ଏବଂ ଦେବରାଜ ବେହେରା। ପାକିସ୍ତାନ ବିପକ୍ଷ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଉପରୋକ୍ତ ଚାରି ଖେଳାଳି ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ।

# ଭାରତୀୟ ପୁରୁଷ, ମହିଳା ଟିଟି ଦଳକୁ ଅଲିମ୍ପିକ ଟିକେଟ

**ନୂଆଦିଲ୍ଲୀ,୪।୩(ଏଜେନ୍ସି)**

ଭାରତୀୟ ପୁରୁଷ ଓ ମହିଳା ଟେବଲ ଟେନିସ (ଟିଟି) ଦଳ ପ୍ରଥମଥର ପାଇଁ ବିଶ୍ୱ ମାନ୍ୟତାକୁ ଭିତ୍ତିକରି ଅଲିମ୍ପିକ୍ସ ଟିକଟ ହାସଲ କରିଛି। ସୋମବାର ବିଶ୍ୱ ମାନ୍ୟତାକୁ ଆଧାର କରି ପୁରୁଷ ଓ ମହିଳା ଦଳ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଟିକଟ ହାସଲ କରିଛି। ଗତମାସ ଦକ୍ଷିଣ କୋରିଆର ବୁସାନରେ ଅନୁଷ୍ଠିତ ଅନ୍ତିମ ଅଲିମ୍ପିକ୍ସ କ୍ୱାଲିଫାଇଙ୍ଗ୍ ପ୍ରତିଯୋଗିତା ବିଶ୍ୱ ଟିମ୍ ଚାମ୍ପିଅନସିପ ଆୟୋଜିତ ହୋଇଥିଲା। ଏଥିରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଶେଷ ହେବା ପରେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ୭ଟି ସ୍ଥାନ ବାକି ରହିଥିଲା। ଅନ୍ତର୍ଜାତୀୟ ଟେବଲ ଟେନିସ ଫେଡେରେସନ




ସୋମବାର ଦଳଗୁଡିକର ବିଶ୍ୱମାନ୍ୟତାକୁ ଭିତ୍ତି କରି ଏହି ସ୍ଥାନଗୁଡିକ ଭାରତ ସମେତ ବିଭିନ୍ନ ଦେଶଗୁଡିକୁ ପ୍ରଦାନ କରିଛି। ମହିଳା ଇଭେଣ୍ଟରେ ଭାରତ ମାନ୍ୟତାର ୧୩ତମ ସ୍ଥାନରେ ରହିଛି। ଭାରତ ବ୍ୟତୀତ ପୋଲାଣ୍ଡ ଦ୍ୱାଦଶ, ସ୍ୱିଡେନ ୧୫ତମ ସ୍ଥାନରେ ରହି ଓ ଥାଇଲାଣ୍ଡ ମଧ୍ୟ ଅଲିମ୍ପିକ୍ସ ଟିକଟ ହାସଲ କରିଛି। ସେହିପରି ପୁରୁଷ ଇଭେଣ୍ଟରେ କ୍ରୋଏସିଆ ଦ୍ୱାଦଶ, ଭାରତ ୧୫ତମ, ସ୍ଲୋଭାନିଆ ୧୧ତମ ସ୍ଥାନରେ ରହି ଅଲିମ୍ପିକ୍ସ ଟିକଟ ହାସଲ କରିଛି। ପୂର୍ବରୁ ୨୦୦୮ରେ ପ୍ରଥମଥର ପାଇଁ ଭାରତ ଟିଟି ଇଭେଣ୍ଟରେ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ଟିମ୍ ଇଭେଣ୍ଟକୁ ସାମିଲ କରାଯାଇଥିଲା। ଏପର୍ଯ୍ୟନ୍ତ ଅବଶ୍ୟ ଭାରତ ଟିଟିରେ ଅଲିମ୍ପିକ୍ସ ପଦକ ହାସଲ କରିପାରି ନାହିଁ।

ROYAL HIGHER SECONDARY SCHOOL OF SCIENCE & TECHNOLOGY
(Royal College of Science & Technology)
BHUBANESWAR
Estd.-2003
The No.1 +2 Science college in Odisha
(Fully Residential)
FREE SUMMER COURSE*
Admission is going on
for 22nd Batch (Session 2024-25)
10 H.S.C TOPPER* + 10 ROYAL ENTRANCE TOPPER* = 20 FREE EDUCATION FOR 2 YEARS
FREE SCHOLARSHIP Rs.1 CRORE*(80% above marks)
ROYALITES MAINTAINING THE TRADITION OF EXCELLENCE EVERY YEAR IN CHSE RESULT
MOHANJIT SATPATHY (563) – 6th Position in CHSE-2023
DEBA DEEP ACHARYA (93.33%) – 560
JYOTI JASMIN SAHOO (90.33%) – 542
TANISHA RAY (90.17 %) – 541
SAIBISWAJIT DASH (90.00%) – 540
Many More ....
OUR STUDENTS IN MBBS
ANIL JENA (SCB, Cuttack)
BISWAJIT SAHOO (FMMCH, BLS)
ASHISH KU. BARIK (JMCH, PURI)
SWARAJ JENA (HITECH, BBSR)
* Terms & Conditions apply
A-125, Mancheswar Industrial Estate, Rasulgarh, Bhubaneswar- 10
Mob.: 9937791247, 8763001818, 9438297706, 8763001919
E-mail : royalcollegebbsr1@gmail.com, website: www.royalhssbbsr.edu.in

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA